# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୯/୨୦୧୯ (୧୬ ପୃଷ୍ଠା) Sambalpur, Tuesday, February 19 / 2019 ★★

୧୫ଶ ଭାଗ ୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୯/୨୦୧୯ | Sambalpur, Tuesday, February 19 / 2019 | ପୃଷ୍ଠା-୧




**'ଜୟ୍ ମମି ଦି'ରେ ଅଭିନୟ କରିବେ ପୁନମ୍**
ବିଶିଷ୍ଟ ଅଭିନେତ୍ରୀ ପୁନମ୍ ଧିଲନ୍ ଆଗାମୀ ଫିଲ୍ମ 'ଜୟ୍ ମମି ଦି'ରେ ଅଭିନୟ କରିବା ପାଇଁ ଉତ୍ସାହିତ ଅଛନ୍ତି।

୦୮

୧୩

**କ୍ରୀଡ଼ା ବିଜ୍ଞାନ କେନ୍ଦ୍ରକୁ ନେଇ ବିନ୍ଦ୍ରା ଆଶାବାଦୀ**
କଳିଙ୍ଗ ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଆଥଲେଟ୍‌ଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ତାରକା ଶୁଟର ଅଭିନବ ବିନ୍ଦ୍ରା ଆଶାବାଦୀ।



# ପୁଲ୍‌ୱାମା ଆକ୍ରମଣର ପ୍ରତିଶୋଧ
## ଏନ୍‌କାଉଣ୍ଟରରେ ମାଷ୍ଟରମାଇଣ୍ଡ ଗାଜି ନିହତ

ଶ୍ରୀନଗର,୧୮।୨(ପି.ଟି.)

ଜମ୍ମୁ-କଶ୍ମୀରରେ ସୋମବାର ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ଯବାନଙ୍କ ପକ୍ଷରୁ ୧୨ ଘଣ୍ଟା ଧରି ଚାଲିଥିବା ଏନ୍‌କାଉଣ୍ଟରରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଅବ୍‌ଦୁଲ ରଶିଦ୍ ଗାଜିଙ୍କ ସହ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଲୁଚି ରହିଥିବା ଘରର ୨ ମାଲିକ ମଧ୍ୟ ଗୁଳି ବିନିମୟ ବେଳେ ନିହତ ହୋଇଛନ୍ତି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଆକ୍ରମଣରେ ସେନାର ଜଣେ ମେଜର ଓ ୩ ଯବାନ ଶହୀଦ ହୋଇଥିବାବେଳେ ୬ ଆହତ ହୋଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ପୁଲ୍‌ୱାମା ଆକ୍ରମଣର ପ୍ରଥମ ପ୍ରତିଶୋଧ ବୋଲି କୁହାଯାଉଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିଛନ୍ତି।

ପୁଲ୍‌ୱାମାର ଅୱନ୍ତିପୋରାସ୍ଥିତ ଲେଥ୍‌ପୋରାରେ ୪ ଦିନ ତଳେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ବସ୍‌କୁ ଜେଇଏମ୍ ଟାର୍ଗେଟ କରିଥିଲା। ଏଥିରେ ୪୯ ଯବାନ ଶହୀଦ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣରେ ୨୦ ବର୍ଷୀୟ କଶ୍ମୀରୀ ଆତଙ୍କବାଦୀ ଆଦିଲ ଅହମ୍ମଦ ଦାର୍ ନିହତ ହୋଇଥିଲେ। ହେଲେ ମାଷ୍ଟରମାଇଣ୍ଡ ଅବ୍‌ଦୁଲ ରଶିଦ୍ ଗାଜି ଦକ୍ଷିଣ କଶ୍ମୀରରେ ଆତ୍ମଗୋପନ କରିଥିଲେ। ଲେଥ୍‌ପୋରା ଆକ୍ରମଣସ୍ଥଳରୁ ୧୨ କି.ମି. ଦୂର ପିଙ୍ଗ୍‌ଲାନ୍‌ରେ ପାକିସ୍ତାନ ନାଗରିକ ଗାଜି ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ରବିବାର ରାତିରେ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଗାଜି ଓ ଜୈଶ୍ ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ଗୁଳିମାଡ଼ରେ ମେଜର ଭି.ଏସ୍. ଧୋଣ୍ଡିଆଲ, ହାବିଲଦାର ଶେଓ ରାମ, ସିପାହି ହରି ସିଂ ଓ ଅଜୟ କୁମାର ଶହୀଦ ହୋଇଛନ୍ତି। ସେହିପରି ଦକ୍ଷିଣ କଶ୍ମୀର ପୋଲିସ ଡିଆଇଜି ଅମିତ୍ କୁମାରଙ୍କ ସମେତ ୬ ଯବାନ ଆହତ ହୋଇଛନ୍ତି। ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନ ୧୨ ଘଣ୍ଟା ଧରି ଚାଲିଥିଲା। ଆତଙ୍କବାଦୀ ଲୁଚି ରହିଥିବା ଏକ କୋଠାକୁ ସୁରକ୍ଷା ବଳ ବିସ୍ଫୋରଣରେ ଉଡ଼ାଇଦେବା ପରେ ଘନଘନ ଗୁଳିବର୍ଷା କରିଥିଲା। ଏଥିରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଗାଜିଙ୍କ ସହ ଜେଇଏମ୍ କମାଣ୍ଡର କାମରାନ୍ ଓ ମୁଦାସିର ମହମ୍ମଦ ନିହତ ହୋଇଛନ୍ତି। ଗାଜି ଗତ ଡିସେମ୍ବରରେ ଦୁଇଜଣ ସହଯୋଗୀଙ୍କ ସହ ଭାରତକୁ ଅନୁପ୍ରବେଶ କରିବାରେ ସଫଳ ହୋଇଥିଲେ। ୨୦୦୮ରେ ଜେଇଏମ୍‌ରେ ସାମିଲ ହୋଇଥିବା ୩୨ ବର୍ଷୀୟ ଗାଜି ଆଫଗାନିସ୍ତାନରେ ତାଲିବାନଠାରୁ ତାଲିମପ୍ରାପ୍ତ। ସେ ଜଣେ ଆଇଇଡି ବିଶେଷଜ୍ଞ ଥିଲେ। ସଦ୍ୟ ଏନ୍‌କାଉଣ୍ଟରରେ ନିହତ ହୋଇଥିବା କାମ୍‌ରାନ ଓ ମୁଦାସିର ସ୍ଥାନୀୟ ଯୁବକ ବୋଲି ଜଣାପଡ଼ିଛି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏହାକୁ ଏକ ବଡ଼ ସଫଳତା ବୋଲି ଅଭିହିତ କରିବା ସହ ଏନ୍‌କାଉଣ୍ଟରରେ ସାମିଲ ଥିବା ୫୫ ରାଷ୍ଟ୍ରୀୟ ରାଇଫଲ୍ସ, ସିଆର୍‌ପିଏଫ୍ ଏବଂ ସ୍ଥାନୀୟ ପୋଲିସର ଯବାନଙ୍କୁ ପ୍ରଶଂସା କରିଛନ୍ତି।




ଏନ୍‌କାଉଣ୍ଟରବେଳେ ବିସ୍ଫୋରଣରେ ଧ୍ୱସ୍ତ ଆତଙ୍କବାଦୀ ଲୁଚିଥିବା ପିଙ୍ଗ୍‌ଲାନ୍‌ସ୍ଥିତ ଘର। ଆକ୍ରମଣର ମାଷ୍ଟରମାଇଣ୍ଡ ଅବ୍‌ଦୁଲ ରଶିଦ୍ ଗାଜି।

**୧୨ ଘଣ୍ଟାର ଏନ୍‌କାଉଣ୍ଟର**
- ଟଳିଲେ ଆଉ ୨ ଜେଇଏମ୍ ଆତଙ୍କବାଦୀ
- ମେଜର ଓ ୩ ଯବାନ ଶହୀଦ, ୬ ଆହତ
- ଆତଙ୍କବାଦୀ ଲୁଚିଥିବା ଘରେ ୨ ନାଗରିକ ନିହତ

■ ଜିଲାପାଳ, ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ

# ଧାନ ସରିବା ଯାଏ କିଣ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

- ଅସାଧୁ ମିଲର, ପ୍ୟାକ୍ସ ଉପରେ କାର୍ଯ୍ୟାନୁଷ୍ଠାନ ନିଅ
- କ୍ଷେତ୍ର ଅଧିକାରୀ ନିୟମିତ ମଣ୍ଡି ପରିଦର୍ଶନ କରି ପ୍ରତ୍ୟେକ ଦିନ ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ପରାମର୍ଶ

ଫେବୃୟାରୀ ୨୮ ତାରିଖରେ ଚଳିତବର୍ଷର ଖରିଫ ଧାନ ସଂଗ୍ରହ ଶେଷ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପୂର୍ବରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲା। ଧାର୍ଯ୍ୟ ତାରିଖ ପରେ ଆଉ ଧାନ ସଂଗ୍ରହ ହେବ ନାହିଁ ବୋଲି କୁହାଯାଇଛି। ଧାନ କିଣା ସମୟ ଶେଷ ହୋଇ ଆସୁଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଚାଷୀଙ୍କ ଅସନ୍ତୋଷକୁ ଶାନ୍ତ କରିବା ଉଦ୍ଦେଶ୍ୟ ରଖି ଯୋଗାଣ ବିଭାଗ ନିଜ ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହୋଇଛି। ଧାର୍ଯ୍ୟ ସମୟ ପରେ ମଧ୍ୟ ଧାନ କିଣିବାକୁ ଜିଲାପାଳମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ନିକଟରେ ଯେଉଁ ବଳକା ଧାନ ରହିଛି, ସେସବୁକୁ କ୍ରୟ କରିବାକୁ ସୋମବାର ବିଭାଗୀୟ ସଚିବ ଭି.ଭି ଯାଦବ ୧୯ ଜିଲା କଟକ, ଭଦ୍ରକ, ଅନୁଗୋଳ, ବାଲେଶ୍ୱର, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ, ପୁରୀ, ରାୟଗଡା ଏବଂ ସୁନ୍ଦରଗଡ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଯାଦବ ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଚାଷୀଙ୍କ ପାଖରୁ ସମସ୍ତ ଧାନ ଶେଷ ହେବା ଯାଏ ରାଜ୍ୟ ସରକାର କ୍ରୟ କରିବେ। ସରକାରୀ ନିୟମ ଅନୁଯାୟୀ ଯେଉଁମାନେ ଧାନ ବିକ୍ରି କରିବାକୁ ଚାହୁଁଛନ୍ତି ସେମାନେ ବିକି ପାରିବେ। ଏହାଛଡା ଧାନ ସଂଗ୍ରହ କରୁଥିବା ଅସାଧୁ ମିଲର ଓ ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ) ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୨

■ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନ କୋହଳ ହେଲା

# ଆଜିଠୁ ଖୋଲିବ ସରକାରୀ ଅଫିସ

ସମ୍ବଲପୁର,୧୮।୨(ବ୍ୟୁରୋ)

- ବନ୍ଦ ରହିବ କୋର୍ଟ କଚେରି
- ପୂର୍ବ ପରି ଚାଲିବ ରିଲେ ଅନଶନ

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗତବର୍ଷ ସେପ୍ଟେମ୍ବର ୫ରୁ ଚାଲିଥିବା ସମ୍ବଲପୁର ଓକିଲ ସଂଘର ଆନ୍ଦୋଳନ ଆଜି ପର୍ଯ୍ୟନ୍ତ ଚାଲିଛି । କଚେରି ଛକରେ ଚାଲିଥିବା ରିଲେ ଅନଶନକୁ ସୋମବାର ୯୨ ଦିନ ପୂରିଛି। ଏହି ଆନ୍ଦୋଳନ ଯୋଗୁ ସରକାରୀ ଅଫିସ ଓ କୋର୍ଟ କଚେରି ବନ୍ଦ ରହିଥିଲା । ଫଳରେ ଲୋକେ ନାନା ହଇରାଣ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଫଳରେ ଏହାର ନେତୃତ୍ୱ ନେଉଥିବା ଜିଲା ଓକିଲ ସଂଘ ଆନ୍ଦୋଳନର ରୂପରେଖକୁ ସୋମବାର ବଦଳାଇଛି। ମଙ୍ଗଳବାରଠାରୁ ବନ୍ଦ ଥିବା ସବୁ ସରକାରୀ ଅଫିସ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ହେଲେ କୋର୍ଟ କଚେରି ପୂର୍ବ ଭଳି ବନ୍ଦ ରହିବ। ତହସିଲ ଅଫିସ ଖୋଲିପାରିବ, ହେଲେ କୌଣସି ଶୁଣାଣି ହୋଇପାରିନାହିଁ। ରେଜିଷ୍ଟ୍ରି ଅଫିସ ଖୋଲିବ କିନ୍ତୁ ଜମି କିଣାବିକାର ରେଜିଷ୍ଟ୍ରି ହୋଇପାରିବନି। ଓକିଲମାନେ ପୂର୍ବ ଭଳି ରିଲେ ଅନଶନରେ ବସି ରହିବେ। ସୋମବାର ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ବସିଥିବା ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ। ଗତ ୧୪ ତାରିଖ ହୋଇଥିବା ବୈଠକ ସମ୍ପର୍କରେ ପ୍ରଥମେ ☞ପୃଷ୍ଠା-୨

■ ଆଇସିଜେରେ ପକ୍ଷ ରଖିଲା ଭାରତ

# କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତ କରାଯାଉ

**ଆଜି ପାକିସ୍ତାନର ପାଳି**


କୁଳଭୂଷଣ ଯାଦବ


ହରିଶ୍ ସାଲ୍‌ଭେ

ହେଗ୍,୧୮।୨(ଆଇଏଏନ୍‌ଏସ୍)

ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ସୋମବାର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ମୃତ୍ୟୁ ଦଣ୍ଡାଦେଶ ମାମଲାରେ ଭାରତର ଆବେଦନକୁ ନେଇ ଶୁଣାଣି ଆରମ୍ଭ ହୋଇଛି। ଇସ୍‌ଲାମାବାଦ ୧୯୬୩ ଭିଏନା ଚୁକ୍ତିକୁ ଉଲ୍ଲଂଘନ କରି କୁଳଭୂଷଣଙ୍କୁ ବେଆଇନ ଭାବେ ଜେଲ୍‌ରେ ଅଟକ ରଖିଛି। ତେଣୁ କୁଳଭୂଷଣଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଖାରଜ କରି ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଇସ୍‌ଲାମାବାଦକୁ ନିର୍ଦ୍ଦେଶ ଦେବା ପାଇଁ ଭାରତ ଅନୁରୋଧ କରିଛି। ୪ ଦିନ ଧରି ଶୁଣାଣି ଚାଲିବାକୁ ଥିବାବେଳେ ପ୍ରଥମ ଦିନ ବରିଷ୍ଠ ଆଇନଜୀବୀ ହରିଶ୍ ସାଲ୍‌ଭେ ଆଇସିଜେରେ ଭାରତର ପକ୍ଷ ରଖିଛନ୍ତି। ଅନ୍ତର୍ଜାତୀୟ ଅଦାଲତରେ ମଙ୍ଗଳବାର ପକ୍ଷ ରଖିବ ବୋଲି କୋର୍ଟ କହିଛନ୍ତି।

ନୌସେନାର ଅବସରପ୍ରାପ୍ତ ଅଧିକାରୀ ତଥା ମୁମ୍ବାଇ ବାସିନ୍ଦା କୁଳଭୂଷଣ ୨୦୧୬ରେ ବ୍ୟବସାୟ ପାଇଁ ଇରାନ ଯାଇଥିବାବେଳେ ସେହିବର୍ଷ ମାର୍ଚ୍ଚ ୩ରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଅପହରଣ କରିନେଇଥିଲେ। ୪୮ ବର୍ଷୀୟ ☞ପୃଷ୍ଠା-୨

## ଶୁଣାଣି ବେଳେ ପାକିସ୍ତାନୀ ବିଚାରପତିଙ୍କୁ ହୃଦ୍‌ଘାତ

ଇସ୍‌ଲାମାବାଦ,୧୮।୨(ପି.ଟି.)

ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ସୋମବାର କୁଳଭୂଷଣ ଯାଦବଙ୍କ ମାମଲାର ଶୁଣାଣି ଚାଲିଥିବାବେଳେ ପାକିସ୍ତାନର ଅସ୍ଥାୟୀ ବିଚାରପତି ତସାଦୁକ୍ ହୁସେନ ଗିଲାନୀଙ୍କୁ ହୃଦ୍‌ଘାତ ହୋଇଥିବା ଜଣାପଡ଼ିଛି। ଶୁଣାଣି ବେଳେ ସେଠାରେ ଉପସ୍ଥିତ ଥିବା ୬୯ ବର୍ଷୀୟ ଗିଲାନୀଙ୍କୁ ହଠାତ୍ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ତୁରନ୍ତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିବା ନେଇ ଏକ ରିପୋର୍ଟ ପାକିସ୍ତାନୀ ଗଣମାଧ୍ୟମ 'ଅବ୍ ତକ୍'ରେ ପ୍ରସାରିତ ହୋଇଛି।

**ଆଜିର ସମ୍ପାଦକୀୟ**
ନିଯୁକ୍ତି ପାଇଁ ମାର୍କ

**ଆଜିର ମନ୍ତବ୍ୟ**
"ଏବେ ପାକିସ୍ତାନ ସହ ଆଲୋଚନା ନୁହେଁ, ବରଂ କାର୍ଯ୍ୟାନୁଷ୍ଠାନର ବେଳ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


NECC NATIONAL EGG CO-ORDINATION COMMITTEE — 18.02.2019 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 54/-Dozen
Issued in the Interest of Consumers

# ଦିନସାରା ବନ୍ଦ ରହିଲା ବ୍ୟବସାୟ ପ୍ରତିଷ୍ଠାନ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

**ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି**

ବାଧ୍ୟବାଧକତା ନ ଥିଲା। ବନ୍ଦ କରିବାକୁ କେହି ଚାପ ପକାଇ ନ ଥିଲେ। ଆପେ ବନ୍ଦ ହୋଇଯାଇଥିଲା ଦୋକାନ ବଜାର। ଚାରିଆଡେ ସତେ ଯେପରି ନୀରବତା ଛାଇ ଯାଇଥିଲା। ଗାଡ଼ିମୋଟର ଚଳାଚଳ କରୁଥିଲେ ମଧ୍ୟ ରାଜ୍ୟସାରା ଛୋଟବଡ଼ ଦୋକାନ ବଜାର ବନ୍ଦ ରହିଥିଲା। ସହରଠାରୁ ଆରମ୍ଭ କରି ଗଳିକନ୍ଦିରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ସ୍ୱଇଚ୍ଛାରେ ଏହି ବନ୍ଦରେ ସାମିଲ ହୋଇ ଜମ୍ମୁ-କଶ୍ମୀର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିପାଇଁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଦୋକାନ, ବଜାର, ମଲ୍, ବାଣିଜ୍ୟିକ କେନ୍ଦ୍ର ଆଦି ବନ୍ଦ ରହିଥିଲା। ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପଦାନ, ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେବା ସହ ଭାରତ ପ୍ରତିଶୋଧ ନେଉ ବୋଲି ବ୍ୟବସାୟୀମାନେ ଦାବି କରିଥିଲେ। କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ସୁନ୍ଦରଗଡ଼, ବାଲେଶ୍ୱର, ☞ପୃଷ୍ଠା-୨








Prices reduced across all variants*

2 automatic options: CVT (Available in Petrol), AMT (Available in Diesel) | Available in 4X4 AWD | More than 1.80 lakh DUSTERs on road | Available in 85 PS and 110 PS diesel variants | Benefits up to ₹65,000^

For a test drive, SMS 'DUSTER' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

*Terms and conditions apply. Model/accessories shown may not be a part of the standard fitment. ##Price mentioned is ex-showroom price for the RxS Petrol Automatic variant and is exclusive of taxes. #Price mentioned is ex-showroom price for the base variant (RxE – Petrol) and is exclusive of taxes. ^Benefits of ₹65,000 available on all DUSTER Diesel variants and includes exchange benefit of ₹20,000 and Insurance at ₹1 for first year only. The abovementioned offers are valid till 28th February, 2019. Due to printing limitation, the colour that appears in this advertisement may slightly differ from the actual print. Visit www.renault.co.in/offers for offer details and conditions on each model. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Contact your nearest dealer for offer details and scheme validity. Benefits may vary across variants and cities. For detailed terms and conditions, please visit www.renault.co.in

**SHOWROOMS: ODISHA: SAMBALPUR:** RENAULT Sambalpur Mob: +91 8860048351. **BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542.

L&K | SAATCHI & SAATCHI



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମାମା
ପରିବାରବର୍ଗ



କଳ୍ପନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି: 9090963952. D-65361

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Bhubaneswar KIIT ଜଗନ୍ନାଥ ମନ୍ଦିର ପାଖରେ 40' ରାସ୍ତାଥାଇ boundarywall, electricity, water ସୁବିଧାଥାଇ plot ବିକ୍ରିହେବ: 7894760783. D-65360

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65829

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65830

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Bhubaneswar Khandagiri AMRI Hospital ନିକଟରେ ଘରକରିବା ପାଇଁ plot sqft. 1400/-. 9776452737. D-65367

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65482



2BHK house for rent at Behera Sahi, Nayapalli, Bhubaneswar. Contact: 7377778777. D-11229

800 sqft. commercial space for rent at CTC Road & Kharvel Nagar. Contact: 9437160289. D-65611

Now Matrimonial ads. only on Wednesday & Sunday Book 1 Get 1 FREE



Newly ayurvedic full body massage relaxed home service: 7609923705, 7438851534. D-38546

## ଜନ୍ମଦିନ ଶୁଭେଚ୍ଛା



(କବି)

**କଳ୍ପନା ରାଣୀ ଦାସ**

ଆଜି ତୁମର ପବିତ୍ର ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳମୟ ଭବିଷ୍ୟତ, ଦୀର୍ଘାୟୁ ଜୀବନ କାମନା କରୁଛୁ।

ଶୁଭେଚ୍ଛା ସହ

ସେଣ୍ଟ ଜ୍ୟାଭିଅର ସ୍କୁଲ, ପଳାଶପଲ୍ଲୀର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀବୃନ୍ଦ। ଧ-୧୧୨୩୮

## ଅଧ୍ୟାପକଙ୍କୁ ଡକ୍ଟରେଟ



ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ଗବେଷକ ଅଧ୍ୟାପକ **ଶ୍ରୀ ସନ୍ଦିପନ ବାନାର୍ଜୀ** (OES-I)ଙ୍କୁ ସମ୍ମାନଜନକ 'ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ତାଙ୍କର ଗବେଷଣାତ୍ମକ ନିବନ୍ଧ Financial Management as a Determinant of Profitability: A Study of MSME in Odisha ଜିୱାଜି ବିଶ୍ୱବିଦ୍ୟାଳୟ, ଗୋୱାଲିୟର ପ୍ରଫେସର ଡଃ ଏସ୍.କେ.ଶୁକ୍ଳା ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ବିଶ୍ୱମ୍ଭର ଝାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ସେ ସ୍କୁଲ ଅଫ୍ କମର୍ସ ତଥା ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ୍ ଡିପାର୍ଟମେଣ୍ଟର ମୁଖ୍ୟ ଆସୋସିଏଟ୍ ପ୍ରଫେସର ଡଃ କିଶୋର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣାରତ ଥିଲେ। ସେ ଜ୍ୟୋତିର୍ବିଦ୍ ଡଃ ଗୁରୁଦାସ ବାନାର୍ଜୀ ଓ ଶ୍ରୀମତୀ ମୌସୁମୀ ବାନାର୍ଜୀଙ୍କ ସୁପୁତ୍ର। ଶିର୍ଲୋ ରଘୁନାଥପୁର ନିବାସୀ ସୁନାମଧନ୍ୟ ଡା ସ୍ୱର୍ଗତ ସୁରେନ୍ଦ୍ର ନାଥ ବାନାର୍ଜୀ / ସରଯୂବାଲା ବାନାର୍ଜୀ ଓ ଡା ସ୍ୱର୍ଗତ ସୁଶୀଲ୍ କୁମାର ଚାଟାର୍ଜୀ/ ଶିବାନୀ ଚାଟାର୍ଜୀଙ୍କ ପୌତ୍ର। ଧ-୧୧୨୩୬

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବଢ଼ିବ ତାତି

ଭୁବନେଶ୍ୱର,୧୮।୨(ବ୍ୟୁରୋ)-ବର୍ଷା ଯୋଗୁ ଗତ ଦୁଇଦିନ ହେବ ରାଜ୍ୟରେ ଥଣ୍ଡା ପାଗ ରହିଥିଲା । ତେବେ ମଙ୍ଗଳବାର ଠାରୁ ପାରଦ ଉପରମୁହାଁ ହେବ। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯିବ। ମାତ୍ର ରାତ୍ରିର ତାପମାତ୍ରା ଅପେକ୍ଷାକୃତ କମ୍ ରହିବ। ଥଣ୍ଡା ଅନୁଭୂତ ହେବା ସହ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିବ। ଆସନ୍ତା ୨୨ ତାରିଖ ଯାଏ ପାଗ ଶୁଷ୍କ ରହିବା ସହ ତାତିବଢ଼ିବ। ୨୩ରୁ ପାଗରେ ପରିବର୍ତ୍ତନ ହେବା ସହ ଆକାଶ ମେଘୁଆ ରହିବାର ସମ୍ଭାବନା ରହିଛି ବୋଲି ପାଣିପାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ଆର୍ଜେଣ୍ଟିନା ମଧ୍ୟରେ ୨.୯୪ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି। ଏହା ୨୦୧୬-୧୭ରେ ୩ ବିଲିୟନ ଡଲାର ଥିଲା।

-ବାଣିଜ୍ୟ ମନ୍ତ୍ରଣାଳୟ


# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପଞ୍ଚାନନ ନାୟକଙ୍କ**

ତୃତୀୟ ଶ୍ରାଦ୍ଧବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ
ସ୍ଥାନ-ଟଙ୍କପାଣି, ଗ୍ରାମ-ଗଡ଼ଶ୍ରୀରାମପୁର ଭୁବନେଶ୍ୱର, ଖୋର୍ଦ୍ଧା
ତୁମର ଅମ୍ଳାନ ଆତ୍ମା ବିଷ୍ଣୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ଟଙ୍କପାଣିଙ୍କ ନିକଟରେ ବିନୀତ ପ୍ରାର୍ଥନା।
ହତଭାଗା: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୧୧୮୭

In Loving Memory of



1954 - 2015
Our Beloved Mother
**Mrs. Meera Tripathy**
Peacefully Left for her heavenly Abode on Tuesday 3rd February 2015
Fourth Annual Sradha: Tuesday 19th February, 2019 Foundly Remembered
By: Haribandhu Tripathy and family members.
D-52885

## ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଣ ଘନଶ୍ୟାମ ମଲ୍ଲିଆ**
ଆବିର୍ଭାବ : ୦୮.୦୨.୧୯୪୩
ତିରୋଧାନ : ୦୯.୦୨.୨୦୧୯
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣ ତଳେ ତୁମ ହତଭାଗ୍ୟ ସ୍ତ୍ରୀ, ପୁଅ, ବୋହୂ, ପୁତୁରା-ପୁତୁରା ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ 'ମା' ଚିତ୍ରାଳୟ ପରିବାର ତରଫରୁ ପ୍ରାର୍ଥନା।
D-11237

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକତିରିଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଣ ପ୍ରଭା ରାଉତରାୟ**
ସ୍ୱାମୀ ଣ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
ମା, ପ୍ରତିଟି ମୁହୂର୍ତ୍ତରେ ତମର ସ୍ନେହ, ମମତା, ଆଦର୍ଶ, ଉପଦେଶ ଓ ଅନୁପସ୍ଥିତି ଅନୁଭବ କରୁଅଛୁ। ଶୋକସନ୍ତପ୍ତ
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
D-64588


■ ମୁଖ୍ୟମନ୍ତ୍ରୀଙ୍କ ବୌଦ୍ଧ ଜିଲା ଗସ୍ତ

# ୯୭୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ



ବୌଦ୍ଧ କଚେରି ପଡ଼ିଆରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ପ୍ରଦୀପ ଅମାତ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଅନ୍ୟମାନେ।

ବୌଦ୍ଧ/କନ୍ଧମାଳ,୧୮।୨(ସ୍ୱ.ପ୍ର/ଡି.ଏନ.ଏ.)

କାଳିଆ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାରେ ରାଜ୍ୟରେ ଜଣେ ହେଲେ ଯୋଗ୍ୟ ଚାଷୀ ଯେପରି ବଞ୍ଚିତ ହେବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। କେନ୍ଦ୍ର ସରକାର ରାଜ୍ୟର ଛୋଟ ଚାଷୀ, ଭୂମିହୀନମାନଙ୍କ ପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ସେଥିପ୍ରତି ପ୍ରଧାନମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖାଯାଇଛି। ଏହାସହ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ଏକ ପ୍ରତିଶତ ସୁଧରେ ଋଣ ଦିଆଯାଉଛି। ଫଳରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବୌଦ୍ଧ ଜିଲାକୁ ଦିନିକିଆ ଗସ୍ତରେ ଆସି ୯୭୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଘଣ୍ଟାପଡା ଠାରେ ପହଞ୍ଚି ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏଠାରେ ସେ ୧୧୬ କୋଟି ଟଙ୍କାର ୪୫ଟି ପ୍ରକଳ୍ପ ଉଦ୍‌ଘାଟନ ଏବଂ ୩୧୦.୫୯ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଜିଲାପାଳ ସୀତାଂଶୁ କୁମାର ରାଉତ ସଭାପତିତ୍ୱ କରିଥିବାବେଳେ କନ୍ଧମାଳ ବିଧାୟକ ମହୀଧର ରଣା ମଞ୍ଚାସୀନ ଥିଲେ। କନ୍ଧମାଳ ସଭା ସାରି ମୁଖ୍ୟମନ୍ତ୍ରୀ ଅପରାହ୍ନ ୧ଟା ସମୟରେ ବୌଦ୍ଧ କଚେରି ପଡିଆରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ୭୬ କୋଟି ଟଙ୍କାର ୪୭ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ୪୬୭ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଠାରେ ଜିଲାପାଳ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଚସ୍ପତି ପ୍ରଦୀପ କୁମାର ଅମାତ, ପୂର୍ତ୍ତ, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଳିକ ଓ ବୌଦ୍ଧ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଉଭୟ ସଭାସ୍ଥଳରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ ଏବଂ ତାଙ୍କ ଗସ୍ତ ପୂର୍ବରୁ ଜିଲାର ୨୦ ଜଣ ଭାଜପା ନେତାଙ୍କୁ ଥାନାରେ ଅଟକ ରଖାଯାଇଥିଲା।

## ୨୦ ଭାଜପା ନେତା ଥାନାରେ ଅଟକ

## ପ୍ରଥମ ପୃଷ୍ଠାରୁ...

## ଧାନ ସରିବା...

ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ୟାକ୍ସ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀଙ୍କୁ ଟୋକନ୍ ଦେବାକୁ ବାଧ୍ୟ। ସମବାୟ ସମିତିର ସହକାରୀ ରେଜିଷ୍ଟ୍ରାର ଏବଂ ଅନ୍ୟ ଅଧିକାରୀମାନେ ନିୟମିତ ମଣ୍ଡି ପରିଦର୍ଶନ କରିବେ। ଯେଉଁ ପ୍ୟାକ୍ସରେ ଅନିୟମିତତା ହେଉଥିବା ପ୍ରମାଣିତ ହେବ ସେଠାରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଯଦି ବିନା ଟୋକନ୍‌ରେ କୌଣସି ଧାନ ମଣ୍ଡିକୁ ଆସୁଥିବ ତାହାକୁ ତୁରନ୍ତ ଜବତ କରିବେ। ଯଦି କୌଣସି ମିଲର ମଣ୍ଡିକୁ ନ ଆସି ଚାଷୀଙ୍କ ଠାରୁ ସିଧା କିଣୁଥିବେ ସେମାନଙ୍କୁ ତୁରନ୍ତ ଧାନ କିଣା ପ୍ରକ୍ରିୟାରୁ ବାଦ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରରେ ଥିବା ସ୍କ୍ୱାଡ୍ ଚାଷୀମାନଙ୍କୁ ଧାନ ବିକ୍ରି କରିବାରେ ସହାୟତା କରିବା ସହ ମଣ୍ଡିରେ ହେଉଥିବା ଅନିୟମିତତାକୁ ନଜର ରଖିବାକୁ କୁହାଯାଇଛି। ଅଧିକାରୀମାନେ ନିୟମିତ ଭାବେ ମଣ୍ଡି ଓ ମିଲ୍‌କୁ ଯାଇ ଯାଞ୍ଚ କରିବା ସହ ବିଭାଗ ପକ୍ଷରୁ କରାଯାଇଥିବା ହ୍ୱାଟ୍‌ସ ଆପ୍‌ରେ ପ୍ରତ୍ୟେକ ଦିନ ସନ୍ଧ୍ୟା ସୁଦ୍ଧା ଜଣାଇବାକୁ କୁହାଯାଇଛି। ଚାଷୀଙ୍କୁ ଟଙ୍କା ଦେବା ମାତ୍ରେ ପ୍ୟାକ୍ସଗୁଡ଼ିକ ଧାନ କିଣା ନେଇ ସମସ୍ତ ତଥ୍ୟ ୱେବ୍‌ସାଇଟରେ ଅପଲୋଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ପ୍ୟାକ୍ସ ତଥ୍ୟ ଅପଲୋଡ କରିବେ ନାହିଁ ଯୋଗାଣ ଅଧିକାରୀ(ସିଏସଓ) ସ୍କ୍ୱାଡ୍ ପଠାଇ ଉକ୍ତ ପ୍ୟାକ୍ସକୁ ଯାଞ୍ଚ କରିବେ। ଚାଷୀମାନେ ଯେପରି ଧାନ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ ସେ ନେଇ ସମସ୍ତ ପଦକ୍ଷେପ ନେବାକୁ ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ (୨୦୧୮-୧୯) ଖରିଫ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉଛି । ୨୦୧୮ ନଭେମ୍ବର ପହିଲାରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ'ରୁ ଜୁନ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ୨୦୧୭-୧୮ରେ ଉଭୟ ଖରିଫ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରିକ ଟନ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଥିଲେ। ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୦ ଟଙ୍କା କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି । କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବକୁ ସରକାର ଚେତାବବନୀ ଦେଇଛନ୍ତି।

## ଆଜିଠୁ ଖୋଲିବ...

ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ସେଦିନ ବୈଠକରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ବ୍ୟକ୍ତିବିଶେଷ ଯେଉଁ ମତ ଦେଇଥିଲେ ସେ ଉପରେ ତର୍ଜମା କରାଯାଇଥିଲା। ଏହାପରେ ଓକିଲ ସଂଘ କର୍ମକର୍ତ୍ତା ନିଜ ନିଜ ମତ ରଖିଥିଲେ। ୫ ମାସ ହେଲା ସରକାରୀ ଅଫିସଗୁଡିକ ବନ୍ଦ ରହିଥିବାରୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ସରକାରୀ କାମ ମଧ ବାଧାପ୍ରାପ୍ତ ହେଉଛି। ଏଣୁ ସରକାରୀ ଅଫିସ ଖୋଲାଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ କୋର୍ଟ କଚେରି ବନ୍ଦ ରହିବ । ଦାବି ପୂରଣ ପର୍ଯ୍ୟନ୍ତ ରିଲେ ଅନଶନ ଚାଲିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ଚଳିତ ମାସ ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ବଲପୁର ଗସ୍ତ ବେଳେ ଓକିଲ ସଂଘ ତାଙ୍କୁ ଭେଟି ୩ଟି ଦାବି ରଖିଥିଲା। ବଜେଟ୍‌ରେ ଅନୁଦାନ ଘୋଷଣା, ହାଇକୋର୍ଟଙ୍କୁ ସରକାର ଚିଠି ଲେଖିବା ଓ ଏକ କମିଟି ଗଠନ କରିବାକୁ ଦାବି ରହିଥିଲା । ସେଥିମଧ୍ୟରୁ ଏଥର ବଜେଟରେ କେବଳ ସରକାର ଅନୁଦାନ ଘୋଷଣା କରିଛନ୍ତି । ହେଲେ ଅନ୍ୟ ଦୁଇଟି ଦାବି ପୂରଣ ହୋଇନି ବୋଲି ସଂଘ କହିଛି ।

## କୁଳଭୂଷଣଙ୍କୁ...

କୁଳଭୂଷଣ ଭାରତ ପାଇଁ ଗୁପ୍ତଚରଗିରି କରୁଥିବା ଏବଂ ବିଧ୍ୱଂସକ କାର୍ଯ୍ୟକଳାପ ଲାଗି ବେଲୁଚିସ୍ତାନ ପ୍ରଦେଶରେ ଅନୁପ୍ରବେଶ କରିଥିବାବେଳେ ତାଙ୍କୁ ଗିରଫ କରାଯାଇଥିବା ପାକିସ୍ତାନ ସେତେବେଳେ ଦର୍ଶାଇଥିଲା। ୨୦୧୭ ଏପ୍ରିଲରେ ପାକିସ୍ତାନର ସାମରିକ ଅଦାଲତ କୁଳଭୂଷଣଙ୍କୁ ନିଜ ପକ୍ଷ ରଖିବାକୁ ନ ଦେଇ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। କୁଳଭୂଷଣଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ଦେବାକୁ ପାକିସ୍ତାନ ମନାକରି ଏକତରଫା ବିଚାର କରିଥିବାରୁ ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପାକିସ୍ତାନୀ ସେନା କୋର୍ଟର ରାୟକୁ ଭାରତ ସେହିବର୍ଷ ମେ'ରେ ଆଇସିଜେରେ ଚ୍ୟାଲେଞ୍ଜ କରିଥିଲା। ଅନ୍ତର୍ଜାତୀୟ ଅଦାଲତ ଏହି ଦଣ୍ଡାଦେଶ ଉପରେ ରୋକ ଲଗାଇଛନ୍ତି। ଏହି ମାମଲାରେ ପୂର୍ବତନ ସଲିସିଟର ଜେନେରାଲ୍ ହରିଶ୍ ସାଲ୍‌ଭେ ସୋମବାର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି। ଖୋଲା କୋର୍ଟରେ ସେ ଯୁକ୍ତି ବାଢ଼ି କହିଛନ୍ତି, ସେନା ଅଦାଲତ କୁଳଭୂଷଣଙ୍କୁ ନ୍ୟାୟ ଦେଇନାହାଁ ବିଚାର ପ୍ରକ୍ରିୟାର ସର୍ବନିମ୍ନ ଆବଶ୍ୟକତା ମଧ ପୂରଣ କରାଯାଇନାହାଁ କୁଳଭୂଷଣଙ୍କୁ ଫାଶୀ ଦଣ୍ଡାଦେଶ ଦେବାର ଅଧିକାର ପାକିସ୍ତାନୀ ସେନା କୋର୍ଟରେ ନାହାଁ ସେନା କୋର୍ଟ ନିଜ ବେଆଇନ ରାୟର ସମୀକ୍ଷା ଓ ପୁନର୍ବିଚାର କରୁ। ଏହି ଦଣ୍ଡାଦେଶ ରଦ୍ଦ କରି ତାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ଆଇସିଜେ ପାକିସ୍ତାନକୁ ନିର୍ଦ୍ଦେଶ ଦିଅନ୍ତୁ। କାରଣ ଜେଲ୍‌ରେ ଅଟକ ଥିବା ଜଣେ ବିଦେଶୀଙ୍କର ମଧ ଜୀବନ ଧାରଣ ଅଧିକାର ରହିଛି। ଏହାସହ ନିରପେକ୍ଷ ନ୍ୟାୟିକ ବିଚାର ପାଇଁ ସେ ହକ୍‌ଦାର। କିନ୍ତୁ ପାକିସ୍ତାନ ଗତ ୨ ବର୍ଷ ମଧ୍ୟରେ ତା'ର ସେନା କୋର୍ଟ ଜରିଆରେ ୧୬୧ ନାଗରିକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛି। କୁଳଭୂଷଣଙ୍କୁ ୩ ବର୍ଷ ଧରି ସେଠାକାର ଜେଲ୍‌ରେ ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ। ତାଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ଲାଗି ଭାରତ ପକ୍ଷରୁ ୧୩ ଥର ଅନୁରୋଧ କରାଯାଇଥିଲେ ହେଁ ପାକିସ୍ତାନ ପ୍ରତିଥର ପ୍ରତ୍ୟାଖ୍ୟାନ କରିଦେଇଛି। ଏହା ଅନ୍ତର୍ଜାତୀୟ ଆଇନ ଓ ଭିଏନା ଚୁକ୍ତି (ଧାରା ୩୬)ର ଖୋଲାଖୋଲି ଉଲ୍ଲଂଘନ ବୋଲି ସାଲ୍‌ଭେ ଯୁକ୍ତି ବାଢ଼ିଛନ୍ତି। ସେହିପରି ଦ୍ୱିପାକ୍ଷିକ ରାଜିନାମା ଅନୁସାରେ ପାକିସ୍ତାନ କୁଳଭୂଷଣଙ୍କ ପରିବାରକୁ ତାଙ୍କ ସହ ସାକ୍ଷାତ୍‌ର ପ୍ରତିଶ୍ରୁତି ଦେଇଥିଲା। ୨୦୧୭ ଡିସେମ୍ବର ୨୫ରେ ସାକ୍ଷାତ୍ ବେଳେ ସେମାନଙ୍କୁ ଯେପରି ବ୍ୟବହାର ଦେଖାଗଲା, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୪୯ ଯବାନ ଶହୀଦ ହୋଇଥିବା ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାର ୪ ଦିନ ପରେ ସୋମବାର ଆଇସିଜେରେ ଶୁଣାଣି ଆରମ୍ଭ ହୋଇଛି। ଜାତିସଂଘର ଅନ୍ତର୍ଜାତୀୟ ଅଦାଲତରେ ଶୁଣାଣି ଆଉ ୩ ଦିନ ଚାଲିବ। ମଙ୍ଗଳବାର ପାକିସ୍ତାନ ନିଜ ପକ୍ଷ ରଖିବ। ଶୁଣାଣି ବେଳର ସିଧାପ୍ରସାରଣ ଟିଭି ଚ୍ୟାନେଲ୍‌ଗୁଡ଼ିକରେ ପ୍ରସାରଣ ପାଇଁ ମଧ ଆଇସିଜେ ଅନୁମତି ଦେଇଛନ୍ତି।

## ଦିନସାରା...

ଭଦ୍ରକ, ବାରିପଦା, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ ସମେତ ରାଜ୍ୟର ସମସ୍ତ ଜିଲାରେ ବ୍ୟବସାୟ ପ୍ରତିଷ୍ଠାନ ସ୍ୱତଃପ୍ରବୃତ୍ତ ବନ୍ଦ ରହିଥିଲା। କଟକ ଚାମ୍ବରର୍ସ ଅଫ୍ କମର୍ସ ପକ୍ଷରୁ ଶହୀଦଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ହୋଇଛି। ତେବେ ଔଷଧ ଦୋକାନଗୁଡ଼ିକୁ ବାଦ୍ ଦିଆଯାଇଥିବାବେଳେ ବନ୍ଦ ବେଶ୍ ଶାନ୍ତିପୂର୍ଣ୍ଣ ତଥା ଭାବାବେଗପୂର୍ଣ୍ଣ ଥିଲା। ସିଆର୍‌ପିଏଫ ଯବାନଙ୍କ ଉପରେ ହୋଇଥବା ଆକ୍ରମଣକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସୈନ୍ୟମାନଙ୍କ ସହ ସମଗ୍ର ଦେଶ ରହିଛି ବୋଲି କହିବା ସହ କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ବନ୍ଦ ଡାକରା ଦିଆଯାଇଥିଲା। ଏଥିଯୋଗୁ ସମଗ୍ର ଦେଶରେ ୬ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସେହିଭଳି ରାଜ୍ୟର ୨୦ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା ଓ ପ୍ରାୟ ୧ ହଜାର କୋଟି ଟଙ୍କାର କାରବାର ବନ୍ଦ ରହିଥିଲା ବୋଲି ଓଡିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ଯେ କୌଣସି ପରିସ୍ଥିତିରେ ସମଗ୍ର ଦେଶ ଏକ ବୋଲି ପ୍ରମାଣିତ ହୋଇଥିବା ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଶ୍ଳେଷା ନକ୍ଷତ୍ରସ୍ଥ ପାପଯୁକ୍ତ ଚନ୍ଦ୍ର ପାରିବାରିକ ଜୀବନ ଓ କର୍ମକ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ବନ୍ଧୁଙ୍କ ସହ ପରିସ୍ଥିତିବଶତଃ ସାମାନ୍ୟ ବିତର୍କରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କୁ ଉତ୍ତମ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ସଂଘର୍ଷମୟ ରହିବ।

**ବୃଷ** ତୃତୀୟାଧିପତିଙ୍କ ପ୍ରଭାବରେ କୌଣସି ହିତୈଷୀ ବନ୍ଧୁ ଜଣେ ଆପଣଙ୍କ କୁତ୍ସାରଟନା କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟକଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ। ବିଶେଷ ଭ୍ରମଣ ଓ ଶ୍ରମଜନିତ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ।

**ମିଥୁନ** ଶୁକ୍ର ଓ ଶନିଙ୍କ ସମ୍ବନ୍ଧ ଆପଣଙ୍କ ଚିନ୍ତାଧାରାକୁ କଳୁଷିତ କରିଦେବାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାମ ପାଇଁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ଲୋକମାନେ ପାରିବାରିକ ସମସ୍ୟା ସୃଷ୍ଟିର ମୂଳକାରଣ ହୋଇପାରନ୍ତି। ସଭାସମିତି, ଲେଖାପଢ଼ା, କଳା, ସାହିତ୍ୟ କ୍ଷେତ୍ର ଭଲ ରହିବ।

**କର୍କଟ** ପାପଗ୍ରହ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ସାଙ୍ଗକୁ ଯାତ୍ରା, ବାଣିଜ୍ୟ ମଧ ପ୍ରଭାବିତ ହୋଇପାରେ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଆଲୋଚନାରେ ପରିସ୍ଥିତି ସରଗରମ ରହିବ। ଯାତ୍ରା ସମୟରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ସିଂହ** ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି କାରଣରୁ ମନ ଯେମିତି ଚାହୁଁଛି ସେପରି କାମ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ଅଳ୍ପଖର୍ଚ୍ଚରେ କାମ ହାସଲ କରିବାକୁ ଯାଇ ବେଶି ଖର୍ଚ୍ଚାନ୍ତ ହେବାକୁ ପଡିବ। ପାରିବାରିକ ଜୀବନରେ ମତଭେଦଜନିତ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବକେୟା ଟଙ୍କା ଆଜି ପାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିପାରନ୍ତି।

**କନ୍ୟା** ବୁଧ ଷଷ୍ଠାଧିପତିଙ୍କ ଦୃଷ୍ଟିରେ ରହିଥିବାରୁ ପୁରାତନ ରୋଗର ପୀଡ଼ାନୁଭବ ହୋଇପାରେ। ଅଭାବ ନ ଥିଲେ ମଧ କୌଣସି ଅତୀତ କଥାର ଝଲକ ମନକୁ ବିଷାଦିତ କରି ରଖିବ। କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବାରେ କେତେକ ସାମୟିକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ତୁଳା** ଯାତ୍ରା, ବାଣିଜ୍ୟ, ସରକାରୀ ସ୍ତରର କାମ, ସଭାସମିତିରେ ଆଲୋଚନା କ୍ଷେତ୍ର ଆପଣଙ୍କ ଲାଗି ଭଲ ରହିବ। ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହେବେ। ସହକର୍ମୀମାନଙ୍କୁ ସୁପରାମର୍ଶ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଘରୋଇ କାମରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଭଲ ହେତୁ ଯାହା କରିବେ ପ୍ରୀତିପ୍ରଦ ରହିବ। କିନ୍ତୁ ନିଜ ଲୋକଙ୍କ ବେପରୁଆ ମନୋଭାବ ଯୋଗୁ ସାମୟିକ ବିଚଳିତବୋଧ କରିବେ। କିନ୍ତୁ ସଜ୍ଜନମାନଙ୍କ ସାନ୍ନିଧ୍ୟ ଲାଭକରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ଯାନ୍ତ୍ରିକ ଜିନିଷ ସଜାଡିବା ପରିପ୍ରେକ୍ଷୀରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**ଧନୁ** ରାଶିରେ ପାପଗ୍ରହଙ୍କ ସମାବେଶ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମାନୋଭାବ ଉପୁଜି ପାରେ। ଅବଶ୍ୟ କର୍ମକ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇ କାମ ହାସଲ କରିବେ। ପଡୋଶୀମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ସମସ୍ୟା ସୃଷ୍ଟି କରିବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର** ଆପଣଙ୍କ ଭାଷା ଓ ଭାବନା ପ୍ରତିକୂଳ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। ଅବଶ୍ୟ ଶ୍ରବଣା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଚର୍ଯ୍ୟା ମନ୍ଦ ହେବନି ଏବଂ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିସ୍ଥିତିରେ ପଡ଼ି ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ଅର୍ଥ ସମ୍ପର୍କିତ କିମ୍ବା ଜମିର ମାଲିକାନାକୁ ନେଇ ବିବାଦୀୟ ସ୍ଥିତି ଉପୁଜିପାରେ।

**ମୀନ** ସ୍ୱକ୍ଷେତ୍ରବର୍ତ୍ତୀ ମଙ୍ଗଳଙ୍କ ସୁପ୍ରଭାବରେ ପରିବାର, ଲୋକସମ୍ପର୍କ, ଜମିଜମା, ନୂତନ ଗୃହ, ଯାନବାହନାଦି କ୍ଷେତ୍ର ପ୍ରାୟତଃ ଭଲ ରହିବ। ନିଜର ଅସନ୍ତୋଷକୁ କଡ଼ା କଥାରେ ବ୍ୟକ୍ତ କରିବା ଅଶାନ୍ତିର କାରଣ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଲାଭବାନ୍ ହେବେ।

ଆଜି ମାଘମାସର ଅଗ୍ନି ଉତ୍ସବ ପୂର୍ଣ୍ଣିମା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ଯୋରନ୍ଦା ମେଳା, ମାଘବ୍ରତ ସମାପନ, ଫେବୃୟାରୀ ୧୯ ତାରିଖ, ମଙ୍ଗଳବାର, ରାଶି ନକ୍ଷତ୍ର-ଦିବା ଘ୧୧।୨୪ମି. ଗତେ, ମଘା/ସିଂହ, ମକର ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ସକାଳ ଘ୯।୧୪ମି. ଗତେ ଘ୧୦।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୮ମି. ଗତେ ଘ୧୨।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୫୨ମି. ଗତେ ଘ୪।୧୮ମି. ମଧ୍ୟେ ରାହୁକାଳ।

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
- ପ୍ରଜାପିତା ବ୍ରହ୍ମାକୁମାରୀ



■ ଶହୀଦଙ୍କୁ ସମ୍ମାନ ଜଣାଇବା ପ୍ରସଙ୍ଗ

# ବିଜେଡି-ଭାଜପା କାଦୁଅଫିଙ୍ଗା

■ମୁଖ୍ୟମନ୍ତ୍ରୀ ଦେଶଦ୍ରୋହୀ

■ଲେଖାଶ୍ରୀ ଦଳରେ ହତାଶ ହୋଇପଡ଼ିଛନ୍ତି

ଭୁବନେଶ୍ୱର, ୧୮।୨(ବ୍ୟୁରୋ)

ସାରା ଦେଶ ପୁଲଓ୍ୱାମା ଆତଙ୍କବାଦ ଆକ୍ରମଣରେ ଶହୀଦ ଯବାନଙ୍କ ପାଇଁ ଦୁଃଖରେ ମ୍ରିୟମାଣ ଅଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସ୍ଥାନ ବୁଲି ରାଜନୈତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି। ଏହି ଅବସରରେ ସେ କର୍ମୀମାନଙ୍କୁ ମସଗୁଲ କରିବାରେ ଲାଗିଛନ୍ତି, ଯାହା ଓଡ଼ିଆଙ୍କ ଭାବାବେଗକୁ ଅପମାନିତ କରିଛି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଯେଉଁଦିନ ଓଡ଼ିଶାରେ ଶହୀଦ ପ୍ରସନ୍ନ କୁମାର ସାହୁ ଓ ମନୋଜ ବେହେରାଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିଲା ସେଦିନ କଳାହାଣ୍ଡି ଜିଲା ମିଶନ ଶକ୍ତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଜନତାଙ୍କୁ ବହୁ ଆଡମ୍ବରର ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ୍ କଲେ । ଯେତେବେଳେ ରାଜରାସ୍ତା କଡରେ ହଜାର ହଜାର ଓଡ଼ିଆ ଭାବାବେଗର ସହ ହାତରେ ଫୁଲଟିଏ ଧରି ଆଖିରେ ଲୁହ ଭରି ବୀର ଶହୀଦଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଉଥିଲେ ସେଦିନ ବିଜେଡି ମନୋରଞ୍ଜନ କାର୍ଯ୍ୟକ୍ରମରେ ମସ୍‌ଗୁଲ ଥିଲା । ପୁଲଓ୍ୱାମା ଘଟଣାର ପରଦିନ ଯେତେବେଳେ ସମ୍ପୂର୍ଣ୍ଣ ରାଷ୍ଟ୍ର ସ୍ତବ୍ଧ ଥିଲା ସେଦିନ ମଧ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରାପଡ଼ା ଯାଇଥିଲେ। ମୁଖ୍ୟମନ୍ତ୍ରୀ କ'ଣ ଶହୀଦଙ୍କ ସମ୍ମାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ବାତିଲ୍ କରିଥିଲେ ଗୁଣ୍ଡାବାହିନୀ କ୍ରୋଧାନ୍ୱିତ ହୋଇଥାନ୍ତେ କି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକଳାପରୁ ସେ ଦେଶଦ୍ରୋହୀ ବୋଲି ପ୍ରମାଣିତ କରୁଥିବା ଲେଖାଶ୍ରୀ କହିଛନ୍ତି।ଭାଜପାର ଏଭଳି ଅଭିଯୋଗ ଉପରେ କଡା ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସୁଲୋଚନା ଦାଶ କହିଛନ୍ତି ଯେ, ଗତ କିଛିଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଦଳର ଅନେକ ରାଜନୈତିକ କାର୍ଯ୍ୟରେ ଯୋଗ ଦେଉଛନ୍ତି। ଦିଲ୍ଲୀରେ ବନ୍ଦେ ଭାରତ ଏକ୍ସପ୍ରେସର ଉଦ୍‌ଘାଟନ ଧୁମ୍‌ଧାମ୍‌ରେ ପାଳନ କରିବା ହେଉ, ବିହାରରେ ଗ୍ୟାସ୍ ପାଇପ୍ ଲାଇନ୍ ଉଦ୍‌ଘାଟନ, ରବିବାର ଭଦ୍ରକଠାରେ ରାଜନୈତିକ କାର୍ଯ୍ୟକ୍ରମ, ଭୁବନେଶ୍ୱରଠାରେ ଜନ ଅଦାଲତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବା ଏସବୁ ବୋଧହୁଏ ଲେଖାଶ୍ରୀଙ୍କୁ ଦେଖାଯାଉ ନାହିଁ। ଅଥବା ଏହାକୁ ଜାଣିଶୁଣି ଭୁଲିବାକୁ ଅଭିନୟ କରୁଛନ୍ତି। ଚିକିତ୍ସା ବିଜ୍ଞାନରେ ଏକ ଇଂରାଜୀ ଶବ୍ଦ ଅଛି 'ସିଲେକ୍ଟିଭ୍ ମେମୋରି ଲସ୍' ଅର୍ଥାତ୍ ସମୟ ପଡିଲେ ସୁବିଧାବାଦୀ ଭାବେ ସ୍ମରଣ ଶକ୍ତି ହରାଇବା, ଏହା ଲେଖାଶ୍ରୀଙ୍କ ପାଇଁ ପ୍ରଯୁଜ୍ୟ। ଭାଜପାରେ ଅନ୍ୟ ନେତା ଓ ନେତ୍ରୀମାନେ ଆସିବାପରେ ଲେଖାଶ୍ରୀ ନିଜକୁ ହତାଶ ଓ ନିରାଶ ଅନୁଭବ କରୁଛନ୍ତି ବୋଲି ସୁଲୋଚନା କହିଛନ୍ତି।

# ୨୮ ହଜାର କୋଟିର ଅନ୍ତରୀଣ ଲାଭାଂଶ ଦେବ ଆର୍‌ବିଆଇ

ମୁମ୍ବାଇ,୧୮।୨

କେନ୍ଦ୍ର ସରକାରଙ୍କୁ ୨୮ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେବାକୁ ସୋମବାର ରିଜର୍ଭ ବ୍ୟାଙ୍କ ବୋର୍ଡ ନିଷ୍ପତ୍ତି ନେଇଥିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ସୂଚନାଥାଉ କି, କେନ୍ଦ୍ରୀୟ ବ୍ୟାଙ୍କ କ୍ରମାଗତ ଦ୍ୱିତୀୟ ବର୍ଷ କେନ୍ଦ୍ର ସରକାରଙ୍କୁ ଅନ୍ତରୀଣ ଲାଭାଂଶ ଦେବାକୁ ଯାଉଛି। ଫଳରେ ସରକାର ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କରୁ ମୋଟ୍ ୬୮ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପାଇବେ। ସୋମବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ସୀମିତ ଅଡିଟ ପରେ ୨୦୧୮ ଡିସେମ୍ବର ୩୧ରେ ଶେଷ ହେଉଥିବା ୬ମାସ ପାଇଁ ଉକ୍ତ ପରିମାଣ ଅର୍ଥକୁ ଅନ୍ତରୀଣ ଲାଭାଂଶ ବାବଦରେ ଦେବାକୁ ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପୂର୍ବରୁ ଆର୍‌ବିଆଇ ବୋର୍ଡ ବୈଠକରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ପୂର୍ବରୁ ଖବରଦାତା ସମ୍ମିଳନୀରେ ଅନ୍ତରୀଣ ଲାଭାଂଶ ପ୍ରଦାନ ନେଇ ପ୍ରଶ୍ନ ହେବାରୁ ଜେଟ୍‌ଲୀ କହିଥିଲେ ଯେ, ସ୍ୱାଧୀନ ସଂସ୍ଥା ଭାବେ ଆର୍‌ବିଆଇ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ। ଏହା କେନ୍ଦ୍ରୀୟ ବ୍ୟାଙ୍କର ଅଧିକାର ପରିସରଭୁକ୍ତ। ଏଥିରେ ସରକାର କୌଣସି ପ୍ରକାର ହସ୍ତକ୍ଷେପ କରନ୍ତି ନାହିଁ। ସୂଚନାଥାଉ କି, ଆର୍‌ବିଆଇ ଚଳିତ ଆର୍ଥିକ ବର୍ଷରେ ଅନ୍ତରୀଣ ଲାଭାଂଶ ବାବଦରେ ୪୦ ହଜାର କୋଟି ଟଙ୍କା ପ୍ରଦାନ କରିସାରିଛି। ଅନ୍ୟପକ୍ଷରେ ନିଜର ରାଜକୋଷୀୟ ନିଅଣ୍ଟକୁ ହ୍ରାସ କରିବା ଲକ୍ଷ୍ୟରେ ସରକାର କେନ୍ଦ୍ରୀୟ ବ୍ୟାଙ୍କଠାରୁ ଆହୁରି ୨୮ହଜାର କୋଟି ଟଙ୍କା ଲୋଡୁଥିଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ୧୦ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ କରିଥିଲେ।

■ମହୋଦଧିରେ ବିସର୍ଜନ ହେଲା ଶହୀଦଙ୍କ ଚିତାଭସ୍ମ

# ସ୍ୱର୍ଗଦ୍ୱାରରେ ପାକିସ୍ତାନ ପତାକା ପୋଡ଼ି

ପୁରୀ ଅଫିସ,୧୮।୨

ଜମ୍ମୁ-କଶ୍ମୀର ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଦୁଇ ଓଡ଼ିଆ ବୀର ଯବାନ ପ୍ରସନ୍ନ କୁମାର ସାହୁ ଏବଂ ମନୋଜ କୁମାର ବେହେରାଙ୍କ ଚିତାଭସ୍ମ ମହୋଦଧିରେ ବିସର୍ଜନ ହୋଇଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଚିତାଭସ୍ମ କଳସକୁ ସିଂହଦ୍ୱାର ସମ୍ମୁଖରୁ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଛି। ଏଥିସହ ସ୍ୱର୍ଗଦ୍ୱାରଠାରେ ପାକିସ୍ତାନ ପତାକା ମଧ ପୋଡ଼ା ଯାଇଛି। ଏହି ଶୋଭାଯାତ୍ରାରେ ଶ୍ରୀମନ୍ଦିର ସେବାୟତ, ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇ ଶହୀଦଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ସେନା ଏବଂ ସଚେତନ ନାଗରିକ ମଞ୍ଚର ସଦସ୍ୟମାନେ ସିଂହଦ୍ୱାର ସମ୍ମୁଖରେ ଏକାଠି ହୋଇଥିଲେ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ତୀବ୍ର ନିନ୍ଦା କରିଥିଲେ। ଏହି ବର୍ବୋରଚିତ କାଣ୍ଡ ଘଟାଇଥିବା ପାକିସ୍ତାନକୁ ବିରୋଧ କରିବା ସହ ପାକିସ୍ତାନ ମୁର୍ଦ୍ଦାବାଦର ନାରା ଦେଇଥିଲେ। ଏଥିସହ ଇଟାର ଜବାବ ପଥରରେ ଦେବାକୁ ଭାରତ ସରକାରଙ୍କୁ ନିବେଦନ କରାଯାଇଥିଲା ବୋଲି ଶ୍ରୀଜଗନ୍ନାଥ ସେନାର ଆବହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

■କୋଣାର୍କ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ

# ୬ ସ୍ଥାନରେ ମରାମତି ଆବଶ୍ୟକ

ଏଏସ୍‌ଆଇ ଡିଜିଙ୍କ ସତ୍ୟପାଠ ଦାଖଲ

କଟକ ଅଫିସ, ୧୮।୨

କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷିତ। ମନ୍ଦିର ପ୍ରତି ସେଭଳି କୌଣସି ବିପଦ ନାହିଁ। ଏହିଭଳି କଥା ଆରମ୍ଭରୁ କହି ଆସୁଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସଂସ୍ଥା ଶେଷରେ ମାନିଛି ଯେ ମନ୍ଦିର ପ୍ରତି ବିପଦ ରହିଛି। ମନ୍ଦିରର ୬ ସ୍ଥାନରେ ମରାମତି ଆବଶ୍ୟକ। ସେଥିମଧ୍ୟରୁ ୨ ସ୍ଥାନର ମରାମତି ପାଇଁ ୨ ମାସ ଲେଖାଏ ଏବଂ ଆଉ ୪ ସ୍ଥାନର ମରାମତି ନିମନ୍ତେ ୪ ମାସ ଲେଖାଏ ସମୟ ଲାଗିବ। ଏଏସ୍‌ଆଇ ମହାନିର୍ଦ୍ଦେଶକ ଉଷା ଶର୍ମା ସୋମବାର ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରୁ ଏହା ଜଣାପଡ଼ିଛି। ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଫେବୃୟାରୀ ୧୨ରେ ଏକ ବୈଠକ ଡକାଯାଇ କୋଣାର୍କର ବର୍ତ୍ତମାନର ସ୍ଥିତି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସେଣ୍ଟ୍ରାଲ ବିଲ୍‌ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିବିଆର୍‌ଆଇ) ପକ୍ଷରୁ ମନ୍ଦିରର ଜଗମୋହନ ମଧରେ ବାଲି ଭର୍ତ୍ତି କରିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ଉପରେ ମଧ ଆଲୋଚନା କରାଯାଇଛି। ମୁଖ୍ୟତଃ ମନ୍ଦିରର ଲେଜର ଟେଷ୍ଟିଂ କରାଯିବ ବୋଲି ଏଏସ୍‌ଆଇ ଡିଜି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଲେଜର ଟେଷ୍ଟିଂ ସମ୍ପର୍କିତ ରିପୋର୍ଟ ଆସନ୍ତା ୬ ମାସ ମଧରେ ଦାଖଲ କରିବାକୁ ସିବିଆର୍‌ଆଇକୁ କୁହାଯାଇଥିବା ସତ୍ୟପାଠରେ ଉଲ୍ଲେଖ ଅଛି। ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବା ନେଇ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମନ୍ଦିରର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଡଭୋକେଟ ମହାପାତ୍ର ପିଟିଶନରେ ନିବେଦନ କରିଥିଲେ। ଆବେଦନର ଶୁଣାଣି କରି ହାଇକୋର୍ଟ କୋଣାର୍କର ସ୍ଥିତି ସମ୍ପର୍କରେ ଜବାବ ଦାଖଲ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୂର୍ବରୁ ଏଏସ୍‌ଆଇ ଯେଉଁ ରିପୋର୍ଟ ଦେଇଥିଲା ସେଥିରେ ସୂର୍ଯ୍ୟମନ୍ଦିରର ମରାମତି ଆବଶ୍ୟକ ନ ଥିବା ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।




# ୨୦ରେ ଓଡ଼ିଶା ଆସିବେ ଯୋଗୀ

**ଭୁବନେଶ୍ୱର, ୧୮।୨(ବ୍ୟୁରୋ):** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆସନ୍ତା ୨୦ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ସକାଳ ୧୦ଟାରେ ଯୋଗୀ ରାୟପୁର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟର ଯୋଗେ କଳାହାଣ୍ଡି ଜିଲା ଭବାନୀପାଟନା ପୋଲିସ ପଡିଆରେ ୧୧ଟାରେ ପହଞ୍ଚିବା ପରେ ମାଣିକେଶ୍ୱରୀ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିବେ। ୧୧ଟା ୩୦ରେ ସେ ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଉଦ୍‌ବୋଧନ ଦେବେ। ଅପରାହ୍ନ ୧ଟା ୪୫ରେ ହେଲିକପ୍ଟର ଯୋଗେ ଖୋର୍ଦ୍ଧା ଜିଲା ନାଚୁଣି କଲେଜ ପଡିଆରେ ପହଞ୍ଚିବେ। ସେଠାରେ କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେଇ ଅଭିଭାଷଣ ରଖିବେ। ଅପରାହ୍ନରେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ବଦଳିଲେ ସୁନ୍ଦରଗଡ଼ ଜିଲାପାଳ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ସ୍ମାର୍ଟ ସିଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିବା ୨୦୧୦ ବ୍ୟାଚର ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ସୁନ୍ଦରଗଡ ଜିଲାପାଳ ଭାବେ ବଦଳି କରାଯାଇଛି। ସୁନ୍ଦରଗଡ଼ ଜିଲାପାଳ ଥିବା ୨୦୧୨ ବ୍ୟାଚ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

DAYANAND PLAY/PUBLIC SCHOOL
Raseram Vihar, Padiabahal, Sambalpur
Mob- 7381058813, 8249212113
ADMISSION CONTINUE FROM NURSERY TO CLASS VII
FEATURES
Recognized by Govt. of Odisha
Trained & Experienced Teacher
Green & Safe Environment
CCTV Surveillance
Own bus facility
Day boarding & Hostel facility
Hygienic & Nutritious food
Separate boys & girls hostel
Sports, Game, Yoga, Dance etc.
EDAC Curriculum CBSE School
PLEASE CONTCT AT OFFICE FOR 25% RTE Free Seats in Class I Admission
VISIT OUR BRANCHES:- HLO Colony, Sbp, M-8763032586, Dhanupali, Sbp, M-8763032587, Putiapali, Sbp, M-9439006359, Parmanpur, Sbp, M-9439007359, Dherapada, Sonepur, M-8763032589, Patavadi Sonepur M- 9438115772, Palaceline, Bolangir, M-8763032590, Gosala/ Burla, SBP, M-9438117191

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ
ରେଳ ମନ୍ତ୍ରଣାଳୟ
ସଂଚାର ମନ୍ତ୍ରଣାଳୟ
ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର

ପୂର୍ବୋଦୟ
ପୂର୍ବ ଭାରତରୁ ହେଉଅଛି
ନୂଆ ଭାରତର ଉଦୟ



ଭିତ୍ତିପ୍ରସ୍ତର ସ୍ଥାପନ
ରାୟଗଡ଼ାଠାରେ ଏଚ୍‌ପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ
ଜୟପୁରଠାରେ ସରସତୀ ଶିଶୁ ବିଦ୍ୟାମନ୍ଦିରର ନୂଆ ବିଦ୍ୟାଳୟ ଭବନ
ଜୟପୁରଠାରେ ବିପିସିଏଲ୍ ଏଭିଏସନ ଫୁଏଲିଙ୍ଗ୍ ଷ୍ଟେସନ
ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ
ରାୟଗଡ଼ା, ଲାଞ୍ଜା ଓ ଜିମିଡ଼ିପେଟାଠାରେ ରେଳ ଫୁଟ୍ ଓଭର ବ୍ରିଜ୍
ଶୁଭ ଉଦ୍‌ଘାଟନ
ନବରଙ୍ଗପୁରଠାରେ ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ ସେବା କେନ୍ଦ୍ର
ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ
କରକମଳରେ

ଏଚ୍‌ପିସିଏଲ୍ ରାୟଗଡ଼ା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର ମୁଖ୍ୟାଂଶ
• ବଟଲିଂ କ୍ଷମତା: ବାର୍ଷିକ ୬୦ ହଜାର ମେଟ୍ରିକ୍ ଟନ୍ • ଭଣ୍ଡାରଣ କ୍ଷମତା: ୩ X ୩୦୦ ମେଟ୍ରିକ୍ ଟନ୍ ମାଉଣ୍ଡେଡ୍ ଭଣ୍ଡାରଣ
• ୨୪-ଶୀର୍ଷ ବିଶିଷ୍ଟ ବୈଦ୍ୟୁତିକ କାରୌସେଲ୍ ଏଲ୍‌ପିଜି ସେଡ୍ • ପ୍ରକଳ୍ପ ମୂଲ୍ୟ: ୯୧ କୋଟି ଟଙ୍କା • ସେପ୍ଟେମ୍ବର ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ନିର୍ଦ୍ଧାରିତ
• ବଲାଙ୍ଗୀର, ବୌଦ୍ଧ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ସୋନପୁରର ଏଲ୍‌ପିଜି ବଜାରର ଆବଶ୍ୟକତା ପୂରଣ କରିବ • ଯୁବବର୍ଗଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ

ରେଳ ଫୁଟ୍ ଓଭର ବ୍ରିଜ୍ ମୁଖ୍ୟାଂଶ
• ୩ଟି ପ୍ରକଳ୍ପର ମୋଟ୍ ମୂଲ୍ୟ: ୪.୬୯ କୋଟି ଟଙ୍କା • ରାୟଗଡ଼ାଠାରେ ଦିବ୍ୟାଙ୍ଗଜନ ଅନୁକୂଳ ର୍ୟାମ୍ପ ସୁବିଧା ସମେତ ଫୁଟ୍ ଓଭର ବ୍ରିଜ୍ ଏବଂ ଜିନିଷପତ୍ର ସ୍ଥାନାନ୍ତରଣ ସୁବିଧା • ଯାତ୍ରୀମାନଙ୍କ ପାଇଁ ମାତ୍ରାଧିକ ସୁବିଧା ସୁନିଶ୍ଚିତ

ଗରିମାମୟ ଉପସ୍ଥିତି
ଝିନ ହିକ୍କା
ସାଂସଦ, ଲୋକସଭା
ଲାଲ୍ ବିହାରୀ ହିମିରିକା
ବିଧାୟକ, ରାୟଗଡ଼ା

୧୯ ଫେବୃୟାରୀ ୨୦୧୯, ଦିବା ୧୦.୦୦ ଘଟିକା, ରେଳବାଇ ପଡ଼ିଆ, ରାୟଗଡ଼ା



୨୦୧୪ରୁ ଓଡ଼ିଶାରେ ଏଲ୍‌ପିଜି ଅଭିବୃଦ୍ଧି

| | ୨୦୧୪ | ୨୦୧୯ | ଅଭିବୃଦ୍ଧି |
|---|---|---|---|
| ଉପଭୋକ୍ତା | ୨୦.୨୨ ଲକ୍ଷ | ୭୬.୬୫ ଲକ୍ଷ | ୨୭୯% |
| ବଟଲିଂ | ୧.୨୭ କୋଟି | ୨.୫୪ କୋଟି | ୧୦୦% |
| ବିତରକ | ୩୬୭ | ୮୮୫ | ୧୪୧% |
| ବ୍ୟାପ୍ତି | ୨୦% | ୭୧.୫୦% | ୨୫୭% |
| ବ୍ୟାପ୍ତି (ରାୟଗଡ଼ା ଜିଲ୍ଲା) | ୧୭.୮% | ୬୭.୮% | ୨୮୧% |

ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୦.୯୬ ଲକ୍ଷ ଏବଂ ଓଡ଼ିଶାରେ ୩୭.୧୬ ଲକ୍ଷ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯାଇଛି



#GiveItUp
Skill India

ନରନାରୀଙ୍କୁ ଭଲ ପାଇବା-ପଦାର୍ଥକୁ ଭଲ ପାଇବା-କୁଟୁମ୍ବ ପରିଜନଙ୍କୁ ଭଲ ପାଇବା-ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା- ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡ଼ିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ। -ଶ୍ରୀଅରବିନ୍ଦ



# ନିଯୁକ୍ତି ପାଇଁ ମାର୍କ

ବିଶ୍ୱର ଦ୍ୱିତୀୟ ବୃହତ୍ ଜନବହୁଳ ଦେଶ ଭାରତରେ ବେକାର ସମସ୍ୟା ଅନ୍ୟତମ ବଡ଼ ପ୍ରସଙ୍ଗ ହୋଇଛି। ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି, ସେହି ଅନୁଯାୟୀ ଲୋକଙ୍କୁ କାମ ମିଳୁନାହିଁ। ଏହା ବିଗତ କିଛି ବର୍ଷ ମଧ୍ୟରେ ଗୁରୁତର ରୂପ ଧାରଣ କରିଛି। ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ୍ (ଏନ୍ଏସ୍ଏସ୍ଓ) ଦ୍ୱାରା ନିକଟରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରେ ଭାରତର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ ବର୍ଷର ରେକର୍ଡକୁ ଭଙ୍ଗ କରିଛି। ଅର୍ଥାତ୍ ଏହି ସମୟରେ ସବୁଠାରୁ କମ୍ ଲୋକ ନିଯୁକ୍ତି ପାଇଛନ୍ତି। ଏବେ ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ସରକାରଙ୍କ ପ୍ରମୁଖ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍ସି), ଷ୍ଟାଫ୍ ସିଲେକ୍ଶନ୍ କମିଶନ (ଏସ୍ଏସ୍ସି) ଏବଂ ରେଲ୍ୱେ ରିକ୍ରୁଟ୍ମେଣ୍ଟ ବୋର୍ଡ (ଆର୍ଆର୍ବି) ବିଗତ ୪ ବର୍ଷ ମଧ୍ୟରେ ୩୮ ପ୍ରତିଶତ କମ୍ ନିଯୁକ୍ତି ସୃଷ୍ଟି କରିଛନ୍ତି। ୨୦୧୪-୧୫ରେ ଏଗୁଡ଼ିକ ୧ ଲକ୍ଷ ୧୩ ହଜାର ଯୁବତୀଯୁବକଙ୍କୁ ରୋଜଗାର ଦେଇଥିବା ବେଳେ ୨୦୧୭-୧୮ରେ ଏହା ୭୦,୮୦୫କୁ କମି ଆସିଛି। ଉଲ୍ଲେଖଯୋଗ୍ୟ, ଏହିସବୁ ତଥ୍ୟ ଭାଜପାକୁ ସମର୍ଥନ କରୁଥିବା ଏକ ଜାତୀୟ ଇଂଲିଶ୍ ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଛି। ବିଡ଼ମ୍ବନାର କଥା ହେଲା, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ସେଗୁଡ଼ିକୁ ପୂରଣ କରାଯାଇପାରି ନାହିଁ। ନିଯୁକ୍ତି ସଂକ୍ରାନ୍ତରେ ସରକାରୀ ତଥ୍ୟ ଏଭଳି ଚିତ୍ର ଦେଖାଉଥିବା ବେଳେ କେନ୍ଦ୍ର ସରକାର ଏହାକୁ ମାନିବାକୁ ରାଜିନାହାନ୍ତି। ବରଂ ବାହୁସ୍ଫୋଟ ମରାଯାଇ କୁହାଯାଉଛି ଯେ, ଦେଶରେ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇ ପାରିଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। ହେଲେ ଶାସନରେ ଥିବା ବ୍ୟକ୍ତିମାନେ ଏ ସଂକ୍ରାନ୍ତରେ ବାସ୍ତବ ତଥ୍ୟ ଉପସ୍ଥାପନ କରିପାରୁ ନାହାନ୍ତି। କେନ୍ଦ୍ରର ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା କେତେ ପୂରଣ ହୋଇଛି ବର୍ତ୍ତମାନ ଯୁବପିଢ଼ି ହୃଦୟଙ୍ଗମ କଲେଣି। ଏପରି କି ପକୁଡ଼ିବାଲାଙ୍କୁ ନିଯୁକ୍ତି ପରିସରକୁ ଆଣି ସରକାର ରୋଜଗାର ସୁଯୋଗର ଯେଉଁ ନୂଆ ପରିଭାଷା ସୃଷ୍ଟି କଲେ ତାହା ନ କହିବା ଭଲ।

ନିଯୁକ୍ତି ସଂକ୍ରାନ୍ତରେ ଥିଙ୍କ୍ ଟାଙ୍କ ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍ଆଇଇ)ର ତଥ୍ୟକୁ ଦେଖିଲେ କେବଳ ୨୦୧୮ ମସିହାରେ ଭାରତ ପ୍ରାୟ ୧ କୋଟି ୧୦ ଲକ୍ଷ ଚାକିରି ହରାଇଛି। ସେହିପରି ସର୍ବଭାରତୀୟ ନିର୍ମାଣ ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ୨୦୧୬ର ବିମୁଦ୍ରୀକରଣ ଓ ୨୦୧୭ରେ ପ୍ରଚଳନ କରାଯାଇଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ଯୋଗୁ କେବଳ ଏହି କ୍ଷେତ୍ର ୩୫ ଲକ୍ଷ ଚାକିରି ହରାଇଛି। ହେଲେ ଦେଶର ନେତୃତ୍ୱ ଯୁବପିଢ଼ିଙ୍କୁ 'ନୂତନ ଭାରତ'ର ସ୍ୱପ୍ନ ଦେଖାଇ ଚାଲିଛି। ଦେଖିବାକୁ ଗଲେ କେନ୍ଦ୍ର ସରକାର ଯଦି ଏମାନଙ୍କ ବିକାଶ କଥା ଚିନ୍ତା କରୁଥାଆନ୍ତେ, ତାହା ହେଲେ ନିକଟରେ ଉପସ୍ଥାପିତ ଅନ୍ତରୀଣ ବଜେଟରେ ସେହି ବିଷୟରେ ଉଲ୍ଲେଖ କରିଥାଆନ୍ତେ। ମାତ୍ର ଏଥିରେ ନୂତନ ନିଯୁକ୍ତି ସୃଷ୍ଟି ନେଇ କୌଣସି ପ୍ରସ୍ତାବ ଦିଆଯାଇ ନାହିଁ। ଏବେ ମନ୍ତ୍ରଣାଳୟ ଓ ବିଭାଗରେ ଯେତେ ମାତ୍ରାରେ ପଦବୀ ଖାଲି ପଡ଼ିରହିଛି, ତାହା ପୂରଣ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲେ ହୁଏତ ସାମାନ୍ୟ ପରିବର୍ତ୍ତନ ଆସିପାରିଥାଆନ୍ତା। ତାହା କରା ନ ଯାଇ ସରକାରୀ ସ୍ତରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବାକୁ ଏକ ନୂଆ ଧାରା ଭାବେ ଧରି ନିଆଗଲାଣି। ଏହାଦ୍ୱାରା ଅର୍ଥ ସଞ୍ଚୟ ହେବା ସହ ଦକ୍ଷତା ବୃଦ୍ଧି କରାଯାଉଛି ବୋଲି ଯେଉଁ ଯୁକ୍ତି ଦର୍ଶାଯାଉଛି, ତାହା ସାମୟିକ ସମୟ ପାଇଁ ଫଳ ଦେଇପାରେ। କିନ୍ତୁ ଏହା ଭବିଷ୍ୟତରେ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇବା ନିଶ୍ଚିତ।

ଏକ ରାଷ୍ଟ୍ରର ଅଭିବୃଦ୍ଧିରେ ଜନସାଧାରଣଙ୍କ ଆର୍ଥିକ ଅବଦାନ ଅଧିକରୁ ଅଧିକ ରହିବା କଥା। ଯଦି ସେତିକି ସୁଯୋଗ ଯୁବପିଢ଼ିଙ୍କୁ ଦେବାରେ ଦେଶର ନେତୃତ୍ୱ ସମର୍ଥ ନ ହୁଏ, ତାହା ହେଲେ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବା ସ୍ୱାଭାବିକ। ଆଜିର କଶ୍ମୀର ପରିସ୍ଥିତି ଦେଖିଲେ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ସେମାନଙ୍କୁ ଆତଙ୍କବାଦୀ ଓ ଉଗ୍ରପନ୍ଥୀ ସଙ୍ଗଠନଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ବିପଥଗାମୀ କରାଉଛନ୍ତି। ପୃଥିବୀର ପ୍ରତ୍ୟେକ ଯୁବ ନାଗରିକ ଆଗରେ ସକାରାତ୍ମକ ଉପାୟରେ ଅର୍ଥ ଉପାର୍ଜନର ସମ୍ଭାବନା ଥିଲେ ସେ ଲକ୍ଷ୍ୟଭ୍ରଷ୍ଟ ହେବେ ନାହିଁ। ଯେତେବେଳେ ଏକ ରାଷ୍ଟ୍ର ସେହି ସୁଯୋଗ ତାହା ଚାକିରି ହେଉ ବା ଔଦ୍ୟୋଗିକ ବିକାଶ ଦିଗରେ ଉପଯୁକ୍ତ ବାତାବରଣ ଆଣିପାରିବ ନାହିଁ, ସେତେବେଳେ ଦେଶର ପ୍ରଗତି ସ୍ଥାଣୁ ପାଲଟିଯିବ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ସାଧାରଣ ନିର୍ବାଚନକୁ ଆଉ ଦୁଇ ମାସ ରହିଛି। ବିଗତ ୫ ବର୍ଷ ମଧ୍ୟରେ ନିଯୁକ୍ତି ନ ପାଇ ବହୁ ଯୁବତୀଯୁବକ ବେସାହାରା ହୋଇ ପଡ଼ିଛନ୍ତି। ବିଶେଷଜ୍ଞଙ୍କ ମତରେ ଆଗକୁ ହେବାକୁ ଥିବା ବୃହତ୍ ଗଣତାନ୍ତ୍ରିକ ପରୀକ୍ଷାରେ ବେକାର ସମସ୍ୟା ଅନ୍ୟତମ ମୁଖ୍ୟ ବିଷୟବସ୍ତୁ ରହିବ। ସେଥିରେ ସେମାନେ କେଉଁ ନେତୃବର୍ଗଙ୍କୁ କେତେ ମାର୍କ ଦେଇ ଉପରକୁ ନେଉଛନ୍ତି ଦେଖିବାକୁ ବାକି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଫେବୃୟାରୀ ୧୯୯୪**

- ସୁବର୍ଣ୍ଣରେଖା ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ୭୯୦ କୋଟି ଟଙ୍କାର ଏକ ଅଟକଳକୁ ମଞ୍ଜୁରୀ ଦେଇଛି।
- ଦସ୍ୟୁରାଣୀ ଫୁଲନ୍ଦେବୀଙ୍କୁ ତିହାର ଜେଲରୁ ପାରୋଲରେ ଖଲାସ କରିଦେବା ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶ।
- ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଗୋପୀକ୍ରିଷ୍ଣଙ୍କ ୬୧ବର୍ଷ ବୟସରେ ପରଲୋକ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | | | | E | 4 | | | 1 | 0 | | | 7 |
| | | | | 8 | B | | A | | 7 | | | | | |
| | | | 4 | E | | | 7 | C | | | | 2 | | |
| B | | | | | 6 | | | | | | D | 9 | 3 | |
| | | | | | | 2 | | | | 4 | 9 | B | | |
| | | | | 0 | | 3 | | | | B | 8 | 1 | 7 | 4 |
| 7 | | | A | | D | | E | 4 | | | | | | B |
| A | | | | | 4 | | | D | | 3 | | 0 | | |
| | | | 5 | | 9 | | | | 1 | | | | 6 | D |
| | | 9 | 3 | | | | B | | 4 | 2 | | | | 5 |
| | B | 4 | 7 | | | | D | | | C | | | | 3 |
| | | E | | | | | 0 | | | | 5 | 8 | | |
| | | 7 | | | | | | 2 | 8 | | | | 0 | C |
| 2 | | | 1 | | | | | | 0 | | 7 | 6 | | 9 |
| 0 | | | | 9 | | 6 | 5 | 3 | E | A | | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | E | 7 | 1 | D | 6 | 9 | 3 | B | 5 | 8 | 2 | 0 | A | 4 |
| 8 | 9 | 4 | 2 | B | 3 | 7 | 5 | 0 | E | C | A | 6 | D | 1 |
| 3 | 2 | 5 | 4 | 0 | 7 | C | A | E | 6 | D | 1 | 8 | 9 | B |
| 1 | A | 0 | E | 5 | C | D | 6 | 8 | 9 | B | 4 | 2 | 7 | 3 |
| D | 6 | B | 9 | 8 | A | 2 | 4 | 1 | 7 | 3 | 0 | C | 5 | E |
| 9 | 5 | 2 | 8 | 6 | D | B | C | 4 | 0 | E | 7 | 3 | 1 | A |
| E | C | 3 | B | 4 | 1 | A | 0 | 7 | D | 9 | 6 | 5 | 8 | 2 |
| B | 7 | 1 | A | 2 | 0 | 3 | 8 | 6 | C | 4 | 5 | D | E | 9 |
| 4 | 0 | 8 | 5 | 3 | E | 1 | 9 | D | 2 | A | B | 7 | 6 | C |
| A | D | 6 | C | 7 | 9 | 5 | E | 2 | 3 | 1 | 8 | B | 4 | 0 |
| 6 | 3 | A | 7 | 1 | B | E | 2 | 9 | 8 | 5 | C | 4 | 0 | D |
| 0 | B | C | 6 | E | 5 | 4 | 7 | A | 1 | 2 | D | 9 | 3 | 8 |
| 5 | 8 | 9 | D | C | 4 | 0 | B | 3 | A | 7 | E | 1 | 2 | 6 |
| 7 | 1 | E | 0 | 9 | 2 | 8 | D | C | 4 | 6 | 3 | A | B | 5 |
| 2 | 4 | D | 3 | A | 8 | 6 | 1 | 5 | B | 0 | 9 | E | C | 7 |

ଗତକାଲିର ଉତ୍ତର

# ବିଶ୍ୱାସରେ ସଂକଟ

ବୈକୁଣ୍ଠନାଥ ମିଶ୍ର

ସଂସାରର ସବୁ ସମ୍ପଦ ମଧ୍ୟରେ ପ୍ରେମ, ବନ୍ଧୁତ୍ୱ ଓ ଭଲ ପାଇବାଠାରୁ ବଳି ମହତ୍ତର ଆଉ କିଛି ନାହିଁ। ଭଲ ପାଇବାରୁ ସୃଷ୍ଟି ହୁଏ ବନ୍ଧୁତ୍ୱ। ବନ୍ଧୁତାର ଅନାବିଳ ସ୍ନେହରେ ଆଦାନ ପ୍ରଦାନର କୌଣସି ସ୍ଥାନ ନାହିଁ। ବନ୍ଧୁତ୍ୱର ସ୍ୱର୍ଗୀୟ ଭାବଧାରା ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ। ଶ୍ରୀମା କହନ୍ତି- ''ସମସ୍ତଙ୍କ ସହିତ ଓ ସବୁକିଛି ସହିତ ଯେତିକି ଯେତିକି ତୁମେ ଏକାତ୍ମ ହେବ, ସେତିକି ସେତିକି ତୁମର ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ, ସେତିକି ବିକଶିତ ହୋଇଉଠିବ। ବିକଶିତ ହେବା ହିଁ ଜୀବନ ଓ ସଙ୍କୁଚିତ ହେବା ହିଁ ମୃତ୍ୟୁ।'' ବନ୍ଧୁତାରେ ନ ଥାଏ ସ୍ୱାର୍ଥପରତାର ଚିହ୍ନ। ଏହା ସ୍ୱର୍ଗୀୟ ଶକ୍ତି ଓ ଗୁଣାବଳୀର ସମାହାର। ସେଥିପାଇଁ ଇଂଲିଶ ଔପନ୍ୟାସିକ ଇ.ଏମ୍. ଫଷ୍ଟର ଥରେ କହିଥିଲେ- ''ଯଦି ମୋ ବନ୍ଧୁ ଓ ଜନ୍ମଭୂମି ଭିତରେ ଗୋଟିକ ସହ ବିଶ୍ୱାସଘାତକତା କରିବା ପାଇଁ ମୋତେ କୁହାଯାଏ ତେବେ ମୁଁ ଜନ୍ମଭୂମି ସହ ବିଶ୍ୱାସଘାତକତା କରିବି ପଛେ ମାତ୍ର ବନ୍ଧୁ ସହ ନୁହେଁ।''

ବନ୍ଧୁତା ଓ ବିଶ୍ୱାସଘାତକତା ମଧ୍ୟରେ ପାର୍ଥକ୍ୟ ଦର୍ଶାଉଥିବା 'ସସେମିରା' କାହାଣୀଟି ପ୍ରଣିଧାନଯୋଗ୍ୟ। ଶିକାର ଅନ୍ୱେଷଣରେ ବନରେ ଥିବା ନିଃସଙ୍ଗ ରାଜପୁତ୍ର ପଶ୍ଚାଦ୍ଧାବନ କରୁଥିବା ବ୍ୟାଘ୍ର ଭୟରେ ରାତ୍ରି ଆଗମନ ହେତୁ ବୃକ୍ଷାରୋହଣ କରନ୍ତେ ଦେଖିଲେ ଉକ୍ତ ବୃକ୍ଷରେ ଭାଲୁଟିଏ ପୂର୍ବରୁ ରହିଛି। ଭୟାତୁର ରାଜପୁତ୍ରକୁ ଭାଲୁ ଅଭୟ ଦେଇ ତା' ସହ ରାତ୍ରିଯାପନ ନିମନ୍ତେ ଆମନ୍ତ୍ରଣ କଲା। ବେଶ୍ କିଛି ସମୟ ପାଇଁ ଭାଲୁ ଓ ରାଜପୁତ୍ର ବନ୍ଧୁତା ସୂତ୍ରରେ ବାନ୍ଧି ହୋଇଗଲେ। ସର୍ତ୍ତ ଅନୁଯାୟୀ ପ୍ରଥମେ ରାଜପୁତ୍ର ଭାଲୁ କୋଳରେ ମୁଣ୍ଡ ରଖି ନିଶାର୍ଦ୍ଧ ପର୍ଯ୍ୟନ୍ତ ଶୟନ କଲା। ରାଜପୁତ୍ରକୁ ତଳକୁ ଠେଲି ଦେବା ପାଇଁ ବାଘର ପ୍ରସ୍ତାବକୁ ଭାଲୁ ପ୍ରତ୍ୟାଖ୍ୟାନ କଲା। ଭାଲୁ ମତରେ ଏହା ବନ୍ଧୁ ତଥା ଆଶ୍ରିତ ପ୍ରତି ଚରମ ବିଶ୍ୱାସଘାତକତା। କିନ୍ତୁ ନିଶାର୍ଦ୍ଧ ପରେ ରାଜପୁତ୍ର କୋଳରେ ଭାଲୁ ମୁଣ୍ଡ ରଖି ଶୋଇବା ସମୟରେ ବାଘ କଥାରେ ଭ୍ରମିତ ହୋଇ ରାଜପୁତ୍ର ଭାଲୁକୁ ତଳକୁ ଠେଲିଦେଲା। ଭାଲୁ ଭୂପତିତ ହେବା ପୂର୍ବରୁ ନିମ୍ନସ୍ଥ ଏକ ଶାଖାକୁ ଧରି ନିଜକୁ ବଞ୍ଚାଇଦେଲା। ବିବେକହୀନ ରାଜପୁତ୍ର ନିକଟକୁ ଫେରିଯାଇ ତା' ଜିହ୍ୱାରେ ନଖ ସାହାଯ୍ୟରେ 'ସସେମିରା' ୪ଟି ଅକ୍ଷର ଲେଖିଦେଲା। ତା' ପରଠାରୁ ରାଜପୁତ୍ର ସସେମିରା ବ୍ୟତୀତ ଆଉ କିଛି ବି ଉଚ୍ଚାରଣ କରିବାକୁ ସକ୍ଷମ ହେଲେ ନାହିଁ। ମହାରାଜ ବହୁ ଚିକିତ୍ସକ ଡାକି ଚିକିତ୍ସା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ କାଳିଦାସ ସସେମିରାର ରହସ୍ୟ ଭେଦ କଲେ। ଏହା ୪ଟି ଅକ୍ଷରକୁ ମୂଳରେ ରଖି ରଚିତ ୪ଟି ଶ୍ଳୋକର ସମାହାର-

''ସଦ୍ଭାବପ୍ରତିପନ୍ନାନାଂ ବଞ୍ଚନେ କା ବିଦଗ୍ଧତା।
ଅଙ୍କମାରୁହ୍ୟ ସୁପ୍ତାନାଂ ହନ୍ତୁଂ କିଂ ନାମ ପୌରୁଷମ୍ ?।
ସେତୁଂ ଗତ୍ୱା ସମୁଦ୍ରସ୍ୟ ଗଙ୍ଗାସାଗରସଙ୍ଗମମ୍।
ବ୍ରହ୍ମହାଽପି ପ୍ରମୁଚ୍ୟତେ ମିତ୍ରଦ୍ରୋହୀ ନ ମୁଚ୍ୟତେ॥
ମିତ୍ରଦ୍ରୋହୀ କୃତଘ୍ନଶ୍ଚ ଯଶ୍ଚ ବିଶ୍ୱାସଘାତକଃ।
ତ୍ରୟସ୍ତେ ନରକଂ ଯାନ୍ତି ଯାବଚ୍ଚନ୍ଦ୍ରଦିବାକରୌ॥
ରାଜେନ୍ଦ୍ର! ନିଜ ପୁତ୍ରସ୍ୟ ଯଦି କଲ୍ୟାଣମିଚ୍ଛସି।
ଦେହି ଦାନଂ ଦ୍ୱିଜାଦିଭ୍ୟୋ ଦେବତାରାଧନଂ କୁରୁ॥''

ଏହି ଚାରିଗୋଟି ଶ୍ଳୋକର ମର୍ମାଂଶ ହେଲା, ସଦ୍ଭାବ ଥିବା ଲୋକକୁ ଠକିବାରେ କି ଚତୁରତା ଅଛି ଏବଂ କୋଳରେ ଶୋଇଥିବା ଲୋକକୁ ମାରିବାକୁ କ'ଣ ପୌରୁଷ କୁହାଯିବ ? ସେତୁବନ୍ଧ ଓ ଗଙ୍ଗାସାଗରରେ ବୁଡ଼ ପକାଇଲେ ବ୍ରହ୍ମଘାତକକୁ ମୁକ୍ତି ମିଳିପାରେ, ମାତ୍ର ମିତ୍ରଦ୍ରୋହୀର ମୁକ୍ତି ନାହିଁ। ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତକ-ଏ ତିନିଜଣ ସୂର୍ଯ୍ୟଚନ୍ଦ୍ର ଥିବା ପର୍ଯ୍ୟନ୍ତ ନର୍କଗାମୀ ହୁଅନ୍ତି। ତେଣୁ ହେ ରାଜା! ଯଦି ପୁତ୍ରର କଲ୍ୟାଣ ଚାହୁଁଛନ୍ତି ତେବେ ବ୍ରାହ୍ମଣମାନଙ୍କୁ ଦାନ ଦିଅନ୍ତୁ ଓ ଦେବତାଙ୍କୁ ଆରାଧନା କରନ୍ତୁ।

ଏହା ଏକ ସର୍ବକାଳୀନ ଗଳ୍ପ। ବର୍ତ୍ତମାନ ସମାଜରେ ଅବିଶ୍ୱାସ, ଠକାମି, ଅସଦାଚାର, ଶଠତା ଓ ସର୍ବୋପରି ବିଶ୍ୱାସଘାତକତା ଏତେମାତ୍ରାରେ ବୃଦ୍ଧିପାଇଛି ଯେ ସାଧାରଣ ନିରୀହ ମଣିଷଟି ଅତିଷ୍ଠ ହୋଇପଡ଼ିଲାଣି। ବିଶ୍ୱାସର ବହଳ ପ୍ରଲେପ ମଧ୍ୟରେ ଜଘନ୍ୟ ଷଡ଼ଯନ୍ତ୍ର ଲୁକ୍କାୟିତ। ପାପପ୍ରଣୟିନୀ ପତ୍ନୀ ସ୍ୱାମୀର ସ୍ୱର୍ଗାରୋହଣର ପଥ ଉନ୍ମୁକ୍ତ କରି ଛଳନାତ୍ମକ ଅଶ୍ରୁବିସର୍ଜନରେ ନିଜର ନିରୀହତା ପ୍ରମାଣ କରିବା ପାଇଁ ଚେଷ୍ଟିତ। ପରକୀୟା ପ୍ରୀତିରେ ନିମଜ୍ଜିତ ପତି ନିଜ ଧର୍ମପତ୍ନୀର ମୃତ୍ୟୁଲୀଳା ରଚନା କରୁଛି। ବୃଦ୍ଧ ମା'ବାପାମାନେ ନିଜ ସନ୍ତାନମାନଙ୍କ ଦ୍ୱାରା ଉପେକ୍ଷିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି। ଶିକ୍ଷକର ପୈଶାଚିକ ମନୋବୃତ୍ତି ନିରୀହା ଶିଶୁ ଛାତ୍ରୀଙ୍କୁ ଦେଉଛି ଅବାଞ୍ଛିତ ମାତୃତ୍ୱର ଉପହାର। ପିତୃବତ୍ ଶ୍ୱଶୁରଙ୍କ ପାପ ନଜରରୁ ବର୍ତ୍ତିପାରୁନାହିଁ କୁଳବଧୂ। ସାମାଜିକ ସମ୍ପର୍କ କୀଟଦଂଷ୍ଟ। ବିଶ୍ୱାସର ଭ୍ରୂଣକୁ ହତ୍ୟା କରାଯାଇ ତା' ସ୍ଥାନରେ ଅବିଶ୍ୱାସର ବୀଜ ଅଙ୍କୁରିତ ହୋଇ ଶାଖାପ୍ରଶାଖା ମେଲି କ୍ଷିପ୍ର ପ୍ରସାରିତ ହେଉଛି। ନୈତିକତା, ଆତ୍ମପ୍ରତ୍ୟୟ, ବିଶ୍ୱସନୀୟତା, ଭାରତୀୟ ଜନମାନସରୁ ଅପସରିଗଲାଣି। ଅନୈତିକତା, ବିଶ୍ୱାସଘାତକତା ଓ ସର୍ବୋପରି ବିଚାରହୀନତା ଏତେ ମାତ୍ରାରେ ଯୁବମାନସକୁ ଆକ୍ରାନ୍ତ କଲାଣି ଯେ ମାତ୍ର ୪ ମାସର ଶିଶୁକନ୍ୟା ପାଶବିକତାର ଶିକାର ହେଉଛି, ଯାହା ନିକଟରେ ମଧ୍ୟପ୍ରଦେଶର ଇନ୍ଦୋରରେ ଘଟିଛି। ଜମ୍ମୁ-କଶ୍ମୀର କାଠୁଆର ଆଠବର୍ଷୀୟା ନାବାଳିକା, ସୁରତର ୧୧ ବର୍ଷୀୟା ନାବାଳିକା କିମ୍ବା ଓଡ଼ିଶାର ନୀଳଗିରି ଓ ସାଲେପୁରର ଶିଶୁକନ୍ୟା- ଏମାନେ ସମସ୍ତେ ଉତ୍କଟ ପାଶବିକତାର ଶିକାର ହୋଇଛନ୍ତି। କୋମଳ ପୁଷ୍ପକଢ଼ିଗୁଡ଼ିକ ବିକଶିତ ହୋଇ ସୌରଭ ବିକିରଣ କରିବା ପୂର୍ବରୁ ଏମାନଙ୍କ ଭବିଷ୍ୟତକୁ ଜାଳିପୋଡ଼ି ଛାରଖାର କରିଦିଆଯାଇଛି। ଆଶ୍ଚର୍ଯ୍ୟର କଥା ପୋକ୍ସୋ (ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସେସ୍) ଆଇନ ଲାଗୁ ହେବା ପରେ ଦେଶରେ ଶିଶୁ ଯୌନ ନିର୍ଯାତନା ହୁ ହୁ ହୋଇ ବଢ଼ିଚାଲିଛି। ସବୁଠାରୁ ଅଧିକ ବଳାତ୍କାର ଘଟୁଥିବା ମୁଖ୍ୟ ୫ଟି ରାଜ୍ୟ ହେଲେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଓଡ଼ିଶା ଓ ତାମିଲନାଡୁ। ୨୦୧୭ରେ ଏହିସବୁ ରାଜ୍ୟରେ ହୋଇଥିବା ବଳାତ୍କାର ଯଥାକ୍ରମେ ୨୪୬୭, ୨୨୯୨, ୨୧୧୫, ୧୨୫୮ ଓ ୧୧୬୯ ବୋଲି ସି.ଆର୍.ବି.ର ତଥ୍ୟରୁ ପ୍ରକାଶ। ସମୁଦାୟ ବଳାତ୍କାରର ୯୨.୫ ପ୍ରତିଶତ ନିକଟ ବା ଦୂରସମ୍ପର୍କୀୟଙ୍କ ଦ୍ୱାରା ସଂଘଟିତ ହୋଇଥିବାର ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି।

ଆମ ରାଜ୍ୟରେ କୁନ୍ଦୁଲି ଗଣପୀଡ଼ିତା, ପିପିଲି ପୀଡ଼ିତା, ଟିକିରିର ଇତିଶ୍ରୀଙ୍କୁ ନ୍ୟାୟ ନ ମିଳିବା ଦ୍ୱାରା ବଳାତ୍କାରୀମାନଙ୍କର ଉତ୍ସାହ ବୃଦ୍ଧି ପାଇଚାଲିଛି। ଦଣ୍ଡଭୟ ନ ଥିବାରୁ ବଳାତ୍କାର ହୁ ହୁ ହୋଇ ବଢ଼ିଚାଲିଛି। ଓଡ଼ିଶା ଡିଜିଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ପଞ୍ଜୀକୃତ ବଳାତ୍କାର ମଧ୍ୟରୁ ମାତ୍ର ୨୩ ପ୍ରତିଶତଙ୍କୁ ଦଣ୍ଡବିଧାନ କରାଯାଇଛି। ଅବଶ୍ୟ ନିକଟରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଜାରି କରିଛନ୍ତି ଯେ, ୧୨ ବର୍ଷ କିମ୍ବା ତା'ଠାରୁ କମ୍ ଶିଶୁକନ୍ୟାଙ୍କ ବଳାତ୍କାରୀକୁ ଫାଶୀଦଣ୍ଡ ଦିଆଯିବ। ମାତ୍ର ସବୁଠାରୁ ବଡ଼କଥା ହେଲା ଏ କ୍ଷେତ୍ରରେ ବଳାତ୍କାରୀ ପ୍ରମାଣିତ ହେବାର ଆବଶ୍ୟକତା ରହିଛି।

ଅବିଶ୍ୱାସ ଓ ବିଶ୍ୱାସଘାତକତାର ବାତାବରଣ ଜନମାନସକୁ ଆଚ୍ଛନ୍ନ କରିଦେଲାଣି। ନିଜ ସମ୍ପର୍କୀୟଙ୍କୁ ଅବୋଧ ଶିଶୁକନ୍ୟାଟି ବିଶ୍ୱାସ କରିବ ନାହିଁ ତ ଆଉ କାହାକୁ ବିଶ୍ୱାସ କରିବ! କିନ୍ତୁ ସେହି ସମ୍ପର୍କୀୟଙ୍କ ମନ ତଳେ ବିଶ୍ୱାସଘାତକତାର ସଇତାନଟି ଯେତେବେଳେ ଉଗ୍ରରୂପ ଧାରଣ କରୁଛି ସେତେବେଳେ ତା' କାମନାଗ୍ନିରେ ବିଚାରୀ ଶିଶୁକନ୍ୟାଟି ଜଳିଯାଉଛି। ଏହାଠାରୁ ବଳି ଦୁଃଖଦ ଘଟଣା ଆଉ କ'ଣ ଥାଇପାରେ। ହେ ଈଶ୍ୱର! ଏ ହୀନକାମୀ ମଣିଷଙ୍କର ଚାରିତ୍ରିକ ସଂଶୋଧନ ଘଟୁ। ମଣିଷ ମନରୁ ହିଂସା, ଦ୍ୱେଷ, ପରଶ୍ରୀକାତରତା ଲୋପ ପାଉ। ବିଶ୍ୱାସଘାତକତା ପରିବର୍ତ୍ତେ ତା' ମନୋରାଜ୍ୟରେ ଅତିମାନବୀୟ ଭାବନା ଉଦ୍ରେକ ହେଉ। ସେ ନିଜ ମଧ୍ୟରେ ଅନ୍ୟମାନଙ୍କୁ ଦେଖୁ ଓ ଅନ୍ୟମାନଙ୍କ ମଧ୍ୟରେ ନିଜ ସତ୍ତା ଅନୁଭବ କରୁ। ତେବେ ଯାଇ ତା'ର ଚାରିତ୍ରିକ ସଂଶୋଧନ ସମ୍ଭବ ହେବ। ଚାରିତ୍ରିକ ଗୁଣବତ୍ତା ମାନବିକତାର ମୃତ୍ୟୁକୁ ଜୟ କରିପାରିବ।

ସିଦ୍ଧଳ, ଜଗତସିଂହପୁର, ମୋ-୯୯୩୭୪୫୦୫୪୦

# ପ୍ରୟାଗେ ସ୍ନାନ ମକରେ

ଡ. ତୁଷାରକାନ୍ତି ଦାସ

ପୁରାଣବର୍ଣ୍ଣିତ ସମୁଦ୍ରମନ୍ଥନ ସମୟରେ କ୍ଷୀରସମୁଦ୍ରରୁ ଐରାବତ ହସ୍ତୀ, ଲକ୍ଷ୍ମୀ, ଚନ୍ଦ୍ର, ରମ୍ଭା, ମେନକା ପ୍ରଭୃତି ଅପ୍ସରାଗଣ, କୌସ୍ତୁଭ, ହଳାହଳ ଓ ସର୍ବୋପରି ଅମୃତାଦି ବାହାରିଥିଲା। ହଳାହଳ ବିଷକୁ ପାନକରି ଶିବ ନୀଳକଣ୍ଠ ହୋଇଗଲେ ଓ ଅମୃତ ରାକ୍ଷସଙ୍କ ହାତରେ ପଡ଼ିବା ପୂର୍ବରୁ ବିଷ୍ଣୁ ମୋହିନୀ ରୂପ ଧାରଣ କରି ଅସୁରମାନଙ୍କ ଦୃଷ୍ଟି ଏଡ଼ାଇ ଅମୃତ କୁମ୍ଭକୁ ହରଣ କଲେ। ଠିକ୍ ଏହି ସମୟରେ ରାହୁ ଏହା ଜାଣିପାରି ପାର୍ଶ୍ୱ ବଦଳାଇ ଛଦ୍ମ ଦେବତା ରୂପ ଧାରଣ କରି ଅମୃତ ପାନ କରିବାକୁ ଉଦ୍ୟମ କରୁଥିଲା ବେଳେ ସୂର୍ଯ୍ୟ ଓ ଚନ୍ଦ୍ର ଏହା ବିଷ୍ଣୁଙ୍କୁ ଜଣାଇଲେ। ବିଷ୍ଣୁ ସୁଦର୍ଶନ ଚକ୍ର ଚଳାଇ ରାହୁଙ୍କ ବେକ କାଟିବା ସମୟରେ ଏକ ବୁନ୍ଦା ଅମୃତ ରାହୁଙ୍କ ପାକସ୍ଥଳୀକୁ ଚାଲିଯାଇଥିଲା। ତେଣୁ ବେକ କଟା ହେବା ପରେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଲା ନାହିଁ ଏବଂ ମୁଣ୍ଡଟି ରାହୁ ଓ ଗଣ୍ଡିଟି କେତୁ ହୋଇ ଦୁଇ ପୃଥକ୍ ଗ୍ରହଦେବତା ରୂପେ ପୂଜା ପାଇଲେ। ବିଷ୍ଣୁ ମୋହିନୀରୂପ ଧାରଣ କରି ଅମୃତ କୁମ୍ଭକୁ ଅସୁରଙ୍କ ଦାଉରୁ ରକ୍ଷାକରି ଦେବତାମାନଙ୍କୁ ପାନ କରାଇବା ସମୟରେ ଅସୁର ଓ ଦେବତାଙ୍କ ମଧ୍ୟରେ ଯୁଦ୍ଧ ହେଲା। ଏହି ସମୟରେ ଅମୃତ କୁମ୍ଭରୁ ଅମୃତ ଛିଟିକି ଭାରତର ଚାରୋଟି ସ୍ଥାନରେ ପଡ଼ିଥିଲା। ସେଗୁଡ଼ିକ ହେଲା ପ୍ରୟାଗ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀ।

ଅନ୍ୟ ଏକ କିମ୍ବଦନ୍ତୀ କହେ ଅମୃତ କୁମ୍ଭକୁ ଅସୁରଙ୍କ ଦାଉରୁ ରକ୍ଷା କରିବା ଲାଗି ଦେବଗଣ ବିଷ୍ଣୁଙ୍କ ଶରଣ ପଶିଲେ ଓ ବିଷ୍ଣୁ ଚକ୍ରାନ୍ତ କରି ଏହାକୁ ଇନ୍ଦ୍ରଙ୍କ ପୁଅ ଜୟନ୍ତଙ୍କ ଦ୍ୱାରା ହରଣ କରିବାକୁ ନିର୍ଦ୍ଦେଶ ଦେଲେ। ଜୟନ୍ତ ମହାଶୂନ୍ୟରେ ଅମୃତ କୁମ୍ଭ ହରଣ କରି ଯାଉଥିବା ସମୟରେ ଅସୁରମାନେ ତାଙ୍କର ଅନୁଧାବନ କଲେ ଓ ଜୟନ୍ତଙ୍କ ସହ ତାଙ୍କର ଯୁଦ୍ଧ ହେଲା। ଏକ ହାତରେ ଅମୃତ କୁମ୍ଭ ଓ ଅନ୍ୟ ହାତରେ ଖଡ୍ଗ ଧରି ଯୁଦ୍ଧ କରିବା ସମୟରେ ଅମୃତ କୁମ୍ଭରୁ ଅମୃତ ଚହଲି ଭାରତର ପ୍ରୟାଗ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ପଡ଼ିଲା। ଯେହେତୁ ଅମୃତ ଏଠାରେ ପଡ଼ିଛି, ଏହି ସବୁ ଜାଗାରେ ଆପାଦମସ୍ତକ ସ୍ନାନ କଲେ ସମସ୍ତ ପାପ ନାଶ ହୋଇ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ଲୋକବିଶ୍ୱାସ ରହିଛି।

ଉପରିଲିଖିତ ଚାରୋଟି ଜାଗାର କୁମ୍ଭଯୋଗ ସୂର୍ଯ୍ୟ ଓ ରାଶିମାନଙ୍କର ଅବସ୍ଥାନକୁ ନେଇ ପାଳିତ ହୁଏ। ବୃହସ୍ପତି ଓ ସୂର୍ଯ୍ୟ ସିଂହରାଶିରେ ଅବସ୍ଥାନ କରୁଥିବା ବେଳେ ତ୍ର୍ୟମ୍ବକେଶ୍ୱର ନାସିକଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ। ସେହିପରି ବୃହସ୍ପତି ଓ ସୂର୍ଯ୍ୟ ବିଛାରାଶିରେ ଅବସ୍ଥାନ କରିବା ସମୟରେ ଉଜ୍ଜୟିନୀଠାରେ, ବୃହସ୍ପତି ବିଛାରାଶିରେ ଓ ସୂର୍ଯ୍ୟ ମକରରାଶିରେ ଅବସ୍ଥାନ କରିବାବେଳେ ପ୍ରୟାଗଠାରେ ଏବଂ ସୂର୍ଯ୍ୟ ମେଷରାଶିରେ ଅବସ୍ଥାନ କରିବା ସମୟରେ ହରିଦ୍ୱାରଠାରେ କୁମ୍ଭମେଳା ଆୟୋଜିତ ହୁଏ। ବୃହସ୍ପତି ବୃଷରାଶିରେ ସ୍ଥାନିତ ହୋଇ ରବି ଓ ଚନ୍ଦ୍ର ମକରରାଶିରେ ପ୍ରବେଶ କଲେ ମାଘମାସ ଅମାବାସ୍ୟାରେ ମହା କୁମ୍ଭଯୋଗ ପଡ଼େ। ଜ୍ୟୋତିଷ ଶାସ୍ତ୍ରାନୁଯାୟୀ ମକର ସଂକ୍ରାନ୍ତିଠାରୁ ମହାଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ। ଏହି ସମୟରେ ପ୍ରୟାଗର ବାୟୁମଣ୍ଡଳ ଆଧାତ୍ମିକ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ।

ଏଥରର ମହାକୁମ୍ଭମେଳା ତ୍ରିବେଣୀ ସଂଗମ ପ୍ରୟାଗଠାରେ ପାଳନ କରାଯାଉଛି। ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀର ମିଳନ ସ୍ଥଳ ତ୍ରିବେଣୀ ସଂଗମଠାରେ ଏହି ମେଳା ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ପଞ୍ଚାବନ ଦିନଯାଏ ଚାଲିବ, ଯେଉଁଥିରେ ସମଗ୍ର ଦେଶ ତଥା ଭାରତ ବାହାରୁ ଲକ୍ଷ ଲକ୍ଷ ସାଧୁ,ସନ୍ଥ, ବାବାଜି, ମହନ୍ତ, ଧର୍ମଗୁରୁ ଓ ନାଗା ସାଧୁବାବାଙ୍କ ସମେତ ବାରକୋଟି ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କୁମ୍ଭସ୍ନାନର ଶ୍ରେଷ୍ଠ ସ୍ନାନଦିବସ ହେଉଛି 'ମୌନୀ ଅମାବାସ୍ୟା'। ଏହି ଦିନ ବ୍ରହ୍ମା ସୃଷ୍ଟି ସର୍ଜନା କରିଥିଲେ, ସୁତରାଂ ମୌନୀ ଅମାବାସ୍ୟା ସ୍ନାନରେ ମିଳେ ଅମାପ ଆଧାତ୍ମିକ ଶକ୍ତି। ଏହି ସମୟରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସକଳ ଦେବ ଓ ସମସ୍ତ ବେଦର ମିଳନ ଘଟିଥାଏ। ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେ। ଏଥି ମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ। କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ। ଏହି ସ୍ନାନ ସହିତ ଦାନକଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୁଏ। ପ୍ରୟାଗର ଏହି କୁମ୍ଭମେଳା ବାରବର୍ଷରେ ଥରେ ପାଳନ କରାଯାଉଛି। ପ୍ରୟାଗର କୁମ୍ଭମେଳା ବିଶ୍ୱର ସର୍ବବୃହତ୍ ଧାର୍ମିକ ସମାବେଶ। ସନାତନ ସଂସ୍କୃତିରେ କୁମ୍ଭମେଳାର ଏକ ଅତି ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଶାସ୍ତ୍ର ମତରେ କୁମ୍ଭମେଳାରେ ସ୍ନାନ କଲେ ମୋକ୍ଷପ୍ରାପ୍ତି ହୁଏ। ଏହାଦ୍ୱାରା ମଣିଷ ଧର୍ମାଧିକାରୀ ହୁଏ ବୋଲି ଜନବିଶ୍ୱାସ ଦୃଢ଼। କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମଧ୍ୟ ତାଙ୍କ କାବ୍ୟରେ 'ପ୍ରୟାଗେ ସ୍ନାନ ମକରେ'ର ଉଲ୍ଲେଖ କରି ପ୍ରକାରାନ୍ତରେ ଏହାର ଆଧ୍ୟାତ୍ମିକ ମହତ୍ତ୍ୱକୁ ସ୍ୱୀକାର କରିଛନ୍ତି।

କନକବଟ, ଶାଶ୍ୱତବିହାର, ଶୈଳଶ୍ରୀବିହାର, ଭୁବନେଶ୍ୱର, ମୋ:୯୪୩୭୧୩୩୫୩୭

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ। ଏ ସବୁ ପରମ୍ପରା ପଛରେ ବହୁ କାହାଣୀ ରହିଛି। ଉତ୍ତରପ୍ରଦେଶର ମହାରାଜଗଞ୍ଜ ଜିଲା ବେଲ୍ୱା ଚୌଧୁରୀ ଗାଁରେ ରହିଛି ଏଭଳି ଏକ ଅଜବ ପରମ୍ପରା। ଏଠାରେ ବର୍ଷରେ ଗୋଟିଏ ଦିନ ବୁଦ୍ଧପୂର୍ଣ୍ଣିମାରେ ଗାଁର ସବୁ ଲୋକ ଘର ଛାଡି ବାହାରକୁ ପଳାଇଯାଆନ୍ତି। ସାଙ୍ଗରେ ଗୃହପାଳିତ ପଶୁଙ୍କୁ ମଧ୍ୟ ନେଇଯାଆନ୍ତି। ଏହାକୁ ସ୍ଥାନୀୟ ଲୋକେ ପରାଓ୍ୱନ ପର୍ବ କହନ୍ତି। ଏହି ଗାଁର ଜନସଂଖ୍ୟା ୪ହଜାର। ଗାଁ ଲୋକଙ୍କ କହିବାନୁସାରେ ୨ଶହ ବର୍ଷ ତଳେ ଗାଁକୁ ଜଣେ ସାଧୁ ବୁଦ୍ଧପୂର୍ଣ୍ଣିମା ଦିନ ଆସିଥିଲେ। ସାଧୁ ଆସିବା ସମ୍ପର୍କରେ ଗାଁ ଲୋକଙ୍କ ପାଖରେ ଖବର ନ ଥିଲା। ତେଣୁ ସାଧୁଙ୍କର ଯଥାର୍ଥ ସ୍ୱାଗତ କରାଯାଇ ପାରି ନ ଥିଲା। ଏଥିରେ କ୍ରୋଧ ପ୍ରକାଶ କରି ସାଧୁ ଅଭିଶାପ ଦେଇଥିଲେ। ତେଣୁ ଗ୍ରାମବାସୀ ଅଭିଶାପରୁ ରକ୍ଷା ପାଇବା ପାଇଁ ଏହି ଦିନ ଗାଁ ଛାଡି ବାହାରକୁ ଚାଲିଯାଇଥାଆନ୍ତି। ଉକ୍ତ ଦିନ ଗାଁରେ ରହୁଥିବା ବ୍ୟକ୍ତି କିମ୍ବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଅଚଳ ପ୍ରାଚୀର ଆକାଶେ ଟେକିଛି ଶିର
ସକଳ ଦୁଆର ରୁଦ୍ଧ ହେଲାରେ ବୀର!
ଶୂନ୍ୟ ନୋହିଛି ତୂଣୀରୁ ତୋହର ତୀର
ନିଭିନାହିଁ ଆଶା ବିଶ୍ୱ ବିଜୟ ପାଇଁ
ପଥ କାହିଁ ? ପଥ କାହିଁ ?

ହେ ଗାୟକ ତୋର ମୁଖରିତ ମୂରଛନା
ନୀରବିଲା ସବୁ ଅନ୍ତର ଅରଚନା
ଯେ ଗୀତ ରଚିଲୁ ଆରେ ଚିର ଆନମନା!
କଣ୍ଠ ତୋହର ନ ପାରିଲା ତାହା ଗାଇ,
ପଥ କାହିଁ ? ପଥ କାହିଁ ?

(ପଥ କାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିମୂର୍ତ୍ତି ସ୍ଥାପନ ପରମ୍ପରା

ମହାଶୟ,

ଧରିତ୍ରୀ (୮।୨) ପୃଷ୍ଠାରୁ ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ପ୍ରବନ୍ଧ 'ପ୍ରତିମୂର୍ତ୍ତି ସ୍ଥାପନର ପରମ୍ପରା' ପଢି ଖୁସିଲାଗିଲା ଯେ 'ଲଲି ରୋଡ' ଗଳ୍ପଟିକୁ ସେ ଭଲଭାବରେ ଅବତାରଣା କରିଛନ୍ତି। ଆଜକୁ ୪୦ ବର୍ଷ ତଳେ ତାହା ଆଇଏସ୍ସି ଇଂଲିଶ ବହିର Pleasure and Profitରେ ଲେଖାଥିଲା। ଏଇ ପରିପ୍ରେକ୍ଷୀରେ ମନେପଡେ ସଦାଶିବ ମିଶ୍ରଙ୍କ ପ୍ରବନ୍ଧ 'ଜୟନ୍ତୀ' ଯାହା 'ଜୋଆନ' ନାମରେ ଜଣେ କୁମାରୀର ଜୀବନ କାହାଣୀ ଯାହାଙ୍କର ଅପୂର୍ବ ବୀରତ୍ୱ ଦେଶକୁ ଆଣି ଦେଇଥିଲା ଅପହୃତ ସ୍ୱାଧୀନତା। କିନ୍ତୁ ପରେ ସେ କି ପୁରସ୍କାର ପାଇଲେ ? ଜଳନ୍ତା ଅଗ୍ନିକୁଣ୍ଡରେ ତାଙ୍କୁ ନିକ୍ଷେପ କରାଗଲା। ପ୍ରତିମୂର୍ତ୍ତିର ଅସଲ ମଣିଷଟି ଗୋଟିଏ ବଳିତା ଯିଏ ନିଜେ ଜଳିପୋଡି ଅନ୍ୟକୁ ଆଲୁଅ ଦେଖାଇଥିଲା। ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ 'ଛବିର ମଣିଷ' ମଧ୍ୟ ଏଇ କଥା କହେ- ମଲାପରେ ଫୁଲମାଳ, ଜୟନ୍ତୀ ସମାରୋହ ଓ ବର୍ଷସାରା ମୁଣ୍ଡଫଟା ଖରା, ବର୍ଷା, ପକ୍ଷୀ ମୁଣ୍ଡରେ ବସୁଥିବା ପ୍ରତିକୃତିକୁ ଦେଖି ତାଙ୍କର ଆତ୍ମା ବୋଧହୁଏ କଷ୍ଟ ପାଉଥିବ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

### ଇଭିଏମ୍ରେ ପ୍ରାର୍ଥୀଙ୍କ ଫଟୋ ରହୁ

୨୦୧୪ ସାଧାରଣ ନିର୍ବାଚନ ଶେଷ ହେବା ପରେ ପରେ ଦେଶର ନିର୍ବାଚନ ଆୟୋଗ ଚିନ୍ତାପ୍ରକଟ କରିଥିଲେ। ସଂସଦ ଓ ବିଧାନସଭା ନିର୍ବାଚନରେ ପ୍ରାର୍ଥୀଙ୍କ ନାମ ସହିତ ଫଟୋ ରଖାଯିବା ଠିକ୍ ବ୍ୟବସ୍ଥା। ଏହାଦ୍ୱାରା ମତଦାତା ଆକୃଷ୍ଟ ହେବା ନିଶ୍ଚିତ। ୨୦୧୯ ସାଧାରଣ ନିର୍ବାଚନରେ ଦେଶ ତଥା ରାଜ୍ୟର ନିର୍ବାଚନ ଆୟୋଗ ଇଭିଏମ୍ରେ ଫଟୋ ସଂଯୋଗ ବ୍ୟବସ୍ଥା କରିବା ଏକ ସଂସ୍କାରବାଦୀ ପଦକ୍ଷେପ ହେବ ବୋଲି ବିଚାର କରାଯାଏ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଦୁରାରୋଗ୍ୟ କର୍କଟ

ଡା. ସୁରେନ୍ଦ୍ର ନାଥ ପତି ଦୁରାରୋଗ୍ୟ କର୍କଟ ଉପରେ ଯାହା ଲେଖିଛନ୍ତି ତାହା ନିଶ୍ଚିତ ଡାକ୍ତରୀ ପାଠରେ ଠିକ୍। ସ୍ୱାଭାବିକ ଭାବେ ମଣିଷ ହେଉଛି ଶାକାହାରୀ। ଶାସ୍ତ୍ର ମତରେ ୮୪ ଲକ୍ଷ ଜନ୍ମ ପରେ କ୍ରମବିବର୍ତ୍ତନ ଫଳରେ ମଣିଷ ଜନ୍ମ ହୁଏ। ଏ ବିଜ୍ଞାନକୁ କେହି ଦେଖୁନାହାନ୍ତି- ମୁଁ ଦିନେ ଏହି ସମସ୍ତ ଜୀବ ଥିଲି, ସେହିମାନଙ୍କୁ ଆଜି ଖାଉଛି। ଯେପରି ଧାନ ରୋଇବାର ୩ ସପ୍ତାହ ପରେ ପିଲ ସାର ଦିଆଯାଏ ତା' ପୂର୍ବରୁ ସାର ଦେଲେ ଅଫଳନ୍ତି ପିଲ ବାହାରେ। ସେହିପରି ମାଂସାହାରୀ ଖାଦ୍ୟ ପାଇଁ କର୍କଟ କୋଷର ବୃଦ୍ଧି ହୁଏ। ବେଦରେ ଅଛି- ଲୌହ ବାସନରେ ଖାଇବା କଥା ନୁହେଁ, ଯାହା ରୋଗ ସୃଷ୍ଟିର ଏକ କାରଣ। ଏସବୁ ଶାସ୍ତ୍ର ବଚନ ମାନୁ ନ ଥିବାରୁ ସାଧାରଣ ଲୋକଙ୍କ ପରି ବହୁ ଡାକ୍ତରଙ୍କର ବି ଆଜି ଉଚ୍ଚ ରକ୍ତଚାପ, ମଧୁମେହ, କର୍କଟ ରୋଗ ହେଉଛି। ସେମାନେ ତ ଏତେ ପାଠ ପଢ଼ିଛନ୍ତି ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧରେ ଜାଣିଛନ୍ତି, ତା'ହେଲେ ସେମାନଙ୍କର ରୋଗ ହେଉଛି କାହିଁକି ? କଥାରେ ଅଛି- ଲମ୍ପଟୀ ସନ୍ୟାସୀ କପଟୀ ଯୋଗୀ, ଦାରୀ ପୁତ୍ରବତୀ ବଇଦ ରୋଗୀ। ଲାଜୁଆ ବ୍ରାହ୍ମଣ କାଶୁଆ ଚୋର, ଏ ଛ' ଜଣଙ୍କ ବୁଡଇ ଘର।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚର୍ଚ୍ଚାରେ ବିଜେଡି ଟିକେଟ




**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୮।୨**

ଯାଜପୁର ଜିଲା ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ୩ ଦଶନ୍ଧି ହେଲା ଗୋଟିଏ ପରିବାର ସଦସ୍ୟ ନିର୍ବାଚିତ ହୋଇ ଆସୁଛନ୍ତି। ଶିଳ୍ପ ଓ ଖଣି ସମୃଦ୍ଧ ଏହି ନିର୍ବାଚନ ମଣ୍ଡଳୀରେ ଏଥର ପଟ ପରିବର୍ତ୍ତନ କିମ୍ବା ରାଜନୈତିକ ସମୀକରଣ ବଦଳିବାର ସମ୍ଭାବନା ରହିଥିବା ଚର୍ଚ୍ଚା ଜୋର ଧରିଛି। ପ୍ରତି ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଏଠାରେ କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି। ଏଥର ବିରୋଧୀଙ୍କ ପାଇଁ ବହୁ ସମ୍ଭାବନା ରହିଥିବା ସତ୍ତ୍ୱେ ସେମାନେ ସୁଯୋଗକୁ ହାତଛଡା କରୁଥିବା ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି ।

ସୁକିନ୍ଦା ବ୍ଲକର ୨୫ ଓ ଦାନଗଦି ବ୍ଲକର ୨୩ ପଞ୍ଚାୟତକୁ ନେଇ ଗଠିତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଢେଙ୍କାନାଳ ଜିଲାକୁ ଲାଗିଛି । ଏହାର ପୂର୍ବକୁ କୋରେଇ ଓ ଦକ୍ଷିଣକୁ ରହିଛି ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ। ସୁକିନ୍ଦା ନିର୍ବାଚନମଣ୍ଡଳୀ ଖଣିଜ ସମ୍ପଦରେ ଭରପୂର ଥିବାବେଳେ ଏଠାରେ ୮ ବୃହତ୍ କମ୍ପାନୀ ସହ ୧୩ କ୍ରୋମାଇଟ ଖଣି କାର୍ଯ୍ୟକ୍ଷମ ରହିଛି। ହେଲେ ଗତ ୫ ବର୍ଷ ମଧ୍ୟରେ ସୁକିନ୍ଦା ବ୍ଲକର ନଗଡାରେ ଅପପୁଷ୍ଟି ଭଳି ଚିତ୍ର ସାରା ବିଶ୍ୱରେ ବଦ୍‌ନାମ ଆଣିଛି।

ରାଜନୈତିକ ଛତ୍ରଛାୟା ତଳେ ରହି ଖଣିଜ ସମ୍ପଦକୁ ଉତ୍ତୋଳନ କରି ଖଣିସଂସ୍ଥା ଲାଭବାନ ହେଉଥିବାବେଳେ ସ୍ୱର୍ବସ୍ୱାନ୍ତ ହୋଇଛନ୍ତି ଶିଳ୍ପ ପାଇଁ ନିଜର ଭିଟାମାଟି ଛାଡିଥିବା ଲୋକେ। ଆଦିବାସୀବହୁଳ ଏହି ନିର୍ବାଚନମଣ୍ଡଳୀରେ ବିଶୁଦ୍ଧ ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ଭାଜପା ଓ କଂଗ୍ରେସର ସାଂଗଠନିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଥିବାରୁ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଏହି ଦୁଇ ଦଳ ସାହସ ଜୁଟାଇ ପାରୁନାହାନ୍ତି। ଏପରି କି ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲେ ହେଁ ବିରୋଧୀ ଏହାର ଫାଇଦା ନେବାକୁ ମଧ୍ୟ କୌଣସି ରଣନୀତି ପ୍ରସ୍ତୁତ କରିପାରୁ ନାହାନ୍ତି।

**ଗତ ୨ ନିର୍ବାଚନର ଫଳାଫଳ**

| କ୍ର.ନ. | ପ୍ରାର୍ଥୀ | ଦଳ | ୨୦୧୪ | ୨୦୦୯ |
|---|---|---|---|---|
| ୧ | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ | ବିଜେଡି | -- | ୫୮୭୬୫ |
| ୧ | ପ୍ରୀତିରଞ୍ଜନ ଘଡ଼େଇ | ବିଜେଡି | ୫୮୧୨୨ | -- |
| ୨ | ଶରତ ରାଉତ | କଂଗ୍ରେସ | ୫୩୪୧୮ | ୫୬୩୬୨ |
| ୩ | ପ୍ରଦୀପ ବଳସାମନ୍ତ | ସ୍ୱାଧୀନ | ୧୭୯୨୭ | -- |
| ୪ | ରବୀନ୍ଦ୍ର ଜାରିକା | ଆମ ଓଡ଼ିଶା | ୬୩୧୪ | -- |
| ୫ | ଅଭିନ୍ନ କୁମାର ହୋତା | ଭାଜପା | ୩୭୩୮ | -- |
| ୬ | ଦୋଳଗୋବିନ୍ଦ ମହନ୍ତ | ଭାଜପା | -- | ୨୪୨୮ |

**ନିର୍ବାଚନମଣ୍ଡଳୀର ଜନସଂଖ୍ୟା: ୨,୬୨,୫୬୨**
(ପୁରୁଷ-୧,୩୩,୦୬୮ ଓ ମହିଳା-୧,୨୯,୪୯୪)

**ଭୋଟର ସଂଖ୍ୟା: ୧,୯୧,୬୦୩**
(ପୁରୁଷ-୯୯,୧୭୭, ମହିଳା-୯୨,୪୨୪ ଓ ଅନ୍ୟାନ୍ୟ-୨ଜଣ)

ତାହାର ଫାଇଦା ବିଜେଡି ପାଉଛି ବୋଲି କୁହାଯାଉଛି।

ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ପ୍ରୀତିରଞ୍ଜନ ଘଡେଇ ପୁଣି ଟିକେଟ ପାଇବାକୁ ଦୃଢ଼ ଆଶା ରଖିଛନ୍ତି। ସେ ଗତ ନିର୍ବାଚନରେ ୫୮,୧୨୨ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଶରତ ରାଉତ ୫୩,୪୧୮ ଭୋଟ ପାଇଥିଲେ। ଏଠାରେ ଭୋଟ ବ୍ୟବଧାନ ମାତ୍ର ୪,୭୦୪ ରହିଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ଭାଜପାରେ ଥିବା ପ୍ରଦୀପ ବଳସାମନ୍ତ(ଟୁଟୁ) ସ୍ୱାଧୀନ ପ୍ରାର୍ଥୀ ଭାବେ ୧୭,୯୨୭ ଭୋଟ ପାଇଥିଲେ। ତେବେ ନଗଡା ପାଇଁ ବଦନାମ ଏବଂ ଶିଳ୍ପ ଓ ଖଣି କମ୍ପାନୀରେ ଅଯଥା ହସ୍ତକ୍ଷେପ ଯୋଗୁ ଏଥର ଘଡେଇ ପରିବାରକୁ ବାଦ୍ ଦେଇ ବରିଷ୍ଠ ଶ୍ରମିକ ନେତା ମାୟାଧର ନାୟକ କିମ୍ବା ତାଙ୍କ ପୁଅ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ସୁକିନ୍ଦାରେ ପ୍ରାର୍ଥୀ କରିବାକୁ ବିଜେଡି ଯୋଜନା ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କୋରେଇ ବିଧାନସଭା ଆସନରେ ଜଣେ ସରକାରୀ ଅଧିକାରୀ ବିଜେଡି ଟିକେଟ ଦୌଡ଼ରେ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ବିଧାୟକ ଆକାଶ କୁହନ୍ତି ଯେ, କୋରେଇ ହେଉଛି ତାଙ୍କ ଜନ୍ମମାଟି। କୋରେଇ ଅଞ୍ଚଳର ବିକାଶ ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ହେଲେ ଦଳର ସଭାପତି ଯାହା ଚାହିଁବେ ତାହାକୁ ସେ ଗ୍ରହଣ କରିବେ। ଶ୍ରମିକ ନେତା ମାୟାଧର କୁହନ୍ତି, ଯଦି ବିଜେଡିରୁ ତାଙ୍କୁ ଟିକେଟ ମିଳେ ତେବେ ସେ ନିଶ୍ଚିତ ଭାବେ ସୁକିନ୍ଦାବାସୀଙ୍କ ସେବାରେ ନିର୍ବାଚନ ଲଢ଼ିବେ। ଉଲ୍ଲେଖଯୋଗ୍ୟ, ମାୟାଧର ୧୯୭୭ରେ ସୁକିନ୍ଦାରୁ ଏସ୍‌ୟୁସିଆଇ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୯୦୩୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲାବେଳେ ଜନତା ପାର୍ଟିରୁ ଆନନ୍ଦମଞ୍ଜରୀ ଦେବୀ ୧୨,୮୫୩ ଭୋଟ ପାଇ ବିଜୟୀ ହୋଇଥିଲେ। ୧୯୮୦ ନିର୍ବାଚନରେ କଂଗ୍ରେସରୁ ଶରତ ୨୨,୬୪୦ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଏସ୍‌ୟୁସିଆଇରୁ ମାୟାଧର ୧୫,୭୧୮ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ବର୍ତ୍ତମାନ ସୁକିନ୍ଦାରେ ବିଜେଡି ଟିକେଟ୍ ପାଇବା ପାଇଁ ଆଉ ଜଣେ ଆଶାୟୀ ହେଲେ ମହେନ୍ଦ୍ର ଧଳ। ତାଙ୍କୁ ପୂର୍ବରୁ ବିଜେଡିରୁ ନିଲମ୍ବିତ କରାଯାଇଥିଲେ ମଧ୍ୟ ସେ ଏଥର ଆଶା ରଖିଥିବା କହିଛନ୍ତି। ଏପରି କି ସେ ଦଳୀୟ ବ୍ୟାନରରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏନେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି ଯେ, ଦଳର ସଭାପତି ଯାହା ଚାହିଁବେ ତାହାକୁ ସେ ମାନିବାକୁ ପ୍ରସ୍ତୁତ।

୧୯୮୦ରେ କଂଗ୍ରେସରୁ ଶରତ ରାଉତ ପ୍ରଥମେ ବିଧାୟକ ନିର୍ବାଚିତ ହୋଇଥିଲେ। ୧୯୮୫ରେ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇ ମନ୍ତ୍ରୀ ପଦ ମଧ୍ୟ ଅଳଙ୍କୃତ କରିଥିଲେ। ୧୯୯୦ରୁ ଶରତଙ୍କ ବିଜୟ ପଥରେ ପୂର୍ଣ୍ଣଚ୍ଛେଦ ପଡିଛି। ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ଲଗାତର ବିଧାୟକ ଭାବେ ଜିତି ବିଭିନ୍ନ ମନ୍ତ୍ରୀପଦ ପାଇଛନ୍ତି। ଗତ କିଛି ବର୍ଷ ହେଲା ଶରତଙ୍କୁ ନିର୍ବାଚନ ମଣ୍ଡଳୀରେ ସେତେଟା ଦେଖିବାକୁ ମିଳୁନାହିଁ। ଫଳରେ କଂଗ୍ରେସ ଛାଡି ସୁକିନ୍ଦା ବ୍ଲକର ପୂର୍ବତନ ସଭାପତି ଅମଳେନ୍ଦୁ ବେହୁରାଙ୍କ ସମେତ ବହୁ ଆଗଧାଡିର କଂଗ୍ରେସ ନେତା ଏବେ ବିଜେଡି କ୍ୟାମ୍ପରେ ରହିଛନ୍ତି। ବର୍ତ୍ତମାନ ଅନ୍ୟ କେହି ନେତା କଂଗ୍ରେସ ଟିକେଟ ପାଇଁ ଆଗ୍ରହୀ ଥିବା ଜଣାପଡୁନାହିଁ। ଏନେଇ ଶରତ ରାଉତ କୁହନ୍ତି, ବିରୋଧୀ ଦଳର ଭୂମିକା ଏଠାରେ ନ୍ୟୂନ ନୁହେଁ। ବିରୋଧୀ ଦଳ ଏଠାରେ ବହୁତ ପ୍ରଭାବଶାଳୀ। କଂଗ୍ରେସରୁ ସେ ଏକମାତ୍ର ପ୍ରାର୍ଥୀ ରହିଛନ୍ତି। ଯଦି ଅନ୍ୟ କିଏ ଆଗ୍ରହୀ ଅଛନ୍ତି ତାହା ତାଙ୍କୁ ଜଣାନାହିଁ ବୋଲି ଶରତ କହିଛନ୍ତି ।

ଗତ ପଞ୍ଚାୟତ ନିର୍ବାଚନ ପରେ ଭାଜପାରେ ଯୋଗଦେଇଥିବା ପ୍ରଦୀପ ବଳସାମନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟକୁ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛନ୍ତି। ହେଲେ ଦଳରେ ଗୋଷ୍ଠୀ କନ୍ଦଳ ରହିଛି, ଯାହା ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଏନେଇ ପ୍ରଦୀପ କୁହନ୍ତି, ଭାଜପାରୁ ସେ ଟିକେଟ ପାଇବା ନିଶ୍ଚିତ। ଦଳରେ କୌଣସି ଗୋଷ୍ଠୀକନ୍ଦଳ ନାହିଁ।

# ପରୀକ୍ଷାକୁ ଶୃଙ୍ଖଳିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

- ମାଟ୍ରିକ୍ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି
- ପ୍ରଶ୍ନପତ୍ରରେ ତ୍ରିସ୍ତରୀୟ 'କଭର' ବ୍ୟବସ୍ଥା
- ପରୀକ୍ଷା ଦିନ ସକାଳୁ ପହଞ୍ଚିବ ପ୍ରଶ୍ନପତ୍ର
- ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ମନା

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ଚଳିତବର୍ଷ ପ୍ରଶ୍ନପତ୍ର ପରୀକ୍ଷା ଦିନ ସକାଳ ୬ଟାରୁ ୮ଟା ୩୦ ମଧ୍ୟରେ ସମ୍ପୃକ୍ତ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ପହଞ୍ଚାଇ ଦିଆଯିବ। ପ୍ରଶ୍ନପତ୍ରରେ ତ୍ରିସ୍ତରୀୟ 'କଭର' ବ୍ୟବସ୍ଥା ରହିବ। ପ୍ରଶ୍ନପତ୍ରର ୨ୟ ସ୍ତର ସିଲ୍ ପରୀକ୍ଷା ହଲ୍‌ରେ ନିରୀକ୍ଷକ ଏବଂ ପରୀକ୍ଷାର୍ଥୀମାନଙ୍କ ସାମ୍ନାରେ ଖୋଲାଯିବ। ପରେ ପରୀକ୍ଷାର୍ଥୀ ନିଜେ ତୃତୀୟ ସ୍ତର ସିଲ୍ ଖୋଲି ଉତ୍ତର ଲେଖିବେ। ପରୀକ୍ଷା ସେଣ୍ଟର ଭିତରକୁ ମୋବାଇଲ୍ ଫୋନ୍ ବାରଣ କରାଯାଇଛି। ପରୀକ୍ଷା ନିରୀକ୍ଷକ ବା ପରୀକ୍ଷା ସହ ସମ୍ପୃକ୍ତ କୌଣସି କର୍ମଚାରୀ ଅଥବା ଅଧିକାରୀ ସେଣ୍ଟର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ। କପି ବନ୍ଦ ପାଇଁ ଛାତ୍ରୀ ଓ ଛାତ୍ରମାନଙ୍କୁ ପୃଥକ୍ ଭାବେ କଡ଼ା ଯାଞ୍ଚ କରାଯିବ। ପରୀକ୍ଷା ନିରୀକ୍ଷଣ ପାଇଁ ୫୮ଟି ଫ୍ଲାଇଂ ସ୍କ୍ୱାଡ୍, ୪୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ୬ଟି ଜୋନାଲ୍ ସ୍କ୍ୱାଡ୍ ଗଠନ କରାଯାଇଛି। ଆବଶ୍ୟକତା ଅନୁସାରେ ପରୀକ୍ଷା କେନ୍ଦ୍ର ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯିବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ସୋମବାର ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଏହି ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରୀକ୍ଷା କେନ୍ଦ୍ର ପରିଚାଳନା, ପ୍ରଶ୍ନପତ୍ର ପ୍ୟାକେଟ୍ ବିତରଣ, ଉତ୍ତରଖାତାର ପରିବହନ, ମୂଲ୍ୟାୟନ, ଆଇନ ଶୃଙ୍ଖଳା ଓ ସୁରକ୍ଷା ଆଦି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ପାଢ଼ୀ ଓ ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାୱାରି ପ୍ରସ୍ତୁତିର ସମୀକ୍ଷା କରିଥିଲେ।

**ଗୁରୁତ୍ୱପୂର୍ଣ୍ଣ ସୂଚନା**

INDIAN RAILWAYS

ସମ୍ବଲପୁର୍ ରେଳମଣ୍ଡଳର୍ ବିଭିନ୍ନ ସେକ୍ସନ ଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 18211 | ଦୁର୍ଗ - ଜଗଦଲପୁର ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ | ଦୁର୍ଗ | 17.02.2019 ଠାରୁ 28.03.2019 ପର୍ଯ୍ୟନ୍ତ |
| 18212 | ଜଗଦଲପୁର - ଦୁର୍ଗ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ | ଜଗଦଲପୁର | 18.02.2019 ଠାରୁ 29.03.2019 ପର୍ଯ୍ୟନ୍ତ |
| 58528 | ବିଶାଖାପାଟଣା - ରାୟପୁର ପାସେଞ୍ଜର | ବିଶାଖାପାଟଣା | 13.02.2019 ଠାରୁ 22.02.2019 ପର୍ଯ୍ୟନ୍ତ |
| 58527 | ରାୟପୁର - ବିଶାଖାପାଟଣା ପାସେଞ୍ଜର | ରାୟପୁର | 14.02.2019 ଠାରୁ 23.02.2019 ପର୍ଯ୍ୟନ୍ତ |
| 58301 | ସମ୍ବଲପୁର - କୋରାପୁଟ ପାସେଞ୍ଜର | ସମ୍ବଲପୁର | 15.02.2019 ଠାରୁ 24.02.2019 ପର୍ଯ୍ୟନ୍ତ |
| 58302 | କୋରାପୁଟ - ସମ୍ବଲପୁର ପାସେଞ୍ଜର | କୋରାପୁଟ | 16.02.2019 ଠାରୁ 25.02.2019 ପର୍ଯ୍ୟନ୍ତ |
| 58303 | ସମ୍ବଲପୁର - କୁନାଗଡ଼ ରୋଡ଼ ପାସେଞ୍ଜର | ସମ୍ବଲପୁର | 15.02.2019 ଠାରୁ 24.02.2019 ପର୍ଯ୍ୟନ୍ତ |
| 58304 | କୁନାଗଡ଼ ରୋଡ଼ - ସମ୍ବଲପୁର ପାସେଞ୍ଜର | କୁନାଗଡ଼ ରୋଡ଼ | 16.02.2019 ଠାରୁ 25.02.2019 ପର୍ଯ୍ୟନ୍ତ |
| 58529 | ଦୁର୍ଗ - ବିଶାଖାପାଟଣା ପାସେଞ୍ଜର | ଦୁର୍ଗ | 15.02.2019 ଠାରୁ 24.02.2019 ପର୍ଯ୍ୟନ୍ତ |
| 58530 | ବିଶାଖାପାଟଣା - ଦୁର୍ଗ ପାସେଞ୍ଜର | ବିଶାଖାପାଟଣା | 15.02.2019 ଠାରୁ 24.02.2019 ପର୍ଯ୍ୟନ୍ତ |
| 58217 | ଟିଟିଲାଗଡ଼ - ରାୟପୁର ପାସେଞ୍ଜର | ଟିଟିଲାଗଡ଼ | 15.02.2019 ଠାରୁ 24.02.2019 ପର୍ଯ୍ୟନ୍ତ |
| 58218 | ରାୟପୁର - ଟିଟିଲାଗଡ଼ ପାସେଞ୍ଜର | ରାୟପୁର | 16.02.2019 ଠାରୁ 25.02.2019 ପର୍ଯ୍ୟନ୍ତ |



**ପୂର୍ବ ତଟ ରେଳପଥ**

PR-483/J/18-19

# ନବ ନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଦେବ ଭାଜପା

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

କୃଷକମାନଙ୍କ ପ୍ରାଇସ୍,ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୧ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ଦାବି ନେଇ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ରାଜଧାନୀରେ ଆନ୍ଦୋଳନ କରିବା ପାଇଁ ଚେଷ୍ଟା କରାଯାଇଛି ହେଲେ ସରକାର ଏହା କରାଇ ଦେଇନାହାନ୍ତି, ଯାହାକୁ ବିରୋଧ କରି ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ସଙ୍ଗଠନର ରାଜ୍ୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି। ଅନ୍ୟପଟେ ସଙ୍ଗଠନର ଏହି ବନ୍ଦ ଡାକରାକୁ ଭାଜପା ସମର୍ଥନ କରିବ ବୋଲି ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୋମବାର ସୂଚନା ଦେଇଛନ୍ତି। ଅପରପକ୍ଷରେ ନବ ନିର୍ମାଣ ସଙ୍ଗଠନ ଏହି ବନ୍ଦ ପାଳନରୁ ନିବୃତ୍ତ ରୁହନ୍ତୁ ବୋଲି ସରକାର ଅନୁରୋଧ କରିଛନ୍ତି। ଅପରପକ୍ଷରେ ନବନିର୍ମାଣ କୃଷକ ସଙ୍ଗଠନ ବନ୍ଦ ଡାକାରାରୁ ଓହରି ଯିବାକୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ହାଇ ସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ ପରୀକ୍ଷା) ଆସନ୍ତା ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନ ପତ୍ର ଓ ଉତ୍ତର ଖାତା ସମସ୍ତ କେନ୍ଦ୍ରକୁ ପୂର୍ବଦିନ ଅର୍ଥାତ୍ ୨୧ତାରିଖରେ ପଠାଯିବାର ବ୍ୟବସ୍ଥା କରାଯାଇଛି। ପ୍ରାୟ ୬ଲକ୍ଷ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ମଚାରୀମାନେ ପରୀକ୍ଷା କେନ୍ଦ୍ରକୁ ଯିବେ। ଏଣୁ ପରୀକ୍ଷାର୍ଥୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବନିର୍ମାଣ କୃଷକ ସଙ୍ଗଠନ ବନ୍ଦ ଡାକରାରୁ ନିବୃତ୍ତ ରହିବା ଲାଗି ଅନୁରୋଧ କରାଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଷ୍ଟ୍ରାଣ୍ଡଜା ବକ୍ସିଂ: ଫାଇନାଲରେ ଜରୀନ

**ନୂଆଦିଲ୍ଲୀ, ୧୮।୨(ପି.ଟି.)**

ବୁଲଗେରିଆର ସୋଫିଆଠାରେ ଚାଲିଥିବା ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତ ପୂର୍ବତନ ଜୁନିୟର ମହିଳା ବିଶ୍ୱ ଚାମ୍ପିୟନ ନିଖାତ ଜରୀନ ୫୧ କେ.ଜି. ବର୍ଗ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଦୁଇଥର ଜାତୀୟ ଚାମ୍ପିୟନଶିପ୍ ହାସଲ କରିଥିବା ଜରୀନ ସେମିରେ ପୋଲାଣ୍ଡର ସାଣ୍ଡ୍ରା ଡ୍ରାବିକ୍‌ଙ୍କୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲେ। ଫାଇନାଲକୁ ଉଠିଥିବା ଅନ୍ୟ ଦୁଇ ମହିଳା ବକ୍ସର ହେଲେ ମଞ୍ଜୁ ରାନୀ (୪୮ କେ.ଜି.) ଓ ମୀନା କୁମାରୀ ଦେମୀ (୫୪ କେ.ଜି.)।

**NEHRU YUVA KENDRA, BARGARH**

**Government of India**
**Ministry of Youth Affairs & Sports**
**NATIONAL YOUTH CORPS**
**CALL FOR NATIONAL VOLUNTEERS**

Government of India seeks young persons to help channelize their energies and capabilities towards nation building activities by organizing them into volunteers groups. You shall be asked to spearhead campaigns/ awareness programme about health, literacy, sanitation, gender and other social issues and may also be called upon to assist the administration in emergency or implementation of various programmes.

**Eligibility:**
i) Minimum Education: Class 10th Pass.
ii) Age 18 years and below 29 years as on 01.04.2018.
iii) No regular students are eligible for applying for NYC volunteership.
iv) Applicants must be a resident of the concern block.

**Honorarium**
Rs. 5000/- per month. This is neither a paid employment nor confers any legal right on the volunteer to claim employment with the Government.

**How to Apply:**
Visit the department's website for details of the scheme, application form and apply to the under mentioned office by 03.03.2019 (www. nyks.nic.in). For any clarification, contact the undersigned.

**District Youth Coordinator**
**Nehru Yuva Kendra, Bargarh**
**Address: Satpathy Villa, Khajurtikra, Bargarh (768028)**
**Phone No.: 06646-231344, Mob: 9437110222**

State Bank of India

**Regional Business Office, Region-V, Bandutikra Chowk, VSS Nagar, N.H.-6, Dist: Bargarh (Odisha), Pin: 768028, Tel: 06646-247054, Fax: 06646-247054**

**Letter No. ZO/SAM/RBO-V/HR/42/32** **Date: 13.11.2018**

**Shri Jyoti Prakash Mishra**
Ramji Nagar, Patavadi,
Sonepur, Dist- Sonepur-767017

Dear Sir,

**STAFF: AWARD VOLUNTARY CESSATION OF EMPLOYMENT NOTICE UNDER CLAUSE 33 OF THE EIGHTH BIPARTITE SETTLEMENT DATED 02.06.2005**

It is observed that you have been absenting from work consecutively for a period of more than 90 days since 05.05.2017, without prior sanction of leave. In this connection we refer to our registered notices date 13.03.2018 and 13.04.2018 respectively, issued under the Clause 33 of the Eights Bipartite Settlement dated 2nd June 2005, advising you to report for work within 30 days from date of respective notices. It is, however, observed that you have not complied within the instructions contained in the above notices.

Since you have failed to report for work inspite of the above notices, it is deemed that you have voluntarily vacated your employment with effect from 13.05.2018 and accordingly your name has been struck off from the rolls of the Bank in terms of Clause 33 of the Eighth Bipartite Settlement dated 2nd June 2005.

You are hereby called upon to pay to the Bank within 15 days of the date of this notice, one month's pay and allowances in lieu of notice failing which, the Bank will be constrained to file a suit for recovery of the same without prejudice to its right to set off terminal dues and any other amounts that may be due to you towards satisfaction of the amounts you are required to pay of the Bank.

*Your's Faithfully*
**Regional Manager**
**& Appointing Authority**

**NEHRU YUVA KENDRA, SAMBALPUR**

**Government of India**
**Ministry of Youth Affairs & Sports**
**NATIONAL YOUTH CORPS**
**CALL FOR NATIONAL VOLUNTEERS**

Government of India seeks young persons to help channelize their energies and capabilities towards nation building activities by organizing them into volunteers groups. You shall be asked to spearhead campaigns/ awareness programme about health, literacy, sanitation, gender and other social issues and may also be called upon to assist the administration in emergency or implementation of various programmes.

**Eligibility:**
i) Minimum Education: Class 10th Pass.
ii) Age: 18 years and below 29 years as on 01.04.2018.
iii) No regular students are eligible for applying for NYC volunteership.
iv) Applicants must be a resident of the concern block.

**Honorarium**
Rs. 5000/- per month. This is neither a paid employment nor confers any legal right on the volunteer to claim employment with the Government.

**How to Apply:**
Visit the department's **website for details of the scheme, application form and apply to the under mentioned office by 03.03.2019 (www.nyks.nic.in).** For any clarification, contact the undersigned.

**District Youth Coordinator**
**Nehru Yuva Kendra, Sambalpur**
**Address: Anguliapara, Ainthapali, Sambalpur (768004)**
**Phone No: 0663-2541047, Mob: 7205692903**

**ଆଜି ଏମ୍ ଆର୍ ଏଫ୍ ଟାୟାର ରେଢାଖୋଲ୍‌ରେ ଏକ୍ସକ୍ଲୁସିଭ୍ ଶୋରୂମ୍ ଖୋଲୁଅଛି ।**




**ବଂଶଲ୍ ଟାୟାର୍ସ**

**ଏମ୍ ଆର୍ ଏଫ୍ ଏକ୍ସକ୍ଲୁସିଭ୍ ଶୋରୂମ୍**

**ଏନ୍ ଏ ସି ଅଫିସ୍ ସାମନା, ଟିଭିଏସ୍ ସୋରୂମ୍ ପାଖରେ, ରେଢାଖୋଲ୍**

ଆଜି ଗୋଟିଏ ବିଶିଷ୍ଟ ଶୋରୂମ୍ ଖୋଲୁଛି, ଯେଉଁଠି ରେଢାଖୋଲ୍ ଯାନ ଚାଳକମାନଙ୍କ ପାଇଁ, ଟାୟାର କିଣିବାର ଏକ ନୂଆ ଅନୁଭବ ମିଳିବ । ଏହି ଶୋରୁମ୍‌ରେ ଆପଣଙ୍କ ପସନ୍ଦିଆ ଏମ୍ ଆର୍ ଏଫ୍ ଟାୟାର ଓ ଟ୍ୟୁବ୍‌ସ ବ୍ୟବହାରର ସମସ୍ତ ସୂଚନା ରଖା ଯାଇଛି, ଏବଂ ଉତ୍ତମ ସେବା ଯୋଗେଇବାର ବ୍ୟବସ୍ଥା ବି ରହିଛି, ଯେପରିକି ଆପଣଙ୍କ ଟାୟାର ଦୀର୍ଘ ଦିନ ପର୍ଯ୍ୟନ୍ତ ସଫଳତା ପୂର୍ବକ ଆପଣଙ୍କ ସେବା କରିପାରିବ ।

ତେଣୁ ବିଚାରରେ ସମୟ ନଷ୍ଟ କରନ୍ତୁ ନାହିଁ । ଟାୟାର ଆବଶ୍ୟକ ହେଲେ ବଂଶଲ୍ ଟାୟାର୍ସ ଆଡକୁ ଗାଡି ବୁଲାନ୍ତୁ ଆଉ ତତ୍ପର ଓ ଉତ୍ସାହପୂର୍ଣ୍ଣ ଗ୍ରାହକ ସେବାର ଲାଭ ନିଅନ୍ତୁ ।

*ଉଦ୍‌ଘାଟନ ଆଜି: 11:00 AM*

**ବଂଶଲ୍ ଟାୟାର୍ସ**
ଏନ୍ ଏ ସି ଅଫିସ୍ ସାମନା
ଟିଭିଏସ୍ ସୋରୂମ୍ ପାଖରେ
ରେଢାଖୋଲ୍
ଓଡିଶା - 768 106.
Mobile: 99370 75305
70083 00560

MRF TYRES
Tyres with Muscle

ଡିଲରସିପ୍, ଅନୁସନ୍ଧାନ, ଦୟାକରି ଏମ୍ ଆର୍ ଏଫ୍ ଲିମିଟେଡ ଟୋଲ୍‌ଫ୍ରୀ ନଂ 1800 419 4888 ରେ ସମ୍ପର୍କ କରନ୍ତୁ ।
www.mrftyres.com

For further assistance, contact: write2us@mrfmail.com
Like us at: https://www.facebook.com/mrfcorporate Follow us at: twitter.com/MRFWorldwide



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପିଠାରେ ଭତ୍ତା ବଣ୍ଟନରୁ ସରପଞ୍ଚ ତାତିଲେ

ବାମରା,୧୮।୨(ସ୍ୱ.ପ୍ର.)
ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ସୋମବାର ପିଠା କାର୍ଯ୍ୟକ୍ରମରେ ଭତ୍ତା ବଣ୍ଟନକୁ କେନ୍ଦ୍ର କରି ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝି ପାଟିତୁଣ୍ଡ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଅଜାଣରେ ବିଡିଓ ମନମୁଖୀ ଭାବେ ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ଭତ୍ତା ବଣ୍ଟନ କରିଥିବା ନେଇ ସରପଞ୍ଚ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ବାମରା ବିଡିଓ ସୁଶୀଲ କୁଜୁରଙ୍କୁ ପଚାରିବାରୁ ପିଠା କାର୍ଯ୍ୟକ୍ରମରେ ଭତ୍ତା ବଣ୍ଟନ ପାଇଁ ସରକାରୀ ଆଦେଶ ରହିଛି। ସେ କୌଣସି ନିୟମ ବିରୋଧୀ କାମ କରିନାହାନ୍ତି ବୋଲି କହିଛନ୍ତି।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଦେବଗଡ, ୧୮।୨(ସ୍ୱ.ପ୍ର)
ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନଙ୍କୁ ଦେବଗଡ ପୋଲିସ ପକ୍ଷରୁ ଏସପି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବି ନାରାୟଣ. ସିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ । ସେହିପରି ଜିଲା କୃଷି ବିଭାଗ କାର୍ଯ୍ୟାଳୟରେ କୃଷି ଅଧିକାରୀ ବାବାଜୀ ଚରଣ ବେହେରା, ଦ୍ୱାରିକାନାଥ ପ୍ରଧାନ, ଗୋପାଳ ନାୟକ, ହରିହର ସାମଲ, ବିକାଶ ଚନ୍ଦ୍ର ପାଣି, ହେମସାଗର ସାହୁ, ମଦନ ମୋହନ ରଣା, ସନ୍ତୋଷିନୀ ସ୍ୱାଇଁ, ନିରାକାର ସେଠୀଙ୍କ ସମତେ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାମନା କରିଥିଲେ ।



### ଚକ୍ଷୁଦାନ ପରେ ପ୍ରମାଣପତ୍ର ମିଳିଲା

ସମ୍ବଲପୁର, ୧୮।୨ (ବ୍ୟୁରୋ)
ସମ୍ବଲପୁର ସାକ୍ଷୀପଡା ନିବାସୀ ମୋତିଲାଲ ଚିବ୍ରିୱାଲଙ୍କ ସୋମବାର ପରଲୋକ ହୋଇଯାଇଛି । ବୁର୍ଲା ଭୀମସାର ଚକ୍ଷୁ ବିଭାଗର ଡାକ୍ତରମାନେ ମୋତିଲାଲଙ୍କ ଚକ୍ଷୁ ସଂଗ୍ରହ କରିଛନ୍ତି । ଡା. ଜ୍ୟୋତିର୍ମୟୀ ସ୍ୱାଇଁ, ଡା. ଦୀପକ ଜ୍ୟୋତି ମହାନ୍ତି ଓ ସୁରେଶ ତ୍ରିପାଠୀ, ଡା. ଜୟଶ୍ରୀ ଦୋରା ପ୍ରତିନିଧି ଦଳରେ ସାମିଲ ହୋଇ ଚକ୍ଷୁ ସଂଗ୍ରହ କରିଥିଲେ । ବୁର୍ଲା ଆଇ ବ୍ୟାଙ୍କ ପକ୍ଷରୁ ସୁରେଶ ଚିବ୍ରିୱାଲ ସାର୍ଟିଫିକେଟ ଗ୍ରହଣ କରିଥିଲେ ।

# ଏମସିଏଲ ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସମ୍ବଲପୁର,୧୮।୨(ବ୍ୟୁରୋ)

ଭୁବନେଶ୍ୱର ଗଲ୍ଫ କୋଟଠାରେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଶାସନ ସଚିବ ତଥା ଭୁବନେଶ୍ୱର ଗଲ୍ଫ କ୍ଲବ ସଭାପତି ଅସିତ ତ୍ରିପାଠୀ, ଏମସିଏଲ ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, ବିତ୍ତ ମହାପ୍ରବନ୍ଧକ ଏନ. ରାଜଶେଖର ଓ ଭୁବନେଶ୍ୱର ଗଲ୍ଫ କୋଟ ସମ୍ପାଦକ ତପନ କୁମାର ମହାନ୍ତି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଦଳ ଭାବେ ପୁରସ୍କୃତ ହୋଇଛନ୍ତି । ଏହି ଟୁର୍ନାମେଣ୍ଟରେ ପୂର୍ବ ଭାରତର ବିଭିନ୍ନ ଗଲ୍ଫ କ୍ଲବର ସିନିୟର ଓ ମହିଳା ବିଭାଗର ୧୨୭ଜଣ ଖେଳାଳି ଭାଗ ନେଇଥିଲେ । ସିଜି ଜେଭେରାଲ୍ ଗଲ୍ଫ କ୍ଲବର ପ୍ରଦୀପ ବାରିକଙ୍କୁ ଶ୍ରେଷ୍ଠ ଗ୍ରସ୍ ଆୱାର୍ଡ ଏବଂ ହାଣ୍ଡିକ୍ୟାପ ବିଭାଗରେ ଅସିତ ତ୍ରିପାଠୀ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି। ସେହିପରି ୧୭ରୁ ୧୪ ହ୍ୟାଣ୍ଡିକ୍ୟାପ୍ ବିଭାଗରେ ବିଜୟ ସିଂ ବିଜେତା ଓ ଲକ୍ଷ୍ମୀ ସ୍ୱାଇଁ ରନର୍ସ ଅପ୍ ହୋଇଛନ୍ତି । ସିନିୟର ବିଭାଗରେ ଡ. କେଦାର ଦାସ ବିଜେତା ଓ ଏ.ଆର. ମାର୍ଶଲ, ଜେ.ଏନ. ବର୍ମା କାମିଓ ରନର୍ସ ଅପ୍ ହୋଇଛନ୍ତି । ମହିଳା ବର୍ଗରେ ରୈନାକ୍ସ ଜେନା ବିଜୟୀ ହୋଇଥିଲେ । କ୍ଲୋଜେଷ୍ଟ ଟୁପିନ୍, ଷ୍ଟ୍ରେଟଡ୍ରାଇଭ ଓ ଲଙ୍ଗେସଡ୍ରାଇଭରେ ପ୍ରଶାନ୍ତ କୁମାର ଜେନା, ପ୍ରଦୀପ ବାରିକ ଓ ମୟଙ୍ଗ ତ୍ରିପାଠୀ ପୁରସ୍କୃତ ହୋଇଥିଲେ । ଭୁବନେଶ୍ୱର ଗଲ୍ଫ କ୍ଲବ କ୍ୟାପଟେନ ଦଳବୀର ସିଂ ଚାମ୍ପିୟନ ଟ୍ରଫି ହାସଲ କରିବା ସହିତ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।



ଏମସିଏଲ ଇନଭିଟେସନାଲ୍ ଗଲ୍ଫ ଟୁର୍ନାମେଣ୍ଟରେ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୧୮।୨(ସ୍ୱ.ପ୍ର)
ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢାପାଳ ଗ୍ରାମ ପଞ୍ଚାୟତରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଭିନସେଣ୍ଟ ପୁନମକାନ୍ତ ଏକ୍କାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଶିବିରରେ ୧୩୫ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା । ସେଗୁଡିକ ମଧ୍ୟରୁ ୧୦୩ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା । ଶିବିରରେ ୧୬ଟି ଦରଖାସ୍ତର ତତ୍‌କ୍ଷଣାତ୍ ଶୁଣାଣି କରାଯାଇଥିଲା । ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସେଣ୍ଠା ଗ୍ରାମର ପରମେଶ୍ୱର ବେହେରାଙ୍କୁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,**
**ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ। ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,**
**ଆଜି ଅଛି କାଲି ନାହିଁ ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ। ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ। ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଟ୍ଟା ପାଇଲେ ୧୬୨ ଭୂମିହୀନ

ରେଢାଖୋଲ, ୧୮।୨ (ଡି.ଏନ.ଏ.)
ରେଢାଖୋଲ ଏନଏସିର ୧୬୨ ଜଣ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ରାଜ୍ୟ ସରକାରଙ୍କ ଜମି ଅଧିକାର ଆଇନରେ ସ୍ଥାୟୀ ପଟ୍ଟା ବଣ୍ଟନ କରାଯାଇଛି। ଏଥିପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଦେବାକୁ ପଡିଛି। ଏନଏସି ପରିସରରେ ଏହି ଅବସରରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରି ଚିତ୍ତରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଧାୟକ ରୋହିତ ପୂଜାରୀ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ। ତହସିଲଦାର ରୁବି ବେହେରା, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ବିକାଶ କୁମାର ବେନ, ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ରେଢ଼ାଖୋଲରେ ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

# ରିଆମାଳରେ ଦୋକାନ ବଜାର ବନ୍ଦ

ରିଆମଳା,୧୮।୨(ଡି.ଏନ୍.ଏ.)

ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଦେଶ ବ୍ୟାପୀ ଦୋକାନବଜାର ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ କରି ରିଆମାଳ ବଣିକ ସଂଘ ପକ୍ଷରୁ ସୋମବାର ଦୋକାନବଜାର ବନ୍ଦ କରାଯାଇଥିଲା। ଏଥିରେ ସଂଘ ସଭାପତି ଶମ୍ଭୁଲାଲ ଅଗ୍ରୱାଲ, ସମ୍ପାଦକ ବାବୁଲାଲ୍ ପ୍ରଧାନ ନେତୃତ୍ୱ ନେଇଥିବାବେଳେ ବଜରଙ୍ଗ ଅଗ୍ରୱାଲ, ସିପୁନ କୁମାର ମାଝୀ, ସୁଶିଲ କୁମାର ସାହୁ, ସୁନା ପ୍ରଧାନ, ବୈକୁଣ୍ଠ ବିଶ୍ୱାଳ, ଅଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା।

# ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ, ୫୧ ଗିରଫ

ଦେବଗଡ,୧୮।୨(ସ୍ୱ.ପ୍ର.)

ରେଙ୍ଗାଳି ବାସଚ୍ୟୁତ ସୁରକ୍ଷା ସମିତିର ସଭାପତି ନେତ୍ରାନନ୍ଦ ସାମଲଙ୍କ ନେତୃତ୍ୱରେ ରେଙ୍ଗାଳି ବାସଚ୍ୟୁତ ସୁରକ୍ଷା ସମିତି ପକ୍ଷରୁ ସୋମବାର ୧୨ଘଣ୍ଟିଆ ଦେବଗଡ ବନ୍ଦ କରାଯାଇଥିଲା। ସକାଳ ୬ଟାରୁ ସହରର ପରୁଣାଗଡ ନିକଟସ୍ଥ ୪୯ ଓ ୨୦୦ନମ୍ବର ଜାତୀୟ ରାଜପଥ ରିଆମାଳ ଛକରେ ପିକେଟିଂ କରି ଆନ୍ଦୋଳନକାରମାନେ ରାସ୍ତା ଅବରୋଧ କରିଥିଲେ । ଫଳରେ ଶତାଧିକ ଗାଡି ରାସ୍ତାରେ ଅଟକି ରହିଥିଲା । ଏ ନେଇ ଦେବଗଡ଼ ପୋଲିସ ୫୧ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ପରେ ଛାଡି ଦେଇଛି

# ବଜରଙ୍ଗ କ୍ରିକେଟ: ତାରିଣୀ କ୍ଲବ ଫାଇନାଲରେ

ଦେବଗଡ,୧୮।୨(ସ୍ୱ.ପ୍ର)
ଦେବଗଡ ପୌରାଞ୍ଚଳ ମହୁଲଡିପାସାହି ସ୍ଥିତ ନାଳ ପଡିଆଠାରେ ଆୟୋଜକ ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ବଜରଙ୍ଗ କ୍ରିକେଟ କପ୍ ସୋମବାର ମ୍ୟାଚରେ ରାଜଗାଙ୍ଗପୁର ଏବଂ ମା ତାରିଣୀ କ୍ରିକେଟ କ୍ଲବ (ଆଇଆରବି)ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ତାରିଣୀ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ ଉଇକେଟ ବିନିମୟରେ ୧୯୬ରନ୍ ସଂଗ୍ରହ କରିଥିଲା । ରାଜଗାଙ୍ଗପୁରର ଲକ୍ଷଣ ବାବୁ ୪ଓଭରରେ ୩୬ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଯବାବରେ ରାଜଗାଙ୍ଗପୁର ଦଳ ୨୦ଓଭରରେ ୭ଉଇକେଟ ହରାଇ ୧୭୭ରନ କରି ପରାଜୟ ବରଣ କରିଥିଲା । ଫଳରେ ତାରିଣୀ କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା । ଖେଳକୁ ଏମଡି ଇଶାକ୍ ଏବଂ ପ୍ରଭଞ୍ଜନ ବାଲା ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜିକ କର୍ମୀ ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ପୃଥ୍ୱୀରାଜ ପଟ୍ଟନାୟକ, ଶୁକୁଦେବ ଭଞ୍ଜ, କ୍ଲବ ସଭାପତି ସୁଶାନ୍ତ ନନ୍ଦ, ସମ୍ପାଦକ ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ତାରିଣୀ କ୍ରିକେଟ କ୍ଲବର ଦିପୁ ଜେନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଭେଟେରାନ କ୍ରିକେଟ ଖେଳାଳି ପ୍ରଶାନ୍ତ ନନ୍ଦ ଏବଂ ପତିତପାବନ ସାହୁଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳବାର ପୁଲ 'ବି'ର ପ୍ରଥମ ମ୍ୟାଚ ରାଜୀବ ଗାନ୍ଧୀ ଦେବଗଡ ଏବଂ ବଡବିଲ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।



ଆଇଆରବି ଦଳର ଦିପୁ ଜେନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି ।

# ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର, ୧୮।୨ (ବ୍ୟୁରୋ)
ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଚାରମାଲ ଷ୍ଟେଶନରେ କାର୍ଯ୍ୟରତ ପଞ୍ଚାନନ ସେଠୀଙ୍କୁ ନିରାପତ୍ତା କର୍ମଚାରୀ ଭାବେ ପୁରସ୍କୃତ କରାଯାଇଛି । ସେ କନିଷ୍ଠ ଯନ୍ତ୍ରୀ ହୋଇଥିବା ସତ୍ତ୍ୱେ ଟ୍ରେନ ଗୁଡିକର ସୁପରିଚାଳନା ନିମନ୍ତେ ଉତ୍କୃଷ୍ଟ ସେବା ଓ ନିରାପତ୍ତା ନୀତି ନିୟମ ସୁଚାରୁ ଭାବେ ପରିଚାଳନା କରିଛନ୍ତି। ଏଣୁ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ତାଙ୍କୁ ପ୍ରଶଂସାପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଛନ୍ତି ।



ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ସୋମବାର ପଞ୍ଚାନନ ସେଠୀଙ୍କୁ ପୁରସ୍କୃତ କରୁଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ରାଜଧାନୀରେ ବାଘ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ରାଜଧାନୀରେ ବାଘ ଆତଙ୍କ। ଭୁବନେଶ୍ୱର ପଳାଶପଲ୍ଲୀ ଅଞ୍ଚଳରେ ଏକ କଲରାପତରିଆ ବାଘ ବୁଲୁଥିବା ସୂଚନା ମିଳିଛି। ସିସିଟିଭି କ୍ୟାମେରାରେ ବାଘର ଗତିବିଧି କଏଦ୍ ହୋଇଛି। ଏକ ଘରୋଇ କାର୍ଯ୍ୟାଳୟରୁ ବାଘଟି ବାହାରି ଜନବସତି ଆଡ଼କୁ ଆସୁଥିବା ସିସିଟିଭି ଫୁଟେଜ୍‌ରେ ଦେଖାଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏକ କଲରାପତରିଆ ବାଘ ଏୟାରପୋର୍ଟ ପାଚେରି ଡେଇଁ ବାହାରକୁ ଆସୁଥିବା ସ୍ଥାନୀୟ ବାସିନ୍ଦା ବାଙ୍କନିଧି ସେନାପତି ପ୍ରଥମେ ଦେଖିଥିଲେ। କିନ୍ତୁ ସେତେବେଳେ ତାଙ୍କ କଥାକୁ କେହି ବିଶ୍ୱାସ କରି ନ ଥିଲେ। ସୋମବାର ସିସିଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ତେବେ ଅଞ୍ଚଳବାସୀ ଭୟଭୀତ ନ ହେବା ପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ବିଭାଗ ପକ୍ଷରୁ ବାଘ ଖୋଜିବା ଅପରେଶନ ଆରମ୍ଭ କରିଦିଆଯାଇଛି। ବିଭାଗର ଏକ ୨୫ଜଣିଆ ସ୍ୱତନ୍ତ୍ର ଟିମ୍ ପଳାଶପଲ୍ଲୀ ଓ ଭୀମଟାଙ୍ଗି ଅଞ୍ଚଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ନନ୍ଦନକାନନରୁ ମଧ୍ୟ ଏକ ଟ୍ରାଙ୍କୁଲାଇଜର ଟିମ୍ ଆସି ପହଞ୍ଚିଛନ୍ତି। ହେଲେ ରାତି ୧୨ଟା ୩୦ରେ ବିମାନବନ୍ଦର ପରିସରରେ ବାଘଟି ଥିବା ବନ ବିଭାଗ ଟିମ୍‌କୁ ସୂଚନା ମିଳିଥିଲା। କର୍ମଚାରୀମାନେ ସେଠାରେ ପହଞ୍ଚି ଯାଞ୍ଚ କରିବାରୁ ତାହା କଲରାପତରିଆ ବାଘ ନୁହେଁ, ଏକ ଜଙ୍ଗଲ କ୍ୟାଟ୍ ଥିଲା ବୋଲି ଜଣାପଡ଼ିଥିଲା। ସିଟି ଡିଏଫ୍ଓ ଅଶୋକ ମିଶ୍ର କହିଛନ୍ତି, ଜନବସତି ଭିତରେ ବାଘ ପଶିଥିବା ଆମେ ଗଣମାଧ୍ୟମ ଦ୍ୱାରା ଖବର ପାଇଛୁ। ସିସିଟିଭି ଫୁଟେଜ୍‌କୁ ଦେଖି ଘଟଣାସ୍ଥଳକୁ ବନ କର୍ମଚାରୀଙ୍କୁ ପଠାଯାଇ ତଲାସି କରାଯିବ। ଯଦି ବାଘ ଥାଏ, ତା' ହେଲେ ତାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବ୍ୟବସ୍ଥା କରାଯିବ। ଭୁବନେଶ୍ୱର ବନାଞ୍ଚଳ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ କହିଛନ୍ତି, ଖବର ପାଇବା ପରେ ସଙ୍ଗେ ସଙ୍ଗେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ପହଞ୍ଚିଛି। ରାତି ତମାମ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ହେବ। ଅନ୍ୟପଟେ ବାଘ ଜନବସତିକୁ କିପରି ଆସିଲା, ତାହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଚନ୍ଦକା ଜଙ୍ଗଲରୁ ବାଘଟି ପଳାଇଆସିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ଚନ୍ଦକା ଜଙ୍ଗଲରୁ ଓୟୁଏଟି ଫାର୍ମ ଦେଇ ବିମାନବନ୍ଦରକୁ ଏକ ବଡ଼ ଡ୍ରେନ୍ ରହିଛି। ସେହି ଡ୍ରେନ୍ ପଟେ ବାଘ ଚନ୍ଦକାରୁ ବିମାନବନ୍ଦରକୁ ପଶିଥିବା ଅନୁମାନ କରାଯାଉଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166



SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ



ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road
Bhubaneswar-751002
8987997062



Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜଗନ୍ନାଥପ୍ରସାଦରେ ଗାୟତ୍ରୀ ମହାଯଜ୍ଞ

ନାକଟିଦେଉଳ,୧୮।୨(ଡି.ଏନ.ଏ.) ନାକଟିଦେଉଳ ନିକଟସ୍ଥ ଜଗନ୍ନାଥ ପ୍ରସାଦଠାରେ ଦୁଇ ଦିନ ଧରି ଚାଲିଥିବା ଗାୟତ୍ରୀ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ ସ୍ଥାନୀୟ ଟିକିରା ଏବଂ ଚମ୍ପାଳି ନଦୀର ସଂଗମ ସ୍ଥଳରୁ ପାଣି ଧରି କଳଶ ଶୋଭାଯାତ୍ରାରେ ଆସି ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। ଗୋବିନ୍ଦ ମେହେର, ରଞ୍ଜନ ସାହୁ, କୁମୁଦ ସାହୁ, ରମେଶ ମେହେର ଏବଂ ବିଶ୍ୱାମିତ୍ର ସାହୁ କର୍ତ୍ତା ଦାୟିତ୍ୱ ସଂପନ୍ନ କରିଥିଲେ। ବିଷ୍ଣୁଚରଣ ସାମଲ, ପ୍ରାଣକୃଷ୍ଣ ପ୍ରଧାନ, ହାରାମଣି ସାହୁ, ପ୍ରଭାସିନି ମେହେର, ଶାନ୍ତିଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ନାକଟିଦେଉଳ,୧୮।୨(ଡି.ଏନ.ଏ.) ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଧିଡିପ ଛକଠାରେ ଜମ୍ମୁ-କାଶ୍ମୀରର ପୁଲୱାମା ଠାରେ ଶହୀଦ ହୋଇଥିବା ସିଆରପିଏଫ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ମହାଲକ୍ଷ୍ମୀ ଯୁବକ ସଂଘ ପକ୍ଷରୁ କ୍ୟାଣ୍ଡେଲ ରାଲି କରାଯାଇଥିଲା । ମଣ୍ଟୁ ସାହୁ, ତରଣୀସେନ ରାଉଳ, କୁଲୁ ସାହୁ, ରଂଜିତ ରାଉଳ, ଦନାର ପ୍ରଧାନ, ବିକାଶ ରାଉଳ, ନିହାର ରଂଜନ ବଡ଼ପଣ୍ଡା, ପ୍ରଦୀପ ବସନ୍ତରା, ବାପୁନ ଦାଶ ଏବଂ ଆଲୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ସମ୍ବଲପୁର,୧୮।୨(ବ୍ୟୁରୋ) ସିଦ୍ଧେଶ୍ୱରବେର୍ଣ୍ଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଡା. ଜତିନ୍ଦ୍ର ମୋହନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ବିଷୟରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ଶିଶୁ ବାଟିକା ରୂପରେଖ ବର୍ଣ୍ଣନା କରିଥିଲେ । ସମ୍ପାଦକ ହେମାଞ୍ଚଳ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନିଲିମା ସାହାଣି ଅତିଥି ପରିଚୟ ପ୍ରଦାନ, ଧରାଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପଶ୍ଚିମ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ବୈଠକ

ସମ୍ବଲପୁର,୧୮।୨(ବ୍ୟୁରୋ)-ପଶ୍ଚିମ ଓଡିଶା ପାଇପ ଜଳ କର୍ମଚାରୀ ସଂଘର ଜରୁରୀକାଳୀନ ବୈଠକ ସୋମବାର ମୁଦିପଡା ପାଣିଟାଙ୍କିସ୍ଥିତ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଗୌରାଙ୍ଗ ପ୍ରସାଦ ସ୍ୱାଇଁ ଚଳିତ ମାସ ୨୦ ତାରିଖ ହେବାକୁ ଥିବା ଅଧିବେଶନ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏଥିସହ ପାଇପ ଜଳ କର୍ମଚାରୀଙ୍କ ୩ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା।

### ହାଇୱା ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ଗୁରୁତର

ରେଢାଖୋଲ,୧୬।୨(ଡି.ଏନ.ଏ.) ରେଢାଖୋଲ-ନାକ୍ଟିଦେଉଳ ରାସ୍ତାର ଡଇଁଚା ଘାଟିରେ ସୋମବାର ଅପରାହ୍ନ ୪ଟା ବେଳେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଛି। ଡ୍ରାଇଭର ରେଢାଖୋଲ ଯଦୁମଣିପାଟନାର ନିରଞ୍ଜନ ନାୟକ ହାଇଡ୍ରାରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ରେଢାଖୋଲ, ରେଙ୍ଗାଲିରେ ଦୋକାନ ବଜାର ବନ୍ଦ

ରେଢାଖୋଲ/ରେଙ୍ଗାଲି,୧୬।୨(ଡି.ଏନ.ଏ.) ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶଦ୍ଧାଞ୍ଜଳି ଜଣାଇବା ସହିତ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ପରିପ୍ରେକ୍ଷୀରେ ସୋମବାର ରେଢାଖୋଲରେ ବନ୍ଦ ପାଳନ କରାଯାଇଛି। ବ୍ୟବସାୟୀମାନେ ବସଷ୍ଟାଣ୍ଡରେ ଏକତ୍ରିତ ହୋଇ ଭାରତ ମାତା କି ଜୟ, ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନି ଦେଇ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ଦୋକାନ ବନ୍ଦ କରି ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ବ୍ୟସାୟୀମାନଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବ୍ୟବସାୟୀମାନେ ଏକ ବାଇକ ରାଲିରେ ମଧ୍ୟ ସହର ପରିକ୍ରମା କରିଥିଲେ। ରବୀନ୍ଦ୍ର ସାହୁ, ବିଶ୍ୱଜିତ ପଣ୍ଡା, ସୁଦାମ ସାହୁ, ପଦ୍ମନାଭ ମହାପାତ୍ର, ପ୍ରମୁଖଙ୍କ ସମେତ ବହୁ ବ୍ୟବସାୟୀ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ରେଙ୍ଗାଲିର ସମସ୍ତ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା।

ପ୍ରଧାନମନ୍ତ୍ରୀ ଫସଲବୀମା ବିଭ୍ରାଟ

# ବୀମା କମ୍ପାନୀରେ ତାଲା ମାରିଲେ ଚାଷୀ

ସମ୍ବଲପୁର,୧୮।୨(ବ୍ୟୁରୋ) ସମ୍ବଲପୁର ଧନୁପାଲି ଥାନା ସର୍ଲାକାନୀ ନିକଟରେ ଥିବା ନ୍ୟୁ ଇଣ୍ଡିଆ ବୀମା କମ୍ପାନୀ ଅଫିସରେ ସୋମବାର ବରଗଡ ଅଞ୍ଚଳର ଚାଷୀମାନେ ଆସି ତାଲା ପକାଇ ଦେଇଛନ୍ତି । ଫସଲବୀମା ଟଙ୍କା ପାଇ ନ ଥିବାରୁ ଶତାଧିକ ଚାଷୀ ଆସି କମ୍ପାନୀ ଅଧିକାରୀଙ୍କୁ ତାଗିଦ କରିଛନ୍ତି । ଯଦି ବୀମା ଟଙ୍କା ନ ଦେଇ ଅଫିସ ଖୋଲା ଯାଏ ତାହା ହେଲେ ବରଗଡରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚାଷୀ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ରୋକ ଠୋକ ଭାବେ କୁହାଯାଇଛି। ତେବେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ଫୋର୍ସ ସହ ପହଞ୍ଚି ଥିଲେ । ଚାଷୀଙ୍କୁ ବୁଝାଇବାକୁ ଯାଇ ପୋଲିସ ଫେଲ୍ ମାରିଥବଲା। ଅନ୍ୟପକ୍ଷେ ଚାଷୀ ସଂଗଠନ ପକ୍ଷରୁ ବୀମା କମ୍ପାନୀ ଅଧିକାରୀ ଓ ପୋଲିସକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ କ୍ରମେ ୨୦୧୭ ମସିହା ଖରିଫ ଋତୁରେ ଅଦିନିଆ ବର୍ଷା ଓ ରୋଗପୋକରେ ଧାନ ଫସଲ ନଷ୍ଟ ହୋଇଥିଲା। କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାର ବୀମା ଟଙ୍କା ମିଳିବ ବୋଲି ଘୋଷଣା କରିଥିଲେ । ହେଲେ ୨ ବର୍ଷ ପରେ ମଧ ଟଙ୍କା ମଳି ପାରିଲା ନାହିଁ । ବରଗଡ ଜିଲାରେ ଅଫିସ ରହିଥିଲା । ହେଲେ ଚାଷୀମାନେ ବାରମ୍ବାର ଦାବି କରିବାକୁ ରାତାରାତି ଅଫିସ ବନ୍ଦ କରି ସମ୍ବଲପୁରରେ ଅଫିସ ଖୋଲିଛି। ଜାନୁୟାରୀ ୨୨ ତାରିଖ ବୀମା କମ୍ପାନୀ ଅଫିସରରେ ତାଲା ମରାଯାଇଥିଲା । ସେ ସମୟରେ ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା, ବୀମା କମ୍ପାନୀ ଓ ଚାଷୀମାନଙ୍କୁ ନେଇ ବୈଠକ ହୋଇଥିଲା । ବୀମା କମ୍ପାନୀ ପକ୍ଷରୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବରଗଡରୁ ଚାଷୀମାନେ ଆସି ଅଫିସରେ ତାଲା ମାରିଥିଲେ। ଜୟକୃଷ୍ଣ ସାହୁ, କିଶୋର ହୋତା,ହେମଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ସଦାନନ୍ଦ ପୂଜାରୀ, ତନୁରା ନାଏକ, ଶ୍ୟାମଲାଲ ପାତ୍ର, ଯୁଦ୍ଧିଷ୍ଠିର ମେହେର, ବଳରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ।



ସାକ୍ଷୀପଡାସ୍ଥିତ ନ୍ୟୁ ଣ୍ଡିଆ ବୀମା କମ୍ପାନୀରେ ଚାଷୀମାନେ ତାଲା ମାରି ସେଠାରେ ଉପସ୍ଥିତ ଧନୁପାଲି ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପୁରୁଣାକଟକକୁ ହରାଇ ସମ୍ବଲପୁର ଭିଏସ୍‌ଏସ୍ ଚାମ୍ପିୟନ

ଖଣ୍ଡପଡା/ ଭାପୁର, ୧୮।୨ (ସ୍ୱ.ପ୍ର./ ଡି.ଏନ.ଏ.) ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ମାଧପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ କୁଲାପଦା ଫୁଟବଲ ପଡିଆରେ ଆୟୋଜିତ ୪ର୍ଥ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ଉଦ୍‌ଯାପନୀ ଦିବସ। ଏଥିରେ ସମ୍ବଲପୁର ଗେଙ୍ଗୁଟିପାଲୀର ବୀର ସୁରେନ୍ଦ୍ର ସାଏ ଫୁଟବଲ ଏକାଡେମୀ ୪-୧ ଗୋଲରେ ଭୈରବୀ କ୍ଲବ ପୁରୁଣାକଟକକୁ ହରାଇ ଖେଳରେ ବିଜୟୀ ହେବା ସହିତ ଟୁର୍ନାମେଣ୍ଟରେ ଚାମ୍ପିୟନ ବିବେଚିତ ହୋଇଛି । ଖେଳ ଆରମ୍ଭ ହେବା ପୂର୍ବରୁ ଉଭୟ ଦଳର ଖେଳାଳି, ସ୍ଥାନୀୟ ସରପଞ୍ଚ ତ୍ରିନାଥ ମୁଦୁଲି ଓ ଅଞ୍ଚଳର ଯୁବଗୋଷ୍ଠୀ ପୁଲ୍‌ୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ଶୋଭାଯାତ୍ରାରେ ଖେଳ ପଡିଆ ଚତର୍ପାର୍ଶ୍ୱ ପରିକ୍ରମା କରି ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ । ଖେଳର ପ୍ରଥମାର୍ଦ୍ଧର ୫ ମିନିଟରେ ସମ୍ବଲପୁର ୧୦ନଂ ଖେଳାଳି ବବୁଲ ମୁଣ୍ଡା ପ୍ରଥମ ସ୍କୋର କରି ଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଉକ୍ତ ଦଳ ଆଉ ୩ଟି ଗୋଲ ସ୍କୋର କରିଥିଲେ । ଖେଳ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ପୁରୁଣାକଟକ ଦଳର ୧୦ ନଂ ଖେଳାଳି ଅନ୍ତର୍ଯ୍ୟାମୀ ନାୟକ ଗୋଟିଏ ଗୋଲ କରିଥିଲେ । ଫଳରେ ସମ୍ବଲପୁର ଦଳ ୪-୧ରେ ବିଜୟୀ ହୋଇଥିଲା । ଉକ୍ତ ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଲାଇନରେ ସହାୟତା କରିଥିଲେ ସମୀର ଖୁଣ୍ଟିଆ ଓ ସୁବାସ ଚନ୍ଦ୍ର ବେହେରା। ମୁଖ୍ୟ ଅତିଥିଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡା, ସମ୍ମାନିତ ଅତିଥି ଭାବେ ଫତେଗଡ ସରପଞ୍ଚ ତୋଫାନ ପ୍ରଧାନ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ସମାବେଶରେ ଚାମ୍ପିୟନ ଦଳ ଓ ରନର୍ସଅପ ଦଳଙ୍କୁ ଅତିଥିମାନଙ୍କ ଦ୍ୱାରା ଯଥାକ୍ରମେ ୧୫ ହଜାର ଅର୍ଥରାଶି ସହ ଟ୍ରଫି ଓ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ଯୁଯୁମୁରାରେ ହକି ପ୍ରତିଭା ଅନ୍ୱେଷଣ ଶିବିର

ସମ୍ବଲପୁର,୧୮।୨(ବ୍ୟୁରୋ) ଯୁଯୁମୁରା ହାଇସ୍କୁଲ ପଡିଆଠାରେ ରାଜ୍ୟ ସରକାର ଓ ଟାଟା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ବାଳିକା ହକି ପ୍ରତିଭା ଅନ୍ୱେଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶୁଣ୍ଠିମୁଣ୍ଡା, ରେଢ଼ାଖୋଲ, କୁଚିଣ୍ଡା, ଅର୍ଡା, ଢ଼େଙ୍କାନାଳ, କୁତ୍ରା, ଖାମୁଣ୍ଡା, ବାଣିଝରନ, କେଶାପାଲି, ଓରାମନିକ୍ରିମାଲ, ସମ୍ବଲପୁର, ମଖାପଡା, ଅମଲିଖମନ ଅଞ୍ଚଳର ଖେଳାଳିମାନେ ଭାଗ ନେଇଥିଲେ । ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଟାଟା ଟ୍ରଷ୍ଟର ବିନିତ ଲାକ୍ରା, ନାଭାଲ ଟାଟା ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ପ୍ରଫୁଲ୍ଲ ଦେହୁରୀଙ୍କ ସମେତ ୧୦ଜଣ ଚୟନ କର୍ତ୍ତା ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅବନୀ କୁମୁରା, କ୍ଷମାନିଧି ପ୍ରଧାନ, ପ୍ରହ୍ଲାଦ ସେଠ, ମାର୍କୋଶ ଟପ୍ପୋ, ସୁନୀଲ କାଣ୍ଡୋଲନା, ପ୍ରମୋଦ ସୁରିନ, ଅନୀଲ ଡାଙ୍ଗ, ପ୍ରେମ ବାଗେ ଓ ସଲିମ୍ ଟପ୍ପୋ, ଏକାଡେମୀ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମଙ୍ଗଳବାର ସମ୍ବଲପୁର ସେଣ୍ଟଜୋନ୍ ସ୍କୁଲ ପରିସରରେ ମଧ ଚୟନ ଶିବିର ହେବ।



ସମ୍ବଲପୁର ଯୁଯୁମୁରା ହାଇସ୍କୁଲ ପଡିଆଠାରେ ମହିଳା ହକି ପ୍ରତିଭା ଅନ୍ୱେଷଣ ଶିବିରରେ ଭାଗ ନେଇଥିବା ଖେଳାଳିମାନେ ।।

# ୨୪ରୁ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ସମ୍ବଲପୁର, ୧୮।୨ (ବ୍ୟୁରୋ) ଚଳିତ ମାସ ୨୪ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ସପ୍ତମ ଦୀନବନ୍ଧୁ ଗୌସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ହାୱା ମଇଦାନଠାରେ ଅନୁଷ୍ଠିତ ହେବ । ଏ ନେଇ ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ଗୋପାଳ ପ୍ରସାଦ ପଣ୍ଡାଙ୍କ ପରିଚାଳନାରେ ବୈଠକ ହୋଇଥିଲା । ଏଥିରେ ସାଂଗଠାନିକ ସମ୍ପାଦକ ସଞ୍ଜୀବ କୁମାର ନାୟକ, ସାଧାରଣ ସମ୍ପାଦକ ହେମନ୍ତ ପରିଡା, ଉପସଭାପତି ସୁରେନ୍ଦ୍ର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ସେଠ, ସତ୍ୟଜିତ ସେଠ ପ୍ରମୁଖ ଟୁର୍ନାମେଣ୍ଟ ବିଷୟରେ ଆଲୋଚନା କରିଥିଲେ । ଏହି ଟୁର୍ନାମେଣ୍ଟରେ ମାନେଶ୍ୱର ଏମଏମବିସି, ସମ୍ବଲପୁର ରାଇଜିଂ ଷ୍ଟାର, ସମ୍ବଲପୁର ସ୍ପୋର୍ଟିଂ ୟୁନିୟନ, ଗୋଡଭଗା ଜିସିସି, ଲୁଥୁରପଙ୍କ ଜେଜେସିସି, ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ, ହୀରାକୁଦ ଆଗୱାନ, କମିଶନର୍ସ କଲୋନୀ କ୍ରିକେଟ କ୍ଲବ, ବ୍ରଜରାଜନଗର ଏମବିସନ୍, ସୋନପୁର ଏସଡିସିସି ଏବଂ ମାନେଶ୍ୱର ଏମସିସି ଦଳ ଭାଗ ନେବେ । ମାର୍ଚ୍ଚ ୩ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଶହୀଦଙ୍କ ପରିବାରଙ୍କୁ ଆର୍ଥିକ ସାହାଯ୍ୟ



ନିଆଳିର ଶହୀଦ ମନୋଜ ବେହେରାଙ୍କ ପରିବାରଙ୍କୁ ଆର୍ଥିକ ରାଶି ପ୍ରଦାନ କରାଯାଉଛି।

ସମ୍ବଲପୁର,୧୮।୨(ବ୍ୟୁରୋ): ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଦୁଇ ଓଡିଆ ଯବାନ ଜଗତସିଂପୁର ଜିଲାର ପ୍ରସନ୍ନ ସାହୁ ଓ କଟକ ନିଆଳିର ମନୋଜ ବେହେରା ଶହୀଦ ହୋଇଛନ୍ତି। ସମ୍ବଲପୁରର ଅରୁଣ ପଟୁଆରୀ, ସିଦ୍ଧାର୍ଥ ସାହା, ମଧୁ କେଡିଆ, ଅନୱର ଖାନ, କମଲ ଅଗ୍ରୱାଲ, ମୁରାରୀ ସୋନି, ବସନ୍ତ ଶର୍ମା ପ୍ରମୁଖ ଉଭୟ ଶହୀଦଙ୍କ ପରିବାର ଲୋକଙ୍କୁ ଭେଟି ୧ ଲକ୍ଷ ଟଙ୍କା ଲେଖାଏ ସାହାଯ୍ୟ ଦେବା ସହ ସମବେଦନା ଜଣାଇଛନ୍ତି ।

## କଂସବଧ ସହ ଡେରବା ଆଞ୍ଚଳିକ ବିରାଟ ଧନୁଯାତ୍ରା ଉଦ୍‌ଯାପିତ

ରେଙ୍ଗାଲି,୧୮।୨(ଡି.ଏନ୍.ଏ.) ରେଙ୍ଗାଲି ବ୍ଲକ ଘିଚାପୁରା ପଞ୍ଚାୟତ ଅନ୍ତର୍ଗତ ଡେରବା ନାରୁପଡ଼ାଠାରେ ଚାଲିଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ରାଜଦରବାରରେ ଡ. ଅଶ୍ୱିନୀ ପୂଜାହାରୀ, ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମ୍ବଲପୁର ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ଠେଲକୋଇ ଥାନା ଅଧିକାରୀ ସୁବାସ ମିଶ୍ର, କିର୍ମିରା ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ମୋହନ ସାହୁ, ବରଗାଁ ସରପଞ୍ଚ ହରିହର ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।



ଡେରବା ନାରୁପଡ଼ାଠାରେ ରାଜଦରବାରରେ ମହାରାଜଙ୍କ ଗହଣରେ ଅତିଥିମାନେ ।

# ଯନ୍ତ୍ରଣାରେ ଛଟପଟ ସମୀର

- ■ମା', ବାପା, ବଡ ଭାଇ ଆରପାରିରେ
- ■ଭାଉଜଙ୍କ ଉପରେ ସାଜିଛନ୍ତି ବୋଝ
- ■ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ସମ୍ବଲପୁର,୧୮।୨(ବ୍ୟୁରୋ) ସମ୍ବଲପୁର ଠେମରା କେନାଲପଡାର ସମୀର କୁମାର ନାଥ (୨୮)ଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ । ଯୁବକ ଅବସ୍ଥାରେ ସେ ଖେଳକୁଦରେ ବେଶ୍ ସୁନାମ ଅର୍ଜନ କରିଥିଲେ । ପରିବାର ପାଇଁ କିଛି କରିବା ପାଇଁ ଇଚ୍ଛା ଥିଲା। ହେଲେ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ୪ ମାସ ବ୍ୟବଧାନରେ ବାପା ଲଳିତ ମୋହନ ନାଥ ଓ ମା' ସୁକାନ୍ତି ନାଥ ଆରପାରିକୁ ଚାଲିଗଲେ। ମା'ବାପାଙ୍କୁ ହରାଇବା ପରେ ଭାଙ୍ଗି ପଡିଥିଲେ ସୀମର । ସେଥିରୁ ସାହାସ ଜୁଟାଇ ଆଗକୁ ବଢ଼ିବାକୁ ସେ ପାଦ ପକାଉଥିବା ବେଳେ ରୋଗ ତାଙ୍କୁ ସେ ସୁଯୋଗ ଦେଲାନି। ଗତ ୫ ବର୍ଷ ହେଲା ଅଜଣା ରୋଗର ଶିକାର ହୋଇଛନ୍ତି ସମୀର। ରୋଗରେ ଛଟପଟ ହୋଇ ସେ ବିଛଣାରେ ପଡିଛନ୍ତି । ବାରମ୍ବାର ଡାକ୍ତରଙ୍କ ପାଖକୁ ଗଲେ ମଧ ରୋଗ ଚିହ୍ନଟ ହେଉନାହିଁ। ନିୟମିତ ଔଷଧ ଖାଇବା କିଛି ଦିନ ଚାଲିଲା। ହେଲେ ରୋଗ କମିବା ବଦଳରେ ବଢିଛି। ଦେହ ଚଳୁନି। କଥା କହିଲେ କଷ୍ଟ ହେଉଛି। ଇତିମଧ୍ୟରେ ତାଙ୍କର ସାହାଭରସା ଥିବା ବଡଭାଇଙ୍କ ମଧ ମୃତ୍ୟୁ ଘଟିଛି। ବିଧବା ଭାଉଜ ଏବେ ତାଙ୍କୁ ସାହାରା ଦେଉଛନ୍ତି। ଘରେ ଯାହା କିଛି ଥିଲା ସବୁ ସରିଛି । ଧାର କରଜ କରି ଭାଉଜ ସମୀରଙ୍କ ଚିକିତ୍ସା କରୁଛନ୍ତି । ସମ୍ବଲପୁର, ବୁର୍ଲା, କଟକ, ଭୁବନେଶ୍ୱରର ବହୁ ଡାକ୍ତରଙ୍କ ପାଖକୁ ସମୀରଙ୍କୁ ନିଆଯାଇଛି । ହେଲେ ସବୁଠି ନିରାଶ ହୋଇଛନ୍ତି ସେ। ମସଲ୍ସ ନ୍ୟୁରୋନ ନାମକ ରୋଗ ହୋଇଥିବା ଡାକ୍ତର ସନ୍ଦେହ କରୁଛନ୍ତି । ହେଲେ ସେହି ରୋଗର ଉନ୍ନତ ଚିକିତ୍ସା ପାଇଁ ଏବେ ତାଙ୍କ ପାଖରେ ଟଙ୍କା ନାହିଁ। ସମୀର ଘରେ ଥିବାରୁ ତାଙ୍କୁ ଛାଡି ଭାଉଜ ମଧ ରୋଜଗାର ପାଇଁ ଅନ୍ୟତ୍ର ଯାଇପାରୁନାହାନ୍ତି । ଏଣୁ ଚଳିବା କଷ୍ଟକର ହୋଇ ପଡୁଛି । ଯଦି କେହି ସାହାଯ୍ୟ କରନ୍ତେ ତାହା ହେଲେ ସେ ଚିକିତ୍ସିତ ହୋଇ ପାରନ୍ତେ ବୋଲି ସମୀର କହିଛନ୍ତି । ସମୀର ୭୫ ପ୍ରତିଶତ ଶାରୀରିକ ଭିନ୍ନକ୍ଷମ ବୋଲି ଡାକ୍ତର ପ୍ରମାଣପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ସମୀରଙ୍କ ବାପା ଲଳିତ ସମ୍ବଲପୁର ଜିଏମ୍‌ୟୁରେ ଚାକରି କରୁଥିଲେ। ଅବସର ନେବା ପରେ ମାତ୍ର ମାସଟିଏ ପେନସନ ପାଇଛନ୍ତି,୨୦୦୪ରେ ଆରପାରିକୁ ଚାଲି ଗଲେ। ତାଙ୍କ ପରଲୋକର ୪ ମାସ ପରେ ମା ସୁକାନ୍ତି ମଧ ଚାଲିଗଲେ। ଏଣୁ ବାପାଙ୍କ ପେନସନ ଟଙ୍କା ପାଇବାକୁ ସମୀର ଆବେଦନ କରିଛନ୍ତି। କାଗଜପତ୍ର ଦାଖଲ କଲା ପରେ ମଧ ପେନସନ ମଞ୍ଜୁର ହୋଇନି।



ସମୀର ନାଥ ।

# ବଡ଼ମାଲରେ ଯଜ୍ଞ ପାଇଁ ଭୂମି ପୂଜା

ଜମନକିରା,୧୮।୨ (ଡି.ଏନ୍.ଏ.) ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତରେ ଫେବୃଆରୀ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ପାବନ ପ୍ରଜ୍ଞା ପୁରାଣ ଜ୍ଞାନ ମହାଯଜ୍ଞ ହେବ। ଏଥିପାଇଁ ସୋମବାର ଭୂମିପୂଜା ହୋଇଛି। କର୍ତ୍ତା ଭାବେ ହେମନ୍ତ ନାୟକ ଓ ନିଦ୍ରାବତୀ ନାୟକ ଦାୟିତ୍ୱ ସମ୍ପାଦନ କରିଥିଲେ। ସରପଞ୍ଚ କୁନିମା ନାୟକ, ନାଏବ ସରପଞ୍ଚ ସୁସ୍ମିତା ପଟେଲ, ରାଧା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦିଲୀପ ବଗାର, ମିଲି ନାୟକ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ବାଘ, ସଞ୍ଜୀବ ପଟେଲ, କୁମୁଦ ମୁଣ୍ଡା, ଦେବେନ୍ଦ୍ର ନାୟକ, ଲିପନ ନାଏକ, ଦେବେନ୍ଦ୍ର ନାଏକ, ତୁଲାରାମ ବଗର୍ତ୍ତୀ, ଅଞ୍ଜଳି ମୁଣ୍ଡା, ଚିନ୍ମୟୀ ନାଏକ, ଗୀତାଞ୍ଜଳି ଦାଶ, ରିଙ୍କି ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ DHARITRI
ମଙ୍ଗଳବାର, ୧୯ ଫେବୃୟାରୀ, ୨୦୧୯



ରାଜନୈତିକ ସ୍ତରରେ କଶ୍ମୀର ପ୍ରସଙ୍ଗର ସମାଧାନ କରା ନ ଯିବା ଯାଏ ପୁଲ୍‌ୱାମା ଭଳି ଆତଙ୍କବାଦୀ ଆକ୍ରମଣ ଜାରି ରହିବ ।
- ଫାରୁକ୍ ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ






ଆକ୍ରମଣ ପରେ ଜମ୍ମୁରେ ୫ମ ଦିନ ଧରି କର୍ଫ୍ୟୁ ଜାରି କରାଯାଇଥିବାବେଳେ ମୁତୟନ ଥିବା ସୁରକ୍ଷା କର୍ମୀ ।



ପ୍ରୟାଗରାଜରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।



ଜମ୍ମୁ-କଶ୍ମୀରର ରାଜୌରି ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ବିସ୍ଫୋରଣରେ ଶହୀଦ ହୋଇଥିବା ମେଜର ଚିତ୍ରେଶ ସିଂ ବିଷ୍ଟଙ୍କ ପାର୍ଥିବ ଶରୀର ଉତ୍ତରାଖଣ୍ଡର ଡେରାଡୁନ୍‌କୁ ନିଆଯାଇଥିବାବେଳେ ଜନସମୁଦ୍ର ।

## ସଂକ୍ଷେପରେ

### 'ମୋ ଫୋନ୍‌କୁ ଟ୍ୟାପ୍ କରାଯାଉଛି'

**କୋଲକାତା,୧୮ ।୨**-ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ସୋମବାର ଗୁରୁତର ଅଭିଯୋଗ ଆଣିଛନ୍ତି । ତାଙ୍କ ଫୋନକୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଟ୍ୟାପ୍ କରୁଥିବା ସେ କହିଛନ୍ତି ।



ଦକ୍ଷିଣ କଶ୍ମୀରର ପୁଲ୍‌ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଗାଡ଼ି ଉପରକୁ ହୋଇଥିବା ଆତ୍ମଘାତୀ ଆକ୍ରମଣ ନେଇ କେନ୍ଦ୍ର ସରକାରଙ୍କ ବିଫଳତାକୁ ଦାୟୀ କରିଥିବା ବେଳେ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ତାଙ୍କ ଫୋନର ବାର୍ତ୍ତାଳାପକୁ ଚୋରି କରାଯାଉଥିବା ଗଣମାଧ୍ୟମକୁ ଜଣାଇଛନ୍ତି । ଏପରି କି ଅର୍ଦ୍ଧସାମରିକ ବଳଙ୍କ ଉପରେ ଆକ୍ରମଣ ପରେ ପଶ୍ଚିମବଙ୍ଗରେ ହିଂସା ଭିଆଇବାକୁ କେତେକ ଚକ୍ରାନ୍ତ ଚଳାଇଥିବା ମମତା କହିଛନ୍ତି ।

### କଂଗ୍ରେସରେ କୀର୍ତ୍ତି ଆଜାଦ୍



**ନୂଆଦିଲ୍ଲୀ,୧୮ ।୨**-ପୂର୍ବତନ ଭାଜପା ଏମ୍‌ପି ତଥା ଭେଟେରାନ କ୍ରିକେଟର କୀର୍ତ୍ତି ଆଜାଦ୍ (୬୦) ସୋମବାର କଂଗ୍ରେସରେ ସାମିଲ୍ ହୋଇଛନ୍ତି । ୧୯୮୩ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ଆଜାଦ୍ ବିହାରର ଦରଭଙ୍ଗା ଲୋକ ସଭା ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ । ୨୦୧୫ରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ଭାଜପାରୁ ନିଲମ୍ବିତ କରାଯାଇଥିଲା । କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଆଜାଦ୍ ଭାଜପା ସହ ଦୀର୍ଘ ୨୬ ବର୍ଷର ସମ୍ପର୍କ ଛିନ୍ନ କରିଥିବା କହିଛନ୍ତି । କଂଗ୍ରେସର ସଦସ୍ୟତା ଗ୍ରହଣ କରିବା ପରେ ପୁଣି ଥରେ ସେ ନିଜ ଘରକୁ ଫେରିଥିବା ଜଣାଇଛନ୍ତି । ମୋ ବାପା ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ଭଗୱତ୍ ଝାଙ୍କୁ ୧୯୫୨ରେ ୨୬ ବର୍ଷ ବୟସରେ ଜବାହରଲାଲ ନେହେରୁ ଏମ୍‌ପି କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

### ■ ବିଶ୍ୱ ସମୁଦାୟକୁ ମୋଦିଙ୍କ ଆହ୍ୱାନ: ଆତଙ୍କବାଦ ବିରୋଧରେ ଏକାଠି ହୁଅ

# ଏବେ କାର୍ଯ୍ୟାନୁଷ୍ଠାନର ବେଳ

ନୂଆଦିଲ୍ଲୀ,୧୮ ।୨(ପି.ଟି.)

ଆଉ ଆଲୋଚନା ନୁହେଁ, କେବଳ କାର୍ଯ୍ୟାନୁଷ୍ଠାନ । ଆତଙ୍କବାଦକୁ ସମର୍ଥନ କରି ମୃତ୍ୟୁର ସୌଦାଗରମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଦେଶଗୁଡ଼ିକ ସହ କଥାବାର୍ତ୍ତା କରିବାର ସମୟ ଶେଷ ହୋଇଯାଇଛି । ଏବେ କେବଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର । ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଆମକୁ ଏହି ସନ୍ଦେଶ ଦେଇଛି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି ।

ଭାରତ ଗସ୍ତରେ ଥିବା ଆର୍ଜେଣ୍ଟିନା ରାଷ୍ଟ୍ରପତି ମଉରିସିଓ ମାକ୍ରିଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନର ନାମ ନ ନେଇ ପଡ଼ୋଶୀ ଦେଶକୁ କଡ଼ାଭାଷାରେ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ବିଶ୍ୱ ସମୁଦାୟ ଆତଙ୍କବାଦ ଓ ତାକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିରୋଧରେ ଏକାଠି ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ସମୟ ଆସିଯାଇଛି । ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଆତଙ୍କବାଦ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ତେଣୁ ଆଲୋଚନାର ସମୟ ଅତିବାହିତ ହୋଇଯାଇଥିବା ପୁଲ୍‌ୱାମା ଆକ୍ରମଣ ବାର୍ତ୍ତା ଦେଉଛି ବୋଲି ଦୁଇନେତା ସହମତ ହୋଇଛନ୍ତି । ଭାରତ ଓ ଆର୍ଜେଣ୍ଟିନା ଆତଙ୍କବାଦ ବିରୋଧରେ ଏକ ସ୍ୱତନ୍ତ୍ର ଘୋଷଣାନାମା ଜାରି କରିଥିବା ଏକ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଛନ୍ତି । ପ୍ରକାଶ ଯେ, ପୁଲ୍‌ୱାମା ଆକ୍ରମଣ ପରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ହେଉଛନ୍ତି ଭାରତ ଗସ୍ତରେ ଆସିଥିବା ପ୍ରଥମ ଅନ୍ତର୍ଜାତୀୟ ନେତା । ଏହି ପରିପ୍ରେକ୍ଷୀରେ ପ୍ରତିରକ୍ଷା, ଆଣବିକ ଶକ୍ତି, ପର୍ଯ୍ୟଟନ, ସୂଚନା ଓ ଯୋଗାଯୋଗ କାରିଗରି ଏବଂ କୃଷି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ୧୦ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

### ଭାରତ-ଆର୍ଜେଣ୍ଟିନା ୧୦ ଚୁକ୍ତି



ଆର୍ଜେଣ୍ଟିନା ରାଷ୍ଟ୍ରପତି ମଉରିସିଓ ମାକ୍ରିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

### ଜଣଙ୍କ ବଦଳରେ ୨ ମୁଣ୍ଡ ଆଣ

ଚଣ୍ଡିଗଡ଼,୧୮ ।୨(ପି.ଟି.)



ଅମରିନ୍ଦର ସିଂ

ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ଦେଶ ସ୍ତବ୍ଧ । ଆକ୍ରମଣରେ ଶହୀଦ ହୋଇଥିବା ପ୍ରତି ଯବାନଙ୍କ ଜୀବନ ବଦଳରେ ୨ ପାକିସ୍ତାନୀ ସୈନ୍ୟଙ୍କ ମୁଣ୍ଡ ଅଣାଯାଉ । ପାକିସ୍ତାନଠାରୁ ଏହାର ପ୍ରତିଶୋଧ ନିଆଯିବା ଜରୁରୀ ବୋଲି ସୋମବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି । ସାମରିକ, କୂଟନୈତିକ ଓ ଅର୍ଥନୈତିକ ସ୍ତରରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

### ଉଚ୍ଚାୟୁକ୍ତଙ୍କୁ ଡକାଇଲା ପାକ୍

ଇସ୍‌ଲାମାବାଦ,୧୮ ।୨(ପି.ଟି.)



ସୋହାଇଲ ମେହମୁଦ

ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ହାଇକମିଶନର ସୋହାଇଲ ମେହମୁଦ୍‌ଙ୍କୁ ଇସ୍‌ଲାମାବାଦ ସୋମବାର ଡକାଇଛି । ପୁଲ୍‌ୱାମା ଆକ୍ରମଣ ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇ କୂଟନୈତିକ ତିକ୍ତତା ଉତ୍ତେଜନା ସୃଷ୍ଟି ହୋଇଛି । ଏଥିପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ତାଙ୍କୁ ଇସ୍‌ଲାମାବାଦ ଡକାଯାଇଥିବା ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ଟୁଇଟ୍ କରିଛନ୍ତି ।

### ପାକିସ୍ତାନକୁ ବଦନାମ କରନାହିଁ: ଚାଇନା

ବେଜିଂ,୧୮ ।୨(ପି.ଟି.)-ପୁଲ୍‌ୱାମା ଆକ୍ରମଣକୁ ନେଇ ପାକିସ୍ତାନକୁ ବଦନାମ କରିବା ପରିବର୍ତ୍ତେ ଭାରତ ନିଜ ଆତଙ୍କବାଦ ନିରୋଧୀ ନୀତିର ପୁନର୍ବିଚାର କରୁ ବୋଲି ସୋମବାର ଚାଇନାର ଏକ ସରକାରୀ ଗଣମାଧ୍ୟମ କହିଛି । ଗ୍ଲୋବାଲ୍ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ଆକ୍ରମଣ ପାଇଁ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କୁ ବିନା ପ୍ରମାଣରେ ଦୋଷ ଦେବା ଅନୁଚିତ । ଏଭଳି ସମୟରେ ଭାରତ 'ନୀରବ କୂଟନୀତି' ଆପଣାଇବା ଉଚିତ ବୋଲି ନୂଆଦିଲ୍ଲୀକୁ ପରାମର୍ଶ ଦେଇଛନ୍ତି ରିପୋର୍ଟ ପ୍ରସ୍ତୁତକାରୀ ୟୁ ଜିନ୍‌ସୁଇ ।

### ସୌଦି ଯୁବରାଜଙ୍କୁ ନିଶାନ୍-ଇ-ପାକିସ୍ତାନ ସମ୍ମାନ

**ଇସ୍‌ଲାମାବାଦ,୧୮ ।୨**-ସୌଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲମନଙ୍କୁ ସୋମବାର ପାକିସ୍ତାନ ସରକାର ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ନିଶାନ୍-ଇ-ପାକିସ୍ତାନ'ରେ ସମ୍ମାନିତ କରିଛି । ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ କରିବାରେ ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଇସ୍‌ଲାମାବାଦ୍ ପକ୍ଷରୁ କୁହାଯାଇଛି ।

## ଫୁର୍‌ସତ

### ପାକିସ୍ତାନରେ ରିଲିଜ ହେବନାହିଁ 'ଟୋଟାଲ ଧମାଲ'




**ମୁମ୍ବାଇ:** ଆଗାମୀ ଫିଲ୍ମ 'ଟୋଟାଲ ଧମାଲ' ପାକିସ୍ତାନରେ ରିଲିଜ ହେବନାହିଁ ବୋଲି ସୋମବାର ଘୋଷଣା କରିଛନ୍ତି ଅଭିନେତା-ପ୍ରଯୋଜକ ଅଜୟ ଦେବଗନ୍ । ଗତ ସପ୍ତାହରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବାପରେ ଏହି ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ପରିସ୍ଥିତିରେ ଟୋଟାଲ ଧମାଲ ପାକିସ୍ତାନରେ ରିଲିଜ ନ କରାଇବାକୁ ଟିମ୍ ନିଷ୍ପତ୍ତି ନେଇଥିବା ଅଜୟ ଟୁଇଟ୍ କରିଛନ୍ତି ।

'ଟୋଟାଲ ଧମାଲ' ହେଉଛି 'ଧମାଲ୍' ସଫଳ କାହାଣୀର ତୃତୀୟ ସଂସ୍କରଣ । ଧମାଲ୍‌ର ମୂଳ କାହାଣୀରେ ଅର୍ଶଦ ୱାର୍ସି, ଜାଭେଦ ଜାଫ୍‌ରି, ରିତେଶ ଦେଶମୁଖ ଏବଂ ସଞ୍ଜୟ ଦତ୍ତ ଅଭିନୟ କରିଥିଲେ ।

ବର୍ତ୍ତମାନ ସଂସ୍କରଣରେ ଅଭିନୟ କରିଛନ୍ତି ମାଧୁରୀ ଦୀକ୍ଷିତ ନେନେ, ଅନିଲ କପୁର ଏବଂ ବୋମାନ ଇରାନୀ । ଏହାର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଫକ୍ସ ଷ୍ଟାର ଷ୍ଟୁଡିଓ ଏବଂ ଅଜୟ ଦେବଗନ୍ ଫିଲ୍ମସ । ଏହା ଫେବୃୟାରୀ ୨୨ରେ ରିଲିଜ ହେବାର ଅଛି ।

### ଟାର୍ଗେଟ୍‌ରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'

| BRPL (Expansion), Kalinganagar | Emami Cement , Jajpur |
| Jay Bharat Spices, Cuttack | Utkal Bricks & Industries, Khurdha |

***( Ground-Breaking )***

| | |
|---|---|
| AB Dinesh Concrete, Cuttack | Agrilink Food Processing, Ramdaspur |
| AKM Agro, Khurda | Brightstar Exim House, Deras |
| Hindalco Coal Gasification, Hirakud | Hindalco Solar, Sambalpur |
| Hindustan Coca Cola Beverages, Khurda | Infunex Healthcare, Ramdaspur |
| Narbheram Power & Steel, Dhenkanal | Odisha Aqua Traders & Marine Exporters, Deras |
| Omjay EV, Jajpur | Runaya Refining, Jharsuguda |
| Sapphire Alumina, Angul | Sushma Ferro Alloys, Angul |

***Investment of Rs. 2,196 crore with potential employment for 3,465***

ODISHA
NEW OPPORTUNITIES

For further information please visit http://www.investodisha.gov.in/ Contact us at email: info@investodisha.org | Toll Free Number: 1800 345 7111

Download our mobile app **'InvestOdisha'** from Follow us on @investInOdisha /investOdisha

14005/13/0067/1819



ଭାରତୀୟ କ୍ରିକେଟ ଦଳରେ ଯୋଗଦେବା ଲାଗି ଡାକରା ପାଇବା ବେଳେ ଆଶ୍ଚର୍ଯ୍ୟ ଚକିତ ହେବା ସହ ମୁଁ ନିର୍ବାକ ହୋଇଯାଇଥିଲି ।

–ମୟଙ୍କ ମାର୍କଣ୍ଡେ, ଭାରତୀୟ କ୍ରିକେଟର



ବିଗ୍‌ବାଶ୍ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳି ଭାରତ ଟୁର୍ ବେଳେ ଭଲ ଖେଳିପାରିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ ।

–ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ପାକିସ୍ତାନ ସହ କ୍ରିକେଟ ସମ୍ଭବ ନୁହେଁ

ନୂଆଦିଲ୍ଲୀ,୧୮।୨(ପିଟି): କେନ୍ଦ୍ର ସରକାରଙ୍କ ଅନୁମତି ନ ମିଳିଲା ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ସମ୍ଭବ ନୁହେଁ ବୋଲି ପୁଲୱାମା ଆକ୍ରମଣ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅଧକ୍ଷ ରାଜୀବ ଶୁକ୍ଳା କହିଛନ୍ତି। କ୍ରୀଡ଼ା ସବୁଠାରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଯଦି କେହି ଆତଙ୍କବାଦ୍‌କୁ ପ୍ରୋତ୍ସାହନ ଦେଉଛି, ତାହାର ପ୍ରଭାବ କ୍ରୀଡ଼ା ଉପରେ ନିଶ୍ଚିତ ପଡ଼ିବ। ଆମ ସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ। ସରକାର ଅନୁମତି ନ ଦେଲେ, ଆମେ ପାକିସ୍ତାନ ସହ ଖେଳିବୁ ନାହିଁ ବୋଲି ଶୁକ୍ଳା ସ୍ପଷ୍ଟ କରିଛନ୍ତି। ତେବେ ବିଶ୍ୱକପ୍‌ରେ ପାକିସ୍ତାନ ସହ ଭାରତୀୟ ଦଳ ଖେଳିବ କି ନାହିଁ, ଏ ନେଇ ସ୍ପଷ୍ଟ ଉତ୍ତର ଦେଇ ନାହାନ୍ତି ଶୁକ୍ଳା।





କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟନ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଅଭିନବ ବିନ୍ଦ୍ରା ଉପସ୍ଥିତ ଅଛନ୍ତି। କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀଙ୍କ ସହ ଅତିଥିମାନେ।

## ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟିତ

# ବୈଜ୍ଞାନିକ ପଦ୍ଧତିରେ ଟ୍ରେନିଂ ଗୁରୁତ୍ୱପୂର୍ଣ୍ଣ: ବିନ୍ଦ୍ରା

ଭୁବନେଶ୍ୱର, ୧୮।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏକାଧିକ କ୍ରୀଡ଼ାର ଅନ୍ତର୍ଜାତୀୟ ଇଭେଣ୍ଟ ପାଇଁ କଳିଙ୍ଗ ଷ୍ଟାଡିୟମ କେନ୍ଦ୍ରବିନ୍ଦୁ ପାଲଟି ସାରିଥିବାବେଳେ ଏବେ ଏଠାରେ ଉପଲବ୍ଧ ହୋଇଛି ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର(ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର)। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ତାରକା ଶୁଟର ଅଭିନବ ବିନ୍ଦ୍ରାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ାର ଉନ୍ନତି ପାଇଁ ଗତବର୍ଷ ଶେଷ ଭାଗରେ ବିଭିନ୍ନ କମ୍ପାନୀ ସହ ହୋଇଥିବା ବୁଝାମଣାପତ୍ର ଭିତ୍ତିରେ ରାଜ୍ୟ ସରକାର ଏବେ ଆଗକୁ ବଢ଼ିଛନ୍ତି। ଭୁବନେଶ୍ୱରରେ ଏପରି ଏକ ସେଣ୍ଟରକୁ ଉଦ୍‌ଘାଟନ କରି ସେ ଖୁବ୍ ଖୁସି ବୋଲି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ଅନ୍ୟପକ୍ଷରେ କ୍ରୀଡ଼ା ବିଜ୍ଞାନ ଆଥଲେଟ୍‌ଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଟ୍ରେନିଂ ଦ୍ୱାରା ସେମାନେ ବୈଜ୍ଞାନିକ ପଦ୍ଧତିରେ ସେମାନଙ୍କୁ ପ୍ରସ୍ତୁତ କରିପାରିବେ ବୋଲି ବିନ୍ଦ୍ରା କହିଛନ୍ତି। ଅଘୋଷିତଭାବେ ଭାରତର କ୍ରୀଡ଼ା ରାଜଧାନୀ ପାଲଟିଥିବା ଭୁବନେଶ୍ୱରରେ ଏବେ ବୈଜ୍ଞାନିକ ପଦ୍ଧତିରେ ଦେଶ ବିଦେଶର ଆଥଲେଟମାନେ ସେମାନଙ୍କ ଆହତ ସମସ୍ୟାକୁ ଦୂର କରିବା ସହ ବଡ଼ ଇଭେଣ୍ଟ ପାଇଁ ପ୍ରସ୍ତୁତ ହୋଇପାରିବେ। ଏହି ସେଣ୍ଟର ଉପଲବ୍ଧ ହେବାଦ୍ୱାରା ଭାରତରେ ପ୍ରଥମଥରପାଇଁ ଗୋଟିଏ ଛାତତଳେ ଖେଳାଳିମାନେ ନିଜ ନିଜର ଆହତ ସମସ୍ୟା, ଶକ୍ତି ଓ ସାମର୍ଥ୍ୟକୁ ପରୀକ୍ଷା କରାଇବା ସହ ଆରୋଗ୍ୟଲାଭ କରିପାରିବେ, ଟ୍ରେନିଂ ନେଇପାରିବେ ଏବଂ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଏବଂ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସେଣ୍ଟରରେ ଉପଲବ୍ଧ ସୁବିଧାସୁଯୋଗ ବୁଲି ଦେଖିଥିଲେ।

### ‘ଓଡ଼ିଶା କ୍ରୀଡ଼ା ପାଇଁ ଏକ ବଡ଼ ଦିନ’

କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ଏହି ସେଣ୍ଟରରେ ୧୨ରୁ ଊର୍ଦ୍ଧ୍ୱ ଅତ୍ୟାଧୁନିକ ମେଶିନ ଉପଲବ୍ଧ। ଏହାକୁ ପରିଚାଳନା କରିବା ପାଇଁ ଦେଶ ଓ ବିଦେଶରୁ ଟେକ୍ନିସିଆନମାନେ ନିୟୋଜିତ ହେବେ। ଓଡ଼ିଶା କ୍ରୀଡ଼ା ପାଇଁ ଆଜି ଏକ ବଡ଼ ଦିନ। ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର କ୍ରୀଡ଼ା ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ଆଧାରିତ। ଏଥିପାଇଁ ଅବିନବ ବିନ୍ଦ୍ରାଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। ବିଭିନ୍ନ କ୍ରୀଡ଼ାକୁ କ୍ୟାରିୟର କରୁଥିବା ଖେଳାଳିମାନେ ଟେକ୍ନୋଲୋଜି ମାଧ୍ୟମରେ ସେମାନଙ୍କ ସାମର୍ଥ୍ୟ ଏବଂ ପ୍ରଦର୍ଶନକୁ ଆହୁରି ବଢ଼ାଇପାରିବେ। ଟେକ୍ନୋଲୋଜି ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ବର୍ଷର ସବୁଠାରୁ ଆଡଭାନ୍ସ ସେଣ୍ଟର ଏଠାରେ ପ୍ରତିଷ୍ଠା ହୋଇ ପାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାଦ୍ୱାରା ରାଜ୍ୟ ଖେଳାଳିଙ୍କ ଦକ୍ଷତା ଏବଂ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିବ। ପର୍ଯ୍ୟାୟକ୍ରମେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀମାନଙ୍କୁ ଏଠାକୁ ଅଣାଯାଇ ପରୀକ୍ଷା କରାଯିବ ଏବଂ ସେମାନେ କିପରି ନିଜ ନିଜ ଖେଳରେ ଆଗକୁ ବଢ଼ି ପାରିବେ ତା ଉପରେ ଧ୍ୟାନ ଦିଆଯିବ ବୋଲି ଚନ୍ଦ୍ରସାରଥି କହିଛନ୍ତି।



କ୍ରୀଡ଼ା ଛାତ୍ରାବାସର ଜଣେ ଆଥଲେଟ୍ ନିଜ ଦକ୍ଷତା ପରଖୁଛନ୍ତି।

### ‘ରାଜ୍ୟ ଆଥଲେଟ୍‌ଙ୍କ ପାଇଁ ଦେୟ ମୁକ୍ତ’

ଦୂତୀ ଚାନ୍ଦ ଏବଂ ଶ୍ରାବଣୀ ନନ୍ଦଙ୍କ ପରି ରାଜ୍ୟର ଏଲିଟ ଆଥଲେଟ୍‌ଙ୍କ ସମେତ କ୍ରୀଡ଼ା ଛାତ୍ରାବାସରେ ଥିବା ପିଲାମାନେ ମଧ୍ୟ ଏଠାରେ ଉପଲବ୍ଧ ସୁବିଧାର ସଦୁପଯୋଗ କରିପାରିବେ। ପିଲାମାନେ କିପରି ଅଗ୍ରସର ହେଉଛନ୍ତି ତାହା ଦେଖିବା ପାଇଁ ବର୍ଷକୁ ଅତିକମ୍‌ରେ ଦୁଇଥର ପରୀକ୍ଷା କରାଯିବ। ବିଭିନ୍ନ ରାଜ୍ୟ ଆସୋସିଏଶନ ଏବଂ ନ୍ୟାଶନାଲ ଫେଡେରେଶନ ସହିତ ମଧ୍ୟ ଆମେ ଆଲୋଚନା କରି ଏଠାକାର ସୁବିଧା ସୁଯୋଗ ସମ୍ପର୍କରେ ମଧ୍ୟ ଅବଗତ କରାଇବୁ। ଫଳରେ ରାଜ୍ୟ ବାହାରର ଆଥଲେଟ୍‌ମାନେ ମଧ୍ୟ ଏଠାରେ ଉପଲବ୍ଧ ସୁଯୋଗର ଫାଇଦା ନେଇ ପାରିବେ। ଓଡ଼ିଶା ଆଥଲେଟ୍‌ଙ୍କ ପାଇଁ ଏହା ପ୍ରାୟତଃ ଦେୟ ମୁକ୍ତ ରହିବ, ତେବେ ଅନ୍ୟ ଆଥଲେଟମାନଙ୍କୁ ଫି ଦେବାକୁ ପଡ଼ିବ। କେଉଁ ଆଥଲେଟ୍‌ଙ୍କ ପାଇଁ କେତେ ଫି ରହିବ ତାହା ପରିସ୍ଥିତି ଅନୁଧ୍ୟାନ କରି ପରେ ସ୍ଥିର ହେବ। ବାହାରୁ ମାଷ୍ଟର ଟ୍ରେନରମାନେ ଆସି ଏଠାରେ କାର୍ଯ୍ୟ କରିବେ। ସେ ସମ୍ପର୍କରେ ଅଭିନବ ବନ୍ଦ୍ରା ନିଷ୍ପତ୍ତି ନେବେ। ଏହା ବ୍ୟତୀତ କିଛି ସ୍ଥାନୀୟ ବ୍ୟକ୍ତିଙ୍କୁ ଟ୍ରେନିଂ ଦେଇ ଏଠାରେ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି କ୍ରୀଡ଼ା ସଚିବ ବିଶାଲ ଦେବ।

### ‘ସବୁ ବର୍ଗର ଆଥଲେଟ୍ ଉପକୃତ ହେବେ’

ଓଡ଼ିଶାରେ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ସମ୍ପନ୍ନ ଏପରି ଏକ ସେଣ୍ଟର ଉପଲବ୍ଧ ହୋଇଥିବାରୁ ମୁଁ ବହୁତ ଖୁସି। ସେଥିପାଇଁ ପ୍ରଥମେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ସରକାରଙ୍କ ସହ ମୋର ଆଲୋଚନା ଫଳପ୍ରଦ ହେବାଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ଏଠାରେ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ ସେଣ୍ଟର ପ୍ରତିଷ୍ଠା ହୋଇପାରିଛି। ଏଠାରେ ତୃଣମୂଳ ସ୍ତରର ଖେଳାଳିଙ୍କ ସହିତ ଯୁବାବସ୍ଥାରେ ଥିବା ଏବଂ ଅଭିଜ୍ଞ ଆଥଲେଟ୍‌ମାନେ ଟ୍ରେନିଂ ନେଇ ପାରିବେ। ଏପରି ବିଶ୍ୱସ୍ତରୀୟ ଟେକ୍ନୋଲୋଜି ସମ୍ପନ୍ନ ମେଶିନ ସବୁ ଦେଶରେ ନାହିଁ। ଅନେକ ଆଥଲେଟ୍ ଜୀବନସାରା ଏପରି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ମାତ୍ର ଓଡ଼ିଶାରେ ଏବେ ତୃଣମୂଳ ସ୍ତରର ଆଥଲେଟ୍‌ମାନେ ମଧ୍ୟ ଏହାର ସଦ୍‌ବ୍ୟବହାର କରିପାରିବେ। ଏବେ ଏହି ସେଣ୍ଟରକୁ ନେଇ ମୁଁ ବହୁତ ଉତ୍ସାହିତ ବୋଲି କହିଛନ୍ତି ଅଭିନବ ବିନ୍ଦ୍ରା। ଏହି ସେଣ୍ଟରରେ ସବୁ କ୍ରୀଡ଼ାର ଆଥଲେଟ୍‌ମାନେ ଉପକୃତ ହୋଇପାରିବେ। କାରଣ ଏଥିରେ ରହିଛି ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ଆନାଲିଟିକ୍ସ ଏବଂ ଔଷଧର ସମ୍ମିଶ୍ରଣ। ମୁଁ ଜଣେ ଶୁଟର ହୋଇଥିବାରୁ ଏହା ଏହି କ୍ରୀଡ଼ାକୁ କ୍ୟାରିୟର କରୁଥିବା ପିଲାଙ୍କୁ ଅନେକ ପରିମାଣରେ ଉପକାର ଦେଇ ପାରିବ ବୋଲି ଜୋର ଦେଇ କହିପାରିବି। ଶୁଟିଂରେ ବାଲାନ୍ସ, ଦୃଢ଼ତା ଆବଶ୍ୟକ, ଯାହାକି ଏଠାରେ ଟ୍ରେନିଂ ନେବାଦ୍ୱାରା ସମ୍ଭବ ହୋଇ ପାରିବ। ବିଭିନ୍ନ ଖେଳାଳିଙ୍କଠାରେ ଭିନ୍ନ ଆହତ ସମସ୍ୟା ରହିଛି। ଯାହାର ଉପଚାର ଏଠାରେ ହୋଇ ପାରିବ। ବିଦେଶରୁ ବିଶେଷଜ୍ଞମାନେ ଆସି ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଟେକ୍ନୋଲୋଜି ସମ୍ପର୍କରେ ଅବଗତ କରାଇବେ। ମାତ୍ର ସ୍ଥାୟୀଭାବେ ଏଠାରେ ସ୍ଥାନୀୟ ଟ୍ରେନର ମାନେ ହିଁ ଟ୍ରେନିଂ ଦେବେ। ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ମୁଁ ବ୍ୟକ୍ତିଗତଭାବେ ଜାଣିଛି। ସେ ଜଣେ ପ୍ରତିଭା ସମ୍ପନ୍ନ ଶୁଟର। ଦିନକୁ ଦିନ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସୁଛି। ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ବିନ୍ଦ୍ରା ପ୍ରକାଶ କରିଛନ୍ତି। ଚଳିତ ମାସରେ ଆରମ୍ଭ ହେବାକୁ ଯାଉଥିବା ଶୁଟିଂ ବିଶ୍ୱକପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମଧ୍ୟ ଆଗକୁ ଆସୁଛି। ଭାରତର ଅନେକ ଯୁବ ଶୁଟର ଏବେ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି। ଶୁଟିଂ ସ୍ପୋର୍ଟ୍ସ ଭାରତରେ ଯେପରି ଅଗ୍ରସର ହେଉଛି ନିଶ୍ଚିତଭାବେ ଖୁବ୍‌ଶୀଘ୍ର ଭଲ ଫଳାଫଳ ମିଳିବ। ଗତ ୧୦ ବର୍ଷ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ସ୍ତର ବଢ଼ିଛି। ମୁଁ କ୍ୟାରିୟର ଆରମ୍ଭ କଲାଭାବେ ଏତେ ସଂଖ୍ୟକ ଆଥଲେଟ୍ ଶୁଟିଂକୁ ଆସୁ ନ ଥିଲେ। ମାତ୍ର ଏବେ ଏଥିରେ ପରିବର୍ତ୍ତନ ହୋଇଥିବାରୁ ନିଶ୍ଚିତ ଭଲ ଫଳ ମିଳିବ ବୋଲି ଆଶା କରାଯାଇପାରିବ। ୨୦୨୦ ଅଲିମ୍ପିକ୍ସ ପାଇଁ କେଉଁମାନେ ଭାରତର ପଦକ ଦାବିଦାର କହିବା ସମ୍ଭବ ନୁହେଁ, ମାତ୍ର ନିଶ୍ଚିତଭାବେ ଏକାଧିକ ଦାବିଦାର ଆସନ୍ତା ଅଲିମ୍ପିକ୍ସରେ ଉଭାହେବେ ବୋଲି ସେ ପ୍ରକାଶ କରିଛନ୍ତି।

### ଅଲିମ୍ପିକ୍ସ ଚାମ୍ପିୟନ୍ସ ସୃଷ୍ଟି ଲକ୍ଷ୍ୟ: ରାଣାୱତ

ଭୁବନେଶ୍ୱରରେ ହାଇପରଫରମାନ୍ସ ଟ୍ରେନିଂ ଏବଂ ରିହାବ ସେଣ୍ଟର ଉପଲବ୍ଧ ହୋଇଥିବାରୁ ମୁଁ ମୁଁ ବହୁତ ଖୁସି। ଆଗାମୀ ୪-୫ ବର୍ଷରେ ଅଲିମ୍ପିକ୍ସ ଚାମ୍ପିୟନ୍ସ ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏଠାରେ ଅତ୍ୟାଧୁନିକ ମେଶିନ ଉପଲବ୍ଧ। ତେଣୁ ବିଭିନ୍ନ କ୍ରୀଡ଼ାର ଆଥଲେଟ୍‌ମାନେ ଭିନ୍ନ ଭିନ୍ନ ଟ୍ରେନିଂ କରି ଏଥିରୁ ଉପକୃତ ହୋଇପାରିବେ। ଆହତ ସମସ୍ୟା ସବୁବେଳେ ପ୍ରଦର୍ଶନକୁ ପ୍ରଭାବିତ କରିଥାଏ। ତାହାକୁ ଦୂର କରିବା ଏହି ସେଣ୍ଟରର ଅନ୍ୟତମ ଉଦ୍ଦେଶ୍ୟ। ରାଜ୍ୟର ପାଖାପାଖି ୧୫୦୦ ଆଥଲେଟ୍ ଏଠାରେ ଟ୍ରେନିଂ ନେବେ। ଏହା ଏକ ଆଡ୍‌ଭାନ୍ସ ସେଣ୍ଟର ହୋଇଥିବାରୁ ଆହତ ସମସ୍ୟା ନେଇ ଆସୁଥିବା ବାହାର ଆଥଲେଟ୍‌ଙ୍କର ମଧ୍ୟ ଏଠାରେ ଉପଚାର କରାଯିବ। ଓଡ଼ିଶାରେ ଏବେ ବହୁତ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ତେଣୁ ବିଦେଶର ଆଥଲେଟ୍‌ମାନେ ମଧ୍ୟ ଏଠାରେ ଟ୍ରେନିଂ ନେଇ ପାରିବେ। ଏବେ ଆମ ନିକଟରେ ୬ ଜଣ ବିଶେଷଜ୍ଞ ରହିଛନ୍ତି। ନିୟମିତ ବ୍ୟବଧାନରେ ସ୍ପୋର୍ଟ୍ସ ମେଡିସିନ ଡାକ୍ତରମାନେ ଏଠାକୁ ଆସିବା କାର୍ଯ୍ୟକ୍ରମ ରହିଛି। ପ୍ରତି ଦୁଇ ମାସରେ ବିଦେଶରୁ ଏକ୍ସପର୍ଟମାନେ ଆସି ସ୍ଥିତି ଅନୁଧ୍ୟାନ କରିବେ ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟରର ନିର୍ଦ୍ଦେଶକ ଡକ୍ଟର ଦୀପ୍ତାଲ ରାଣାୱତ ପ୍ରକାଶ କରିଛନ୍ତି।


## CLASSIFIED DISPLAY

FRANCHISE BUSINESS BAZAAR
BHUBANESWAR
BUSINESS OPPORTUNITY SHOW
Place: Pratima Enclave, Flat No.- 202
Near Durga Mandap, Baramunda
Dt.: 23 Feb., 2019
Call Us: 7682051677
100+ BRANDS
Timing: 10.00 A.M. to 06.00 P.M.
Website: www.franchisebusinessbazaar.com

SPOKEN ENGLISH
veta
ଆସନ୍ତୁ ଭଲ ଇଂଲିସ୍ କହିବା
Experts in spoken English

| | |
|---|---|
| Patia | 9337051526 |
| Khandagiri | 9338644666 |
| Saheed Nagar | 9338154139 |
| Buxi Bazar | 9778044550 |
| Balasore | 7735033550 |

BREAST REDUCTION
AUGMENTATION
LIPOSUCTION
ABDOMINOPLASTY
RHINOPLASTY
HAIR REMOVAL
XANTHELASMA
MOLES & WARTS REMOVAL
POST-ACNE SCAR TREATMENT
TATOO REMOVAL
HAEMANGIOMA
WRINKLE TREATMENT
FOR ALL YOUR QUERIES :
9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,



ଭାତୁଡ଼ି | କିଲଏଡ଼ | ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ପରିଣତ କରୁଥିବା ୭ ଦୈବୀଶକ୍ତି ଓ କଳା ବିଦ୍ୟାରେ ନିପୁଣ
୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ଯଦି ଆପଣ କୌଣସି ସମସ୍ୟା କାରଣରୁ ଚିନ୍ତିତ ତେବେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରନ୍ତୁ
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଳେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବନ୍ଧନକୁ ଖୋଲାନ୍ତୁ, ପୋତା ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ଯାଦୁ-ଟୋନା, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ମନ ଚାହୁଁଥିବା ପ୍ରେମ, ରୋଗରେ ଔଷଧ କାମ ନ କରିବା, ପୁରୁଣା ଯନ୍ତ୍ରଣା, ବିଦେଶ ଯାତ୍ରା, ପିଲାମାନଙ୍କ ସମସ୍ୟା, କୋର୍ଟ କେସ୍, ଫିଲ୍ମ, ମଡେଲିଂ କ୍ୟାରିୟରରେ ସଫଳତା।
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା କେହି ବାହାର ଲୋକ, ଶ୍ୱଶୁର ଘର ଲୋକେ ହଇରାଣ କରୁଛନ୍ତି କି?
ସ୍ପେ. ବଶୀକରଣ, ମୁଠକରଣୀ ଓ କଳାଯାଦୁ
ବାବା ଆଲାଉଦ୍ଦିନ ବଙ୍ଗାଲି
ରେଳ ଷ୍ଟେଶନ ନିକଟ
9654724520
9990987786

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୯/୨୦୧୯ Sambalpur, Tuesday, February 19 / 2019

**ସଂକ୍ଷେପରେ**

## ୟୁଜିବି ବ୍ୟାଙ୍କ ପରିଚାଳକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଭବାନୀପାଟଣା,୧୮।୨(ଡି.ଏନ.ଏ.): କଳହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣୁପୁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ (ୟୁଜିବି) ପରିଚାଳକ ନିର୍ମଳ ଚରଣ ଧଙ୍ଗଡାମାଝି କୌଣସି କାରଣରୁ ସୋମବାର ସକାଳେ ଏସିଡ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ବ୍ୟାଙ୍କର କୌଣସି କାମକୁ ନେଇ ସେ ଚାପଗ୍ରସ୍ତ ରହୁଥିବା ସମ୍ପର୍କୀୟଙ୍କଠୁ ଜଣାପଡିଛି। ତେବେ ବର୍ତ୍ତମାନ ସୁଦ୍ଧା ମଧ ତାଙ୍କ ଆତ୍ମହତ୍ୟର କାରଣ ଜଣାପଡିନାହିଁ। ଏ ନେଇ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ରାଣୀପୁର-ଝରିଆଲରେ ବେଆଇନ ଖନନ, ସ୍ମାରକୀ ପୋତିବା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଏଏସ୍ଆଇ ଅଧୀକ୍ଷକ

ବଲାଙ୍ଗୀର ଅଫିସ, ୧୮।୨

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍ଆଇ) ଅଧୀନରେ ଥିବା ରାଣୀପୁର-ଝରିଆଲ ପ୍ରାଚୀନ ଐତିହ୍ୟ ସମୂହ ନିକଟରେ ବେଆଇନ୍ ଗାତ ଖୋଳାଯିବା ପରେ ଏବେ ଐତିହାସିକ ଭଗ୍ନ ସ୍ମାରକୀ ଉପରେ ମାଟି ପୋତି ଦିଆଯାଇଛି । ଲୋୟର ଇନ୍ଦ୍ର ପ୍ରକଳ୍ପର କେନାଲ ଖୋଳାଯାଇ ପାଇପ ପକାଯିବାବେଳେ ଏହି ଐତିହାସିକ ସ୍ମାରକୀ ଅଞ୍ଚଳରେ ଆଇନ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଧରିତ୍ରୀରେ ପ୍ରକାଶ ପାଇବା ପରେ ଏବେ ପ୍ରତ୍ନତାତ୍ତ୍ୱିକ ବିଭାଗ ଓ ଜିଲା ପ୍ରଶାସନ ଘଟଣାର ତଦନ୍ତ କରିବାକୁ ଆଗଭର ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ଅଧୀକ୍ଷକ ଅରୁଣ ମଲ୍ଲିକ ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଅଞ୍ଚଳରେ ବେଆଇନ୍ ଖନନ ଓ ସ୍ମାରକୀ ଉପରେ ମାଟି ପୋତାଯିବା ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି । ପ୍ରତ୍ନତାତ୍ତ୍ୱିକ ଅଧୀକ୍ଷକ ମଲ୍ଲିକଙ୍କୁ ପଚରାଯିବାରୁ ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଅଞ୍ଚଳରେ ଯଦି କୌଣସି ବେଆଇନ ଖନନ ହୋଇଛି ବା କୌଣସି ସ୍ମାରକୀ ଉପରେ ମାଟି ପୋତାଯାଇଛି ତେବେ ଖୁବ୍ଶୀଘ୍ର ଏହାର ବିଭାଗୀୟ ତଦନ୍ତ କରାଯିବ । ଏଭଳି ଅଭିଯୋଗ ଓ ଖବରକାଗଜରୁ ସୂଚନା ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ସେ ଘଟଣାର ତଦନ୍ତ କରି

■ ଆଇନ ଉଲ୍ଲଂଘନ ହୋଇଥିଲେ କାର୍ଯ୍ୟାନୁଷ୍ଠାନ କରାଯିବ
■ ରାଣୀପୁର-ଝରିଆଲ ପରିଦର୍ଶନ କରିବେ ବିଭାଗୀୟ ଟିମ୍
■ କ୍ଷେତ୍ର ପରିଦର୍ଶନ କରିବେ ଉପଜିଲାପାଳ



ବହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଇଛନ୍ତି । ଖୁବ୍ଶୀଘ୍ର ପ୍ରତ୍ନତାତ୍ତ୍ୱିକ ବିଭାଗର ଏକ ଟିମ୍ ରାଣୀପୁର-ଝରିଆଲ ମନ୍ଦିର ଓ ସ୍ମାରକୀ ଅଞ୍ଚଳ ପରିଦର୍ଶନ କରିବେ ବୋଲି ସେ ସୂଚନା ଦେଇଛନ୍ତି । ବାସ୍ତବରେ ଯେଉଁ ସ୍ମାରକୀ ଅଞ୍ଚଳର ସଂରକ୍ଷଣ ଓ ଉନ୍ନୟନ ନେଇ ପ୍ରତ୍ନତାତ୍ତ୍ୱିକ ବିଭାଗ ଦାୟିତ୍ୱ ନେଇଛି ସେହି ଅଞ୍ଚଳରେ କୌଣସି ଖନନ କାର୍ଯ୍ୟ କରାଯାଇଛି କି ନାହିଁ ସେନେଇ ଟିମ୍ ତଦନ୍ତ କରିବେ । ବାସ୍ତବରେ ଯଦି ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ ଚିହ୍ନିତ ଅଞ୍ଚଳରେ ବେଆଇନ ଖନନ ବା ସ୍ମାରକୀ ଉପରେ ମାଟି ପୋତାଯାଇଥାଏ ତେବେ, ସେମାନେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି । ରାଣୀପୁର-ଝରିଆଲ ମନ୍ଦିର ଅଞ୍ଚଳରେ ବେଆଇନ ଖନନ ଓ ମାଟି ପୋତାଯିବା ଘଟଣାକୁ ନେଇ ଖବର ପ୍ରକାଶନ ନେଇ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଅବଗତ ଥିବା କହି ଏନେଇ ଖୁବ୍ଶୀଘ୍ର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି । ଟିଟିଲାଗଡ ଉପଜିଲାପାଳ ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଅଞ୍ଚଳ ପରିଦର୍ଶନ କରି ବେଆଇନ ଖନନ ଓ ସ୍ମାରକୀ ଉପରେ ମାଟି ପୋତାଯିବା ଘଟଣା ତଦନ୍ତ କରିବେ ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି । ନୂଆପଡା ଜିଲାରେ ଥିବା ଲୋୟର ଇନ୍ଦ୍ର ପ୍ରକଳ୍ପରୁ ବାହାରିଥିବା କେନାଲ କାମ ସକାଶେ ଏକ ଠିକା କମ୍ପାନୀ ବେଆଇନ ଭାବେ ରାଣୀପୁର-ଝରିଆଲ ସ୍ମାରକୀ ଅଞ୍ଚଳରେ ବେଆଇନ ଖନନ ଓ ସ୍ମାରକୀ ଉପରେ ମାଟି ପୋତି ଦେଇଥିବା ଅଭିଯୋଗ ହୋଇଥିଲା। ରାଣୀପୁର-ଝରିଆଲ କେବଳ ଓଡିଶାରେ ନୁହେଁ, ସମଗ୍ର ଭାରତବର୍ଷର ଏକ ଅଦ୍ୱିତୀୟ ଯୋଗିନୀ ପୀଠ ଭାବେ ପରିଚିତ। ବୌଦ୍ଧ, ଶୈବ-ଶାକ୍ତ ଉପାସନାର ଏକ ପ୍ରମୁଖ କେନ୍ଦ୍ର ଭାବେ ଏହି ସ୍ଥାନ ବିଶେଷ ଗୁରୁତ୍ୱ ବହନ କରୁଛି । ଏହି ସ୍ଥାନର ସଂରକ୍ଷଣ ଓ ଉନ୍ନୟନ ଦାୟିତ୍ୱ ଏବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍ଆଇ) ଅଧୀନରେ ରହିଛି । ତେବେ ଏଏସ୍ଆଇ ଅଧୀନରେ ଏହି ସ୍ମାରକୀ ଅଞ୍ଚଳ ରହିଥିଲେ ମଧ ଏଠାରେ ବେଆଇନ ଖନନ ଓ ସ୍ମାରକୀ ପୋତାଯିବା ଘଟଣାକୁ ନେଇ ବୁଦ୍ଧିଜୀବୀ, ଗବେଷକ, ସାମାଜିକ କର୍ମୀ ଓ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ସମାଧି ପୀଠରେ ମାଘମେଳା ସମାରୋହ

# ମାନବବାଦ କ୍ଷେତ୍ରରେ ଭୀମଭୋଇ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ

ସୋନପୁର,୧୮।୨(ନି.ପ୍ର.)

ସନ୍ଥ କବି ଭୀମଭୋଇ ଧର୍ମ, ସଂସ୍କୃତି, ସାହିତ୍ୟ ମାନବବାଦ କ୍ଷେତ୍ରରେ ଏକ ମହାନ ଏବଂ ଉଜ୍ଜ୍ୱଳମୟ ଜ୍ୟୋତିଷ୍କ। ଯାହାଙ୍କ ଦର୍ଶନ ଏବଂ ଜ୍ଞାନାଲୋକ ସମସ୍ତ ମାନବ ଜାତିକୁ ପଥ ପ୍ରଦର୍ଶନ କରୁଛି। ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା। ଭାରତୀୟ ସାହିତ୍ୟରେ ସନ୍ଥକବି ଭୀମ ଭୋଇ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ପ୍ରଚଣ୍ଡ ମାନବବାଦୀ ଏହି ଦୃଷ୍ଟିହୀନ କବି ଜଗତର ଉଦ୍ଧାର ପାଇଁ ନିଜକୁ ନର୍କରେ ନିକ୍ଷେପ କରିବାକୁ ପ୍ରସ୍ତୁତ ଥିଲେ । ତାଙ୍କ ଅମୂଲ୍ୟ ରଚନାରେ ଓଡିଆ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ବୋଲି ସୁବର୍ଣ୍ଣପୁର ଜିଲା ଖଲିଆପାଲିଠାରେ ଥିବା ସନ୍ଥକବି ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠରେ ସୋମବାର ଅନୁଷ୍ଠିତ ସାରସ୍ୱତ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତବ୍ୟକ୍ତ କରିଛନ୍ତି ।

ଜିଲାପାଳ ତଥା ସମାଧିପୀଠ ଟ୍ରଷ୍ଟର ଅଧ୍ୟକ୍ଷ ମଧୁସୂଦନ ମିଶ୍ରଙ୍କ ପୌରହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସନ୍ଥକବି କେବଳ କବି ନଥିଲେ, ସେ ଥିଲେ ଏକାଧାରରେ ଜଣେ ବିପ୍ଳବୀ ଓ ସମାଜ ସଂସ୍କାରକ। ତାଙ୍କର ମୂଳ ଲକ୍ଷ୍ୟ ଥିଲା ଆଧ୍ୟାତ୍ମିକତା। ତାଙ୍କ କବିତାକୁ ସେ ଶବ୍ଦର ବିଳାସରେ ପରିପୂର୍ଣ୍ଣ କରି ନଥିଲେ। ସମାଜ ଓ ସମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା । ଖଲିଆପାଲି ପୀଠ ଆମ ଜିଲାର ଗର୍ବ ଓ ଗୌରବ ବୋଲି ପୂଜାରୀ କହିଥିଲେ । ଜିଲାପାଳ ମିଶ୍ର ତାଙ୍କ ବକ୍ତବ୍ୟରେ ଭୀମଭୋଇଙ୍କ ବାଣୀ ଦେଶର ଲୋକସଭା ପରିସରରେ ଓ ଜାତିସଂଘର କାନ୍ଥରେ ଶୋଭା ପାଉଛି। ତେଣୁ ଭୀମଭୋଇଙ୍କ ପାଇଁ ଏହି ମାଟି, ଜିଲା ଓ ରାଜ୍ୟ ପବିତ୍ର ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏସ୍ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୀମ ଭୋଇ ଅହିଂସାର ପୂଜାରୀ ଥିଲେ ବୋଲି କହିଥିଲେ। ଗୋରେଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମଭୋଇଙ୍କ ଆବିର୍ଭାବ ପୃଥିବୀରେ ଏକ ନବ ଜାଗରଣ ଆଣିଥିଲା। ସେ ଜୀବନର ଶେଷ ୨୦ବର୍ଷ ଖଲିଆପାଲିଠାରେ ବିତାଇ ତାଙ୍କର ଶ୍ରେଷ୍ଠ ସାହିତ୍ୟ କୃତି ସବୁ ରଚନା କରିଥିଲେ। ସେ ସମସାମୟିକ ସମାଜର ଧର୍ମାନ୍ଧତା ବିରୋଧରେ କବିତା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ସାହୁ କହିଥିଲେ। ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ ମଞ୍ଚାସୀନ ଥିଲେ । ଭୀମଭୋଇ ସମାଧିପୀଠ ଟ୍ରଷ୍ଟର ତତ୍ତ୍ୱାବଧାରକ ଛତ୍ରଧାରୀ ଅଗ୍ରୱାଲା କବିଙ୍କ ଅନନ୍ୟ କାବ୍ୟ ସୃଷ୍ଟି ସମ୍ପର୍କରେ ମତ ରଖିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷ ସକାଶେ ବଲାଙ୍ଗୀରର ନରସିଂହ ପ୍ରସାଦ ଗୁରୁଙ୍କୁ ଭୀମଭୋଇ ସ୍ମୃତି ସମ୍ମାନ, କୁମୁଣ୍ଡେର ଭକ୍ତ ଶ୍ରୀରାମ ବଡ ଭାଇଙ୍କୁ ମହିମା ସମ୍ମାନ, ଡୁଙ୍ଗୁରିପାଲି ବ୍ଲକ କପାସିରାର ପାର୍ବତୀ ଜେନାଙ୍କୁ ଭୀମଭୋଇ କଳା ସମ୍ମାନ, ଶାଶ୍ୱତ କୁମାର ତ୍ରିପାଠୀଙ୍କୁ ଯୁବ ପ୍ରତିଭା ସମ୍ମାନ ଓ ସମ୍ବଲପୁରର ପଣ୍ଡିତ ପ୍ରଫୁଲ୍ଲ କୁମାର ମିତ୍ରଙ୍କୁ ଭୀମଭୋଇ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ହୋତା ସଭାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପୁଲୱାମାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସୁବର୍ଣ୍ଣପୁର ଉପଜିଲାପାଳ ତଥା ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର ଉପାଧ୍ୟକ୍ଷ ବଳରାମ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ଗତ ରବିବାରଠାରୁ ଆରମ୍ଭ ହୋଇଥିବା ମାଘମଳା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ପରମ୍ପରା ମତେ ସୋମବାର ସନ୍ଧ୍ୟାରେ ସମାଧି ମନ୍ଦିରର ଦ୍ୱାର ଉନ୍ମୁକ୍ତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଧାଡିବାନ୍ଧି ସମାଧି ମନ୍ଦିରକୁ ଦର୍ଶନ କରୁଛନ୍ତି । ମେଳା ଅବସରରେ ସମାଧି ମନ୍ଦିର ୨ ଦିନ ପାଇଁ ଶ୍ରଦ୍ଧାଳୁଙ୍କ ସକାଶେ ଖୋଲା ରହିବ । କବିଙ୍କ ପାଦୁକା ଓ ସମାଧିକୁ ଦର୍ଶନ କରି ଭକ୍ତ ନିଜକୁ ଧନ୍ୟ ମନେ କରିଥାନ୍ତି ।



ନରସିଂହ ପ୍ରସାଦ ଗୁରୁଙ୍କୁ ଭୀମଭୋଇ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି ।

■ ଦାଦନଙ୍କ ଦୁଃଖ ସରୁନି

# ତାମିଲନାଡୁରେ ବିଶ୍ରାର ୮ ଯୁବକ ଅଟକ

ରାଉରକେଲା ଅଫିସ,୧୮।୨

ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ସୁନ୍ଦରଗଡ଼ ଜିଲା ବିଶ୍ରା ଓ ବଡଗାଁ ଅଞ୍ଚଳର ୮ଜଣ ଯୁବକ ସେଠାରେ ଅଟକ ରହିଛନ୍ତି । ଏହି ଖବର ଜଣାପଡିବା ପରେ ସେମାନଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସମ୍ପର୍କୀୟଙ୍କ ଚେଷ୍ଟା ବିଫଳ ହୋଇଛି । ହିନ୍ଦ୍ ମଜଦୁର ସଭା ନେତା ଦିଗମ୍ବର ମହାନ୍ତି ଏନେଇ ଜିଲା ଶ୍ରମ ବିଭାଗକୁ ଜଣାଇବା ସହ ଅଟକ ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୫।୨।୨୦୧୯ ତାରିଖରେ ରଥୁ ଲୋହାର (୧୭), ଦୀନା ଲୋହାର (୧୯), ରାଜନ ମାହାତୋ (୨୧), ଆଲୋକ ବଡ଼ାଇକ (୨୩), ରାଜୁ ଲୋହାର (୨୨), ରଥୁ ଲୋହାର (୨୪), ମୁନା ଲୋହାର (୨୫), ବିର୍ଶା ଲୋହାର (୨୬) ଜାଭିଆର ଲୋହାର (୨୭), ଜଗନାରାୟଣ ବଡାଇକ (୧୮), ବଳି ବାଡାଇକ (୨୨) ପ୍ରମୁଖ ଜଣେ ମଧ୍ୟସ୍ଥଙ୍କ ଜରିଆରେ ତାମିଲନାଡୁର କ୍ରିଷ୍ଣାଗିରି ଜିଲା ଅନ୍ତର୍ଗତ ପୁଷ୍ପଗିରି ଯାଇଥିଲେ। ସେମାନଙ୍କୁ ଧାନ୍ବାଦ ଅଞ୍ଚଳର ଅଶୋକ ନାମକ ଜଣେ ଯୁବକ ସେଠାକୁ ଯିବାକୁ ଯୋଗାଯୋଗ କରିଥିଲେ। ଅଶୋକ ମୋବାଇଲ ଫୋନରେ ଉପରୋକ୍ତ ଶ୍ରମିକମାନଙ୍କୁ ଡକାଇଥିଲେ। ସେଠାରେ ଥିବା ଏକ ପାନୀୟ ଜଳ ପ୍ରସ୍ତୁତି କାରଖାନାରେ ପ୍ୟାକିଂ କାମରେ ସେମାନଙ୍କୁ ନିଯୁକ୍ତି ମିଳିବ ବୋଲି କୁହାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପରେ ପ୍ରଥମେ ଦୁଇ ଜଣଙ୍କୁ ଏକ ମୋଟର ଗ୍ୟାରେଜରେ କାମ କରିବାକୁ ବାଧ କରାଯାଇଥିଲା। ସେହି ୨ ଶ୍ରମିକ ଏହାକୁ ବିରୋଧ କରିଥିଲେ। ହେଲେ ସେମାନଙ୍କୁ ଏକ ବନ୍ଦ କୋଠରିରେ ଅଟକ ରଖି ଅଶୋକ ଏବଂ ତାଙ୍କର ଅନ୍ୟ ଦୁଇ ସାଙ୍ଗ ନିସ୍ତୁକ ପିଟିଥିଲେ। ଏହି ସୁଯୋଗରେ ସେମାନଙ୍କ ମୋବାଇଲ ଓ ଟଙ୍କା ଛଡାଇ ନିଆଯାଇଥିଲା। ମାସକୁ ୯ ହଜାର ଟଙ୍କା ଦରମାରେ ୧୬ ଘଣ୍ଟା କାମ କରିବାକୁ ଯିଏ ରାଜି ନ ହେବ ତାକୁ ଏଭଳି ମାଡ଼ ଦିଆଯିବ ବୋଲି ଅଶୋକ ଧମକ ଦେଇଥିଲେ। ପୂର୍ବରୁ ସେମାନଙ୍କୁ ମାଗଣା ଖାଇବା ସହ ୧୫ ହଜାର ଟଙ୍କା ଦରମା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତାମିଲନାଡୁରେ ପହଞ୍ଚିବା ପରେ ଅଶୋକ ଏଭଳି ପ୍ରତିଶ୍ରୁତି ଦିଆଯାଇ ନାହିଁ ବୋଲି ରୋକଠୋକ୍ ଶୁଣାଇଥିଲା। ପରେ ସେମାନଙ୍କୁ ଅଳ୍ପ ଦରମାରେ ଏକ ନଳକୂପ ଖନନ ଏଜେନ୍ସିରେ କାମ କରିବାକୁ ବାଧ କରାଯାଇଥିଲା। ସବୁ ଶ୍ରମିକ ତାକୁ ବିରୋଧ କରିବାରୁ ସମସ୍ତଙ୍କୁ ମାଡ଼ ମରାଯାଇ କୋଠରି ଭିତରେ ବନ୍ଦ କରି ଦିଆଯାଇଥିଲା। କୌଶଳକ୍ରମେ ଗାଁକୁ ଖସି ଆସିଥିବା ଯୁବକ ରଥୁ ଲୋହାର, ବିର୍ଶା ଲୋହାର ଓ ମୁନା ଲୋହାରଙ୍କଠାରୁ ଏଭଳି ସୂଚନା ମିଳିବା ପରେ ଏହି ଶ୍ରମିକ ନିର୍ଯାତନା ଘଟଣା ସାମ୍ନାକୁ ଆସିଥିଲା ।

**ମୁକୁଳାଇବାକୁ ଶ୍ରମିକ ନେତାଙ୍କ ଦାବି**

ତାମିଲନାଡୁରେ ବନ୍ଧକ ଥିବା ଯୁବକଙ୍କ ପରିବାର ସହ ଶ୍ରମିକ ନେତା ମହାନ୍ତି ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ସଂପୃକ୍ତ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। କାମଧନ୍ଦା ଅଭାବରୁ ସୁନ୍ଦରଗଡ଼ ଜିଲାର ବହୁ ଆଦିବାସୀ ଯୁବକ ଦଲାଲ କବଳରେ ପଡି ଦାଦନ ଖଟିବାକୁ ବାଧ ହେଉଥିବା ମହାନ୍ତି ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ବିଶ୍ରା ଅଞ୍ଚଳର କେତେଜଣ ଯୁବକଙ୍କୁ ଜଣେ ମଧ୍ୟସ୍ଥ କାମ ଦେବାକୁ କହି ଗୁଜରାଟରେ ଅଟକ ରଖିବା ଘଟଣା ପଦାକୁ ଆସିଥିଲା।

## ଅନିଶ୍ଚିତତାରେ ପାକିସ୍ତାନର ଅଂଶଗ୍ରହଣ

**କରାଚୀ, ୧୮।୨(ପି.ଟି.):** ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପଡ଼ୋଶୀ ପାକିସ୍ତାନ ସହ ଭାରତର ସମ୍ପର୍କ ଆହୁରି ବିଗିଡ଼ି ଯାଇଥିବାବେଳେ ଏହାର ସିଧାସଳଖ ପ୍ରଭାବ ଏବେ କ୍ରୀଡ଼ା ଉପରେ ପଡ଼ିଛି। ଆସନ୍ତା ଗୁରୁବାରଠାରୁ ନୂଆଦିଲ୍ଲୀର ଡ. କର୍ଣ୍ଣି ସିଂ ରେଞ୍ଜଠାରେ ସିଜନର ପ୍ରଥମ ଶୁଟିଂ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ଯେଉଁଥିରେ ଭିଜା ସମସ୍ୟା ନେଇ ପାକିସ୍ତାନ ଶୁଟର୍ ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖାଦେଇଛି। 'ଆମେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଯଦି ଭିଜା ମିଳିଯାଏ ତାହାଲେ ଆମର ଶୁଟର୍ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବେ। କିନ୍ତୁ ଯଦି ଭିଜା ମିଳିବାରେ ସୋମବାରଠାରୁ ବିଳମ୍ବ ହୁଏ ତେବେ ଆମେ ୨୧ରୁ ଆରମ୍ଭ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରିବୁ ନାହିଁ' ବୋଲି ପାକିସ୍ତାନ ଜାତୀୟ ରାଇଫଲ୍ ଶୁଟିଂ ଫେଡେରେଶନର ସଭାପତି ରାଜି ଅହମ୍ମଦ ପିଟିଆଇକୁ କହିଛନ୍ତି। ଅପରପକ୍ଷରେ ନ୍ୟାଶନାଲ ରାଇଫଲ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆର୍ଏଆଇ) ପକ୍ଷରୁ କୁହାଯାଇଛି ଯେ, ଗୁରୁବାରର ଭୟଙ୍କର ଆତଙ୍କବାଦୀ ଆକ୍ରମଣ ଘଟଣା ପୂର୍ବରୁ ଭାରତ ସରକାର ଭିଜା କ୍ଲିୟର କରିସାରିଛନ୍ତି।

## ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି

ସୋନପୁର,୧୮।୨(ନି.ପ୍ର.)

ସୋନପୁର ସହରର ପଟାଭାଡିସ୍ଥିତ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ରବିବାର ରାତିରେ ଚୋରି ହୋଇଛି। ହିରୋ ବାଇକ୍, ୬୦ ଲିଟର ଦେଶୀମଦ, ୩୮ଟି ବିଦେଶୀ ମଦ ବୋତଲ ଓ ୫ ହଜାର ଟଙ୍କା ଚୋରି ହୋଇଥିବା ସୋନପୁର ଅବକାରୀ ନିରୀକ୍ଷକ ଅଳକା ସୁନା ସୋନପୁର ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ଚନ୍ଦ୍ରମୋହନ ସିଂ ସୂଚନା ଦେଇଛନ୍ତି । ଦୁର୍ବୃତ୍ତମାନେ ସମ୍ମୁଖ ଫାଟକ, ହାଜତ, ପ୍ରକୋଷ୍ଠର ତାଲା ଭାଙ୍ଗିବା ସହିତ ଅଫିସର ଗ୍ରୀଲ କାଟିଛନ୍ତି । ଚୋରା ଚାଲାଣକାରୀଙ୍କଠାରୁ ଜବତ ହୋଇ ହାଜତରେ ଥିବା ଦେଶୀ ଓ ବିଦେଶୀ ମଦ ମଧ୍ୟ ଦୁର୍ବୃତ୍ତ ଚୋରି କରିଛନ୍ତି । ନିରୀକ୍ଷକଙ୍କ ପ୍ରକୋଷ୍ଠରେ ଥିବା ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କିଛି ମାସ ପୂର୍ବରୁ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ବିଭାଗ ପକ୍ଷରୁ ହିରୋ ବାଇକ୍ ନଂ ଓଆର୩୧ଇ-୫୩୦୨କୁ ଜବତ କରାଯାଇଥିଲା। ଏହି ବାଇକ୍‌ଟି ଚୋରି ହୋଇଛି । ଟାୟାରରେ ପମ୍ପ ଦେଇ ଦୁର୍ବୃତ୍ତମାନେ ବାଇକ୍ ଚୋରାଇ ନେଇଛନ୍ତି। କାର୍ଯ୍ୟାଳୟ ବାହାରେ ଗଞ୍ଜେଇ ବ୍ୟବସାୟୀଙ୍କଠାରୁ ଜବତ ହୋଇଥିବା ୪ଟି ଭିଆଇପି କାର ଓ ଭିତରେ ୨ଟି ବାଇକ୍ ଥିଲା। ମାତ୍ର କାର୍ଯ୍ୟାଳୟରେ ରାତ୍ରୀ ଜଗୁଆଳୀ ବ୍ୟବସ୍ଥା ନଥିଲା । ପ୍ରାୟ ସମୟରେ କାର୍ଯ୍ୟାଳୟରେ ତାଲା ପଡିଥାଏ। ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କ ତାଗିଦ୍ ନ ଥିଲା । ଅଧିକାରୀ ଜଣକ ବଲାଙ୍ଗୀରରେ ରହି ଅଫିସ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଥିଲା । ଚୋରି ପରେ ଅବକାରୀ ବିଭାଗର ଏବେ ଚେତା ପଶିଛି ।

■ ଯବାନଙ୍କ ସମ୍ପର୍କୀୟଙ୍କୁ ପୋଲିସର ମାଡ଼

# ଥାନା ଘେରିଲେ ଉତ୍ତ୍ୟକ୍ତ ଲୋକେ

ସରଣ୍ଡା,୧୮।୨(ଡି.ଏନ.ଏ.)

ମେଘାଳୟରେ କାର୍ଯ୍ୟରତ ଜଣେ ବିଏସଏଫ ଯବାନଙ୍କ ସମ୍ପର୍କୀୟଙ୍କୁ ରବିବାର ବିଳମ୍ବିତ ରାତ୍ରିରେ ମାଡ଼ ମାରି ଅତାବିରା ପୋଲିସ ଅଡୁଆରେ ପଡ଼ିଛି। ଉତ୍ତ୍ୟକ୍ତ ଲୋକେ ସୋମବାର ଅତାବିରା ଥାନା ଘେରାଉ କରି ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଏ ନେଇ ଅତାବିରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଥାନା ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ଟୁପାପଡ଼ା ଗ୍ରାମର ଚନ୍ଦ୍ରଶେଖର ବାଗ ମେଘାଳୟରେ ବିଏସଏଫ ଯବାନ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଛୁଟିରେ ଘରକୁ ଫେରୁଥିଲେ। ରବିବାର ରାତିରେ ଯଶୱନ୍ତପୁର-ହାଟିଆ ଏକ୍ସପ୍ରେସରେ ଚନ୍ଦ୍ରଶେଖର ଆସି ଅତାବିରା ନିକଟ ଦେବାହାଲ ଷ୍ଟେଶନରେ ଓହ୍ଲାଇଥିଲେ ଏବଂ ତାଙ୍କୁ ନେବା ସକାଶେ ଷ୍ଟେଶନକୁ ଆସିବା ପାଇଁ ପରିବାର ଲୋକଙ୍କୁ ଫୋନରେ ଖବର ଦେଇଥିଲେ । ଖବର ପାଇ ଚନ୍ଦ୍ରଶେଖରଙ୍କ ଭାଇ ରାମ, ଗୋବିନ୍ଦ ଏବଂ ସମ୍ପର୍କୀୟ ଭାଇ ପରମେଶ୍ୱର ୨ଟି ବାଇକ୍ ଯୋଗେ ତାଙ୍କୁ ଆଣିବା ପାଇଁ ଦେବାହଲ ଷ୍ଟେଶନକୁ ଯିବାବେଳେ ଅତାବିରା ହସ୍ପିଟାଲ ସମ୍ମୁଖରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ବିଏସଫ ଯବାନ ଚନ୍ଦ୍ରଶେଖରଙ୍କ ପରିଚୟପତ୍ରର କପି ହ୍ୱାଟ୍ସଆପ୍ ଯୋଗେ ମାଗି ପୋଲିସକୁ ଦେଖାଇବା ସହିତ ତାଙ୍କୁ ଷ୍ଟେଶନକୁ ଆଣିବା ପାଇଁ ଯାଉଥିବା କହିଥିଲେ। ଏହାସତ୍ତ୍ୱେ ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା ଏବଂ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଘଟଣା ପ୍ରଘଟ ହେବା ପରେ ଅଞ୍ଚଳର ଶତାଧିକ ଲୋକ ଅତାବିରା ଥାନାକୁ ଆସି ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଥାନା ଘେରାଉ କରିଥିଲେ। ବରଗଡ଼ ଏସଡ଼ିପିଓ କ୍ଷୀରସାଗର ନାଏକ ଥାନାରେ ପହଞ୍ଚି ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ରହିଥିଲା।




ଅତାବିରା ଥାନାରେ ଲୋକଙ୍କ ବିକ୍ଷୋଭ ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ବିନିକା,୧୮।୨(ଡି.ଏନ୍.ଏ): ଜମ୍ମୁ-କଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ସୋମବାର ଦୋକାନ ବଜାର ବନ୍ଦ ରହିଥିଲା। ବନ୍ଦର ପ୍ରଭାବ ସିଂଘିଯୁବା, କମିରା, ଦେଣ୍ଡୁପଦର, ଖଇରମାଳ, ସର୍ଗୁଣା, ପାପୀ ପ୍ରଭୃତି ବ୍ୟବସାୟିକ ଅଞ୍ଚଳରେ ବିଶେଷ ଅନୁଭୂତ ହୋଇଥିଲା। ବ୍ୟବସାୟୀଙ୍କ ସହ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ଆତଙ୍କବାଦୀଙ୍କ ବର୍ବରୋଚିତ କାର୍ଯ୍ୟର ତୀବ୍ର ନିନ୍ଦା କରିଥିଲେ। ପରେ ଶହୀଦ ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ଓ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସନ୍ତୋଷ ପଣ୍ଡାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କରାଯାଇଥିଲା।

### ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଉଦ୍‌ଘାଟିତ

ସୋନପୁର,୧୮।୨(ନି.ପ୍ର.): ସୁବର୍ଣ୍ଣପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରବୀର କୁମାର ପ୍ରଧାନ ସଂଯୋଜନା କରିଥିଲେ। ମ୍ୟୁନିସିପାଲିଟି ଇଓ ତଥା ଭାରପ୍ରାପ୍ତ ଡିଆଇପିଆରଓ ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ନେତୃତ୍ୱର ବିକାଶ ଓ ଗୋଷ୍ଠୀ ତାଲିମର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସ୍ୱେଚ୍ଛାସେବୀମାନେ ଗ୍ରାମାଞ୍ଚଳରେ ଭଲ କାମ କଲେ ଦେଶର ପ୍ରଗତି ସମ୍ଭବ ବୋଲି ମିଶ୍ର କହିଥିଲେ। ବିବେକାନନ୍ଦ ମହାଲିଙ୍ଗ, ମୃତ୍ୟୁଞ୍ଜୟ ଶତପଥୀ ଓ ଲେଖାପାଳ ବିପିନ ବିହାରୀ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜେନ୍ଦ୍ର ଝାଙ୍କର, ଆର୍ତ୍ତ ପାଢ଼ୀ ଓ କ୍ଷୀରସାଗର ବିଭାର ପ୍ରମୁଖ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକର ୪୦ଜଣ ଯୁବତୀ ଯୁବକ ଏହି ଶିବିରରେ ତାଲିମ ନେଉଛନ୍ତି।

### କୋଶଳି କବିତା ପାଠ

ବିନିକା,୧୮।୨(ଡି.ଏନ୍.ଏ.): ବିନିକା ପାପକ୍ଷୟ ଘାଟରେ ରୁମ୍‌କୁଝୁମାନା କଳା ପରିଷଦ ପକ୍ଷରୁ କୋଶଳି କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବର୍ଷୀୟାନ କଳାକାର ଅଟଳ ବିହାରୀ ପଣ୍ଡା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଦେବେନ୍ଦ୍ର ନାୟକ, ନୀଳାଚଳ ମେହେର, ଧ୍ରୁବଚରଣ ନାଏକ ଏବଂ ସୁର୍ଜନ କୁମାର ପଣ୍ଡା ଯୋଗଦେଇଥିଲେ। ୪୦ରୁ ଊର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଶାଶ୍ୱତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅର୍ଜୁନ ସାହୁ। ଯଦୁମଣି କର୍ଣ୍ଣ ଏବଂ ଗଜେନ୍ଦ୍ର ସେଠୀ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ପଣ୍ଡା ଜଣେ କବୟିତ୍ରୀଙ୍କୁ ସମ୍ମାନୀତ କରିଥିଲେ।

# ଦୋକାନ ବଜାର, କୋର୍ଟ, ଅଫିସ ବନ୍ଦ

## ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, କ୍ୟାଣ୍ଡେଲ ରାଲି

ସୋନପୁର,୧୮।୨(ନି.ପ୍ର.)

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ମୃତ ଶହୀଦଙ୍କ ସ୍ମୃତିରେ ଅଖିଳ ଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ସୋମବାର ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହିକ୍ରମରେ ସୁବର୍ଣ୍ଣପୁରରେ ଦୋକାନ ବଜାର, ପେଟ୍ରୋଲ ପମ୍ପଗୁଡିକ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ରହିଛି। ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ପକ୍ଷରୁ କୋର୍ଟ କଚେରି, ସରକାରୀ ଅଫିସ ଓ ବ୍ୟାଙ୍କଗୁଡିକୁ ବନ୍ଦ କରାଯାଇଥିଲା। ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ଏହି ବନ୍ଦ ପାଳନକୁ ସମର୍ଥନ କରିଥିଲା। ଫଳରେ ବନ୍ଦର ବ୍ୟାପକ ପ୍ରଭାବ ପଡିଛି। ସନ୍ଧ୍ୟାରେ ବ୍ୟବସାୟୀ ସଂଘ ପକ୍ଷରୁ ବିଜୁ ପଟ୍ଟନାୟକ ଛକଠାରେ ଶହୀଦଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପାକିସ୍ତାନ ପ୍ରରୋଚିତ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରାଯିବା ସହ କେନ୍ଦ୍ର ସରକାର ଏ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିଲା। ପରେ ଶତାଧିକ ଜନସାଧାରଣ, ବୁଦ୍ଧିଜୀବୀ ଓ ବ୍ୟବସାୟୀ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ବ୍ୟବସାୟୀ ସଂଘର ସଭାପତି ଧିରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଗୁଣନିଧି ମେହେର, ରାମକୃଷ୍ଣ ମେହେର, ନନ୍ଦକିଶୋର କମାଣି, ସତ୍ୟନାରାୟଣ ରାଓ, ଅଶ୍ୱିନୀ ତ୍ରିପାଠୀ ଓ ଆନନ୍ଦ କୁମାର ଭୁତ ପ୍ରମୁଖ ସଂଘର ଶତାଧିକ କର୍ମକର୍ତ୍ତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ସୁବର୍ଣ୍ଣପୁରରେ ଆନ୍ଦୋଳନକାରୀ ଜିଲା ଦୌରାଜଜ ଏବଂ ଅନ୍ୟ ବିଚାରପତିଙ୍କୁ କୋର୍ଟ କାର୍ଯ୍ୟରେ ଯୋଗ ନ ଦେବାକୁ ଅନୁରୋଧ କରୁଛନ୍ତି।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

ବୀରମହାରାଜପୁର, ୧୮।୨(ଡି.ଏନ୍.ଏ.)

ବ୍ୟବସାୟୀ ମହାସଂଘର ଡାକରାରେ ସୋମବାର ବୀରମହାରାଜପୁର ଉପଖଣ୍ଡ ସଦର ମହକୁମା ସମେତ ବିଭନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା। ଏଥିପ୍ରତି ଜନସାଧାରଣଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ରହିଥିଲା। ଛୋଟବଡ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଦିନତମାମ ବନ୍ଦ ରହିଥିଲା। ସଦର ମହକୁମାଠାରେ ଅବସ୍ଥିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ବିଭିନ୍ନ ବ୍ୟାଙ୍କ ଶାଖା ଏପରିକି ପେଟ୍ରୋଲ ପମ୍ପଗୁଡିକ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନର ବାର୍ଷିକ ଉତ୍ସବ ପାଳନ ସକାଶେ ପୂର୍ବରୁ କାର୍ଯ୍ୟସୂଚୀ ସ୍ଥିରୀକୃତ ହେଲେହେଁ ତାହାକୁ ବାତିଲ କରାଯିବା ସଙ୍ଗେସଙ୍ଗେ ସଂଘର ସମସ୍ତ ସଦସ୍ୟ ସଭାପତି ଭଗବାନ ମିଶ୍ରଙ୍କ ନେତୃତ୍ୱରେ ନୀରବ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରିଥିଲେ। ତେଣେ କୃଷକ ସମନ୍ୱୟ ସଂଗଠନ ପକ୍ଷରୁ ମଧ୍ୟ ଧର୍ମଶାଳାଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର କର୍ମକର୍ତ୍ତା ଏହାର ସଭାପତି ରାଜେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ନୀରବ ପ୍ରାର୍ଥନା ପରେ ଶହୀଦ ଯବାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ବସ୍ତି ପରିକ୍ରମା କରୁଛି।

# ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ସୋନପୁର ଚାମ୍ପିୟନ

ଅମରପାଲି, ୧୮।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଲପୁରଠାରେ ଚାଲିଥିବା ୧୩ତମ ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଏଏଫସିସି ବଲାଙ୍ଗୀରକୁ ହରାଇ ଏସଡିସିଏ ସୋନପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ୧୭ ଓଭର ବିଶିଷ୍ଟ ହୋଇଥିଲା। ବଲାଙ୍ଗୀର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରରେ ୯ ଉଇକେଟ ହରାଇ ୧୫୦ ରନ କରିଥିଲା। ୧୫୧ ରନର ବିଜୟ ଲକ୍ଷ୍ୟକୁ ସୋନପୁର ଦଳ ୧୫.୨ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲେ। ଅଚ୍ୟୁତା ନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, କେନ୍ଦ୍ରାପଡା ନିର୍ମାଣ ଶ୍ରମିକ ସଂଘର ଜିଲା ସଭାପତି କର୍ଣ୍ଣରାଜ ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟା ପ୍ରତିନିଧି ସପନ କୁମାର ପଧାନ, ପିତାମହୁଲ ସେବା ସମବାୟ ସମିତି ସମ୍ପାଦକ ହିମାଂଶୁ ପଧାନ, ଟୁର୍ନାମେଣ୍ଟର ସଭାପତି ରାମ ପ୍ରସାଦ କର୍ଣ୍ଣ, କ୍ରୀଡାବିତ ଅମିତ ଦାଶ, ଧରଣୀଧର ପାଢ଼ୀ ଓ ହାରୁନ ଖାଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିକଲପୁର ଦଳର ସର୍ଜନ ପଧାନଙ୍କୁ ଶ୍ରେଷ୍ଠ ଫିଲଡର, ବଲାଙ୍ଗିର ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ, ଜିତେଶଙ୍କୁ ଶ୍ରେଷ୍ଠ ସ୍କୋରର, ସୋନପୁର ବିନୋଦ ଭୋଇଙ୍କୁ ଶ୍ରେଷ୍ଠ ଉଇକେଟ କିପର, ଉମାଶଙ୍କର ହୋତାଙ୍କୁ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ପୁରୁଷୋତ୍ତମ ପାତ୍ରଙ୍କ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସୋନପୁର ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ବଲାଙ୍ଗୀର ଦଳକୁ ନଗଦ ୭ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

# ତରଭାରେ ଫକୀର ବାବାଙ୍କ ଉର୍ସ ଉତ୍ସବ

## ଶୋଭାଯାତ୍ରାରେ ପାକିସ୍ତାନ ବିରୋଧୀ ନାରା

ତରଭା, ୧୮।୨(ଡି.ଏନ.ଏ.)

ତରଭାସ୍ଥିତ ସୟଦଶାହା ଅବଦୁଲ ସକୁଲ ରେହେମତୁଲ୍ଲା ଆଲ୍ଲେ ଉର୍ଫ ଫକିର ବାବାଙ୍କ ୩୬ତମ ଉର୍ସ ଉତ୍ସବ ପାଳିତ ହୋଇଯାଇଛି। ରବିବାର ମଜାର କମିଟି ଓ ମସ୍‌ଜିଦ କମିଟି କର୍ମକର୍ତ୍ତା ଓ ଓଡିଶା ତଥା ଓଡିଶା ବାହାର ରାଜ୍ୟରୁ ଆସିଥିବା ମୁସଲମାନ ସମ୍ପ୍ରଦାୟର ଭକ୍ତମାନଙ୍କ ଦ୍ୱାରା ଚାଦର ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରିକ୍ରମା ସମୟରେ ରାଜ ଧମାଲଲୁଟକିପରା ଦୁର୍ଗର ତାସା, ଦେବଧୁମାଲ ବାଦ୍ୟ ସହ ସାତ ଗୋଟି ଚାଦର ବାବାଙ୍କ ପୀଠରେ ଚଢାଯାଇଥିଲା। ରାତିରେ ସହମ୍ମଦ ତୌହିତ ରାଜା ସାହେବ ରଜବି, କିବଲା (ୟୁପି)ର ପ୍ରବଚକ, ମହମ୍ମଦ ଆଜମ ଏକବାଲ ସାହେବ ରାମପୁରୀ (ୟୁପି)ଙ୍କ ଶାୟର ଓ ତାହିର ରାଜା ସାହେବ କେନ୍ଦ୍ରାପଡା ଓଡିଶା ଉଦଘୋଷକ ଭାବେ ଯୋଗଦେଇଥିଲେ। ଚାଦର ଶୋଭାଯାତ୍ରାରେ ମଜାର କମିଟି ସଭାପତି ସୁଲେମାନ ଖାନଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ସୋମବାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୁସଲମାନ ଭାଇମାନେ ଶୋଭାଯାତ୍ରରେ ବାହାରିଥିଲେ। ବିଭିନ୍ନ ଧାର୍ମିକ ନାରା ସହ ହିନ୍ଦୁସ୍ଥାନ ଜିନ୍ଦାବାଦ, ପାକିସ୍ତାନ ମୁର୍ଦ୍ଦାବାଦ ନାରା ଦେଇ ୩ଟି ଚାଦର ବାବାଙ୍କ ମଜାରରେ ଚଢାଇଥିଲେ। ଏସପି ଦେବୀ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ ବଳ ମୃତୟନ ହୋଇଥିଲେ। ଏହି ଅବସରରେ ମସ୍‌ଜିଦ ପରସରରେ ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ମଜାର କମିଟି ସଭାପତି ସୁଲେମାନ ଖାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉର୍ସକୁ ଆସିଥିବା ମୁସଲମାନ ଭାଇମାନେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।



ଉର୍ସ ଉତ୍ସବ ଉପଲକ୍ଷେ ବାହାରିଥିବା ଜୁଲୁସ ଶୋଭାଯାତ୍ରା।

### ଆତ୍ମରକ୍ଷା ତାଲିମ ଶିବିର

ଉଲୁଣ୍ଡା, ୧୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଇଂଲିଶ ବିଭାଗ ଅଧ୍ୟାପକ ମଧୁସୂଦନ ପୁଜାରି ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହସ, ସ୍ୱାସ୍ଥ୍ୟ, ଶୃଙ୍ଖଳା ଓ ମାନସିକ ସୁସ୍ଥତା ହିଁ ଛାତ୍ରୀମାନଙ୍କ ଆତ୍ମରକ୍ଷାର ପ୍ରଧାନ କୌଶଳ ବୋଲି ପ୍ରକାଶ କରିଥିଲେ। ଏଥିରେ ମାଷ୍ଟର ଟ୍ରେନର ଭାବେ ଶ୍ୱେତା ମହାପାତ୍ର ଓ ଅଙ୍କିତା କହଁର ଯୋଗଦେଇଥିବା ବେଳେ ୬୦ଜଣ ଛାତ୍ରୀ ଭାଗନେଇଥିଲେ। ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଗୋବିନ୍ଦ ପ୍ରଦାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭୀଷଣ ପ୍ରଧାନ, ଗଦାଧର ପ୍ରଧାାନ, ନିଳାମ୍ବର ଝାଙ୍କର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ଦାବିପତ୍ର ପ୍ରଦାନ

ଉଲୁଣ୍ଡା, ୧୮।୨(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକର କେନ୍ଦୁପତ୍ର ତୋଳାଳିମାନେ ୧୧ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋମବାର ବିଡିଓଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ଆବାହକତ୍ୱକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା, ଜାଲୋଏ, ସିଣ୍ଡୋଲ ଏବଂ ସମ୍ବଲପୁର ଜିଲା ଧମା କେନ୍ଦୁପତ୍ର ରେଞ୍ଜ ଅଧୀନ କେନ୍ଦୁପତ୍ର ତୋଳାଳି ତଥା କର୍ମଚାରୀ ଯୋଗ ଦେଇଥିଲେ। ଉଲୁଣ୍ଡା ସାପ୍ତାହିକ ବଜାର ପଡିଆରେ ସମାବେଶ ହୋଇଥିଲା। ଏଥିରେ ସମ୍ବଲପୁର ଡିଭିଜନ କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ପାଦକ ଗୋକୁଳ ମେହେରଙ୍କ ସମେତ ଅଜିତ କୁମାର ମେଷୁଆ, ଚୈତନ୍ୟ ହୋତା, ପ୍ରଶାନ୍ତ କୁମାର ଦୀପ ଉଦ୍‌ବୋଧନ ଦେଇଥିଲେ। ବିଶେଷ କରି ସିଜିନାଲ କର୍ମଚାରୀଙ୍କୁ ନୂତନ ସର୍ବନିମ୍ନ ମଜୁରି ଘୋଷଣା ଅନୁଯାଇ ଅଣକୁଶଳି, କୁଶଳି, ଏବଂ ଅତି କୋଶଳି ଶ୍ରମିକଭାବେ ଫେବୃୟାରୀରୁ ଦରମା ଓ ବୋନସ ପ୍ରଦାନ, ତୋଳାଳିମାନଙ୍କୁ ହଜାରେ କେରି ପରିବର୍ତ୍ତେ ୫ଶହ କେରି ସଂଗ୍ରହ କଲେ ହିତାଧିକାରୀଭାବେ ଗ୍ରହଣ ଆଦି ୧୧ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା। ଉଲୁଣ୍ଡା ରେଞ୍ଜ ସମ୍ପାଦକ ସୀତାରାମ ଭୋଇଙ୍କ ତତ୍ତ୍ୱାବଧାନକ୍ରମେ ଏକ ଶୋଭାଯାତ୍ରା ହାଟପଡିଆରୁ ବାହାରି ବ୍ଲକ ପରିସରରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରୁନୁ ଲାକ୍ରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ

ଉଲୁଣ୍ଡା, ୧୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜୋନ ୧ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୋମବାର ଏକ କର୍ମୀ ସମ୍ମିଳନୀ ନାକଡେଇଁଠାରେ ଆୟୋଜିତ ହୋଇଯାଇଛି। ଯୋନ ୧ କଂଗେସ ସଭାପତି ନୃସିଂହ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଏସ.ପତ୍ରାପାଲି, ସିଣ୍ଡୋଲ, ଜଉଁରା ଭଉଁରା, ଚଢେଇପଙ୍କ, କୋଟସମଲେଇ, କ୍ଷେମାଲୋଏ, ପଞ୍ଚମହଲା, ଉଲୁଣ୍ଡା, ଲସ୍ତଲା ଓ ବିଶିପଡା ପଞ୍ଚାୟତର ବହୁକର୍ମୀ ଯୋଗଦେଇଥିଲେ। ଆଗାମୀ ଲୋକସଭା ଓ ବିଧାନସଭରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାର ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ ମେହେର ଯୋଗଦେଇ ଚାଷୀ ବିରୋଧୀ ନବୀନ ସରକାରର ମୂଳୋତ୍ପାଟନ କରିବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ପିସିସି ସଭ୍ୟ ରାଧାକାନ୍ତ ମହାକୁର, ରାଜ ଗୋପାଳ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଲବ କୁମାର ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ତଥା ଦେଶରେ ଭୁଲୁଣ୍ଠିତ ହେଉଥିବା ଗଣତନ୍ତ୍ରର ସୁରକ୍ଷା ପାଇଁ କଂଗ୍ରେସ ଏକମାତ୍ର ବିକଳ୍ପ ବୋଲି ବକ୍ତବ୍ୟ ରଖିଥିଲେ। ସେହିପରି ଜିଲା କାର୍ଯ୍ୟକାରୀ ସଭାପତି ତ୍ରିପୁରାରୀ ସେଠ୍, ସମ୍ପାଦକ ପ୍ରଭୁଦତ୍ତ ବହିଆ, ସୁରେନ୍ଦ୍ର ମହାକୁର, ପ୍ରିୟବ୍ରତ ସାହୁ, କାଞ୍ଚନ ପ୍ରମୁଖ ନିଜର ବକ୍ତବ୍ୟ ମାଧ୍ୟମରେ କର୍ମୀମାନଙ୍କୁ ରାହୁଲ ଗାନ୍ଧୀଙ୍କର କୃଷିଋଣ ଛାଡ, ଧାନର ସହାୟକ ମୂଲ୍ୟ ବୃଦ୍ଧି ଓ ବିଭିନ୍ନ କୃଷିକଲ୍ୟାଣ ଯୋଜନା ସମ୍ବନ୍ଧୀୟ ନିର୍ବାଚନୀ ପ୍ରତିଶ୍ରୁତି ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବୁଥସ୍ତରୀୟ କର୍ମୀମାନଙ୍କୁ ନିବେଦନ କରିଥିଲେ।



ନାକଡେଇଁଠାରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଫାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### କ୍ରିକେଟ: ଗୋଡ଼ଭଗା ସେମିରେ

**ଭଟଲି,୧୮।୨(ଡି.ଏନ.ଏ):** ଭଟଲି ବ୍ଲକ ସମ୍ମୁଖ ଖେଳ ପଡ଼ିଆରେ ସୋମବାର କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ସାମାଜିକ କର୍ମୀ ଦେବାର୍ଚ୍ଚନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଗୋଡ଼ଭଗା ଏକାଦଶ ଏବଂ ଦୁବଲାବାହାଲ ଏକାଦଶ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡ଼ଭଗା ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବା ସହିତ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମାନସ ୨୮ଟି ବଲ୍‌ରୁ ୮ଟି ଚୌକା ସହାୟତାରେ ୪୫ ରନ୍ ସଂଗ୍ରହ କରିଥିଲେ । ଜବାବରେ ଦୁବୁଲାବାହାଲ ୧୮୩ ରନ୍‌ର ବିଜୟଲକ୍ଷ୍ୟକୁ ପିଛାକରି ୧୫.୪ ଓଭରରେ ୮୦ ରନ୍ କରି ଅଲ୍‌ଆଉଟ ହେଇଯାଇଥିଲେ । ଗୋଡ଼ଭଗା ବିଜୟୀ ହେବା ସହିତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଏହି ପ୍ରତିଯୋଗିତାରେ ଅଶୋକ ବଘେଲ ଏବଂ ଦୁର୍ଗା ପ୍ରସାଦ ଅଗ୍ରୱାଲ ଖେଳ ପରିଚାଳନା କରିଥିବାବେଳେ ହିମାଂଶୁ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ । କାର୍ତ୍ତିକ ସାହୁ, ମନୋଜ ବିଶି, ଅମିତ ପଧାନ, ଚନ୍ଦ୍ରକାନ୍ତ ନାଏକ ଏବଂ ଟୁନୁ ସା ପ୍ରମୁଖ ସହଯୋଗ କରିଥିଲେ ।



### ଶ୍ରେଣୀ କୋଠରି ଭିତ୍ତିପ୍ରସ୍ତର ସ୍ଥାପିତ

**ବରଗଡ଼ ଅଫିସ୍,୧୮।୨:** ବରଗଡ଼ ବ୍ଲକ ଅନ୍ତର୍ଗତ କଟାଟିକ୍ରା ପ୍ରାଥମିକ ସ୍କୁଲର ନୂତନ ଶ୍ରେଣୀ କୋଠରୀ ଏବଂ ପାଚେରୀ ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧେଶ୍ୟାମ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥୀ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମୀଣ ପ୍ରଭାରୀ ଅବନୀକାନ୍ତ ପଣ୍ଡା, ଏସ୍‌ସି ମୋର୍ଚ୍ଚାର ସଭାପତି ଈଶ୍ୱର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଉଲ୍ଲେଖନୀୟ, ଉକ୍ତ ସ୍କୁଲର ଶ୍ରେଣୀ କୋଠରୀ ଏବଂ ପାଚେରୀ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁମୋଦନ କ୍ରମେ ଆଇଓସିଏଲ ସିଏସଆର ଫଣ୍ଡରୁ ୧୨ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର ହୋଇଛି ।





ବରଗଡ଼ରେ ବନ୍ଦ ରହିଥିବା ଦୋକାନ, ବଜାର (ବାମ) । ବିଜେପୁରରେ ପାକିସ୍ତାନର ଜାତୀୟ ପତାକା, ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକାକୁ ଜାଳି ଦିଆଯାଉଛି ।

# ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ

**ବରଗଡ଼ ଅଫିସ୍,୧୮।୨**

**ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି**
- ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ସମ୍ବଲପୁର ଡିଆଇଜି
- ପାକିସ୍ତାନ ପତାକା, ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ
- ଅମ୍ବାଭୋନା ବ୍ଲକରେ ବନ୍ଦ ହେଲାନି ଦୋକାନ, ବଜାର

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାଣିଜ୍ୟିକ ଅନୁଷ୍ଠାନ ପକ୍ଷରୁ ସୋମବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି । ସ୍ୱତଃସ୍ଫୂର୍ତ୍ତ ଭାବେ ବରଗଡ଼ ଜିଲାର କେବଳ ଅମ୍ବାଭୋନା ବ୍ଲକ ବ୍ୟତୀତ ଅନ୍ୟ ସବୁ ବ୍ଲକର ବ୍ୟବସାୟୀ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରଖିଥିଲେ । ଏପରିକି ପରିବା ବଜାର ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା । ସେହିପରି ବିଜେପୁର ଭଳି କେତେକ ସ୍ଥାନରେ ସରକାରୀ, ବେସରକାରୀ ଅଫିସ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ବନ୍ଦ ରହିଥିବାବେଳେ ବିଭିନ୍ନ ସ୍ଥାନରେ ପାକିସ୍ତାନ ପତାକା ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଅନ୍ୟପଟେ ଜିଲାର ବିଭିନ୍ନ ସ୍ଥାନରେ ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଏବଂ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

ବରଗଡ଼ ଥାନା ଛକରେ ଜିଲା ବଣିକ ସଂଘର ସମ୍ପାଦକ ପ୍ରଦୀପ ଦେବତାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଦଳମତ, ଧର୍ମ ନିର୍ବିଶେଷରେ ସମସ୍ତେ ସମବେତ ହୋଇ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଠାକୁ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ, ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ ପହଞ୍ଚି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ । ଜିଲାର ବିଭିନ୍ନ ସଙ୍ଗଠନ ଏଥିରେ ସାମିଲ ହୋଇଥିଲେ । ବରପାଲିରେ ଦୋକାନ, ବଜାର ବନ୍ଦ ରହିଥିବାବେଳେ ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା ହୋଇଥିଲା । ବିଜେପୁରରେ ଦୋକାନ, ବଜାର ସମେତ ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା ଏବଂ ସନ୍ଧ୍ୟାରେ ସ୍ଥାନୀୟ ବସଷ୍ଟାଣ୍ଡରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ସେହିପରି ମେହେରପଡ଼ା ଗଙ୍ଗାଧର ପ୍ରତିମୂର୍ତ୍ତି ନିକଟରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ମହମବତୀ ଜାଳି ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ପାକିସ୍ତାନର ଜାତୀୟ ପତାକା ପୋଡ଼ା ଯାଇଥିଲା ।

ଗାଇସିଲେଟରେ ମଧ୍ୟ ବ୍ୟବସାୟୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ ବଜାର ବନ୍ଦ ରଖିଥିଲେ । ସୋହେଲାରେ ଦୋକାନ, ବଜାର ବନ୍ଦ ରହିଥିଲା ଏବଂ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ମୁଖ୍ୟଛକରେ ହୋଇଥିଲା। କିରାନା ବ୍ୟବସାୟୀ ସଂଘର ସଭାପତି ସୁରେଶ ଗୁପ୍ତା, ବଳବୀର ସିଂ ଠାକୁର, ସଞ୍ଜିବ ଝାଙ୍କର, ଚନ୍ଦ୍ରକୁମାର ଅଗ୍ରୱାଲ, ଉତ୍ତମ ଅଗ୍ରୱାଲ, ନରେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁରରେ ଦୋକାନ, ବଜାର ବନ୍ଦ ଥିବାବେଳେ ମହମବତୀ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ପଦ୍ମପୁର ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ଉପସଭାପତି ନନ୍ଦକିଶୋର ଅଗ୍ରୱାଲ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଗଜାନନ ଶର୍ମା ପ୍ରମୁଖଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅନୁଷ୍ଠାନ ସାମିଲ ଥିଲେ । ପାଇକମାଲରେ ମଧ୍ୟ ଦୋକାନ, ବଜାର ବନ୍ଦ ଥିବାବେଳେ ପାକିସ୍ତାନର ମାନଚିତ୍ର ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସଦାଶିବ ନାଏକଙ୍କୁ ସ୍ଥାନୀୟ ନାଗରିକମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଝାରବନ୍ଧ, ଭଟଲିରେ ଦୋକାନୀମାନେ ଦୋକାନ, ବଜାର ବନ୍ଦ କରିଥିଲେ । ତେବେ ଅମ୍ବାଭୋନାରେ ବନ୍ଦର କୌଣସି ପ୍ରଭାବ ପଡ଼ି ନ ଥିଲା । ଏଠାରେ ସମସ୍ତ ଦୋକାନ, ବଜାର ଖୋଲା ରହିଥିଲା । ଅନ୍ୟପଟେ ଅତାବିରା ଓ ଭେଡ଼େନ ବ୍ଲକରେ ଦୋକାନ, ବଜାର ବନ୍ଦ ଥିବାବେଳେ ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଏବଂ ମହମବତୀ ଶୋଭାଯାତ୍ରା ହୋଇଥିଲା ।

## ଶହୀଦ ଯବାନଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ସୋହେଲା/ଭଟଲି/ଭେଡେନ, ୧୮।୨(ଡି.ଏନ.ଏ)**

ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ୪୪ଜଣ ବୀର ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ରବିବାର ସନ୍ଧ୍ୟାରେ ବରଗଡ ଜିଲା ସୋହେଲା କିରାନା ବ୍ୟବସାୟୀ ସଂଘ, ନାଗରିକ କମିଟି ତଥା ମାରୱାଡି ମହିଳା ସମିତିର ମିଳିତ ଉଦ୍ୟମରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ତଥା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଭାଗ ନେଇଥିଲେ । ନାଗରିକ କମିଟି ସଭାପତି ବଲବୀର ସିଂ ଠାକୁର, କିରାନା ବ୍ୟବସାୟୀ ସଂଘ ସଭାପତି ସୁରେଶ ଗୁପ୍ତା, ଅଗ୍ରୱାଲ ସଭା ସଭାପତି ସୁରେଶ ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚର ସଭାପତି ବବୁଲୁ ଅଗ୍ରୱାଲ, ମାରୱାଡି ମହିଳା ସମିତି ଅଧ୍ୟକ୍ଷା କ୍ରିଷ୍ଣା ଦେବୀ ଅଗ୍ରୱାଲ, ଗିରିଧର ଗୋଶାଳା ସଭାପତି ଚନ୍ଦ୍ର କୁମାର ଅଗ୍ରୱାଲ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

**ଭଟଲି,(ଡି.ଏନ.ଏ):** ଆତଙ୍କବାଦୀ ଆକ୍ରମଣରେ ଜମ୍ମୁ-କଶ୍ମୀର ପୁଲୱାମାଠାରେ ଶହୀଦ ହୋଇଥିବା ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସୋମବାର ସନ୍ଧ୍ୟାରେ ଭଟଲିଠାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ତଥା ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଭଟଲି ନିବେଦିତା ପବ୍ଲିକ ସ୍କୁଲ ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରା ଭଟଲି ଡାକ୍ତରଖାନା ସମ୍ମୁଖ ବିଦ୍ୟାଳୟଠାରୁ ବାହାରି ବସଷ୍ଟାଣ୍ଡ ଛକ, ବିଜୟା ଛକ ଦେଇ ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରା ଦଧିବାମନ ମନ୍ଦିରରେ ପହଞ୍ଚିବା ପରେ ସମସ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ପ୍ରଭୁ ଦଧିବାମନଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ । ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

**ଭେଡ଼େନ,(ଡି.ଏନ.ଏ):** ଶହୀଦ ଯବାନମାନଙ୍କ ସ୍ମୃତିରେ ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ମହମବତୀ ଶୋଭାଯାତ୍ରା, ନିରବ ପ୍ରାର୍ଥନା କରାଯାଇଛି। ସୋମବାର ସନ୍ଧ୍ୟାରେ ଅରେଇଗୁଡ଼ି, କୁବେଡ଼େଗା, ଚିଚିଣ୍ଡା ଗ୍ରାମପଞ୍ଚାୟତର ବାଞ୍ଜିପାଲି ଓ ଚିଚିଣ୍ଡାରେ ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ । ଅରେଇଗୁଡ଼ିରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ରବିବାର ସନ୍ଧ୍ୟାରେ ଭେଡ଼େନ ବ୍ଲକର ସାଲେପାଲି ଗ୍ରାମରେ ମହମବତୀ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ହାଇସ୍କୁଲରୁ ଏହି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଭେଡ଼େନ ଗ୍ରାମପଞ୍ଚାୟତର ଜାଣ୍ଡୋଲ ଗ୍ରାମ, ଅଏଁଲାପାଲି ଗ୍ରାମପଞ୍ଚାୟତର ତେନ୍ତୁଲିଟିକ୍ରା ଛକ, ରୁଷୁଡ଼ା ଗ୍ରାମପଞ୍ଚାୟତର ମହଲାକଟାରେ ବିଜୁ ଯୁବ ବାହିନୀ ପକ୍ଷରୁ ମଧ୍ୟ ଏହି ଶୋଭାଯାତ୍ରା ରବିବାର ସନ୍ଧ୍ୟାରେ ହୋଇଥିଲା । ଏହାସହ ରବିବାର ଭେଡ଼େନ ତଥା ଆଖପାଖ ଗ୍ରାମର ଶତାଧିକ ଯୁବକ ଏକ ବାଇକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ କୁଦୋପାଲି ଛକରେ ଥିବା ଶହୀଦ ସଞ୍ଜୟ ବାଗଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ବରଭଟାକୁ ହରାଇ ଡଙ୍ଗାଘାଟ ଚାମ୍ପିୟନ

**ପାଇକମାଲ, ୧୮।୨(ଡି.ଏନ.ଏ)**

ପାଇକମାଲ ବ୍ଲକ କୋକନରା ମାନସିଂ ଦାଉ ଖେଳ ପଡିଆ ଠାରେ କୋକନାରା ସିଂହ ବାହିନୀ ସ୍ପୋର୍ଟିଂ ଆନୁକୂଲ୍ୟରେ ୧୯ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ବରଭଟା ଦଳକୁ ହରାଇ ଡଙ୍ଗାଘାଟ ଦଳ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ, ଅବସରପ୍ରାପ୍ତ ବିଡିଓ ରାଜେନ୍ଦ୍ର ରାଉତ, ପୂର୍ବତନ ଫୁଟବଲ ଖେଳାଳି କୁସୁମ ରାଓ, ସରପଞ୍ଚ ଧବଳେଶ୍ୱର ସାହୁ, ହୃଦାନନ୍ଦ ବାରିକ, ନାନକି ସାହୁ, ଦଶରଥ ଚାନ୍ଦା, ସୁରଥ ସାହୁ, ବଡ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭୋଜରାମ ରାଉତ ସଭାପତିତ୍ୱ କରିଥିବା ବେଳେ କୃପାସିଂ ଦାଉ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଞ୍ଚୁଦେବ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦୀପକ ରାଜହଂସ, ନାଗ ରାଣି, ସୁଜିତ ରାଜହଂସ, ଭବାନି ମାଝୀ ଖେଳ ପରିଚାଳନା କରିଥିଲେ। ଦୁର୍ଯ୍ୟୋଧନ ନାଏକ, ଜେନା ମାହାର ସ୍କୋରର ଥିଲେ । ଫାଇନାଲ ଖେଳ ବରଭଟା ଓ ଡଙ୍ଗାଘାଟ ମଧ୍ୟରେ ଅନୁଷ୍ଠିତ ହୋଇ ଟାଇବ୍ରେକର ଜରିଆରେ ଡଙ୍ଗାଘାଟ ବିଜୟୀ ହୋଇଥିଲା। ବିଜୟୀ ଓ ଉପବିଜୟୀ ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଭଜରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନଙ୍କ ଗହଣରେ ବିଜୟୀ ଓ ଉପବିଜୟୀ ଦଳର ଖେଳାଳିମାନେ ।

■ ୨୧ରେ କାଳିଆ ମହାସମାବେଶ

## ଉଦ୍‌ଘାଟନ ହେବ ୨ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ

**ସୋହେଲା,୧୮।୨(ଡି.ଏନ.ଏ)**

ପୁରୀ, କେନ୍ଦ୍ରାପଡା ଓ କେନ୍ଦୁଝର ପରେ ଆସନ୍ତା ୨୧ ତାରିଖରେ ବରଗଡ ଜିଲା ସୋହେଲା ବ୍ଲକ ଇଚ୍ଛାପାଲିଠାରେ ଆୟୋଜିତ ହେବ କାଳିଆ ଓ ଚାଷୀ ମହାସମାବେଶ । ଏଥିରେ ୬ଟି ଜିଲାର କୃଷକ, ମହିଳା ତଥା ଯୁବଗୋଷ୍ଠୀ ଯୋଗ ଦେବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗଦେଇ ପ୍ରାୟ ୨ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଏ ନେଇ ମନ୍ତ୍ରୀ ସିଂ ସୂଚନା ଦେଇ କହିଛନ୍ତି, ଏହି ସମାବେଶରେ ୧୮ ଲକ୍ଷ ବକେୟା ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ଆକାଉଣ୍ଟରେ ୫ ହଜାର ଟଙ୍କା ଲେଖାଏଁ ପୈଠ କରିବେ । ଏହାସହ ୧୩୪୪ କୋଟି ଟଙ୍କା ବ୍ୟୟ ଅଟକଳରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ ୱେ ଉଦ୍‌ଘାଟନ, ପଦ୍ମଶ୍ରୀ ହଳଧର ନାଗ ସମ୍ବଲପୁରୀ/କୋଶଲୀ ଭାଷା ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ସମାବେଶରେ ବିଭିନ୍ନ ପ୍ରକଳ୍ପର ପ୍ରାୟ ୨ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହେବ। ସମାବେଶ ଦିନ ସକାଳ ସାଢ଼େ ଦଶଟାରେ ମୁଖ୍ୟମନ୍ତ୍ରୀ ସୋହେଲାରେ ପହଞ୍ଚିବେ ବୋଲି ମନ୍ତ୍ରୀ ସିଂ ସୂଚନା ଦେଇଛନ୍ତି । ସୋମବାର ଶ୍ରମମନ୍ତ୍ରୀ ସିଂଙ୍କ ସମେତ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ ଏମ୍‌ପି ପ୍ରଭାସ ସିଂ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ରୀତା ସାହୁ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ସମାବେଶ ସ୍ଥଳ ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଥିଲେ ।



ମୁଖ୍ୟମନ୍ତ୍ରୀଙ୍କ କାଳିଆ ସମାବେଶ ପାଇଁ ବିଜେଡି ନେତାମାନେ ପ୍ରସ୍ତୁତି ତଦାରଖ କରୁଛନ୍ତି ।

## ଫୁଟବଲ: ବୀରମହାରାଜପୁର ଚାମ୍ପିୟନ

**ବୌଦ୍ଧ,୧୮।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ବଡିଗାଁ ଠାରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି । ଫାଇନାଲ ଖେଳ ବୌଦ୍ଧ ଓ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସ୍ପୋର୍ଟିଙ୍ଗ କ୍ଲବ ବୀରମହାରାଜପୁର ୨ଟି ଗୋଲ ଦେଇଥିବା ବେଳେ ବୌଦ୍ଧ ଦଳ ଗୋଟିଏ ଗୋଲ ଦେଇଥିଲା । ବୀରମହାରାଜପୁର ଦଳ ୨-୧ ଗୋଲରେ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଥିଲା । ଉଦଯାପନୀ ଦିବସରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ବିଶ୍ୱାମିତ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚମ୍ପିୟନ ଦଳକୁ ଟ୍ରଫି ସହ ୮୦୦୦ ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ରେଫରୀ ସାଗର ବେହେରା, ପ୍ରବୀଣ ବେହେରା, ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ବଡିଗାଁ ଫୁଟବଲ ଆସୋସିଏଶନର ସଭାପତି ପ୍ରଦୀପ ଭୋଇ, ସମ୍ପାଦକ ଦିଲୀପ କୁମାର ପ୍ରଧାନ, ସହ ସଭାପତି ଘନଶ୍ୟାମ ଭୋଇ, କୋଷାଧକ୍ଷ ସୁବ୍ରତ ପ୍ରଧାନ ଓ ଅନ୍ୟମାନଙ୍କ ସହଯୋଗରେ ଆୟୋଜିତ ହୋଇଥିଲା ।



ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଓ ଉପବିଜୟୀ ଦଳର ଖେଳାଳି ଏବଂ ଅତିଥି ।

### ବଣିକ ସଂଘ ପକ୍ଷରୁ ଶୋଭାଯାତ୍ରା

**ବୌଦ୍ଧ/ବାଉଁଶୁଣୀ, ୧୮।୨(ସ୍ୱ.ପ୍ର/ଡି.ଏନଏ)**

ପୁଲୱାମା ଆତଙ୍କବାଦୀ ହମ୍‌ଲାରେ ଶହୀଦ ହୋଇଥିବା ବୀର ଯବାନଙ୍କୁ ଛତରଙ୍ଗ ବଣିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ବଣିକ ସଂଘର ସଭାପତି ଶିବଶଙ୍କର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ସୁକାନ୍ତ କୁମାର ସାହୁଙ୍କ ସମତେ ୫୦ରୁ ଅଧିକ ବ୍ୟବସାୟୀ ସାମିଲ ହୋଇଥିଲେ।

ବାଉଁଶୁଣୀ, (ଡି.ଏନ୍.ଏ): ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଶ୍ରୀ ଗଣେଶ ବଣିକ ସଂଘ ତରଫରୁ ସୋମବାର ଶହୀଦ ଯବାନଙ୍କ ପାଇଁ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ଫାୟାର ଷ୍ଟେଶନ ଠାରୁ ଦୁଇ ଚକିଆ ଗାଡିରେ ବିଭିନ୍ନ ଶ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ସମସ୍ତ ଦୋକାନ ବଜାର ବନ୍ଦ ରଖି ବ୍ୟବସାୟୀମାନେ ଯବାନ ମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ରାମଚଣ୍ଡୀ ପୀଠରେ ୨୭ କୁଣ୍ଡୀୟ ରୁଦ୍ରଯଜ୍ଞ



ସୋହେଲା ଲମ୍ବରୁପାଲି ରଣେଶ୍ୱର ରାମଚଣ୍ଡୀ ପୀଠରେ ରୁଦ୍ରଯଜ୍ଞ ଚାଲିଛି ।

**ସୋହେଲା,୧୮।୨(ଡି.ଏନ.ଏ)**

ସୋହେଲା ଲମ୍ବରୁପାଲି ରଣେଶ୍ୱର ରାମଚଣ୍ଡୀ ପୀଠରେ ସୋମବାର ୨୭ କୁଣ୍ଡୀୟ ଏକ ଦିନାତ୍ମକ ରୁଦ୍ରଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟେକ ଯଜ୍ଞକୁଣ୍ଡ ନିକଟରେ ୪ ଯୋଡି ଦମ୍ପତି କର୍ତ୍ତା ରହିଥିଲେ । ସକାଳେ ନିକଟସ୍ଥ କଟାରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ ପରେ ବିଧି ଅନୁସାରେ ପୂଜାରମ୍ଭ ହୋଇଥିଲା । ରଣେଶ୍ୱର ବାବାଙ୍କ ଦୁଗ୍ଧାଭିଷେକ ସହିତ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ଓ ଯଜ୍ଞରେ ଆହୂତି ପ୍ରଦାନ କରା ଯାଇଥିଲା । ଟିକେଶ୍ୱର ମହାପାତ୍ର, ସରୋଜ କୁମାର ଦେବତା, ଗୌତମ ଆଚାର୍ଯ୍ୟ, ସୁମନ୍ତ ପାଣିଗ୍ରାହୀ, ମନୋଜ ଦେବତା, ରବି ନାରାୟଣ ଦେବତା, ପ୍ରିୟକାନ୍ତ ଦେବତା, ଉମେଶ ମିଶ୍ର, ବସନ୍ତ ଦେବତା, ଘନଶ୍ୟାମ ମିଶ୍ର, ପ୍ରଶାନ୍ତ ପାଣିଗ୍ରାହୀ, ବିଶ୍ୱ ମୋହନ ଦେବତା, ସରୋଜ ହୋତାଙ୍କ ସହିତ ମୋଟ ୩୦ଜଣ ପୂଜକ ପୂଜା ଓ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଯଜ୍ଞରେ ବିଭିନ୍ନ ଅଞ୍ଚଳରୁ ଯଜ୍ଞକର୍ତ୍ତା ମାନେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ବ୍ୟବସାୟୀ ସଂଘ ତରଫରୁ ନୂଆପଡ଼ାରେ ଦୋକାନ ବଜାର ବନ୍ଦ

**ନୂଆପଡା ଅଫିସ,୧୮।୨**

ପୁଲୱାମାରେ ଆତଙ୍କବାଦୀ ଘଟଣାର ତୀବ୍ର ନିନ୍ଦା କରି ଅଖିଳ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ନୂଆପଡା ବ୍ୟବସାୟୀ ସଂଘ ମଧ୍ୟ ସମର୍ଥନ କରିଥିଲେ । ବ୍ୟବସାୟୀ ସଂଘ ଡାକରାରେ ନୂଆପଡା ଜିଲା ସଦର ମହକୁମା ସମେତ ବିଭିନ୍ନ ଜାଗାରେ ବନ୍ଦର ପ୍ରଭାବ ପଡିଥିଲା । ନୂଆପଡା ଜିଲା ସଦର ମହକୁମାରେ ମର୍ଚ୍ଚାଣ୍ଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବନ୍ଦପାଳନ କରାଯାଇଥିଲା। ଏହିକ୍ରମରେ ଜିଲା ସଦର ମହକୁମାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ବଜାର ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସଂଘ ସଭାପତି ସାହୁଙ୍କ ନେତୃତ୍ୱରେ ବ୍ୟବସାୟୀ ସଂଘ ସମ୍ପାଦକ ବିଜୟ ଚନ୍ଦ୍ରପାର, ଶ୍ରୀକାନ୍ତ ଗୁପ୍ତା, ଟୁଲୁପାଢୀ ପ୍ରମୁଖ ପିକେଟିଂ କରି ସମସ୍ତ ଦୋକାନ ବନ୍ଦ କରିବାକୁ ସହର ବୁଲିଥିଲେ । ଏହିଭଳି ଜିଲାର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ଉଦ୍ୟାନନ୍ଦ, କୋମନା, ତରବୋଡ ଆଦି ଜାଗାରେ ମଧ୍ୟ ଦୋକାନ ବଜାର ବନ୍ଦ ରହିଥିଲା।

### ୫୧ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

# ଗୁରୁକୁଳ ରାଷ୍ଟ୍ରଭକ୍ତ ନିର୍ମାଣର କାରଖାନା




ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମଚାରୀମାନେ ନିଶା ନିବାରଣ ଉପରେ ଏକ ନାଟକ ମଞ୍ଚସ୍ଥ କରୁଛନ୍ତି (ବାମ) । ଯୋଗଦେଇଥିବା ବ୍ରହ୍ମଚାରୀ ଗଣ ।

**ନୂଆପଡା ଅଫିସ,୧୮।୨**

ନୂଆପଡା ଜିଲାରେ ଆଜକୁ ୫୦ ବର୍ଷ ତଳେ ନିଘଞ୍ଚ ବନାନୀ ମଧ୍ୟରେ ସ୍ଥାପନ ହୋଇଥିବା ଆମ ସେନା ଗୁରୁକୁଳ ଆଶ୍ରମ ଆଜି ବି ଆଶ୍ରମ ଶିକ୍ଷାକୁ ବଜାୟ ରଖିଛି । ଏହା ଜରିଆରେ ସଚ୍ଚା ରାଷ୍ଟ୍ରଭକ୍ତ ନିର୍ମାଣ କାମକୁ ଗୁରୁତ୍ୱ ଦେଇଆସିଛି। ଏହା ରାଷ୍ଟ୍ରଭକ୍ତ ନିର୍ମାଣର କାରଖାନା ଅଟେ ବୋଲି ସ୍ଥାନୀୟ ଆମସେନା ଗୁରୁକୁଳ ଆଶ୍ରମର ୫୧ତମ ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ତିନିଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବର ଶେଷ ଦିନରେ ଗୁରୁକୁଳ ମୁଖ୍ୟ ଧର୍ମାନନ୍ଦ ସରସ୍ୱତୀ ସଭାପତିତ୍ୱ କରିଥିବାବେଳେ ଡା. ପୂର୍ଣ୍ଣ ସିଂ ଡବାସ ମୁଖ୍ୟଅତିଥି, ମାତା ପରମେଶ୍ୱରୀ ଦେବୀ, ସ୍ୱାମୀ ପ୍ରଣବାନନ୍ଦଜୀ ସରସ୍ୱତୀ, ବ୍ରତାନନ୍ଦଜୀ ସରସ୍ୱତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରକାଶ ଯେ, ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଭଜନ, ପ୍ରବଚନ, ବିବିଧ ସମ୍ମେଳନ, ବ୍ୟାୟାମ ପ୍ରଦର୍ଶନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଗୁରୁକୁଳ ସମେତ ଜିଲା ତଥା ରାଜ୍ୟ ବାହାରୁ ବହୁ ବ୍ରହ୍ମଚାରୀ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବହୁପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଗୁରୁକୁଳର ବ୍ରହ୍ମଚାରିଣୀ ବ୍ରହ୍ମଚାରୀ ପ୍ରମୁଖ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷ ଦିନର କାର୍ଯ୍ୟକ୍ରମରେ ବ୍ରହ୍ମଚାରୀମାନଙ୍କ ନିଶା ନିବାରଣ ଉପରେ ନାଟକ ବେଶ ମନ ମୁଗ୍ଧକର ହୋଇଥିଲା । କାର୍ଯ୍ୟକ୍ରମରେ ମନୁଦେବ ଆର୍ଯ୍ୟ, କୁଞ୍ଜଦେବ ମନିଷୀ ପରିଚାଳନା କରିଥିବଲେ। ଏଥିରେ ଆଶ୍ରମର ସମସ୍ତ ଆଚାର୍ଯ୍ୟ ସହଯୋଗ କରିଥିଲେ । ଏଥିରେ ରାଜ୍ୟ ବାହାରୁ ଶତାଧିକ ମନିଷୀଗଣ ଯୋଗଦେଇଥିଲେ ।

**ଆମ ସେନା ଗୁରୁକୁଳ ଆଶ୍ରମ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,**
**ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ । ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,**
**ଆଜି ଅଛି କାଲି ନାହିଁ ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ । ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ । ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସାରସ୍ୱତ ସାମ୍ବତ୍ସରିକ ସମାରୋହରେ ବକ୍ତାଙ୍କ ମତ

# ଓଡ଼ିଆ ସାହିତ୍ୟରେ ଖଡ଼ିଆଳ ସାହିତ୍ୟର ଅବଦାନ ଅତୁଳନୀୟ



ସାରସ୍ୱତ ସାମ୍ବତ୍ସରିକ ସମାରୋହରେ ଯୋଗଦେଇଥିବା ଅତିଥି।

**ଖଡିଆଳ,୧୮।୨(ଡି.ଏନ.ଏ.)**

ଖଡିଆଳ ରାଜ ଦରବାର ହଲଠାରେ ରବିବାର ଖଡିଆଳ ସାହିତ୍ୟ ସମିତିର ୧୩୬ତମ ସାରସ୍ୱତ ସାମ୍ବତ୍ସରିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ସମିତି ପ୍ରତିଷ୍ଠାତା ରାଜା ସ୍ୱର୍ଗତ ବ୍ରଜରାଜ ସିଂଦେଓ ଏବଂ ବାଗ ଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ବଳନ ପରେ କଣ୍ଠଶିଳ୍ପୀ କୁମାରୀ ବନ୍ଦନା ଚଳାନର କଣ୍ଠ ସହ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ, ଢ଼ଲେନ୍ଦ୍ର ବାରିକ, ସତ୍ୟଦେବ ବନଛୋର ସହାୟତାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ପରେ ସମିତି ସଭାପତି ରାଜା ତଥା ଗବେଷକ ଜିତାମିତ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ବରାଳ ମୁଖ୍ୟଅତିଥି, ଅଧାପକ ଗୟାଧର ମହାନ୍ତି ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଳଭଦ୍ର ମହାଉତି, ଦୀପ୍ତିମୟୀ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡିଆ ସାହିତ୍ୟରେ ଖଡିଆଳ ସାହିତ୍ୟ ସମିତିର ଅବଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଖଡିଆଳ ସାହିତ୍ୟ ସମିତି ଓଡିଆ ସାହିତ୍ୟର ଦୀକ୍ଷାଭୂମି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ସାହିତ୍ୟରେ ଖଡ଼ିଆଳ ସାହିତ୍ୟର ଅବଦାନ ଅତୁଳନୀୟ । ଖଡ଼ିଆଳ ସାହିତ୍ୟ ବିନା ଓଡିଶାର ସାହିତ୍ୟ ପରିକଳ୍ପନା କରାଯାଇ ପାରେନା । ଓଡିଆ ସାହିତ୍ୟ କହିଲେ ଖଡିଆଳ ସାହିତ୍ୟକୁ ବୁଝାଇଥାଏ। ଯାହାର ମୁଖସାକ୍ଷୀ ହେଉଛି ଖଡିଆଳ ସାହିତ୍ୟ ସମିତି, ଯାହାକୁ ସାହିତ୍ୟର ବଳିଷ୍ଠ ସାଧକର ପରିଚୟ ଦେଇ ୧୮୮୩ରେ ତତ୍କାଳୀନ ରାଜା ବ୍ରଜରାଜ ସିଂଦେଓଙ୍କ ଦ୍ୱାରା ଖଡିଆଳ ସାହିତ୍ୟ ସମିତି ସ୍ଥାପିତ କରିଥିଲେ । ଯାହା ବର୍ତ୍ତମାନ ରାଜ୍ୟର ସର୍ବପୁରାତନ ସାହିତ୍ୟ ସମିତି ରୂପେ ପରିଚିତ ବୋଲି ଅତିଥିମାନେ କହିଥିଲେ । ପରେ ମାୟାଧର ସରାଫ, ଦୀପ୍ତିମୟୀ ମୁଣ୍ଡ ଏବଂ ଶାଶ୍ୱତି ବିଶ୍ୱକଲ୍ୟାଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ ୨୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ନିଜ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ କୋଶଳୀ କବି ନଟରାଜ ମହାପାତ୍ରଙ୍କୁ ଅଭୟ ଚଳାନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ପୁଷ୍ପ ସିଂଦେବୀ, ଜୟନ୍ତ କୁମାର ଚଳାନ, ବିପିନ ବିହାରୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ସୁନାନୀ, ସୁଶାନତ ମୁଣ୍ଡ, ବୈଷ୍ଣବ ମେହେର, ଦିନବନ୍ଧୁ ବାଗ, ସ୍ୱରୂପା ଆଚାର୍ଯ୍ୟ, ଜ୍ୟୋତିଲାଲ ବଞ୍ଜାରେଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପାଲା ଗାୟକ ଅର୍ଜୁନ ଛତ୍ରିଆଙ୍କୁ ଶିରୋମଣି ଉପାଧିରେ ସମ୍ମାନିତ କରାଯାଇଥିଲା । ସମିତି ସାଧାରଣ ସମ୍ପାଦକ ଇରଫାନ ମହମ୍ମଦ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଗୌରାଙ୍ଗ କୁମାର ସାହୁ ଅତିଥି ପରିଚୟ ଓ ପରିଚାଳନା ସମ୍ପାଦକ ଆଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କଣ୍ଟାବାଞ୍ଜିରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି,୧୮।୨(ଡି.ଏନ.ଏ.)**

ଜମ୍ମୁ-କାଶ୍ମିରର ଫୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ରବିବାର ସନ୍ଧ୍ୟାରେ ରାଜୀବଛକରେ ବୀର ସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏପରି କି କ୍ଲବର ସଭ୍ୟମାନଙ୍କ ଦ୍ୱାରା ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶେଭାଯାତ୍ରା ଏନ୍‌ଏସି ଛକ, ଶାସ୍ତ୍ରୀ ଛକ ଦେଇ ଇନ୍ଦିରା ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ଶୋଭା ହୋଇଥିଲା। ସେହିପରି ରେଲଷ୍ଟେଶନ ଟେମ୍ପୋ ଚାଳକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଶହିଦ ଯବାନଙ୍କୁ ଶଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେହିପରି ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଆମ୍ବେଡ଼କର ଛକ ନିକଟରେ ଉତ୍କଳ ହାଡିପା ସମାଜ ପକ୍ଷରୁ ମହମବତୀ ଜାଳି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ହାଡିପା ସମାଜର ନରେନ୍ଦ୍ର ସୁନା, କୈଳାଶ ଦୀପ, ରୁଷି ସିନ୍ଧୂର, ସାମାଜିକକର୍ମୀ ସୁରଥ ବେହେରା, କୈଳାଶ ବନଛୋର, ଜସପାଲ ସୁନା, ସଦାନନ୍ଦ ବାଗ ସାମିଲ ହୋଇଥିଲେ । ସେହିପରି ଅର୍ଜୁନ କ୍ଲବ ଆଶ୍ରମପଡ଼ା ଓ ଏକତା ମହିଳା ଗୋଷ୍ଠିର ମିଳିତ ଉଦ୍ୟମରେ ମା' ନିଆଳିମଳି ଛକ ନିକଟରେ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଥିଲା।

# ଆତ୍ମ ନିଯୁକ୍ତି, କ୍ଷୁଦ୍ର ବ୍ୟବସାୟୀଙ୍କୁ ତାଲିମ ପ୍ରଦାନ

**କଣ୍ଟାବାଞ୍ଜି,୧୮।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ କଣ୍ଟାବାଞ୍ଜି ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରଠାରେ ସୋମବାର ଆତ୍ମ ନିଯୁକ୍ତି ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ନେଇ ଏକ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଣ୍ଟାବାଞ୍ଜି ସହରାଞ୍ଚଳର ଶିକ୍ଷିତ ବେକାର ଯୁବତୀ, ଯୁବକ କିପରି ଆତ୍ମନିଯୁକ୍ତି ହୋଇ ପାରିବେ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ନିଜ ବ୍ୟବସାୟକୁ କିପରି ଠିକ୍ ଭାବ ପରିଚାଳନା କରିପାରିବେ ସେନେଇ ତାଲିମ ଦିଆଯିବ। ଉଦ୍‌ଘାଟନୀ ଦିବସରେ ଜିଲା ଶିଳ୍ପ ତାଲିମ କେନ୍ଦ୍ର ବଲାଙ୍ଗୀର ସହାୟକ ପରିଚାଳକ ଶରତଚନ୍ଦ୍ର ଜେନା, ସହକାରୀ ପରିଚାଳକ ବିଷ୍ଣୁପଦ ମାରାଣ୍ଡି, ଓସସିଆଇଟି ଡାଇରେକ୍ଟର ରମେଶ ଚନ୍ଦ୍ର ଦୀପ, ମୁଖ୍ୟବକ୍ତା ସଞ୍ଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶିବିରକୁ ଆଇପିଓ ସନାତନ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ସହରର ୫୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ତାଲିମ ନେଉଛନ୍ତି। ଏହି ଶିବିର ମାର୍ଚ୍ଚ ଦୁଇ ତାରିଖ ପର୍ଯ୍ୟନ୍ତ ଚାଲିବ।

# ନୂଆପଡ଼ାରେ ଶିଶୁ ଅଦାଲତ ଶୁଭାରମ୍ଭ

**ନୂଆପଡା ଅଫିସ,୧୮।୨**

ସ୍ଥାନୀୟ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଜିଲା ଶିଶୁ ସୁରକ୍ଷା ବିଭାଗ ଅଧୀନରେ ଶିଶୁ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିଶୁସୁରକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟଜଷ୍ଟିସ କେ.ଆର. ମହାପାତ୍ର ମୁଖ୍ୟଅତିଥି, ହାଇକୋର୍ଟ ରେଜିଷ୍ଟ୍ରାର ପି.କେ.ପାତ୍ର, ଜିଲା ଦୌରାଜଜ୍ ଅସୀମ କୁମାର ଦଳବେହେରା, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଭାତ କୁମାର ରାଜଗୁରୁ, ରେଜିଷ୍ଟ୍ରାର ପିଏମଜେଜେବି ସମ୍ପାଦକ ରଘୁନନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଡାକ୍ତରଖାନାରେ ପୁଞ୍ଜିଲାଲଙ୍କ ଚିକିତ୍ସା ଜାରି

# ଭେଟିଲେ ସ୍ତ୍ରୀ, ପୁଅ

### ଖାଦ୍ୟ ଗ୍ରହଣ କରିବାକୁ ଡାକ୍ତରଙ୍କ ପରାମର୍ଶ

**ବଲାଙ୍ଗୀର ଅଫିସ, ୧୮।୨**



ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଗତ ଶନିବାର ପୂର୍ବାହ୍ନରେ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପାଟଣାଗଡ଼ ଜେଲରୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତରଣର ପ୍ରତିବାଦ କରି ପୁଞ୍ଜିଲାଲ ୧୨ ଦିନ ହେଲା ଅନଶନ ଜାରି ରଖିଛନ୍ତି । ଡାକ୍ତରଙ୍କ ପରାମର୍ଶ ପରେ ପୁଞ୍ଜିଲାଲ ଖାଦ୍ୟ ଗ୍ରହଣ ନ କରି ପୁରୁଣା ଦାବି ଦୋହରାଇଛନ୍ତି । ପାଟଣାଗଡ଼ ଜେଲରୁ କୌଣସି କଏଦୀ ଚମ୍ପଟ ହୋଇ ନ ଥିଲେ ଓ କଏଦୀ ଚମ୍ପଟ କରିବାରେ ତାଙ୍କର କୌଣସି ଭୂମିକା ନ ଥିବା ସତ୍ତ୍ୱେ ପାଟଣାଗଡ଼ ଜେଲ କର୍ତ୍ତୃପକ୍ଷ ପୁଞ୍ଜିଲାଲ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ପାଟଣାଗଡ଼ ଜେଲରୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତରଣ କରାଯାଇଥିଲା ବୋଲି ପୁଞ୍ଜିଲାଲ ଅଭିଯୋଗ କରି ଅନଶନ କରିଛନ୍ତି। ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହେବା ପରେ ପୁଞ୍ଜିଲାଲଙ୍କ ସ୍ତ୍ରୀ ଓ ପୁଅ ତାଙ୍କୁ ଭେଟିବାକୁ ଆସି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିବା ଜଣାପଡିଛି । ଏନେଇ ଜେଲ ଅଧିକ୍ଷକ ସଞ୍ଜୟ ବର୍ମାଙ୍କୁ ପଚାରିବାରୁ ପୁଞ୍ଜିଲାଲଙ୍କ ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରିପୋର୍ଟ ଠିକ୍ ଅଛି ବୋଲି କହିଛନ୍ତି । ଡାକ୍ତରମାନେ ତାଙ୍କୁ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିବା ସେ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

### ଏ.କଳାବତୀ ଇଣ୍ଟର ୱାର୍ଡ କ୍ରିକେଟ ଟୁର୍ନାମେଣ୍ଟ

# ୬ନମ୍ବର ୱାର୍ଡ ଚାମ୍ପିୟନ

ନୂଆପଡା ଅଫିସ/ଖରିଆରରୋଡ,୧୮।୨: ସ୍ଥାନୀୟ ଖରିଆରରୋଡସ୍ଥିତ ମିନିଷ୍ଟାଡିୟମରେ ଚାଲିଥିବା ଏ. କଳାବତୀ ଇଣ୍ଟର ୱାର୍ଡ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳରେ ୬ ନମ୍ବର ୱାର୍ଡ ମିଳିତ ଭାବେ ଖେଳିଥିବା ୧୩, ୧୪ ଏବଂ ୧୫ ନମ୍ବର ୱାର୍ଡକୁ ୭ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି । ପରିଚାଳନା କମିଟି ସଭାପତି ସୁରେଶ କୁମାର ଆଚାରୀ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏ.ଭି.ସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ତିନିଦିନ ଧରି ଚାଲିଥିବା ଟୁନାମେଣ୍ଟରେ ମୋଟ ୧୦ଟି ଦଳ ଯୋଗଦେଇଥିଲେ। ଫାଇନାଲ ଖେଳ ୬ ନମ୍ବର ଏବଂ ୧୩, ୧୪, ୧୫ ନମ୍ବର ୱାର୍ଡ ମଧ୍ୟରେ ହୋଇଥିଲା । ଏଥିରେ ୬ନମ୍ବର ୱାର୍ଡ ଟସ ଜିଣି ପ୍ରଥମେ ଫିଲ୍ଡିଂ କରିଥିଲା । ତେବେ ୧୩, ୧୪ ଏବଂ ୧୫ ନମ୍ବର ୱାର୍ଡ ୪୭ ରନରେ ସବୁ ଉଇକେଟ ହରାଇଥିଲା । ଏହି ରନ୍‌କୁ ପିଛା କରି ୬ ନମ୍ବର ୱାର୍ଡ ମାତ୍ର ୩ ଉଇକେଟରେ ନିର୍ଦ୍ଧାରିତ ରନ ସ୍କୋର ମ୍ୟାଚ ଜିଣିଥିଲା । ଏହି ଅବସରରେ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ଶଖାଙ୍କୁ ପୁରସ୍କୃତ କରାଯାଇଥିବାବେଳେ ବେଷ୍ଟ ବୋଲର ବାବା, ବେଷ୍ଟ ବ୍ୟାଟସମ୍ୟାନ ଅରୁଣ, ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହା ସହର ମଧ୍ୟରେ ଭାଇଚାରା ଏବଂ ସମସ୍ତଙ୍କ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟ ରହିଛି । ଏହାକୁ ବଜାର ରଖିବାକୁ ମୁଖ୍ୟଅତିଥି ପରାମର୍ଶ କରିଥିଲେ । ଶେଷରେ ଦୀପକ ମହାରଣା ଧନ୍ୟବାଦ ଜ୍ଞାପନ କରିଥିଲେ ।



ଚାମ୍ପିୟନ ଟ୍ରଫି ସହ ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଳେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ବ୍ୟବସାୟୀ ସଂଘ ତରଫରୁ ନୂଆପଡ଼ାରେ ଦୋକାନ ବଜାର ବନ୍ଦ

ନୂଆପଡା ଅଫିସ,୧୮।୨

ପୁଲୱାମାରେ ଆତଙ୍କବାଦୀ ଘଟଣାର ତୀବ୍ର ନିନ୍ଦା କରି ଅଖିଳ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ନୂଆପଡା ବ୍ୟବସାୟୀ ସଂଘ ମଧ୍ୟ ସମର୍ଥନ କରିଥିଲେ । ବ୍ୟବସାୟୀ ସଂଘ ଡାକରାରେ ନୂଆପଡା ଜିଲା ସଦର ମହକୁମା ସମେତ ବିଭିନ୍ନ ଜାଗାରେ ବନ୍ଦର ପ୍ରଭାବ ପଡିଥିଲା । ନୂଆପଡା ଜିଲା ସଦର ମହକୁମାରେ ମର୍ଚ୍ଚାଣ୍ଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବନ୍ଦପାଳନ କରାଯାଇଥିଲା। ଏହିକ୍ରମରେ ଜିଲା ସଦର ମହକୁମାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ବଜାର ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସଂଘ ସଭାପତି ସାହୁଙ୍କ ନେତୃତ୍ୱରେ ବ୍ୟବସାୟୀ ସଂଘ ସମ୍ପାଦକ ବିଜୟ ଚନ୍ଦ୍ରପାର, ଶ୍ରୀକାନ୍ତ ଗୁପ୍ତା, ଟୁଲୁପାଢୀ ପ୍ରମୁଖ ପିକେଟିଂ କରି ସମସ୍ତ ଦୋକାନ ବନ୍ଦ କରିବାକୁ ସହର ବୁଲିଥିଲେ । ଏହିଭଳି ଜିଲାର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ଉଦ୍ୟାନନ୍ଦ, କୋମନା, ତରବୋଡ ଆଦି ଜାଗାରେ ମଧ୍ୟ ଦୋକାନ ବଜାର ବନ୍ଦ ରହିଥିଲା।

### ୫୧ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

# ଗୁରୁକୁଳ ରାଷ୍ଟ୍ରଭକ୍ତ ନିର୍ମାଣର କାରଖାନା





ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମଚାରୀମାନେ ନିଶା ନିବାରଣ ଉପରେ ଏକ ନାଟକ ମଞ୍ଚସ୍ଥ କରୁଛନ୍ତି (ବାମ)। ଯୋଗଦେଇଥିବା ବ୍ରହ୍ମଚାରୀ ଗଣ ।

ନୂଆପଡା ଅଫିସ,୧୮।୨

ନୂଆପଡା ଜିଲାରେ ଆଜକୁ ୫୦ ବର୍ଷ ତଳେ ନିଘଞ୍ଚ ବନାନୀ ମଧ୍ୟରେ ସ୍ଥାପନ ହୋଇଥିବା ଆମ ସେନା ଗୁରୁକୁଳ ଆଶ୍ରମ ଆଜି ବି ଆଶ୍ରମ ଶିକ୍ଷାକୁ ବଜାୟ ରଖିଛି । ଏହା ଜରିଆରେ ସଚ୍ଚା ରାଷ୍ଟ୍ରଭକ୍ତ ନିର୍ମାଣ କାମକୁ ଗୁରୁତ୍ୱ ଦେଇଆସିଛି। ଏହା ରାଷ୍ଟ୍ରଭକ୍ତ ନିର୍ମାଣର କାରଖାନା ଅଟେ ବୋଲି ସ୍ଥାନୀୟ ଆମସେନା ଗୁରୁକୁଳ ଆଶ୍ରମର ୫୧ତମ ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ତିନିଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବର ଶେଷ ଦିନରେ ଗୁରୁକୁଳ ମୁଖ୍ୟ ଧର୍ମାନନ୍ଦ ସରସ୍ୱତୀ ସଭାପତିତ୍ୱ କରିଥିବାବେଳେ ଡା. ପୂର୍ଣ୍ଣ ସିଂ ଡବାସ ମୁଖ୍ୟଅତିଥି, ମାତା ପରମେଶ୍ୱରୀ ଦେବୀ, ସ୍ୱାମୀ ପ୍ରଣବାନନ୍ଦଜୀ ସରସ୍ୱତୀ, ବ୍ରତାନନ୍ଦଜୀ ସରସ୍ୱତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରକାଶ ଯେ, ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଭଜନ, ପ୍ରବଚନ, ବିବିଧ ସମ୍ମେଳନ, ବ୍ୟାୟାମ ପ୍ରଦର୍ଶନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଗୁରୁକୁଳ ସମେତ ଜିଲା ତଥା ରାଜ୍ୟ ବାହାରୁ ବହୁ ବ୍ରହ୍ମଚାରୀ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବହୁପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଗୁରୁକୁଳର ବ୍ରହ୍ମଚାରିଣୀ ବ୍ରହ୍ମଚାରୀ ପ୍ରମୁଖ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷ ଦିନର କାର୍ଯ୍ୟକ୍ରମରେ ବ୍ରହ୍ମଚାରୀମାନଙ୍କ ନିଶା ନିବାରଣ ଉପରେ ନାଟକ ବେଶ ମନ ମୁଗ୍ଧକର ହୋଇଥିଲା । କାର୍ଯ୍ୟକ୍ରମରେ ମନୁଦେବ ଆର୍ଯ୍ୟ, କୁଞ୍ଜଦେବ ମନିଷୀ ପରିଚାଳନା କରିଥିବଲେ। ଏଥିରେ ଆଶ୍ରମର ସମସ୍ତ ଆଚାର୍ଯ୍ୟ ସହଯୋଗ କରିଥିଲେ । ଏଥିରେ ରାଜ୍ୟ ବାହାରୁ ଶତାଧିକ ମନିଷୀଗଣ ଯୋଗଦେଇଥିଲେ ।

**ଆମ ସେନା ଗୁରୁକୁଳ ଆଶ୍ରମ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,
ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ । ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,
ଆଜି ଅଛି କାଲି ନାହିଁ ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ । ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ । ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସାରସ୍ୱତ ସାମ୍ବତ୍ସରିକ ସମାରୋହରେ ବକ୍ତାଙ୍କ ମତ

# ଓଡ଼ିଆ ସାହିତ୍ୟରେ ଖଡ଼ିଆଳ ସାହିତ୍ୟର ଅବଦାନ ଅତୁଳନୀୟ



ସାରସ୍ୱତ ସାମ୍ବତ୍ସରିକ ସମାରୋହରେ ଯୋଗଦେଇଥିବା ଅତିଥି।

ଖଡିଆଳ,୧୮।୨(ଡି.ଏନ.ଏ.)

ଖଡିଆଳ ରାଜ ଦରବାର ହଲଠାରେ ରବିବାର ଖଡିଆଳ ସାହିତ୍ୟ ସମିତିର ୧୩୬ତମ ସାରସ୍ୱତ ସାମ୍ବତ୍ସରିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ସମିତି ପ୍ରତିଷ୍ଠାତା ରାଜା ସ୍ୱର୍ଗତ ବ୍ରଜରାଜ ସିଂଦେଓ ଏବଂ ବାଗ ଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ଜଳନ ପରେ କଣ୍ଠଶିଳ୍ପୀ କୁମାରୀ ବନ୍ଦନା ଚଳାନର କଣ୍ଠ ସହ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ, ଢ଼ଲେନ୍ଦ୍ର ବାରିକ, ସତ୍ୟଦେବ ବନଛୋର ସହାୟତାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ପରେ ସମିତି ସଭାପତି ରାଜା ତଥା ଗବେଷକ ଜିତାମିତ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ବରାଳ ମୁଖ୍ୟଅତିଥି, ଅଧାପକ ଗୟାଧର ମହାନ୍ତି ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଳଭଦ୍ର ମହାଉତି, ଦୀପ୍ତିମୟୀ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡିଆ ସାହିତ୍ୟରେ ଖଡିଆଳ ସାହିତ୍ୟ ସମିତିର ଅବଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଖଡିଆଳ ସାହିତ୍ୟ ସମିତି ଓଡିଆ ସାହିତ୍ୟର ଦୀକ୍ଷାଭୂମି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ସାହିତ୍ୟରେ ଖଡ଼ିଆଳ ସାହିତ୍ୟର ଅବଦାନ ଅତୁଳନୀୟ । ଖଡ଼ିଆଳ ସାହିତ୍ୟ ବିନା ଓଡିଶାର ସାହିତ୍ୟ ପରିକଳ୍ପନା କରାଯାଇ ପାରେନା । ଓଡିଆ ସାହିତ୍ୟ କହିଲେ ଖଡିଆଳ ସାହିତ୍ୟକୁ ବୁଝାଇଥାଏ। ଯାହାର ମୁଖସାକ୍ଷୀ ହେଉଛି ଖଡିଆଳ ସାହିତ୍ୟ ସମିତି, ଯାହାକୁ ସାହିତ୍ୟର ବଳିଷ୍ଠ ସାଧକର ପରିଚୟ ଦେଇ ୧୮୮୩ରେ ତତ୍କାଳୀନ ରାଜା ବ୍ରଜରାଜ ସିଂଦେଓଙ୍କ ଦ୍ୱାରା ଖଡିଆଳ ସାହିତ୍ୟ ସମିତି ସ୍ଥାପିତ କରିଥିଲେ । ଯାହା ବର୍ତ୍ତମାନ ରାଜ୍ୟର ସର୍ବପୁରାତନ ସାହିତ୍ୟ ସମିତି ରୂପେ ପରିଚିତ ବୋଲି ଅତିଥିମାନେ କହିଥିଲେ । ପରେ ମାୟାଧର ସରାଫ, ଦୀପ୍ତିମୟୀ ମୁଣ୍ଡ ଏବଂ ଶାଶ୍ୱତି ବିଶ୍ୱକଲ୍ୟାଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ ୨୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ନିଜ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ କୋଶଲୀ କବି ନଟରାଜ ମହାପାତ୍ରଙ୍କୁ ଅଭୟ ଚଲାନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ପୁଷ୍ପ ସିଂଦେବୀ, ଜୟନ୍ତ କୁମାର ଚଲାନ, ବିପିନ ବିହାରୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ସୁନାନୀ, ସୁଶାନତ ମୁଣ୍ଡ, ବୈଷ୍ଣବ ମେହେର, ଦିନବନ୍ଧୁ ବାଗ, ସ୍ୱରୂପା ଆଚାର୍ଯ୍ୟ, ଜ୍ୟୋତିଲାଲ ବଞ୍ଜାରେଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପାଲା ଗାୟକ ଅର୍ଜୁନ ଛତ୍ରିଆଙ୍କୁ ଶିରୋମଣି ଉପାଧିରେ ସମ୍ମାନିତ କରାଯାଇଥିଲା । ସମିତି ସାଧାରଣ ସମ୍ପାଦକ ଇରଫାନ ମହମ୍ମଦ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଗୌରାଙ୍ଗ କୁମାର ସାହୁ ଅତିଥି ପରିଚୟ ଓ ପରିଚାଳନା ସମ୍ପାଦକ ଆଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

ନୂଆପଡା ଅଫିସ,୧୮।୨

କେବଳ କଥାରେ ରହିଛି ନାରୀମାନେ ଅବଳା, ଦୁର୍ବଳ । ହେଲେ ଏହା ବର୍ତ୍ତମାନ ଭୁଲ ପ୍ରମାଣିତ ହୋଇଛି । ନାରୀ ପାଖରେ ବହୁ ପ୍ରଚଣ୍ଡ ଶକ୍ତି ରହିଛି । କେବଳ ଯେ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି । ଆତ୍ମସୁରକ୍ଷା ତାଲିମ ନେବା ସହ ଆତ୍ମ ବିଶ୍ୱାସ ବୃଦ୍ଧି କରିବାର ଦରକାର ବୋଲି ବକ୍ତାମାନେ କହିଥିଲେ । ସ୍ଥାନୀୟ ନୋଡାଲ ସେଣ୍ଟର ନ୍ୟାଶନାଲ କଲେଜର ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । କଲେଜ ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ କଲେଜ ପରିଚାଳନା ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ଖରିଆରରୋଡ ଜୋନ୍ଙ୍କ ଥାନାଧିକାରୀ ଯୁଗଳ କିଶୋର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଶିବିର ଆୟୋଜନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ କଲେଜ ଅଧ୍ୟକ୍ଷ କହିଥିବାବେଳେ ମୁଖ୍ୟ ଅତିଥି ନାରୀମାନଙ୍କ ଭିତରେ ଥିବା ଶକ୍ତି ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । ସରକାର କେବଳ ଏହି କାର୍ଯ୍ୟକ୍ରମ ଜରିଆରେ ଏକ ସଚେତନତା ମାତ୍ର କରୁଛନ୍ତି । ହେଲେ ଏହାକୁ ଆମେ ନିଜର ଜୀବନ ଶୈଳୀ ମଧ୍ୟରେ ପ୍ରୟୋଗ କରିବା ଦରକାର ବୋଲି କହିଥିଲେ । ଦୀର୍ଘ ୧୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଶିବିରରେ ମାଷ୍ଟର ଟ୍ରେନର ଭାବେ ସରସ୍ୱତୀ ଶବର, ସାବିତ୍ରୀ ସାହୁ, ଫୁଲେଶ୍ୱରୀ ସାହୁ, ଧନେଶ୍ରୀ କେଉଁଟ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ପ୍ରକାଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ସଫଳ ଭାବେ ତାଲିମ ନେଇଥିବା ଛାତ୍ରୀମାନେ ସେମାନଙ୍କ କୌଶଳ ପ୍ରଦର୍ଶନ କରି ଅତିଥିମାନଙ୍କ ମନଜିଣିଥିଲେ । କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମୋହନ ଦାସ, ବଜେନ୍ଦ୍ର ପ୍ରସାଦ ନାୟକ, କପିଳ ଦେବ ପାଣିଗ୍ରାହୀ, ସୁକଦେଭ ଭିଲ, ଈଶ୍ୱର ପଟେଲ, ଶିବ ପ୍ରସାଦ ସା, ରବୀନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ । ଶେଷରେ ପ୍ରକାଶ ସାହୁ ଧନ୍ୟବାଦ ଦେଇଥିଲେ ।



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ ।

# ନୂଆପଡ଼ାରେ ଶିଶୁ ଅଦାଲତ ଶୁଭାରମ୍ଭ



ନୂଆପଡାରେ ଶିଶୁ ଅଦାଲତ ଉଦ୍‌ଘାଟନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

ନୂଆପଡା ଅଫିସ,୧୮।୨

ସ୍ଥାନୀୟ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଜିଲା ଶିଶୁ ସୁରକ୍ଷା ବିଭାଗ ଅଧୀନରେ ଶିଶୁ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିଶୁସୁରକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟ ଜଷ୍ଟିସ କେ.ଆର. ମହାପାତ୍ର ମୁଖ୍ୟଅତିଥି, ହାଇକୋର୍ଟ ରେଜିଷ୍ଟ୍ରାର ପି.କେ.ପାତ୍ର, ଜିଲା ଦୌରାଜଜ୍ ଅସୀମ କୁମାର ଦଳବେହେରା, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଭାତ କୁମାର ରାଜଗୁରୁ, ରେଜିଷ୍ଟ୍ରାର ପିଏମଜେଜେବି ସମ୍ପାଦକ ରଘୁନନ୍ଦନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଏଣିକି ଏହି କୋର୍ଟରେ ବିଭିନ୍ନ ଯୌନ ଜନିତ ହିଂସା ଓ ଅପରାଧ ଶୁଣାଣୀ ସମୟରେ ପୀଡିତା ଶିଶୁଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ଅଦାଲତ ରାଜ୍ୟରେ ଦ୍ୱିତୀୟ ହେବ । ଆଗରୁ ଢେଙ୍କାନାଳରେ ଏହା ରହିଥିବା ପ୍ରକାଶ । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ଏ.କଳାବତୀ ଇଣ୍ଟର ୱାର୍ଡ କ୍ରିକେଟ ଟୁର୍ନାମେଣ୍ଟ

# ୬ନମ୍ବର ୱାର୍ଡ ଚାମ୍ପିୟନ

ନୂଆପଡା ଅଫିସ/ଖରିଆରରୋଡ,୧୮।୨: ସ୍ଥାନୀୟ ଖରିଆରରୋଡସ୍ଥିତ ମିନିଷ୍ଟାଡିୟମରେ ଚାଲିଥିବା ଏ. କଳାବତୀ ଇଣ୍ଟର ୱାର୍ଡ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳରେ ୬ ନମ୍ବର ୱାର୍ଡ ମିଳିତ ଭାବେ ଖେଳିଥିବା ୧୩, ୧୪ ଏବଂ ୧୫ ନମ୍ବର ୱାର୍ଡକୁ ୭ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି । ପରିଚାଳନା କମିଟି ସଭାପତି ସୁରେଶ କୁମାର ଆଚାରୀ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏ.ଭି.ସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ତିନିଦିନ ଧରି ଚାଲିଥିବା ଟୁନାମେଣ୍ଟରେ ମୋଟ ୧୦ଟି ଦଳ ଯୋଗଦେଇଥିଲେ। ଫାଇନାଲ ଖେଳ ୬ ନମ୍ବର ଏବଂ ୧୩, ୧୪, ୧୫ ନମ୍ବର ୱାର୍ଡ ମଧ୍ୟରେ ହୋଇଥିଲା । ଏଥିରେ ୬ନମ୍ବର ୱାର୍ଡ ଟସ ଜିଣି ପ୍ରଥମେ ଫିଲ୍ଡିଂ କରିଥିଲା । ତେବେ ୧୩, ୧୪ ଏବଂ ୧୫ ନମ୍ବର ୱାର୍ଡ ୪୭ ରନରେ ସବୁ ଉଇକେଟ ହରାଇଥିଲା । ଏହି ରନ୍‌କୁ ପିଛା କରି ୬ ନମ୍ବର ୱାର୍ଡ ମାତ୍ର ୩ ଉଇକେଟରେ ନିର୍ଦ୍ଧାରିତ ରନ ସ୍କୋର ମ୍ୟାଚ ଜିଣିଥିଲା । ଏହି ଅବସରରେ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ଶଖାଙ୍କୁ ପୁରସ୍କୃତ କରାଯାଇଥିବାବେଳେ ବେଷ୍ଟ ବୋଲର ବାବା, ବେଷ୍ଟ ବ୍ୟାଟସମ୍ୟାନ ଅରୁଣ, ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହା ସହର ମଧ୍ୟରେ ଭାଇଚାରା ଏବଂ ସମସ୍ତଙ୍କ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟ ରହିଛି । ଏହାକୁ ବଜାର ରଖିବାକୁ ମୁଖ୍ୟଅତିଥି ପରାମର୍ଶ କରିଥିଲେ । ଶେଷରେ ଦୀପକ ମହାରଣା ଧନ୍ୟବାଦ ଜ୍ଞାପନ କରିଥିଲେ ।



ଚାମ୍ପିୟନ ଟ୍ରଫି ସହ ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ଗୋଟିଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବା କଳା ଶିଖି ନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ।
- ଜନ୍ ରସ୍କିନ



## ସଂକ୍ଷେପରେ

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି: କ୍ୟାଣ୍ଡେଲ ଶୋଭାଯାତ୍ରା

**ଲୋଇସିଂହା,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସଂହା ବ୍ଲକ ଅଧୀନ ବୁର୍ଡା ଗ୍ରାମର ରବିବାର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପାତାଳି ଯୋଗ ସମିତି ଓ ବୁର୍ଡା ଗ୍ରାମବସୀଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ବୁର୍ଡା ଦୁର୍ଗାମଣ୍ଡପରୁ ପତାଳି ସମିତି ସଦସ୍ୟଙ୍କ ସହ ଶତାଧିକ ଗ୍ରାମବସୀ କ୍ୟାଣ୍ଡେଲ ଜାଳି ଶହୀଦ ଯବାନ ଅମର ରହେ ଧ୍ୱନି ଦେଇ ବସ୍ତି ପରିକ୍ରମା କରିଥିଲେ। ଜଗନ୍ନାଥ ମନ୍ଦିରଠାରେ ଏକ ନୀରବ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଜ୍ୟୋତି ପ୍ରକାଶ ସାହୁଙ୍କ ସଂଯୋଜାନରେ ରାମଚନ୍ଦ୍ର ସାହୁ, ଗୋପବନ୍ଧୁ ସାହୁ, ନାରାୟଣ ସାହୁ, ଖୁସିରାମ ନାଏକ, ସୁଦୀପ ସା ଆତଙ୍କବାଦୀକକଙ୍କ ବର୍ବରକାଣ୍ଡକୁ ନିନ୍ଦା କରିବା ସହ କେନ୍ଦ୍ର ସରକାର ପାକିସ୍ତାନ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ।

### ଦେଓଗାଁ ବନ୍ଦ ପାଳନ

**ଦେଓଗାଁ,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରେ ସୋମବାର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ଉଦ୍ଦେଶ୍ୟରେ ବନ୍ଦ ପାଳନ କରାଯାଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହି ଅବସରରେ ବଣିକ ସଂଘ ପକ୍ଷରୁ ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହ ପାକିସ୍ତାନକୁ ସମାଲୋଚନା କରାଯାଇଥିଲା। ଦେଓଗାଁର ଯୁବଗୋଷ୍ଠି ପିକେଟିଂ କରି ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିବା ବେଳେ ଜନସାଧାରଣ ଏହାକୁ ସମର୍ଥନ କରିଥିଲେ।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଲୋଇସିଂହା,୧୮।୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ଜାମଗାଁ ଆଞ୍ଚଳିକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଶିବଶଙ୍କର ଉଦ୍‌ଗାତା ଏହାର ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଉଦ୍‌ଗାତାଙ୍କ ଅଧକ୍ଷତା ଅନୁଷ୍ଠିତ ସଭାରେ ଡ଼ା.ସୁଶାନ୍ତ କୁମାର ପଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରୀ ଓ ଝିଅମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଶିକ୍ଷଣର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ସଭକାର୍ଯ୍ୟକୁ ଅଧ୍ୟାପକ ଦାଶରଥୀ ପଟେଲ ପରିଚାଳନା କରିଥିଲେ। ସ୍ୱର୍ଣ୍ଣପ୍ରଭା ମେହେର ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରୁଛନ୍ତି। ତାଲିମ କାର୍ଯ୍ୟକୁ ଖେଳ ଶିକ୍ଷକ ଅଶୋକ କୁମାର ପରିଚାଳନା କରୁଛନ୍ତି।

### କୋଶଲି କବିତା ପାଠ

**ବିନିକା,୧୮।୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକାସ୍ଥିତ ମହନଦୀର ପାପକ୍ଷୟ ଘାଟରେ ରୁମ୍‌କୁଝୁମାନା କଳା ପରିଷଦ ପକ୍ଷରୁ କୋଶ୨୨୦ଲି କବିତା ପାଠ ଉତ୍ସବ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବର୍ଷୀୟାନ କଳାକାର ଅଟଳ ବିହାରୀ ପଣ୍ଡା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଦେବେନ୍ଦ୍ର ନାୟକ, ନୀଳାଚଳ ମେହେର, ଧ୍ରୁବଚରଣ ନାଏକ ଏବଂ ସୁର୍ଜନ କୁମାର ପଣ୍ଡା ଯୋଗଦେଇଥିଲେ। ୪୦ରୁ ଉର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

ଶହୀଦ ଯବାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ସହର ପରିକ୍ରମା କଲା ଶୋଭାଯାତ୍ରା

ବଲାଙ୍ଗୀର ଅଫିସ, ୧୮।୨

ଜମ୍ମୁ-କାଶ୍ମୀରର ପୁଲ୍‌ୱାମାଠାରେ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ଦେଶବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଗତ ୧୫ ତାରିଖଠାରୁ ପ୍ରତିଦିନ ଶତାଧିକ ସଙ୍ଗଠନ ରାଜରାସ୍ତାକୁ ବାହାରି ଶୋଭାଯାତ୍ରା ମାଧ୍ୟମରେ ଭାରତୀୟ ସେନାବାହିନୀକୁ ସମର୍ଥନ ଜଣାଉଥିବା ବେଳେ ଅନେକ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସାମୂହିକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଉଛି। ସୋମବାର ବଲାଙ୍ଗୀର ନେତାଜୀ ସଂଗ୍ରାମୀ ପରିଷଦ ନେତୃତ୍ୱରେ ସ୍ଥାନୀୟ ଶିଶୁ ଉଦ୍ୟାନ ସମ୍ମୁଖରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପ୍ରଥମେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅବସରପ୍ରାପ୍ତ ସୈନିକ ସଂଘ, ନାଗରିକ କମିଟି, ଆଗଲପୁରର କଳାକାର ସଂଘ ସଦସ୍ୟ, ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍, ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି, ନାଗରିକ କମିଟି, ଗଣମାଧ୍ୟମ ପ୍ରତିନିଧି, ନଙ୍ଗିଆ ଜାମ କମିଟି, ମାରୱାଡି ସମ୍ମେଳନ ସହ ବହୁ ସଙ୍ଗଠନ ସଦସ୍ୟ ଏଥିରେ ଉପସ୍ଥିତ ହୋଇଥିଲେ। ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ମାରୱାଡି ସମ୍ମେଳନର ନରେନ୍ଦ୍ର ଜୈନ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ସନ୍ତୋଷ ମୋଦୀ, ସତ୍ୟସୁନ୍ଦର ଭଞ୍ଜ, ସୁରୁଲାଲ ମଟାରୀ, ସୁରେଶ ଚନ୍ଦ୍ର ସାହୁ, ବୀରେନ୍ଦ୍ର ଝାଙ୍କର ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯବାନଙ୍କ ବଳିଦାନକୁ ସ୍ମରଣ କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାଟି ଭାଗୀରଥି ଛକ, ପିପି ଏକାଡେମୀ ଛକ, ବିକ୍ରମ ଛକ ଠାରେ ପହଞ୍ଚିଥିଲା। ସେଠାରେ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳରେ କ୍ୟାଣ୍ଡେଲ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେଠାରୁ ଡେଲିମାର୍କେଟ ଦେଇ ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ଦୁର୍ଗା ମନ୍ଦିର, ମେନ୍ ମାର୍କେଟ, ସରକାରୀ ବସଷ୍ଟାଣ୍ଡ ଭାଗୀରଥି ଛକରେ ଶୋଭାଯାତ୍ରା ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ପ୍ରତାପ ରଥ, ପ୍ରଭାସ ପାଣିଗ୍ରାହୀ, ବିଭୂତି ପାଣିଗ୍ରାହୀ, ଲକ୍ଷ୍ମୀ ପଟ୍ଟନାୟକ ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ। ଶୋଭାଯାତ୍ରାରେ ରତନ ମହାରଣା, ସୁନୀଲ ମହାନ୍ତି, ଅରୁଣ ମିଶ୍ର, ଶଶୀଶେଖର ପଣ୍ଡା, ସନାତନ ଠାକୁର, ବୀରେନ୍ଦ୍ର ବନ୍‌ଛୋର, ଟିକ୍‌ଲ ପଟେଲ, ଗଜାନନ ଅଗ୍ରୱାଲ, ନାଗରିକ କମିଟି ସଭାପତି ଭବାନୀ ଶତପଥି, ବିଷ୍ଣୁ ପ୍ରସାଦ କେଡିଆ, ମନୋଜ ଜେଅନ, ସଞ୍ଜୟ ଦାସ, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥି, ବିଶ୍ୱମୟ ପୂଜାରୀ ଓ ଅନ୍ୟମାନେ ଯୋଗଦାନ କରିଥିଲେ। ଭାରତୀୟ ସେନାକୁ ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ କ୍ଷମତା ପ୍ରଦାନ କରାଯିବା ସହ ପାକିସ୍ତାନକୁ ଉଚିତ୍ ଜବାବ ଦେବାକୁ ମତପ୍ରକାଶ ପାଇଥିଲା।



ନେତାଜୀ ସଂଗ୍ରାମୀ ପରିଷଦ ତରଫରୁ ଅନୁଷ୍ଠିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର ସଦସ୍ୟ।

# ବନ୍ଦ ପାଳନ: ବଲାଙ୍ଗୀର ବଣିକ ସଂଘର ବିବାଦୀୟ ନିଷ୍ପତ୍ତି

ବଲାଙ୍ଗୀର ଅଫିସ, ୧୮।୨

- ବିଭିନ୍ନ ମହଲରେ ସମାଲୋଚନା
- ପରିବର୍ତ୍ତିତ ନିଷ୍ପତ୍ତିରେ ବନ୍ଦ ଘୋଷଣା କଲା ବଣିକ ସଂଘ

ଜମ୍ମୁ-କାଶ୍ମୀରର ପୁଲୱାମାଠାରେ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ନେଇ ଦେଶରେ ଆକ୍ରୋଶର ବାତାବରଣ ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରାଯିବା ସହ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ବିଭିନ୍ନ ସ୍ଥାନରେ ସଭା ସମିତି ଜରିଆରେ ଲୋକେ ଆକ୍ରୋଶ ପ୍ରଦର୍ଶନ କରୁଛନ୍ତି। ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ୟବସାୟିକ ସଙ୍ଗଠନ ପକ୍ଷରୁ ସୋମବାର ସର୍ବଭାରତୀୟ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରାକୁ ସମର୍ଥନ କରି ବ୍ୟବସାୟୀମାନେ ୧୨ ଘଣ୍ଟା ଦୋକାନ, ବଜାର ବନ୍ଦ କରିବାକୁ ପ୍ରଚାର ହୋଇଥିଲା। ତେବେ ଏଭଳି ଏକ ସର୍ବଭାରତୀୟ ବନ୍ଦ ନିଷ୍ପତ୍ତିକୁ ବଲାଙ୍ଗୀର ବଣିକ ସଂଘ ପ୍ରଥମରୁ ସମର୍ଥନ ନ କରି ବିବାଦୀୟ ଢ଼ଙ୍ଗରେ ଏକ ଅଟୋରିକ୍ସା ଜରିଆରେ ସୋମବାର ବନ୍ଦ ଡାକରାକୁ ବଲାଙ୍ଗୀର ବଣିକ ସଂଘ ସମର୍ଥନ କରୁନାହିଁ ଓ ସୋମବାର ବଲାଙ୍ଗୀର ସହରରେ ସମସ୍ତ ଦୋକାନ ବଜାର ଖୋଲା ରହିବ ବୋଲି ଘୋଷଣା କରାଯାଇଥିଲା। ବଣିକ ସଂଘର ଏଭଳି ଘୋଷଣା ପରେ ଲୋକେ ଅଡୁଆରେ ପଡିଥିଲେ। ଏନେଇ ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀଙ୍କୁ ପଚରାଯିବାରୁ ଦୋକାନ ବଜାର ବନ୍ଦ କରିଦେଲେ ଶହୀଦଙ୍କୁ ଉଚିତ୍ ସମ୍ମାନ ହେବ ନାହିଁ ବରଂ ଆର୍ଥିକ ସହାୟତା ଯୋଗାଇ ଦେଇ ଦୋକାନ ବଜାର ଖୋଲା ରଖାଯିବ ବୋଲି କହିଥିଲେ। ଏଣୁ ସେମାନେ ସର୍ବଭାରତୀୟ ବନ୍ଦ ଡାକରାକୁ ସମର୍ଥନ କରୁ ନ ଥିବା ଜଣାଇଥିଲେ। ତେବେ ବଣିକ ସଂଘର ଏଭଳି ଘୋଷଣା ପରେ ସହର ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କିଛି ଲୋକ ପ୍ରଚାର କରୁଥିବା ଅଟୋରିକ୍ସାରୁ ପେନ୍‌ଡ୍ରାଇଭ ଟାଣି ଅଣରି ଏଭଳି ପ୍ରଚାର ବନ୍ଦ କରିବାକୁ କହିଥିବା ଶୁଣିବାକୁ ମିଳିଥିଲା। ବଣିକ ସଂଘର ବିବାଦୀୟ ନିଷ୍ପତ୍ତିକୁ ଅନେକ ବ୍ୟବସାୟୀ ମଧ୍ୟ ଖୋଲାଖୋଲି ବିରୋଧ କରିଥିଲେ। ବଣିକ ସଂଘର ଏଭଳି ନିଷ୍ପତ୍ତି ଦେଶର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ପରିବର୍ତ୍ତେ ଅପମାନ ବୋଲି ମଧ୍ୟ କିଛି ଲୋକ କହିବାକୁ ପଛେଇ ନ ଥିଲେ। ଏଭଳି ପ୍ରତିକ୍ରିୟା ଶୁଣିବା ପରେ ସଂଘ ପକ୍ଷରୁ ବନ୍ଦକୁ ସମର୍ଥନ କରାଯିବାକୁ ପୁଣିଥରେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଥିଲା। ସେତିକି ବେଳକୁ ରାତି ପ୍ରାୟ ୧୧ଟା ହୋଇଯାଇଥିଲା। ଫଳରେ ସୋମବାର ସହରର ବିଭିନ୍ନ ଦୋକାନ ବଜାର ଖୋଲିଯାଇଥିଲା। କିଛି ବ୍ୟବସାୟୀ ଏହାର ପ୍ରତିବାଦ କରି ଦୋକାନ ବଜାର ବନ୍ଦ କରିବାକୁ ବାହାରି ଥିଲେ। ପରେ ବଣିକ ସଂଘ ମଧ୍ୟ ପରିବର୍ତ୍ତିତ ନିଷ୍ପତ୍ତିକ୍ରମେ ସର୍ବଭାରତୀୟ ବନ୍ଦକୁ ସମର୍ଥନ କରୁଥିବା ଘୋଷଣା କରି ପ୍ରଚାର କରିଥିଲେ। ବଣିକ ସଂଘର ଏଭଳି ବିବାଦୀୟ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ତେବେ ପୂର୍ବାହ୍ନ ୧୨ଟାରୁ ସହରର ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ଦେଖାଯାଇଥିଲା।



## ଧଣ୍ଡାମୁଣ୍ଡାରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସହାୟତା ଦାନ ସଂଗ୍ରହ

**ଖପ୍ରାଖୋଲ,୧୮।୨ (ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ପୁଲଓାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହାଇସ୍କୁଲ ଛକଠାରୁ ଶତାଧିକ ଯୁବକ, ବୁଦ୍ଧିଜୀବୀ, ବ୍ୟବସାୟୀ, ଜନସାଧାରଣ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ପୁଣି ହାଇସ୍କୁଲ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ଶହୀଦ ଯବାନଙ୍କ ସ୍ମୃତି ଚାରଣ କରିବା ସହ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡକୁ ସହାୟତା ଦେବା ପାଇଁ ଘର ଘର ବୁଲି ଯୁବକମାନେ ୪୦ହଜାର ୧୪ ୦ ଟଙ୍କା ଦାନ ସଂଗ୍ରହ କରିଥିବା ଜଣାପଡିଛି। ଏଥିରେ ସମିତି ସଭ୍ୟ ଶୋଭନମୟ ମିଶ୍ର, ଡା.ଅଶୋକ କୁମାର ଭୋଇ, କ୍ଷମାନିଧି ଭୋଇ, ନବୀନ ଦାସ, ରାକେଶ ପଧାନ,ଗୋପିକୃଷ୍ଣ ଥନାପତି, ଦେବକାନ୍ତ ପାଣିଗ୍ରାହୀ, ମିତେସ ସାହୁ, ସାଇରାମ ସାହୁ, ଆଶିସ ସାହୁ, ଦେବଦତ ଭୋଇ, ଅନନ୍ତ ପଧାନ, ମନୋରନ ନାଗ, ଉମାକାନ୍ତ କାଳସାଏ, ରାଧାକାନ୍ତ ପଟେଲଙ୍କ ସମେତ ଯୁବକମାନେ ସାମିଲ ହୋଇଥିଲେ। ସେହିପରି ଖପ୍ରାଖୋଲ ୧୮୯ ସିଆର୍‌ପିଏଫ୍ ଯବାନଙ୍କ କ୍ଷକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଗମ୍ଭାରୀ, ଚଙ୍ଗରିଆ, ଲୁହସିଂହା ଗାଁରେ ଜନସାଧାରଣ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଖପ୍ରାଖୋଲରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ହରିଶଙ୍କର, ଧଣ୍ଡାମୁଣ୍ଡା ପ୍ରମୁଖ ଗାଁରେ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା।

## ତୁଷୁରାରେ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଗୁଡ଼ଭେଲା,୧୮।୨ (ଡି.ଏନ୍.ଏ.)**

ତୁଷୁରା ସହରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ୩ଦିନ ଧରି ଚାଲିଥିବା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ୨ହୋଇଯାଇଛି। ପ୍ରଥମ ଦିନରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏପରି କି ଯଜ୍ଞମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ହରିଦ୍ୱାର ଶାନ୍ତିକୁଞ୍ଜ ତତ୍ତ୍ୱାଧାନରେ ଯଜ୍ଞ କାର୍ଯ୍ୟ ହାଇଥିଲା। ପଦ୍ମିନୀ ହୋତା, ମିନି ଦିଦି ଯଜ୍ଞ ପରିଚାଳନା କରିବା ସହ ଭକ୍ତମାନଙ୍କୁ ନିତି ଶିକ୍ଷା ପ୍ରଦାନ କରିଥିଲେ। ଜଗଦୀଶ ଅଗ୍ରୱାଲ ତାଙ୍କ ସ୍ତ୍ରୀ ରାଜକୁମାରୀ, ପଦମ କେଡ଼ିଆ ତାଙ୍କ ସ୍ତ୍ରୀ ମୀରାବାଈ, ଶ୍ୟାମ କେଡ଼ିଆ ଓ ତାଙ୍କ ସ୍ତ୍ରୀ ମୀରା ଦେବୀ, ସଙ୍ଗୀତ ଜୈନ ତାଙ୍କ ସ୍ତ୍ରୀ ବବଲୀ, ଭଗତ ଦୟାଳ କେଡିଆ ତାଙ୍କ ସ୍ତ୍ରୀ ସନ୍ତୋଷ କେଡିଆ ଯଜ୍ଞରେ କର୍ତ୍ତା ଭାବେ ରହି ପୂଜା କାର୍ଯ୍ୟ ତୁଳାଇଥିଲେ। ଉର୍ମିଳା ଦିଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରେନରେ କଟି ମହିଳାଙ୍କ ମୃତ୍ୟୁ

**ଲୋଇସିଂହା,୧୮।୨ (ଡି.ଏନ.ଏ.)**

**ବର୍ତ୍ତିଗଲେ ୩ ବର୍ଷର ପୁଅ**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟେଶନଠାରୁ ୨ଶହ ମିଟର ଦୂର ରବିବାର ରାତିରେ ଜଣେ ମହିଳା ଟ୍ରେନରେ କଟି ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୩ ବର୍ଷର ଏକ ଶିଶୁ ପୁତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେହେଲେ ଲୋଇସିଂହା ଥାନା ଅଧୀନ ସେମେଲମୁଣ୍ଡା ଗ୍ରାମର ବାସନ୍ତୀ ଭୋଇ(୨୭)। ବଲାଙ୍ଗୀର ଜିଆର୍‌ପି ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୧୯) ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଏଏସ୍‌ଆଇ ଭବପ୍ରସାଦ ପଟେଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଲୋଇସିଂହା ଥାନା ଅଧୀନ ସେମେଲମୁଣ୍ଡା ଗ୍ରାମର ଗଣେଶ୍ୱର ଭୋଇ(୩୦) ସ୍ତ୍ରୀ ବାସନ୍ତୀ, ବଡ ପୁଅ ଅଜିତ(୫), ଯକ୍ଷ(୩)ଙ୍କୁ ନେଇ ସଂସାର। ସବୁକବୁ ଠିକ୍ ଚାଲିଥିଲା। ହେଲେ ୬ମାସ ତଳେ ବାସନ୍ତୀଙ୍କ ମାନସିକ ସ୍ଥିତି ବିଗଡି ଯାଇଥିଲା। ଅନ୍ୟପକ୍ଷେ ରବିବାର ବାସନ୍ତି ଘରୁ ପଳାଇବାକୁ ଉଦ୍ୟମ କରୁଥିବାବେଳ ପରିବାର ଲୋକେ ତାଙ୍କୁ ଫେରେଇ ଆଣିଥିଲେ। ହେଲେ ସନ୍ଧ୍ୟାରେ ବାସନ୍ତୀ ସାନ ପୁଅ ଯକ୍ଷଙ୍କ ଧରି ଘରୁ ଚାଲିଆସିଥିଲେ। ରାତି ପ୍ରାୟ ସାଢେ ୯ଟାରେ ଲୋଇସିଂହା ଷ୍ଟଶନ ୩ ନଂମ୍ବର ଲାଇନ ୬୬୨/୨ ଏବଂ ୬୬୨/୩ ଖୁଣ୍ଟ ମଝିରେ ବଲାଙ୍ଗୀରୁ-ବରଗଡ଼ ଯାଉଥିବା ମାଲଗାଡିରେ କଟି ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ୩ବର୍ଷର ପୁଅ ଯକ୍ଷ ସୌଭାଗ୍ୟ କ୍ରମେ ବର୍ତ୍ତି ଯାଇଥିଲେ। ଷ୍ଟେଶନରେ କନଷ୍ଟ୍ରକଶନ କାମ ତଦାରଖ କରୁଥିବା ଏଲ୍‌ଏଣ୍ଡଟିର ଚୌକିଦାର ଏବଂ ଶରତ ସୁନା ନାମକ ଜଣେ ବ୍ୟକ୍ତି ଶିଶୁପୁତ୍ରଙ୍କୁ ଟ୍ରାକରେ ଏକାକୀ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଷ୍ଟେଶନ ମାଷ୍ଟର ସୁରେଶଚନ୍ଦ୍ର ଦାସଙ୍କୁ ଜିମା ଦେଇଥିଲେ। ସ୍ଥାନୀୟ ଯୁବକଙ୍କ ସହଯୋଗରେ ଷ୍ଟେଶନ ମାଷ୍ଟର ଶିଶୁପତ୍ରକୁ ପଚରାଉବୁରା କରିଥିଲେ। ଶିଶୁପୁତ୍ରଟି ତାଙ୍କ ମା'ଙ୍କ ସହ ଆସିଥିବା କହିଥିଲେ। ପରେ ମହିଳାଙ୍କୁ ଖୋଜାଖୋଜି ପରେ ସେ ଟ୍ରେନରେ କଟି ତାଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରେ ଷ୍ଟେଶନ ମାଷ୍ଟର ଯକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଷ୍ଟେଶନମାଷ୍ଟର ସୁରେଶ ଦାସଙ୍କୁ ପଚାରିବାରୁ ମହିଳାଙ୍କ ମାନସିକସ୍ଥିତ ଠିକ୍ ନ ଥିଲା। ସେ ମାନସିକ ଭାରସାମ୍ୟ ହରାଇ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କହିଥିଲେ।

## ବିଡିଓଙ୍କ ପରାମର୍ଶ କ୍ରମେ ଅନଶନ ଭାଙ୍ଗିଲେ

**ଲୋଇସିଂହା,୧୮।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ପକ୍ଷରୁ ୩ଟି ବନ୍ଧ(ପୋଖରୀ) ଓ କଟାକୁ ମାଛ ଚାଷ ପାଇଁ ନିଲାମ ଦିଆଯାଇଛି। ହେଲେ ଗୋବିନ୍ଦ ତ୍ରିପାଠୀ ଏବଂ କୃପାସିନ୍ଧୁ ଛତ୍ରିଆ ଏହା ବେଆଇନ ଭାବେ ହେଉଥିବା ଅଭିଯୋଗ କରି ଶୁକ୍ରବାର ଥାନା ସମ୍ମୁଖରେ ହେଉଥିବା ଅଭିଯାଗ କରି ଧାରଣା ଦେଇଥିଲେ। ଏପରି କି ଶନିବାରଠାରୁ ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୋମବାର ବିଡିଓ ରାମଚନ୍ଦ୍ର ଖାଡିଆ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଥିଲେ। ବିଡିଓ ଘଟଣା ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଧାରଣାରୁ ଓହରିବା ପରେ ଦୁଇ ଆନ୍ଦୋଳନକାରୀଙ୍କ ଅସୁସ୍ଥତାନେଇ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କକକକରି ଚିକିତ୍ସା କରାଯାଇଥିଲା। ସୁସ୍ଥତା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ଚକ୍ଷୁ ପରୀକ୍ଷା ଶିବିର

ବଲାଙ୍ଗୀର ଅଫିସ, ୧୮।୨

ଜିଲା ବରିଷ୍ଠ ନାଗରିକ ମଞ୍ଚ ଆନୁକୁଲ୍ୟରେ ସ୍ଥାନୀୟ ଏମ୍‌ବି ଧର୍ମଶାଳାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କାର୍ଯ୍ୟାରମ୍ଭ ପୂର୍ବରୁ ଜାମ୍ମୁ-କଶ୍ମୀର ପୁଲ୍‌ୱାମାଠାରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅମ୍ବରୀଶ ପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚକ୍ଷୁ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏନେଇ ଚକ୍ଷୁରେ କୌଣସି ଅସୁବିଧା ଦେଖାଦେଲେ ତୁରନ୍ତ ଚକ୍ଷୁ ପରୀକ୍ଷା କରାଇ ନେବାକୁ ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ୧୦୫ଜଣ ପୁରୁଷ ଓ ମହିଳାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କିଛି ଲୋକଙ୍କୁ ଆଗାମୀ ଦିନରେ ଚକ୍ଷୁ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦିଆଯାଇଥିଲା। କିଛି ଲୋକଙ୍କୁ ଚଷମା ଯୋଗାଇ ଦିଆଯାଇଥିଲା। ଡା. ପ୍ରଶାନ୍ତ କୁମାର ସିଂ, ବିଶେଷଜ୍ଞ ସୁଜିତ କୁମାର ଥପା, ସତ୍ୟ ନାରାୟଣ ଦାସ, କେନ୍ଦ୍ର ସଂଗଠନ ଧର୍ମରାଜ ନାଏକ, ଅପିଟିସିଏନ୍ ନିମାଇଁ ଚରଣ ଦଳବେହେରା, କେମିକାଲ ଆସିଷ୍ଟାଣ୍ଟ ନିବେଦିତା କର୍ଣ୍ଣ, ସନ୍ତୋଷିନୀ ବିଶ୍ୱାଳ ଯୋଗଦାନ କରିଥିଲେ। ଆସିସେଣ୍ଟ ଗୌତମ କୁମ୍ଭାର ସହଯୋଗ କରିଥିଲେ। ମଞ୍ଚ ସଭାପତି ନାରାୟଣ ପାଢ଼ୀ, ସଂଗଠନ ସମ୍ପାଦକ ବିନୟ କୁମାର ମିଶ୍ର, ଅତିରିକ୍ତ ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ବିରଞ୍ଚି ହୋତା, ଯୁଗ୍ମ ସମ୍ପାଦକ ଅଶୋକ ଚାନ୍ଦ, ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, କାର୍ଯ୍ୟାଳୟ ସମ୍ପାଦକ ଦାମୋଦର ଓତା, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱନାଥ ମିଶ୍ର, ତ୍ରିଲୋଚନ ଦାସ, ସଭ୍ୟ ମାଲିଆ ଗଡୁଆ, ଚିତ୍ତରଞ୍ଜନ ପଟେଲ, ବୁଢେନ୍ଦ୍ର ବେହେରା, ମୁଖ୍ୟଉପଦେଷ୍ଟା ସୁଧାଂଶୁ ଶେଖର ଦର୍ଜୀ ସହଯୋଗ କରିଥିଲେ।

ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି

# ଦ୍ୱିତୀୟ ଦିନରେ ଧାରଣା, ସାମିଲ ହେଲା ଜରାସିଂହା ଗ୍ରାମ୍ୟ କମିଟି

**ଦେଓଗାଁ,୧୮।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରୋଡ ରେଳଷ୍ଟେଶନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ ରହଣି ଦାବିକୁ ନେଇ ରେଳଷ୍ଟେଶନ ନିକଟରେ ଚାଲିଥିବା ଧାରଣା ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏଥିରେ ଗ୍ରାମ୍ୟ ଉନ୍ନୟନ କମିଟି, ବଣିକ ସଂଘ ତଥା ବିଜେଡି, କଂଗ୍ରେସ ଓ ଭାଜପା ଦଳର କର୍ମକର୍ତ୍ତା ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ସେହିପରି ସୋମବାର ଜରାସିଂହା ଗ୍ରାମ୍ୟ ଉନ୍ନୟନ କମିଟି ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରିଥିଲା। ଜରାସିଂହା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣୀ ଦଣ୍ଡସେନା, ଏମ୍‌ପିଙ୍କ ପ୍ରତିନିଧି ଉମା ଶଙ୍କର ସିଂ ପ୍ରମୁଖ ଯୋଗଦେଇ ଦେଓଗାଁରୋଡ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ହେଲେ ଦେଓଗାଁ, ଗୁଡଭେଲା, ତୁଷୁରା ଏନ୍‌ଏସି ଓ ସଦରବ୍ଲକର କିଛି ଗ୍ରାମର ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ଗମନାଗମନର ବିଶେଷ ସୁବିଧା ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏପରି କି ଆନ୍ଦୋଳନରେ ଦେଓଗାଁ ବ୍ଲକର ସମସ୍ତ ଖବରଦାତା ସାମିଲ ହୋଇଥିଲେ। ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶିଭୂଷଣ ସାହୁଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଗାଁରେ ସଭା କରାଯାଇ ଗ୍ରାମବାସୀଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ କୁହାଯାଇଥିଲା। କମିଟି ତଥା ଅଞ୍ଚଳବାସୀଙ୍କ ନିଷ୍ପତ୍ତି ଅନୁସାରେ ୧୭, ୧୮ ଓ ୧୯ ତାରିଖ ୩ଦିନ ଧରି ରେଳଷ୍ଟେଶନ ନିକଟରେ ଦଳମତ ନିର୍ବିଶେଷରେ ଧାରଣା ଅନୁଷ୍ଠିତ ପରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସୀ ଲିଖିତ ପ୍ରତିଶ୍ରୁତି ପ୍ରଦାନ ନ କଲେ ୨୦ ତାରିଖରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଚେନାବନୀ ଦିଆଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ଏକ୍ସପ୍ରେସ ଟ୍ରେନ ରହଣି ଦାବି ପୂରଣ ନ ହେଲେ ଦେଓଗାଁ ବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ଦିଆଯାଇଛି।



ଧାରଣାର ଦ୍ୱିତୀୟ ଦିନରେ ଉପସ୍ଥିତ କର୍ମକର୍ତ୍ତା।

ଧରିତ୍ରୀ
DHARITRI



ଯଦି ତୁମେ ଚାହୁଁଛ ଯେ ଲୋକ ତୁମକୁ ପ୍ରଶଂସା କରନ୍ତୁ, ତେବେ କଦାପି ଆତ୍ମ ପ୍ରଶଂସା କର ନାହିଁ।
- ପାସ୍‌କଲ୍



ସମ୍ବଲପୁର, ମଙ୍ଗଳବାର, ୧୯ ଫେବୃୟାରୀ, ୨୦୧୯

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋକସରା,୧୮।୨(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମୋଟେର ଫାଣ୍ଡି ଅଧୀନ ମୋଟେର ଟେମରି ରାସ୍ତାଠାରେ ସୋମବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ କୋକସରା ବ୍ଲକ୍ ଗମ୍ଭାରୀଗୁଡ଼ା ପଞ୍ଚାୟତ ଚିକିଳି ଗ୍ରାମର ପ୍ରକାଶ ନାଏକ (୪୦)। ସୋମବାର ସକାଳେ ସେ ବାଇକ୍ (ନଂ. ଓଡ଼ି୦୮-ଜି୧୧୫୦) ବିବାହ କାର୍ଡ଼ ବାଣ୍ଟିବା ପାଇଁ ଘରୁ ବାହାରି ଟେମରି ପଟୁ ଆସୁ ଥିବାବେଳେ ଏହି ଦୁର୍ଘଟଣା ଘଟିଛି। ପୋଲିସ ସୂଚନା ଅନୁସାରେ ଭାରସାମ୍ୟ ହରାଇ ବାଇକ୍‌ରୁ ମୁହଁମାଡ଼ି ତଳେ ପଡ଼ିଯିବାରୁ ମୃତ୍ୟୁ ହୋଇଥିବା କହୁଥିବା ବେଳେ ପରିବାରବର୍ଗ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ମୋଟେର ଫାଣ୍ଡି ଅଧିକାରୀ ଶେଖର କୁମାର ଜେନା ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛନ୍ତି ।



### ଶିକ୍ଷକଙ୍କ ଅକାଳ ବିୟୋଗ

କର୍ଲାମୁଣ୍ଡା,୧୮।୨(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁର ବେଦବର ସାହୁ(୫୬)ଙ୍କ ବିୟୋଗ ହୋଇଯାଇଛି। ସେ ତେରେସିଂହା ନୋଡାଲ ହାଇସ୍କୁଲରେ ପ୍ରାଥମିକସ୍ତରରେ ଶିକ୍ଷକତା କରୁଥିଲେ। ସେ ଦୀର୍ଘ ଦିନଧରି ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିଥିଲେ। ରବିବାର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ସେ ଜଣେ ବରିଷ୍ଠ ଓ ଅଭିଜ୍ଞ ଶିକ୍ଷକ ଥିଲେ। ତାଙ୍କର ଏକମାତ୍ର ପୁଅ ଜିତେନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସିଆରପିଏଫ୍ କ୍ୟାମ୍ପକୁ ଆଦିବାସୀଙ୍କ ବିରୋଧ

ଲାଞ୍ଜିଗଡ଼,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନିୟମଗିରୀ ପାଦଦେଶରେ ଥିବା ତ୍ରିଲୋଚନପୁରଠାରେ ଡଙ୍ଗରିଆ ଓ ଝରଣୀଆ କନ୍ଧଙ୍କ ସମେତ ସ୍ଥାନୀୟ ଆଦିବାସୀଙ୍କୁ ନେଇ ସୋମବାର ଏକ ବିଶାଳ ଜନସମାବେଶର ଆୟୋଜନ ହୋଇଥିଲା। ପୂର୍ବ ପୁରୁଷରୁ ରହି ଅସୁଥିବା ନିୟମଗିରୀରେ କୌଣସି ସିଆରପିଏଫ୍ କ୍ୟାମ୍ପ୍ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଆଦିବାସୀ ବିରୋଧ କରିଥିଲେ। ଗତ କିଛିଦିନ ହେଲା ତ୍ରିଲୋଚନପୁରରେ ସିଆରପିଏଫ୍ କ୍ୟାମ୍ପ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ନିର୍ମାଣ କାମକୁ ତ୍ୱରାନିତ କରିବା ପାଇଁ କିଛି ସିଆରପିଏଫ୍ ଯବାନ ତ୍ରିଲୋଚନପୁରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅସ୍ଥାୟୀ କ୍ୟାମ୍ପ କରି ରହୁଥିବା ବେଳେ ଏହି କ୍ୟାମ୍ପ୍ ନିର୍ମାଣକୁ ସ୍ଥାନୀୟ ଅଧିବାସୀ ବିରୋଧ କରିଛନ୍ତି। ନିୟମଗିରୀ ଅଞ୍ଚଳରେ ମାଓବାଦୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ସିଆରପିଏଫ୍ କ୍ୟାମ୍ପ ନିର୍ମାଣ କରାଯାଉଛି । ହେଲେ ସ୍ଥାନୀୟ ଆଦିବାସୀଙ୍କ କହିବା ଅନୁସାରେ କିଛି ସିଆରପିଏଫ୍ ଯବାନମାନେ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କୁ ମାଓବାଦୀ କହି ହଇରାଣ କରିବାକୁ ନେଇ ଘୋର ବିରୋଧ କରାଯାଇଥିଲା। ଯାହା ବି ହୋଇ ଯାଉ ଏ ଜାଗାରେ ଆମେ କ୍ୟାମ୍ପ୍ ନିର୍ମାଣ କରାଇ ଦେବୁ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା । ଏହି ଜନସମାବେଷରେ ଲିଙ୍ଗରାଜ ଆଜାଦ, ନିୟମଗିରୀ ସୁରକ୍ଷା ସମିତି ଅଧ୍ୟକ୍ଷ ଲଦ ଶିକକା, ସଚେତନ ନାଗରିକ ମଞ୍ଚର ସତ୍ୟ ମାହା, ଡ୍ରେଞ୍ଜୋ ଶିକକା, ଦଧି ପୁସିକା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିରେ ତାଡିଝୋଲା, ଗନ୍ଧଣି, ଓଲବାହାଲି, ଲମ୍ବା, ଫୁଲଡୁମେର, ପାଲବେରି, କୁନାକାଡୁ, ଆମ୍ବଗୁଡା ଆଦି ଗାଁର ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସମାବେଶରେ ଯୋଗଦେଇଥିଲେ। ତ୍ରିଲୋଚନପୁର ଆମ୍ବତୋଟାଠାରେ ଏକ ବୈଠକ ହେବା ପରେ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ବାହାରି ସିଆରପିଏଫ୍ କ୍ୟାମ୍ପ ନିକଟକୁ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ, ଲାଞ୍ଜିଗଡ ତହସିଲଦାର ଆଇଜାକ ମଦିନା, ଲାଞ୍ଜିଗଡ ଆଇଆଇସି ସଞ୍ଜୟ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଆଦିବାସୀଙ୍କୁ ବୁଝାଶୁଝା କରିଥିଲେ ।



ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବିକ୍ଷୋଭ କରୁଛନ୍ତି ।

**ତ୍ରିଲୋଚନପୁର**

■ ଆଦିବାସୀ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା କଲେ

### ପୁଲଓ୍ୱାମା ଶହୀଦ ପରିବାରକୁ ସାହାଯ୍ୟ ଉଦ୍ଦେଶ୍ୟରେ

# ହାତ ବଢ଼ାଇଲେ ଯୁବ ସଚେତନ ନାଗରିକ ମଞ୍ଚ

କର୍ଲାମୁଣ୍ଡା,୧୮।୨(ଡି.ଏନ.ଏ.)

ଜମ୍ମୁ-କଶ୍ମୀର ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ହାମ୍‌ଲାରେ ଶହୀଦ ବୀର ଯବାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ କର୍ଲାମୁଣ୍ଡା ଯୁବ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାନ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଯାଇଛି। ବ୍ଲକ ଅଞ୍ଚଳର ଯୁବଗୋଷ୍ଠୀମାନେ ଦୋକାନ ବଜାର, ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକୁ ବୁଲି ଦାନ ସଂଗ୍ରହ କରୁଛନ୍ତି। ଯୁବ ସଚେତନ ନାଗରିକ ମଞ୍ଚର ଏଭଳି ମହତ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଂଶସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ କୁମାର ଦାସ, ବିଜୟ ସୁନା, କୁଞ୍ଜ ସାହୁ, ରଘୁରାଜ ସାହୁ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ଧନେଶ୍ୱର ସାହୁ, ବିଜୟ ସାହୁ, ଆକାଶ ସାହୁ, ବଳଦେବ ବାଗ, ଚିକେଧର ରଣା ପ୍ରମୁଖ ନେତୃତ୍ୱ ନେଇଥିଲେ। ସଂଗୃହୀତ ଅର୍ଥ ରାଶିକୁ ଶହୀଦ ପରିବାରକୁ ''ଭାରତ କେଭିର.ଇନ'' ୱେବସାଇଟ ଜରିଆରେ ପ୍ରେରଣ କରାଯିବ ବୋଲି ଯୁବ ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି।



ଶହୀଦ ଯବାନଙ୍କ ପରିବାରକୁ ଆର୍ଥିକ ସହଯୋଗ ପାଇଁ କର୍ଲାମୁଣ୍ଡା ଯୁବ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ସହଯୋଗ ଭିକ୍ଷା ଅପେକ୍ଷାରେ ଦାନବାକ୍ସ ସହ ।।

### ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

# ଚୁରାଗାଁ ଏଚ୍‌ଏଚ୍‌ସି ଚାମ୍ପିୟନ

କୋକସରା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରଠାରେ ରାଜିବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଚୁରାଗାଁ ଏଚଏଚସି ଓ ଭଇଁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଚୁରାଗାଁ ଏଚଏଚସି ବିଜୟ ହୋଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ମୋଟେର ଫାଣ୍ଡି ଅଧିକାରୀ ଶେଖର କୁମାର ଜେନା, କଲମପୁର ଜିଲା ପରିସଦ ସଭ୍ୟ ବିଜୟଦେବ ସାହୁ, ବିନୋଦ ପଟେଲ, ଚକ୍ରଧର ନାଏକ, ମନମୋହନ ଦାସ, ପରେଶ ମୁଣ୍ଡ ଯୋଗଦେଇଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ମୋଟେର ସରପଞ୍ଚ ଇଂ ସୁଶିଲ କୁମାର ଶବର, ଦୁଷନ୍ତ କୁମାର ପାଟ୍ଟଯୋଷୀ, ରାଜିବ କ୍ଲବ ସଭାପତି ଧବଳେଶ୍ୱର ପାଲ, ପରୁନ ଦିପ, ଲାବାଣ୍ୟ ପାନ, ସୁଶିଲ ଜାଲ ପ୍ରମୁଖ ଯୋଗଦେଇଥିଲେ। ଡ଼ହଗାଁ ନୋଡ଼ାଲ ହାଇସ୍କୁଲ ଖେଳ ଶିକ୍ଷକ କ୍ରୀଷ୍ଣା ମଶରା ଖେଳ ପରିଚାଳନା କରିଥିଲେ । ସ୍କୋର ଦାୟିତ୍ୱରେ ପରମେଶ୍ୱର ପାଲ, ଖେଳ ଧାରାବିବରଣୀ ତପନ ଦାସ ଓ ମନମୋହନ ଦାସ କରିଥିଲେ। ତପନ ରାଠୋର, ଗୁଡୁ ପାଲ, ରାଜୁ ନାଏକ, ବଂଶି ନାଏକ, ପବିତ୍ର ଦୁର୍ଗା, କୁନାଲ ନାଗ, ପରମେଶ୍ୱର ପାଣ୍ଡେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ଚୁରାଗାଁ ଏଚଏଚସି ଓ ଚୁରାଗାଁ ଏ ମଧ୍ୟରେ ହୋଇଥିଲା । ଏଥିରେ ଚୁରାଗାଁ ଏଚଏଚସି ବିଜୟ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ମୋଟେର ବି ଓ ଭଇଁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଭଇଁରି ଦଳ ବିଜୟ ହୋଇଥିଲା ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, କ୍ୟାଣ୍ଡେଲ ଶୋଭାଯାତ୍ରା

ମଦନପୁର,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଯୁବ ଅନୁଷ୍ଠାନ ପକ୍ଷରୁ ରବିବାର ସନ୍ଧ୍ୟାରେ ଜମ୍ମୁ-କଶ୍ମୀର ପୁଲଓ୍ୱାମାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବା ସହ ଏକ କ୍ୟାଣ୍ଡଲ ରାଲି କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ରାଜେଶ ଧଙ୍ଗଡାମାଝି, ବିଜୁ ଯୁବ ବାହାନୀ ସଭାପତି ଅମିତ କୁମାର ଥପା, ସମ୍ପାଦକ ଭୁପିନ୍ଦ୍ର ବାଣୁଆଁ ଓ ଦିବ୍ୟ ଜ୍ୟୋତି କ୍ଲବ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ମଦନପୁର ପ୍ରାଥମିକ ବିଦ୍ୟାଳୟ ଛକଠାରୁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଚାରି ଛକ ପର୍ଯ୍ୟନ୍ତ ଯାଇଥିଲା । କ୍ଲବ ପ୍ରାଙ୍ଗଣରେ ଗ୍ରାମର ସମସ୍ତ ଯୁବ ଗୋଷ୍ଠୀ ଶହୀଦ୍ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

### ଛାତ୍ରୀଙ୍କୁ ସ୍କୁଲରେ ଅଟକ ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ସ୍କୁଲରୁ ତାଲା ଖୋଲିବନି

କୋକସରା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଧୀନ ଲଡୁଗାଁ ପଞ୍ଚାୟତ ସୁନାମାଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଷଷ୍ଠ ଓ ସପ୍ତମ ଶ୍ରେଣୀର ୫ ଜଣ ଛାତ୍ରୀଙ୍କୁ ଇଲେକ୍ଟ୍ରି କାମରେ ନିୟୋଜିତ କରିଥିବା ଘଟଣାକୁ ନେଇ ଗତ ଶୁକ୍ରବାରଠାରୁ ସ୍କୁଲରେ ତାଲା ପଡ଼ିଛି । ସୋମବାର ପୁଣି ସ୍କୁଲରୁ ତାଲା ଖୋଲିବା ସହ ଅଭିଭାବକମାନଙ୍କ ସହ ଆଲୋଚନା ଓ ଘଟଣାର ତଦନ୍ତ ପାଇଁ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି ଓ ପ୍ରେମଚାନ୍ଦ ସିଂ ଧରୁଆ ସୁନାମାଲ ସ୍କୁଲରେ ପହଞ୍ଚିଥିଲେ । ଛାତ୍ରୀମାନଙ୍କଠାରୁ ଘଟଣା ବିଷୟରେ ବୁଝିବା ସହ ଘଟଣାରେ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ହୀନତା ଥିବା ଅନୁମାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ୭ ଦିନର ସମୟ ଅବଧି ମାଗିଥିଲେ । ଆଲୋଚନାରେ ଉପସ୍ଥିତ ୫ ଜଣ ଛାତ୍ରୀଙ୍କ ଅଭିଭାବକ କୌଶିକ ଦୁରିଆ, ଦଇତାରୀ ଭାଟି, ତ୍ରିନାଥ ଠାକୁର, କୁମୁଦ ବଛା,ବେଣୁ ହଂସ ସହ ଗ୍ରାମବାସୀ ଇନ୍ଦ୍ରମଣି ସାହୁ, ମେଘନାଦ ଚଣ୍ଡି, ଗୁଣଧର ଶବର, ଲିଙ୍ଗରାଜ ଧଙ୍ଗଡ଼ାମାଝି, ମଧୁ ଚଣ୍ଡି, ଧର୍ମାନନ୍ଦ ଶବର ପ୍ରମୁଖ ପ୍ରଧାନଶିକ୍ଷକଙ୍କୁ ବଦଳି ନ କରାଯିବା ପର୍ଯ୍ୟନ୍ତ ସ୍କୁଲର ତାଲା ଖୋଲିବୁ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ସ୍କୁଲର ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ରହିଥିଲେ। ଏ ନେଇ ବ୍ଲକ୍ ଏବିଇଓ ତୋଫାନ ମାଝିଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି । ଆମେ ଏ ସଂକ୍ରାନ୍ତରେ ଉଚ୍ଚପଦସ୍ତ ଅଧିକାରୀଙ୍କୁ ଜଣାଇ ସାରିଛୁ । ତେବେ ସ୍କୁଲରେ ପାଠ ପଢାଇବା ପାଇଁ ଡ଼େପୁଟେଶନରେ ଜଣେ ଶିକ୍ଷକଙ୍କୁ ନିୟୋଜିତ କରାଯିବ ବୋଲି କହିଥିଲେ। କୋକସରା ବ୍ଲକ୍ ଲଡୁଗାଁ ପଞ୍ଚାୟତ ସୁନାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଶୁକ୍ରବାର ସପ୍ତମ ଶ୍ରେଣୀର ୫ ଜଣ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ସ୍କୁଲ ଛୁଟି ପରେ ଅଟକାଇ ଇଲେକ୍ଟ୍ରି କାମ କରିବାକୁ ଆସିଥିବା କିଛି ଅଜଣା ଯୁବକଙ୍କୁ ସହଯୋଗ କରିବା ପାଇଁ ସ୍କୁଲ ଚାବି ଦେଇ ଘରକୁ ଚାଲିଯାଇଥିଲେ । ସନ୍ଧ୍ୟା ହେବାରୁ ଝିଅମାନେ ଘରକୁ ନ ପହଞ୍ଚିବାରୁ ଅଭିମାବକମାନେ ସ୍କୁଲକୁ ଆସିଥିଲେ । ସ୍କୁଲ ଭିତରେ ଝିଅମାନଙ୍କୁ ପାଇଥିଲେ। ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ହିନତା ଯୋଗୁ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ତା'ପର ଦିନ ଶନିବାର ମଧ୍ୟ ସ୍କୁଲରେ ତାଲା ପକାଇ ରଖିଥିଲେ । ଘଟଣା ସମ୍ପର୍କରେ ଏବିଇଓ ତୋଫାନ ମାଝି ଖବର ପାଇ ସ୍କୁଲରେ ପହଞ୍ଚି ବୁଝାଶୁଝା କରିଥିଲେ । ପ୍ରଧାନଶିକ୍ଷକଙ୍କୁ ବଦଳି ନ ହେବାଯାଏଁ ସ୍କୁଲ ତାଲା ଖୋଲିବୁ ନାହିଁ ବୋଲି କହିବା ସହ କଳାହାଣ୍ଡି ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଏବିଇଓଙ୍କ ମାଧ୍ୟମରେ ଲିଖିତ ଅଭିଯୋଗ କରିଥିଲେ।

# ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ପକ୍ଷରୁ ଧାରଣା

କୋକସରା,୧୮।୨(ଡି.ଏନ.ଏ.)

ଆର୍ଥିକ ଆଧାରରରେ ୧୦ % ସଂରକ୍ଷଣ ବିରୋଧରେ ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ସଂଘ ପକ୍ଷରୁ କୋକସରା ବ୍ଲକ ସମ୍ମୁଖରେ ରବିବାର ଧାରଣା ଦିଆଯାଇଥିଲା। କୋକସରା ବସ୍‌ଷ୍ଟାଣ୍ଡରୁ ଏକ ରାଲିରେ ବାହାରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଚନ୍ଦ୍ରଶେଖର ଗୋପାଲଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ୧୦ % ସଂରକ୍ଷଣ ଆର୍ଥକ ଆଧାର ବିରୋଧ, ଏଭିଏମ ମେଶିନ୍ ବଦଳରେ ବେଲାଟ ପେପରରେ ଭୋଟ ପକ୍ରିୟା ସହ ଘରୋଇ କରଣକୁ ବିରୋଧ କରି ପ୍ରତିବାଦ କରାଯାଇଥିଲା । ପ୍ରତିବାଦ ସଭାରେ ବଳଦେବ ଜାଲ, ଜୟରାମ ମହାନନ୍ଦ, ନରେନ୍ଦ୍ର ନାଏକ, ତୁଳସୀ ନିଆଲ, ହଲଧର ସୁନାନୀ, ରାଜେଶ କୁମାର ଜାଲ, ପୂର୍ଣ୍ଣଚନ୍ଦ୍ର ନିଆଲ ପ୍ରମୁଖ ଯୋଗଦେଇଥିଲେ।

# କେସିଙ୍ଗାରେ ଭାରତ ବନ୍ଦକୁ ସମର୍ଥନ

କେସିଙ୍ଗା,୧୮।୨(ଡି.ଏନ.ଏ.)

ଜମ୍ମୁ କାଶ୍ମୀରର ପୁଲଓ୍ୱାମାଠାରେ ଶହୀଦ ଯବାନଙ୍କୁ ସମ୍ମାନ ଜଣାଇବା ସହିତ ଆତଙ୍କବାଦୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ୟବସାୟୀ ସଂଘର ଡାକରାରେ ସାରା ଭାରତବର୍ଷରେ ଦୋକାନ ବଜାର ବନ୍ଦ ଥିବାବେଳେ କେସିଙ୍ଗା ସହରବାସୀ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ । କେସିଙ୍ଗା ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ଲକ, ଏନଏସି, ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟବସାୟିକ ବ୍ୟାଙ୍କ ପ୍ରମୁଖ ସମସ୍ତ ବସ, ଟ୍ରକ, ଯାନବାହନକୁ ସହରବାସୀଙ୍କ ପକ୍ଷରୁ ବନ୍ଦ କରାଯାଇଥିଲା । ଏହି ଭାରତ ବନ୍ଦକୁ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ସମର୍ଥନ ଜଣାଇଥିଲେ । ସୋମବାର ସକାଳ ୭ଟାରୁ ସନ୍ଧ୍ୟା ୫ଟା ଯାଏ ସହରରେ ସମସ୍ତ ସରକାରୀ, ବେସରକାରୀ ସଂସ୍ଥା, ସ୍କୁଲ, କଲେଜ, ବ୍ୟାଙ୍କ, ଯାନବାହନ ବନ୍ଦ କରାଯାଇଥିଲା ।

# ନକଆଉଟ ଫୁଟବଲ ଟୁର୍ନାମେଣ୍ଟ: ଧର୍ମଗଡ଼ ଚାମ୍ପିୟନ

ସେରଗଡ଼,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ତୁଲାପଡାଠାରେ ପାଝରାଣୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମଗଡ ଓ ଜାମଖୁଣ୍ଟା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଧର୍ମଗଡ ୪-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି । ମ୍ୟାନ ଅଫ ଦି ସିରିଜ୍ ଭାବେ ବଗାଡ ଦଳର ଶିବା ମାଝି, ମ୍ୟାନ ଅଫ ଦି ମ୍ୟାଚ ଜାମଖୁଣ୍ଟା ଦଳର ହେମନ୍ତ ଭୋଇ ଓ ବେଷ୍ଟ ଗୋଲକିପର ଭାବେ ବଗାଡ ଦଳର ଉମେଶ ବାଗଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ନର୍ଲା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସନ୍ତୋଶ କୁମାର ନାୟକ, ସୁରେଶ ନାୟକ, ବସନ୍ତ ନାୟକ ଓ ମକୁନ୍ଦ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ତୁଲାପଡାର ପୂରାତନ ଖେଳାଳି ଲକ୍ଷ୍ମଣ ଷଡଙ୍ଗୀ, ବଦ୍ୟାଧର ସାହୁ, ଉପେନ୍ଦ୍ର ସେଠୀ, ବିଦୁର ନାୟକ, ନିର୍ମଳ ନାୟକ, ସାରଙ୍ଗଧର ଷଡଙ୍ଗୀ, ନାରାୟଣ ଷଡଙ୍ଗୀ, ପୁରନ୍ଦର ମାଝି, ନୌକା ମାଝିଙ୍କୁ ମା' ପାଝରାଣୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ବିଜୟ ଭୋଇ ଓ ଯାଦବ ପଧାନ। ପରିଶେଷରେ ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ହାମ୍‌ଲାରେ ଶହୀଦ ବୀର ଯବାନଙ୍କ ସ୍ମୃତି ଚାରଣ କରି କ୍ୟାଣ୍ଡେଲ ଯାତ୍ରା କରାଯାଇଥିଲା। ପଡିଆରେ ଉପସ୍ଥିତ ସମସ୍ତ ଦର୍ଶକ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଯବାନଙ୍କ ଉଦ୍ଦେଶ୍ୟରେ ଜୟଜୟ ଧ୍ୱନୀ ଦେଇଥିଲେ ।





ଅତିଥିଙ୍କଠାରୁ ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି ।

# ବିସିସିବି ବ୍ୟାଙ୍କରେ ଚୋରି ଉଦ୍ୟମ, ୩ ଅଟକ

କୁନାଗଡ,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିସିସିବି (କପରୋଟିଭ) ବ୍ୟାଙ୍କରେ ରବିବାର ରାତିରେ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରିଛନ୍ତି। ଦୁର୍ବୃତ୍ତମାନେ ବ୍ୟାଙ୍କ ସମେତ ପରିସରରେ ଥିବା ପ୍ୟାକ୍ସ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ହଲ ଫାଟକ ଫାଡିଦେଇଥିଲେ। କମ୍ପ୍ୟୁଟର ହଲରୁ ଦୁର୍ବୃତ୍ତମାନେ ଲାପଟପ ଓ ଷ୍ଟାବିଲାଇଜରକୁ ଚୋରି କରି ନେଇ ବ୍ୟାଙ୍କ ପଛପଟ ଫାଟକ ସମ୍ମୁଖରେ ଛାଡି ଫେରାର ମାରିଥିଲେ। ଉକ୍ତ ଘଟଣାରେ ୩ଜଣଙ୍କୁ ସନ୍ଦେହରେ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ଦୁର୍ବୃତ୍ତମାନେ ଜୁନାଗଡ ସହରସ୍ଥିତ ବିସିସିବି ବ୍ୟାଙ୍କକୁ ଚୋରି କରିବା ପାଇଁ ଆସିଥିଲେ। ସେମାନେ ପ୍ରଥମେ ବ୍ୟାଙ୍କରେ ଲାଗିଥିବା ସାଇରନକୁ କାଟିଥିଲେ। ପରେ ବ୍ୟାଙ୍କ କାର୍ଯ୍ୟାଳୟ, ପ୍ୟାକ୍ସ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ହଲର ଫାଟକର ତାଲା ଭାଙ୍ଗି ଦେଇଥିଲେ। ବ୍ୟାଙ୍କ ଭିତର ଲକର ରୁମର ଡ୍ରକୁ ଫାଡିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବିଫଳ ହୋଇଥିଲେ। ଟଙ୍କା ନ ପାଇବାରୁ କମ୍ପ୍ୟୁଟର ହଲରୁ ଲାପଟପ୍ ଓ ଷ୍ଟାବିଲାଇଜରକୁ ନେବାକୁ ଉଦ୍ୟମ କରିଥିଲେ। କୌଣସି କାରଣରୁ ବ୍ୟାଙ୍କ ପଛପଟ ଫାଟକ ନିକଟରେ ଲାପଟପ୍ ଓ ଷ୍ଟାବିଲାଇଜରକୁ ସେଠାରେ ଛାଡି ଚମ୍ପଟ ମାରିଥିଲେ। ସୋମବାର ସକାଳେ ବ୍ୟାଙ୍କର ପିଅନ ସନ୍ତୋଷ ପଣ୍ଡା ଓ ପ୍ୟାକ୍ସର ପିଅନ କପୁର କାଣ୍ଡ ଝାଡୁ କରିବା ପାଇଁ ଆସିଥିଲେ। ବ୍ୟାଙ୍କ, ପ୍ୟାକ୍ସ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ହଲର କବାଟ ଭଙ୍ଗିଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ବ୍ୟାଙ୍କ ପରିଚାଳକ ସହଦେବ ପଣ୍ଡା, ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦିଲୀପ ମୁଣ୍ଡଙ୍କୁ ଜଣାଇଥିଲେ। ଉଭୟେ ଆସି ଦେଖିବା ପରେ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଜୁନାଗଡ ପୋଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଏଥିରେ ୩ଜଣ ଦୁର୍ବୃତ୍ତ ମୁହଁରେ କପଡା ଘୋଡେଇ ରାତି ୧ ଟା ୨୭ ମିନିଟରେ ଆସି ୧ଟା ୪୨ ମିନିଟରେ ଯାଇଥିବା ଜଣାପଡିଛି। ସେହିପରି ଦୁର୍ବୃତ୍ତମାନେ ବ୍ୟାଙ୍କ ପଛପଟ ଫାଟକ ନିକଟରେ ଲାପଟପ ଓ ଷ୍ଟାବିଲାଇଜରକୁ ଛାଡି ଦେଇ ଚମ୍ପଟ ମାରିଥିବାବେଳେ ପୁଣି କେଉଁଠାରୁ ଏକ ଜରିବସ୍ତାରେ ଆଲୁମିନିୟମ ବାସନକୁସନ ଚୋରି କରି ଆଣି ସେଠାରେ ଛାଡିଦେଇଥିବା ଦେଖିବାକୁ ମିଳିଛି। ଏହାସହ ଦୁର୍ବୃତ୍ତମାନେ ୨ ହଳ ଚପଲ, ଗୋଟିଏ ଶାଲ ଓ ଲୁହା ରଡ ଛାଡି ଯାଇଥିବା ଦେଖିବାକୁ ମିଳିଛି। ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାରୁ ଭୟରେ ଦୁର୍ବୃତ୍ତମାନେ ଚୋରି କରିଥିବା ସମସ୍ତ ଜିନିଷପତ୍ର ଛାଡି ଫେରାର ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପରେ ସନ୍ଦାନୀ କୁକର ସହ ପୋଲିସ ଘଟଣାର ଛାନଭିନ କରିଥିଲା। ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀଙ୍କୁ ପଚାରିବାରୁ ଚୋରି ସନ୍ଦେହରେ ୩ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।





ଘଟଣା ସ୍ଥଳରେ ଜୁନାଗଡ ଆଇଆଇସି ତଦନ୍ତ କରୁଛନ୍ତି। (ବାମ) ଦୁର୍ବୃତ୍ତ ଛାଡି ଦେଇଥିବା ଲାପଟପ ଓ ଷ୍ଟାବିଲାଇଜର।

**ଜୁନାଗଡ଼ ବିସିସିବି ବ୍ୟାଙ୍କ**

■ ବ୍ୟାଙ୍କ ସହ ପ୍ୟାକ୍ସ କାର୍ଯ୍ୟାଳୟ, କମ୍ପ୍ୟୁଟର ହଲ ଫାଡିଲେ

■ ଲାପଟପ, ଷ୍ଟାବିଲାଇଜର ପଛ ଫାଟକ ସମ୍ମୁଖରେ ଛାଡି ଚମ୍ପଟ

■ ସିସିଟିଭି ଫୁଟେଜରୁ ୩ ଚୋର ବ୍ୟାଙ୍କକୁ ପଶିଥିବା ଜଣାପଡିଲା



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ବ୍ୟବସାୟୀ ସଂଘ ତରଫରୁ ନୂଆପଡ଼ାରେ ଦୋକାନ ବଜାର ବନ୍ଦ

**ନୂଆପଡା ଅଫିସ,୧୮।୨**

ପୁଲୱାମାରେ ଆତଙ୍କବାଦୀ ଘଟଣାର ତୀବ୍ର ନିନ୍ଦା କରି ଅଖିଳ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ନୂଆପଡା ବ୍ୟବସାୟୀ ସଂଘ ମଧ୍ୟ ସମର୍ଥନ କରିଥିଲେ । ବ୍ୟବସାୟୀ ସଂଘ ଡାକରାରେ ନୂଆପଡା ଜିଲା ସଦର ମହକୁମା ସମେତ ବିଭିନ୍ନ ଜାଗାରେ ବନ୍ଦର ପ୍ରଭାବ ପଡିଥିଲା । ନୂଆପଡା ଜିଲା ସଦର ମହକୁମାରେ ମର୍ଚ୍ଚାଣ୍ଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବନ୍ଦପାଳନ କରାଯାଇଥିଲା। ଏହିକ୍ରମରେ ଜିଲା ସଦର ମହକୁମାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ବଜାର ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସଂଘ ସଭାପତି ସାହୁଙ୍କ ନେତୃତ୍ୱରେ ବ୍ୟବସାୟୀ ସଂଘ ସମ୍ପାଦକ ବିଜୟ ଚନ୍ଦ୍ରପାର, ଶ୍ରୀକାନ୍ତ ଗୁପ୍ତା, ଟୁଲୁପାଢ଼ୀ ପ୍ରମୁଖ ପିକେଟିଂ କରି ସମସ୍ତ ଦୋକାନ ବନ୍ଦ କରିବାକୁ ସହର ବୁଲିଥିଲେ । ଏହିଭଳି ଜିଲାର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ଉଦ୍ୟାନନ୍ଦ, କୋମନା, ତରବୋଡ ଆଦି ଜାଗାରେ ମଧ୍ୟ ଦୋକାନ ବଜାର ବନ୍ଦ ରହିଥିଲା।

ଭଞ୍ଜନଗରରେ ୧୦୭ କୋଟି ୯୧ ଲକ୍ଷର ପ୍ରକଳ୍ପ ଭିତିପ୍ରସ୍ତର, ଲୋକାର୍ପଣ

# କାଳିଆ ଯୋଜନା ଦେଶକୁ ବାଟ ଦେଖାଇଛି: ମୁଖ୍ୟମନ୍ତ୍ରୀ

**ଭଞ୍ଜନଗର,୧୮।୨(ଡି.ଏନ.ଏ.)**

ଚାଷୀଙ୍କ ଉନ୍ନତି ପାଇଁ କାଳିଆ ଯୋଜନା ହୋଇଛି। ଏହି ଯୋଜନା ଦେଶକୁ ନୂଆ ବାଟ ଦେଖାଇଛି । ଭାଗଚାଷୀ, ଜମିହୀନ ଓ କ୍ଷୁଦ୍ରଚାଷୀଙ୍କୁ ସହାୟତା ମିଳୁଛି। ହେଲେ ଦୁଃଖର କଥା କେନ୍ଦ୍ର ସରକାରଙ୍କ ଯୋଜନାରେ ଭାଗଚାଷୀ, ଜମିହୀନ ଓ କ୍ଷୁଦ୍ରଚାଷୀଙ୍କ ପାଇଁ କୌଣସି ସୁବିଧା ନାହିଁ। ଏସବୁ ଶ୍ରେଣୀର ଚାଷୀଙ୍କୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରି ଚିଠି ଲେଖିଛି। ଚାଷୀଙ୍କ ହକ୍‌କୁ କେନ୍ଦ୍ର ସରକାର ବିଚାରକୁ ନେବେ ବୋଲି ମୋର ଆଶା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଅପରାହ୍ଣରେ ଗଞ୍ଜାମ ଜିଲା ଭଞ୍ଜନଗର ଗସ୍ତରେ ଆସି ୧୦୭ କୋଟି ୯୧ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ ଫଳକ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଉନ୍ମୋଚନ କରିଥିଲେ। ସେଥିମଧ୍ୟରେ ଭଞ୍ଜନଗର ନୂତନ ବସଷ୍ଟାଣ୍ଡ, ଟାଉନହଲ୍ ଓ ନୂତନ ସବ୍‌ଜେଲ ଉଦ୍‌ଘାଟିତ ହୋଇଥିବା ବେଳେ ଭଞ୍ଜନଗର-ଦଶପଲ୍ଲା ରାଜ୍ୟ ରାଜପଥ ସଂପ୍ରସାରଣ, ଭଞ୍ଜନଗର ସହରର ପ୍ରମୁଖ ରାସ୍ତାଗୁଡ଼ିକର ଆଧୁନିକୀକରଣ, ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ବିଜୁ ପକ୍କା ଘର ଯୋଜନା, ମଧୁବାବୁ ପେନସନ୍ ଯୋଜନା, ମିଶନ ଶକ୍ତି, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା, ଜମିହୀନଙ୍କୁ ଘରପଟ୍ଟା, ଚାଷ ସମ୍ପର୍କିତ ଖବର ଜାଣିବା ପାଇଁ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ମୋବାଇଲ ଫୋନ ବଣ୍ଟନ କରିଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, କୃଷକ ଏବଂ ମହିଳାମାନଙ୍କ ଉନ୍ନତି ପାଇଁ ନୂଆ ନୂଆ ଯୋଜନା କରାଯାଉଛି। କାଳିଆ ଯୋଜନାରେ ଚାଷୀଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ଚାଷୀ ଯେଭଳି ଏହି ଯୋଜନାର ସୁଫଳ ପାଇବେ ତାହା ମୁଁ ଦେଖୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଭାରେ ଯୋଗଦେଇ ବିଜେଡ଼ି କଥା ନୁହେଁ, କାମରେ ବିଶ୍ୱାସ କରେ ବୋଲି କହିଥିଲେ। ଗତ ୪ବର୍ଷ ହେବ କୃଷି ଉତ୍ପାଦନରେ ଓଡ଼ିଶା ଆତ୍ମ ନିର୍ଭରଶୀଳ ହେବା ସହ ଲଗାତର ୪ର୍ଥ ଥରପାଇଁ କୃଷି କର୍ମଣ ପୁରସ୍କାର ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଠିକ୍ କାର୍ଯ୍ୟକାରୀ ହୋଇଥିବାରୁ ଗତବର୍ଷ ରାଜ୍ୟକୁ କେନ୍ଦ୍ର ସରକାର ପ୍ରଥମ ପୁରସ୍କାର ଦେଇଛନ୍ତି। କାଳିଆ ଯୋଜନାରେ ରାଜ୍ୟରେ ୫୦ଲକ୍ଷ ହିତାଧିକାରୀ ଉପକୃତ ହେବେ। ଗଞ୍ଜାମ ଜିଲାରେ ଏ ପର୍ଯ୍ୟନ୍ତ ୧,୮୨,୬୨୨ ଜଣ କାଳିଆ ଯୋଜନାରେ ସହାୟତା ପାଇଲେଣି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ୨୦୧୯ରେ ବିଜେଡ଼ି ପୁଣି କ୍ଷମତାକୁ ଫେରିବ। ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ କହିଥିଲେ। ରାଜ୍ୟସଭା ଏମ୍‌ପି ଡ.ଅଚ୍ୟୁତ୍ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି କହିଥିଲେ। ବ୍ରହ୍ମପୁର ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଆସିକା ବିଧାୟକ ଦେବରାଜ ମହାନ୍ତି, ଗୋପାଳପୁର ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଛତ୍ରପୁର ବିଧାୟକ ଡ.ପ୍ରିୟାଂଶୁ ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଜିଲାର ୨ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ ଓ ଫୁଲବାଣୀ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସଭାରେ ଅନୁପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,**
**ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ । ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,**
**ଆଜି ଅଛି କାଲି ନାହିଁ ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ । ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ । ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜଧାନୀରେ ବାଘ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ଭୁବନେଶ୍ୱର ପଳାଶପଲ୍ଲୀ ଅଞ୍ଚଳକୁ ପଶିଆସିଥିବା ଏକ କଲରାପତରିଆ ବାଘ ଶେଷରେ ଧରାପଡ଼ିଛି। ସୋମବାର ରାତି ୧୨ଟା ୩୦ ସୁଦ୍ଧା ମିଳିଥିବା ଖବର ଅନୁଯାୟୀ, ବାଘଟି ବିମାନବନ୍ଦର ଟର୍ମିନାଲ-୧ର ୱାଚ୍ ଟାୱାର୍ ଉପରେ ଲୁଚି ବସିଥିବା ବନ ବିଭାଗ କର୍ମଚାରୀମାନେ ଠାବ କରିଥିଲେ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ବାଘକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବନ ବିଭାଗ କର୍ମଚାରୀମାନେ ଯୋଜନା ଚଳାଇଥିଲେ। ସୋମବାର ପଳାଶପଲ୍ଲୀ ଅଞ୍ଚଳରେ ବାଘ ବୁଲୁଥିବା ନେଇ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ଏକ ଘରୋଇ କାର୍ଯ୍ୟାଳୟରୁ ବାଘଟି ବାହାରି ଜନବସତି ଆଡ଼କୁ ଆସୁଥିବା ସିସିଟିଭି ଫୁଟେଜ୍‌ରେ ଦେଖାଯାଇଥିଲା। ସିସିଟିଭି କ୍ୟାମେରାରେ ବାଘର ଗତିବିଧି କଏଦ୍ ହୋଇଥିଲା। ରବିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏକ କଲରାପତରିଆ ବାଘ ଏୟାରପୋର୍ଟ ପାଚେରି ଡେଇଁ ବାହାରକୁ ଆସୁଥିବା ସ୍ଥାନୀୟ ବାସିନ୍ଦା ବାଙ୍କନିଧି ସେନାପତି ପ୍ରଥମେ ଦେଖିଥିଲେ। କିନ୍ତୁ ସେତେବେଳେ ତାଙ୍କ କଥାକୁ କେହି ବିଶ୍ୱାସ କରି ନ ଥିଲେ। ସୋମବାର ସିସିଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ସେଠାକାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଅଞ୍ଚଳବାସୀ ଭୟଭୀତ ନ ହେବା ପାଇଁ ବନ ବିଭାଗ ପକ୍ଷରୁ ସୋମବାର ପରାମର୍ଶ ଦିଆଯାଇ ବାଘ ଖୋଜିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭାଗର ଏକ ୨୫ଜଣିଆ ସ୍ୱତନ୍ତ୍ର ଟିମ୍ ପଳାଶପଲ୍ଲୀ ଓ ଭୀମଟାଙ୍ଗି ଅଞ୍ଚଳରେ ପହଞ୍ଚି ତନାଘନା ଚଳାଇଥିଲେ। ନନ୍ଦନକାନନରୁ ମଧ ଏକ ଟ୍ରାଙ୍କୁଲାଇଜର ଟିମ୍ ଆସି ପହଞ୍ଚିଥିଲେ। ଏ ନେଇ ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି, ଜନବସତି ଭିତରେ ବାଘ ପଶିଥିବା ଆମେ ଗଣମାଧ୍ୟମ ଦ୍ୱାରା ଖବର ପାଇଥିଲୁ। ସିସିଟିଭି ଫୁଟେଜ୍‌କୁ ଦେଖି ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ଅନ୍ୟପଟେ ବାଘ ଜନବସତିକୁ କିପରି ଆସିଲା, ତାହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଚନ୍ଦକା ଜଙ୍ଗଲରୁ ବାଘଟି ପଳାଇଆସିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ଚନ୍ଦକା ଜଙ୍ଗଲରୁ ଓୟୁଏଟି ଫାର୍ମ ଦେଇ ବିମାନବନ୍ଦରକୁ ଏକ ବଡ଼ ଡ୍ରେନ୍ ରହିଛି। ସେହି ଡ୍ରେନ୍ ପଟେ ବାଘ ଚନ୍ଦକାରୁ ବିମାନବନ୍ଦରକୁ ପଶିଥିବା ଅନୁମାନ କରାଯାଉଛି।

## ଲଇକେରାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଲଇକେରା, ୧୮।୨ (ଡି.ଏନ.ଏ.)**

ଜାମ୍ମୁ-କଶ୍ମୀର ଫୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସୋମବାର ଝାରସୁଗୁଡ଼ା ଜିଲା ଲଇକେରାର ଦୋକାନ ବଜାର ବନ୍ଦ ରହିଥିଲା । ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା । ଯବାନ ଅମର ରହେ, ଜୟ ଯବାନ ଜୟ କିଶାନ, ଭାରତ ମାତା କି ଜୟ ଆଦି ସହ ପାକିସ୍ତାନ ମୁର୍ଦ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା । ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରା ବାହାରି ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚି ଥିଲା । ସେଠାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରକ୍ତର ପ୍ରତିଶୋଧ ରକ୍ତରେ ନେବାକୁ ଶୋଭାଯାତ୍ରାକାରୀମାନେ ଆହ୍ୱାନ କରିଥିଲେ । ଉକ୍ତ ରାଲିରେ ଟଙ୍କଧର ନାଏକ, ହରେକୃଷ୍ଣ ନାଏକ, ପ୍ରେମସାଗର ବେହେରା, ହିମାଦ୍ରୀ ସରାଫ, ଭୂପାଳ ଚନ୍ଦ୍ର ବେହେରା, ପଞ୍ଚାନନ ନାଏକ, ହେମସାଗର ବେହେରା, ରୋହିତ ବେହେରା, ଶଙ୍କରଲାଲ ଅଗ୍ରୱାଲ, ସୁରେନ୍ଦ୍ର ବେହେରା, ପ୍ରଦୀପ ସାହୁ, ସୁରେନ୍ଦ୍ର ପଟେଲ, ରମେଶ ଚନ୍ଦ୍ର ସାହୁ, ଓଁକାର ଅମାତ, ସୁନୀଲ ବେହେରା, ସୁରେନ୍ଦ୍ର ମେହେର, ଯାଦବ ମେହେର, ଅନୀଲ ମେହେର, ସରୋଜ ମିଶ୍ର ମହାବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ପଟେଲ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ମଦଭାଟି ବନ୍ଦ ଦାବିରେ ମହିଳାଙ୍କ ୧୫ ଦିନ ଧରି ଧାରଣା

**କିର୍ମିରା, ୧୮।୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁପତ୍ରା ଗ୍ରାମ ମୁଖ୍ୟରାସ୍ତାରେ ଥିବା ଦେଶୀ ମଦଭାଟି ଉଚ୍ଛେଦ ଦାବିରେ ସ୍ଥାନୀୟ ମହିଳାଙ୍କ ଧାରଣା ୧୫ ଦିନରେ ପହଞ୍ଚିଛି। ମହିଳାମାନେ ପାଳି କରି ଧାରଣାରେ ବସୁଛନ୍ତି। ନିଜ ଖର୍ଚ୍ଚରେ ଧାରଣାସ୍ଥଳରେ ରୋଷେଇ କରି ଖାଉଛନ୍ତି। ୧୫ଦିନ ହେଲା ଘରଦ୍ୱାର, କାମଧନ୍ଦା ଛାଡି ମହିଳାମାନେ ଭାଟି ବନ୍ଦ ପାଇଁ ସଂଗ୍ରାମ ଜାରି ରଖିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଦିନବେଳା ପୋଲିସର ସୁରକ୍ଷା ଯୋଗାଇ ଦିଆଯାଉଥିବା ବେଳେ ରାତିରେ ସୁରକ୍ଷା ହଟାଇ ନିଆଯାଉଥିବା ଜଣାପଡିଛି। ମହିଳାମାନେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ ପ୍ରଦର୍ଶନ କରି ଧାରଣାରେ ବସିଥିବାବେଳେ ସ୍ଥାନୀୟ ଜନତା ଏହାକୁ ସମର୍ଥନ କରିଛନ୍ତି। ଏଠାରେ ମଦଭାଟି ନ ହଟିବା ଯାଏ ଆମେ ହଟିବୁ ନାହିଁ ବୋଲି ମହିଳାମାନେ କହିଛନ୍ତି। ଅବକାରୀ ବିଭାଗ ଓ ପୋଲିସ୍ ମହିଳାଙ୍କୁ ଧାରଣାରୁ ଓହରି ଯିବା ଦୁଇ ଦୁଇଥର ଆଲୋଚନା କରିଥିଲେ ମଧ ମହିଳା ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଆନ୍ଦୋଳନରତ ମହିଳା ପ୍ରତିନିଧି ଜିଲାପାଳ ବିଭୁତି ଦାସଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଜିଲାପାଳ ମହିଳାଙ୍କ ଦାବି ଉପରେ ବିଚାର କରିଥିବାବେଳେ ଶୀଘ୍ର ସମାଧାନର ବାଟ ଖୋଜାଯିବ ବୋଲି ମହିଳାଙ୍କୁ ଆଶ୍ୱାସନା ଦେଇଥିଲେ। ସମାଜିକ କର୍ମୀ ଗୀତା ନାଏକ, ସାବିତ୍ର ରୋହିଦାସ, କବିତା ରଣବିଡ଼ା, ଜାହ୍ନବୀ ନାଏକ, ସାବିତ୍ରି ବେହେରା, ଶାନ୍ତି ପ୍ରଧାନଙ୍କ ସମେତ ଶତାଧିକ ମହିଳା ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ସୂଚନାଯୋଗ୍ୟ, ଭାଟିର ଦୁଇଶହ ମିଟର ଦୂରରେ ହାଇସ୍କୁଲ,ଗ୍ରାମରେ ଆବାସିକ ମହିଳା ବିଦ୍ୟାଳୟ ରହିଛି। ଛାତ୍ରୀଛାତ୍ର ଅନେକ ସମୟରେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଗାଁ ଦାଣ୍ଡରେ ଯୁବକଙ୍କୁ ହାଣି ହତ୍ୟା

**ବେଗୁନିଆ/ବୋଲଗଡ଼,୧୮।୨ (ଡି.ଏନ.ଏ.)**

- ୩ ଦିନ ପରେ ହୋଇଥାନ୍ତା ବାହାଘର
- ଅଭିଯୁକ୍ତ ବଡ଼ବାପା ପୁଅ ଭାଇ ଫେରାର୍
- ଉତ୍ତେଜନା, ଜଳିଗଲା ଅଭିଯୁକ୍ତଙ୍କ ଘର

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ନୂଆସାହିରେ ସୋମବାର ମଧ୍ୟାହ୍ନରେ ଏକ ଲୋମଟାଙ୍କୁରା ଘଟଣା ଘଟିଛି। ଜଣେ ଯୁବକଙ୍କୁ ତାଙ୍କ ବଡ଼ବାପା ପୁଅ ଗାଁ ଦାଣ୍ଡ ରାସ୍ତାରେ ଗୋଡେଇ ଗୋଡେଇ ହାଣି ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ଚିନ୍ମୟ (୨୨)। ଆସନ୍ତା ୨୪ ତାରିଖରେ ତାଙ୍କର ବାହାଘର ହେବାର ଥିଲା। ବିବାହ ପୂର୍ବରୁ ଚିନ୍ମୟଙ୍କୁ ହତ୍ୟା କରାଯିବା ସମସ୍ତଙ୍କୁ ଚକିତ କରିଦେଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ଅଭିଯୁକ୍ତ ନିରଞ୍ଜନ (୪୦)ଙ୍କ ନାମରେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଅପରାହ୍ନରେ ଅଭିଯୁକ୍ତଙ୍କ ଘରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି।

ପୋଲିସ ସୂଚନାନୁସାରେ, ଚିନ୍ମୟ ଖାଇସାରିବା ପରେ କୌଣସି କାମରେ ନିଜ ବାଇକ୍ ଧରି ଘରୁ ବଜାରକୁ ବାହାରିଥିଲେ। ଗାଁ ରାସ୍ତାରେ ଯାଉଥିବାବେଳେ ନିରଞ୍ଜନ ଏକ ଧାରୁଆ ଅସ୍ତ୍ର ଧରି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ପରେ ଗୋଡେଇ ଗୋଡେଇ ହାଣିଥିଲେ। ଚିନ୍ମୟ ବାଇକ ସହ ତଳେ ପଡିଯିବା ପରେ ନିରଞ୍ଜନ ତାଙ୍କ ବେକ, ମୁଣ୍ଡ, ଛାତି ସମେତ ଶରୀରର ବିଭିନ୍ନ ଅଂଶରେ ଚୋଟ ପରେ ଚୋଟ ପକାଇ ଚାଲିଥିଲେ। ଚିତ୍କାର ଶୁଣି ପରିବାର ସଦସ୍ୟ ଓ ଗାଁଲୋକେ ଘଟଣାସ୍ଥଳକୁ ଚାଲିଆସିବାରୁ ଅଭିଯୁକ୍ତ ନିରଞ୍ଜନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କିଛି ସମୟ ଛଟପଟ ହେବା ପରେ ଘଟଣାସ୍ଥଳରେ ହିଁ ଚିନ୍ମୟଙ୍କ ଶରୀର ନିସ୍ତେଜ ହୋଇପଡିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚିଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକେ ପୋଲିସକୁ ଘେରିଯିବା ସହ ମୃତଦେହକୁ ଛାଡ଼ି ନ ଥିଲେ। ପରେ ଏସ୍‌ପି ଅମୂଲ୍ୟ କୁମାର ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଗାଁରୁ ପୋଲିସ ଚାଲିଯିବା ପରେ ଅଭିଯୁକ୍ତଙ୍କ ଆଜ୍‌ବେଷ୍ଟସ୍ ଘରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଜିନିଷପତ୍ର ପୋଡ଼ିଯାଇଛି। ତେବେ ଅଭିଯୁକ୍ତଙ୍କ ପରିବାର ଲୋକେ ଏଥିପାଇଁ ଗାଁ ଲୋକଙ୍କୁ ଦାୟୀ କରିଥିବାବେଳେ ଘଟଣାକୁ ଅନ୍ୟ ରୂପ ଦେବାକୁ ସେମାନେ ନିଜ ଘରେ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ପାଲଟା ଅଭିଯୋଗ ଆଣିଛନ୍ତି।

ଘଟଣା ସଂକ୍ରାନ୍ତରେ ମୃତକ ଚିନ୍ମୟଙ୍କ ମା' କୁହନ୍ତି, ୩ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ପାରିବାରିକ ବିବାଦକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଆପୋସ ସମାଧାନ ହୋଇଥିଲା। କିନ୍ତୁ ନିରଞ୍ଜନ ସବୁବେଳେ ମୋ ପୁଅକୁ ମାରିଦେବାକୁ ଧମକ ଦେଇ ଆସୁଥିଲେ। ସେ ରାଜ୍ୟ ବାହାରେ ରହି କାମଧନ୍ଦା କରନ୍ତି। ଗତ ୩ ଦିନ ତଳେ ଗାଁକୁ ଫେରି ପୁଅର ମୁଣ୍ଡ ନେବେ ବୋଲି କହି ବୁଲୁଥିଲେ। ଶେଷରେ ମୋ ପରିବାରକୁ ଉଜାଡି ଦେଲା ବୋଲି କାନ୍ଦି କାନ୍ଦି କହିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଆଇପିସି ଦଫା ୩୦୨ରେ ମାମଲା ନଂ.୨୫/୧୯ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ୨ଟି ପୋଲିସ ଟିମ୍ ଗଠନ କରାଯାଇଛି।

# ୧୯ରୁ ରାଜ୍ୟସ୍ତରୀୟ ଲୋକନୃତ୍ୟ, ଲୋକସଙ୍ଗୀତ ମହୋତ୍ସବ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୯ମ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱରର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ୩୦ ଜିଲାରୁ ପ୍ରାୟ ୩,୦୦୦ କଳାକାର ଅଂଶଗ୍ରହଣ କରିବେ। ସେହିଭଳି ଚଳିତବର୍ଷ ମୋଟ ୩୦ଟି ବଛା ବଛା ଲୋକକଳା ଦଳ ମହୋତ୍ସବରେ ଭାଗନେଇ ଲୋକକଳା ପରିବେଷଣ କରିବେ। ମହୋତ୍ସବର ପ୍ରତ୍ୟେକ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯିବ। ଏହି ଶୋଭାଯାତ୍ରା ରବୀନ୍ଦ୍ର ମଣ୍ଡପରୁ ବାହାରି ରାସ୍ତା ପରିକ୍ରମା କରି ଉତ୍କଳ ମଣ୍ଡପ ପର୍ଯ୍ୟନ୍ତ ଯିବ। ଏହାସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଲୋକକଳା ଦଳଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଲୋକକଳାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଜିଲାର ଜିଲାପାଳ, ୨ ନଗର କଳା ସଂସ୍କୃତି ସଂଘ ଏବଂ ୨ ସରକାରୀ ବିଭାଗକୁ ସମ୍ବର୍ଦ୍ଧିତ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଲୋକକଳାକୁ ଅଧିକ ଋଦ୍ଧିମନ୍ତ କରିବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ୧୯ରୁ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଏହାର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଲୋକକଳା ଦିବସ ଘୋଷଣା କରାଯିବା କାର୍ଯ୍ୟକ୍ରମ ରହିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF

| MORE SPACE • SAME PRICE | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30Days | |
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ

### ଶିକ୍ଷକଙ୍କ ମୃତ୍ୟୁକାଳୀନ ସହାୟତା ଦାବିରେ ସ୍ମାରକ ପତ୍ର ପ୍ରଦାନ

କୁଆଁରମୁଣ୍ଡା,୧୮।୨(ଡି.ଏନ୍.ଏ.)- କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଧାଙ୍ଗରିନଚା ୟୁଜି ହାଇସ୍କୁଲର ଶିକ୍ଷକ ଅନନ୍ତ କୁମାରଙ୍କ ମୃତ୍ୟୁ କାଳୀନ ସହାୟତା ପରିବାର ଲୋକଙ୍କୁ ପ୍ରଦାନ ଦାବି କରି ସୋମବାର ପ୍ରାଥମିକ ଶିକ୍ଷକ ସଂଘ(ଏକ୍ସ କ୍ୟାଡର) ପକ୍ଷରୁ ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିରେ ମୃତ ଶିକ୍ଷକ ଅନନ୍ତଙ୍କ ପରିବାର ଲୋକଙ୍କୁ ଗ୍ରାଚ୍ୟୁଇଟି, ଜିଆଇଏସ୍ ସହାୟତା ସହ ବକେୟା ଦରମା ଓ ଇପିଏଫ ରାଶି ପ୍ରଦାନ ନେଇ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଦାବି କରିଛନ୍ତି। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଗୁରୁଚରଣ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବି ସଂକ୍ରାନ୍ତରେ ବିଇଓଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଘ ସମ୍ପାଦକ ରୋହିତ ତ୍ରିପାଠୀ କୋଷାଧକ୍ଷା ସଞ୍ଜୁଲତା ଚିନାରାଙ୍କ ସହ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ଲୁହା ବୋଝେଇ ଟ୍ରକ୍ ଲୁଟ୍, ଚାଳକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ୪ ଅଭିଯୁକ୍ତ ଗିରଫ: ଠେଙ୍ଗା, ମୋବାଇଲ ଜବତ

ବଣାଇ,୧୮।୨ (ସ୍ୱ.ପ୍ର.)

ସୁନ୍ଦରଗଡ ଜିଲା ବଣାଇ ଉପଖଣ୍ଡର ୧୪୩ ନମ୍ବର ଜାତୀୟ ରାଜପଥ ଟିକାୟତପାଲି ଭୀମଗାଢ ଘାଟି ନିକଟରେ ଚଳିତ ମାସ ୨ ତାରିଖ ରାତିରେ ଜଣେ ଟ୍ରକ୍ ଚାଳକଙ୍କୁ ହତ୍ୟା କରି ଲୁହା ବୋଝେଇ ଗାଡିକୁ ଲୁଟ୍ ହୋଇଥିଲା। ସୋମବାର ବଣାଇ ଥାନା ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି । ଏହି ଘଟଣାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତ ୪ ଜଣ ହେଉଛନ୍ତି କଟକ ଜିଲା କୁଳକର୍କର ଗ୍ରାମର ବ୍ରହ୍ମାନନ୍ଦ ଖୁଣ୍ଟିଆ ଓରଫ ବ୍ରହ୍ମା, ନିଆଳି ଗ୍ରାମର ଦୀପ୍ତିରଞ୍ଜନ ରାଉତ ଓରଫ ଟୁନା, ପୁରୀ ଜିଲା ଖଣ୍ଡାହତା ଗ୍ରାମର ବସନ୍ତ ପରିଡା ଓରଫ ବାପି ଏବଂ କେନ୍ଦ୍ରାପଡା ଜିଲା ଜୟପୁରା ଗ୍ରାମର ଶୁଭେନ୍ଦୁ ରାଉଳ ଓରଫ କାବୁ। ହତ୍ୟାରେ ବ୍ୟବହାର କରାଯାଇଥିବା ୨ଟି ଠେଙ୍ଗା, ୬ଟି ମୋବାଇଲ ଜବତ କରାଯାଇଛି। ବଣାଇ ଥାନା ପରିସରରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ଏହି ସୂଚନା ଦେଇଛି। ଏଥିରେ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ, ଥାନା ଅଧିକାରୀ ଗଗନ ବିହାରୀ ବିଶ୍ୱାଳ, ଏସ୍ଆଇ ପ୍ରମୋଦ କୁମାର ଭୋଇ, ବିଶ୍ୱନାଥ ବଳ ପ୍ରମୁଖ ଉପସ୍ଥିତ ଥିଲେ।



ବଣାଇ ଥାନା ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଅଫିସରଙ୍କ ହେପାଜତରେ ୪ ଅଭିଯୁକ୍ତ।

ରାଉରକେଲାରୁ ଏକ ଲୁହାବୋଝେଇ ଟ୍ରକ୍ (ଓଆର/୦୫ଏଲ/୮୪୧୩) ଘଟଣା ଦିନ ରାତିରେ କଟକ ଅଭିମୁଖେ ଯାଉଥିଲା। ହେଲେ ଭୀମଗାଢ ଘାଟିରେ ଏକ ଇଣ୍ଡିଗୋ (ଓଆର/୦୫ଏଏସ/୧୩୨୧)ରେ ୬/୭ ଜଣ ଯୁବକ ଆସି ଅଟକାଇ ଥିଲେ। ଚାଳକ ଶରତଚନ୍ଦ୍ର ସ୍ୱାଇଁଙ୍କୁ ଆକ୍ରମଣ କରି ଲହୁଲୁହାଣ କରିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏମାନେ ଟ୍ରକରୁ ମୃତଦେହକୁ ରାସ୍ତା ପାର୍ଶ୍ୱକୁ ଟାଣି ନେଇ ଡାଳପତ୍ରରେ ଘୋଡାଇ ଦେଇଥିଲେ। ଏହା ପରେ ଟ୍ରକ ନେଇଯାଇ ଦେବଗଡ ଜିଲା ବାରକୋଟ ଡାକବଙ୍ଗଳା ନିକଟରେ ଛାଡି ପଳାଇଥିଲେ । କଟକ ଜିଲା ପଙ୍କଳ ଗ୍ରାମର ସମୀର କୁମାର ନାୟକ ନାମକ ଅନ୍ୟ ଜଣେ ଟ୍ରକ ଚାଳକ ଶରତ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିବା ନେଇ ଟିକାୟତପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ରାଉରକେଲା ଏସ୍ପି ଡାକ୍ତର ଉମାଶଙ୍କର ଦାଶ ଏକ ସ୍ୱତନ୍ତ୍ର ଦଳ ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲା। ତେବେ ଘଟଣାସ୍ଥଳରୁ ପୋଲିସକୁ ମିଳିଥିବା ଏକ ମୋବାଇଲ ହିଁ ଏହି ଘଟଣାର ପର୍ଦ୍ଦାଫାଶ କରିବାରେ ସାହାଯ୍ୟ କରିଛି। ଏହା ଜଣେ ଅଭିଯୁକ୍ତର। ଏଣୁ ଏଇଥିରୁ ହିଁ ହତ୍ୟାକାରୀଙ୍କ ସୁରାକ ମିଳିଥିଲା। ଏହାକୁ ଆଧାର କରି ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉ କରିଥିଲା।

ପୋଲିସ କହିଛି ଯେ, ଏହି ର୍ୟାକେଟ ବିଭିନ୍ନ ସମୟରେ ରାଜପଥରୁ ଟ୍ରକଗୁଡିକୁ ଲୁଟ୍ କରି ସେଗୁଡିକୁ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ନେଇ ଯାଉଥିଲେ। ସେଠାରେ ଖଣ୍ଡ ଖଣ୍ଡ କରି ଲୁହା ବେପାରୀଙ୍କୁ ବିକ୍ରି କରୁଥିଲା। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,**
**ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ। ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,**
**ଆଜି ଅଛି କାଲି ନାହିଁ ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ। ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ। ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଡାଲମିଆ ଆଇଟିଆଇର ବାର୍ଷିକ ଉତ୍ସବ

ରାଜଗାଙ୍ଗପୁର,୧୮।୨(ଡି.ଏନ.ଏ.)

ଝଗରପୁରସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ର ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଡାଲମିଆ ସିମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର ସ୍ୱପ୍ନ ଦେଖି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ସଫଳତାର ବିଭିନ୍ନ ସୋପାନ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବେ ଡାଲମିଆ ସିମେଣ୍ଟର ସହକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲୋକେଶ କୁମାର ବାହେତି, ମାନବ ସମ୍ବଳ ବିଭାଗର ମୁଖ୍ୟ ଦିପାଞ୍ଜନ ଦେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗ ଦର୍ଶନ କରିଥିଲେ । ଅଧକ୍ଷ ଦେବବ୍ରତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବାର୍ଷିକ ପତ୍ରିକା ଶିଳ୍ପୀର ଉନ୍ମୋଚନ ହେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପୁରାତନ ଛାତ୍ର ସୋମିତ ଭଞ୍ଜଙ୍କୁ ସମ୍ମାନିତ କରାଯାଇଥିଲା । ଜୟକୃଷ୍ଣ ଜେନା ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଶିବଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ ।

## ଲୁଆବାହାଲରେ ଅଷ୍ଟପ୍ରହର ନାମଯଜ୍ଞ

ହେମଗିର,୧୮।୨ (ଡି.ଏନ.ଏ.)

ଲୁଆବାହାଲ ଗ୍ରାମରେ ୫୮ତମ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି। ଏହା ଗତ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ଶ୍ୟାମ ସୁନ୍ଦର ଦାସ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଉମ୍ବରୁଧର ସା ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ । ବିଲେଇମୁଣ୍ଡା, ଚକ୍ରା, ଗର୍ଜନଯୋର, ନୂଆଁଡିହି, ବେଲଡିହି, ବେଲିଢ଼ିପା, କନ୍ଦାଧୂତା ଗ୍ରାମରୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ । ଦୀନବନ୍ଧୁ ସା, ଉଦୟ ନାଏକ, ଯୋଗେନ୍ଦ୍ର ସା, ବସୁଦେବ ନାଏକ, ରାମଚନ୍ଦ୍ର ଗୁରୁ, ବଲ୍ଲଭ ରଥ, ଜିତେନ୍ଦ୍ର ସୁଲି, ସୁବଳ ରଥ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଗୁରୁପୂଜା କରି ଆଶୀର୍ବାଦ ନେଲେ ପୁରାତନ ଛାତ୍ରୀଛାତ୍ର

ବଡଗାଁ, ୧୮।୨ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୨ ମସିହା ମ୍ୟାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର ସସ୍ତ୍ରୀକ ସାମିଲ ହୋଇଥିଲେ । ସ୍କୁଲର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମିତ୍ରଭାନୁ ସା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୁରୁମାନଙ୍କୁ ବନ୍ଦାପନା କରି ଛାତ୍ରୀଛାତ୍ର ଆଶିଷ ନେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଆବୁ ମହମ୍ମଦ, କପିଳେଶ୍ୱର ପଟେଲ, ଲିଙ୍ଗରାଜ ପଟେଲ, ଭୋପାଳ ସା, ପ୍ରଦୀପ ପଟେଲ, ଯୁଗେଶ୍ୱର ଭିତ୍ରିଆ, କର୍ମଚାରୀ ପ୍ରଭାକର ସାଙ୍କ ସମେତ ବର୍ତ୍ତମାନ ଅବସ୍ଥାପିତ ପ୍ରଧାନ ଶିକ୍ଷୟିତ୍ରୀ କାଥରିନା ଖାଲଖୋ, କର୍ମଚାରୀ ରବି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରଫେସର ରମଣୀରଞ୍ଜନ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକମାନେ ସ୍କୁଲରେ ସେମାନଙ୍କ କାର୍ଯ୍ୟକାଳ ସମୟର ସ୍ମୃତିଚାରଣ କରିଥିଲେ । ମହମ୍ମଦ ହଫିଜ, ରବିରତ୍ନ ସା, ଅରୁଣ ପାଣିଗ୍ରାହୀ, ପ୍ରଶାନ୍ତ ବିଶି, ରଞ୍ଜିତ ପଟେଲ, ହରସୁକ ଭାଇ ପଟେଲ, ପଦ୍ମନାଭ ବିଶି, କନ୍ହେଇ ପୃଷେଟ, ପ୍ରଦ୍ୟୁତ୍ୟ ପଣ୍ଡା, ସୁପ୍ରଭା ପଣ୍ଡା, ପୁଷ୍ପଲତା ପଟେଲ, ଶୋଭନାମୟୀ ପୁରୋହିତ, ସୁରେନ୍ଦ୍ର ମାଝୀ, ସୁଭଦ୍ରା ମାଝୀ, ଗୀତିକା ସଏ, ଜଗନ୍ନାଥ ବଶି, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁ ମିଳନ ଅବସରରେ ଯୋଗ ଦେଇଥିବା ପୁରାତନ ଛାତ୍ର ଓ ଶିକ୍ଷକ।

### ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିବାଦ

## ସୁନ୍ଦରଗଡ଼ ବଣିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ

ସୁନ୍ଦରଗଡ,୧୮।୨ (ଡି.ଏନ.ଏ.)

ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାର ପ୍ରତିବାଦ ସ୍ୱରୂପ ଓ ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ସୋମବାର ସୁନ୍ଦରଗଡ ବଣିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରରେ ବିଭିନ୍ନ ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଥିଲା । ବଣିକ ସଂଘ ପକ୍ଷରୁ ଏକ ବାଇକ୍ ରାଲି ସହର ପରିକ୍ରମା କରିବା ସହିତ ଆତଙ୍କବାଦୀଙ୍କ ଏଭଳି ନାରକୀୟ କାଣ୍ଡକୁ ଦୃଢ ନିନ୍ଦା କରାଯାଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

**ନୂଆଗାଁ, (ଡି.ଏନ.ଏ):** ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ ଯବାନଙ୍କୁ ସୋମବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ତ୍ରିରଙ୍ଗା ପତାକା ଧରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରଦୀପ ସାହୁଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଓ ବୃଦ୍ଧିଜୀବୀ ନୂଆଗାଁ ବ୍ଲକ ହାଇସ୍କୁଲ ପଡିଆରେ ଏକ ଶୋଭାଯାତ୍ରାରେ ବାହାରି ବଜାର ହକି ପଡିଆ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଶହୀଦ ଯବାନଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଗଜେନ୍ଦ୍ର ସାହୁ, ଦିଗାମ୍ବର ଦାସ, ଶଙ୍କର ତିର୍କି, ଲୋଧା ସାହୁ, ଅଶୋକ ସାହୁ, ଏତୁଆ ସାହୁ, ମତିଲାଲ କେଶରୀ, ହରେକ୍ରିଷ୍ଣା ଯାଦବ, ଅଭିଲାଷ କେଶରୀ ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ଶୋଭାରେ ଯୋଗ ଦେଇ ଶହୀଦମାନଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ।

**ଲହୁଣିପଡ଼ା, (ଡି.ଏନ.ଏ.):** ପୁଲ୍‌ୱାମାଠାରେ ଆତଙ୍କବାଦୀଙ୍କ ଆତ୍ମଘାତି ଆକ୍ରମଣରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଲହୁଣିପଡ଼ା ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏପରି କି ଲହୁଣିପଡ଼ାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ରାଜାମୁଣ୍ଡା ଓ ପୁରୁଣାପାଣି ବାଇପାସ୍‌ରେ ପହଞ୍ଚି ଦୋକାନ ବଜାର ବନ୍ଦ କରାଇଥିଲା।



ସୁନ୍ଦରଗଡ ବଣିକ ସଂଘ ପକ୍ଷରୁ ଶହୀଦଙ୍କୁ ସମ୍ମାନ ଜଣାଇ ୧୨ ଘଣ୍ଟିଆ ବନ୍ଦ ପାଳନ ଯୋଗୁ ସହରର ଦୋକାନ ବଜାର ବନ୍ଦ ରହିଛି ।





ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଲହୁଣିପଡ଼ାଠାରେ ବ୍ୟବସାୟୀମାନେ ଦୋକାନବଜାର ବନ୍ଦ କରୁଛନ୍ତି।

## କୋଶଲି କବିତା ପାଠ

ବିନିକା,୧୮।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକାସ୍ଥିତ ମହାନଦୀର ପାପକ୍ଷୟ ଘାଟରେ ରୁମ୍‌କୁଝୁମାନା କଳା ପରିଷଦ ପକ୍ଷରୁ କୋଶ୨୨୦ଲି କବିତା ପାଠ ଉତ୍ସବ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବର୍ଷୀୟାନ କଳାକାର ଅଟଳ ବିହାରୀ ପଣ୍ଡା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଦେବେନ୍ଦ୍ର ନାୟକ, ନୀଳାଚଳ ମେହେର, ଧ୍ରୁବଚରଣ ନାଏକ ଏବଂ ସୁର୍ଜନ କୁମାର ପଣ୍ଡା ଯୋଗଦେଇଥିଲେ।

### ବିଏସଏନ୍ଏଲ କର୍ମଚାରୀ ସଂଘ

## ବିଭିନ୍ନ ଦାବି ନେଇ ୩ ଦିନିଆ ଧର୍ମଘଟ

ସୁନ୍ଦରଗଡ,୧୮।୨(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ସୋମବାରଠାରୁ ବିଏସଏନଏଲ କର୍ମଚାରୀ ସଂଘ (ଏଆଇପିସିଓସି) ପକ୍ଷରୁ ୩ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଭାରତୀୟ ଦୂରସଞ୍ଚାର ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଫଳରେ ବିଏସଏନ୍ଏଲ ସେବା ପ୍ରଭାବିତ ହୋଇଛି। ସଂଘର ସ୍ଥାନୀୟ କାର୍ଯ୍ୟକର୍ତ୍ତା ବିମ୍ବାଧର ପ୍ରଧାନ, ସଂବିତ ନାଏକ, ରୁଦ୍ର ପ୍ରସାଦ ଖଣ୍ଡପାଣି, ମନୋଜ କୁମାର ନାଏକ, ରାମବିଳାସ ପ୍ରଧାନଙ୍କ ନେତୃତ୍ୱରେ ସୁନ୍ଦରଗଡ ଦୂର ସଞ୍ଚାର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି । ଦାବି ମଧ୍ୟରେ ତୃତୀୟ ସଂଶୋଧିତ ଦରମା, କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ପେନସନ୍, ବିଏସଏନ୍ଏଲର ଉନ୍ନତ ସେବା ପ୍ରଦାନ ପାଇଁ ୪ଜି ବ୍ୟବସ୍ଥାର ପରିଚାଳନା ଆଦି ରହିଛି ।





ସୁନ୍ଦରଗଡ଼ ବିଏସଏନଏଲ ଅଫିସ ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

| TARIFF | MORE SPACE • SAME PRICE | | | | | | | | *GST 5% Extra |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | | |
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବସଷ୍ଟାଣ୍ଡରୁ ମୃତଦେହ ଠାବ

ଝାରସୁଗୁଡ଼ା ଅଫିସ,୧୮।୨- ଝାରସୁଗୁଡ଼ା ବସଷ୍ଟାଣ୍ଡରୁ ସୋମବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଲେ ବରଗଡ ବିଜେପୁରର ସୁବଳ। ସୁବଳଙ୍କ ମୃତ୍ୟୁ କାରଣ ଜଣାପଡିନାହିଁ। ଜିଆରପି ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଅନୁସାରେ ସୁବଳ ବସଷ୍ଟାଣ୍ଡ ନିକଟରେ ଏକ ହୋଟେଲରେ କାମ କରୁଥିଲେ। କିଛି ଦିନ ହେବ କାମ ଛାଡି ଦେଇଥିଲେ। ସୋମବାର ବସଷ୍ଟାଣ୍ଡରୁ ସୁବଳଙ୍କ ମୃତଦେହ ଠାବ ହୋଇଥିଲା।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଲଇକେରା, ୧୮।୨ (ଡି.ଏନ.ଏ.)- ଝାରସୁଗୁଡ଼ା ଜିଲା ଲଇକେରା ନିକଟସ୍ଥ ରେଙ୍ଗାଲବେଡା ଆଥଲେଟିକ ଆସୋସିଏଶନ୍ ପକ୍ଷରୁ ଚାଲିଥିବା ଦ୍ୱିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ରାଉତବାହାଲ ଓ ଫାୟାର ଷ୍ଟେଶନ ମଧରେ ଅନୁଷ୍ଠିତ ହୋଇଥିଲା । ଫାୟାର ଷ୍ଟେଶନ ଦଳକୁ ୨ ଉଇକେଟରେ ରାଉତବାହାଲ ଦଳ ପରାସ୍ତ କରି ଚାମ୍ପିୟାନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶାସ୍ୱତୀ ଇଂଲିଶ ମାଧ୍ୟମ ସ୍କୁଲର ସଭାପତି ସନ୍ତୋଷ କୁମାର ପଟେଲଙ୍କ ସଭାପତିତ୍ୱ କରିଥିଲେ । ଯୁବନେତା ବିଶାଳ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ । ଶିକ୍ଷାବିତ୍ ସନ୍ତୋଷ କୁମାର କିଶାନ,ପରକ୍ଷୀତ ଗୌନ୍ତିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

### ବେଲପାହାଡ଼ ବନ୍ଦ

ବେଲପାହାଡ଼,୧୮।୨(ଡି.ଏନ୍.ଏ.)- ଜମ୍ମୁକଶ୍ମୀର ପୁଲୱାମାଠାରେ ସଂଘଟିତ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ଭାରତର ୪୯ ଜଣ ଯବାନ ଶହୀଦ ହୋଇଛନ୍ତି । ଏହି ଶହୀଦମାନଙ୍କୁ ସମ୍ମାନ ଜଣାଇବା ଓ ସନ୍ତ୍ରାସବାଦୀକୁ ବିରୋଧ କରି ସୋମବାର ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଶୁକ୍ରବାର ଓ ମଙ୍ଗଳବାର ଫାଟକ ଏବଂ ଜାହାଜପଡ଼ାରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରାରେ ବହୁ ଛାତ୍ରୀଛାତ୍ର,ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ସମସ୍ତେ ଶହୀଦ ଯବାନଙ୍କ ପାଇଁ ନୀରବ ପ୍ରାର୍ଥନା କରିଥିଲେ । ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଲୋଗାନ ଦେଇଥିଲେ । ଶହୀଦ ଯବାନମାନଙ୍କ ବଳିଦାନକୁ ନେଇ ଏଥର ପାକିସ୍ତାନ ବିରୋଧରେ ତୀବ୍ର ଜନ ଆକ୍ରୋଶ ଦେଖିବାକୁ ମିଳିଛି ।

# ବେଲପାହାଡ଼: ୩ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୪୭୫ ଛାତ୍ରୀଛାତ୍ର

## ■ ନୋଡାଲ କେନ୍ଦ୍ରରେ ପହଞ୍ଚି ସାରିଛି ୧୧ ପରୀକ୍ଷା କେନ୍ଦ୍ରର ପ୍ରଶ୍ନପତ୍ର

ବେଲପାହାଡ଼,୧୮।୨(ଡି.ଏନ୍.ଏ.)

ଆସନ୍ତା ୨୨ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ । ଏଥିପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ନୋଡ଼ାଲ କେନ୍ଦ୍ର ଗିରିଧରଲାଲ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ପହଞ୍ଚି ସାରିଛି । ପ୍ରଶ୍ନପତ୍ରଗୁଡିକ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ଚଳିତବର୍ଷ ବେଲପାହାଡ଼ ସହରାଞ୍ଚଳରେ ମାଟ୍ରିକ ପରୀକ୍ଷା ପାଇଁ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ, ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଘୋଷଣା କରାଯାଇଛି । ଏହି ୩ କେନ୍ଦ୍ରରେ ମୋଟ ୮ଟି ବିଦ୍ୟାଳୟର ୪୭୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଛୁଆଲିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟର ୫୮ ଜଣ ଏବଂ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ୧୧୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜି.ଏଲ୍.ଉଚ୍ଚ ବିଦ୍ୟାଳୟର ୭୧ ଜଣ,ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟର ୬୩ ଜଣ ଓ ଯୁରାବଗା ଉଚ୍ଚ ବିଦ୍ୟାଳୟର ୧୨ ଜଣ ପରୀକ୍ଷା ଦେବେ । ସେହିପରି ଆଦର୍ଶ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପିପିଲିମାଲ ଉଚ୍ଚ ବିଦ୍ୟାଳୟର ୩୫ ଜଣ, ବି.ଆର୍.ଉଚ୍ଚ ବିଦ୍ୟାଳୟର ୧୦୨ ଓ ଜାମକାନି ଉଚ୍ଚ ବିଦ୍ୟାଳୟର ୨୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଚଳିତ ବର୍ଷ ନୋଡ଼ାଲ କେନ୍ଦ୍ର କରାଯାଇଥିବା ବେଲପାହାଡ଼ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ଅଧୀନରେ ବେଲପାହାଡ଼, ବନ୍ଧବାହାଲ, ଦଲଗାଁ, ତିଲିଆ ଓ ବ୍ରଜରାଜନଗର ସ୍ଥିତ ମୋଟ ୧୧ଟି ପରୀକ୍ଷା କେନ୍ଦ୍ରର ପ୍ରଶ୍ନପତ୍ର ରଖାଯାଇଛି। ଚଳିତବର୍ଷ ବେଲପାହାଡ଼ର ଜି.ଏଲ୍.ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୭୧ ଜଣ,ବି.ଆର୍.ଉଚ୍ଚ ବିଦ୍ୟାଳୟରେ ୧୪୬ ଜଣ, ଆଦର୍ଶ ବାଳିକା ବିଦ୍ୟାଳୟରେ ୧୫୮ ଜଣ,ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟରେ ୧୬୧ ଜଣ,ଦଲଗାଁ ଉଚ୍ଚ ବିଦ୍ୟାଳୟରେ ୧୨୨ ଜଣ, ତିଲିଆ ବିଦ୍ୟାଳୟରେ ୧୦୪ ଜଣ, ବ୍ରଜରାଜନଗର ଓରିଏଣ୍ଟ ଉଚ୍ଚ ବିଦ୍ୟାଳୟରେ ୨୩୬ ଜଣ, ଓପିଏମ୍ ବଏଜ୍ ବିଦ୍ୟାଳୟରେ ୨୭୨ ଜଣ, ଓପିଏମ୍ ବାଳିକା ବିଦ୍ୟାଳୟରେ ୨୧୩ ଜଣ,ଏନ୍.ଏ.ସି ବିଦ୍ୟାଳୟରେ ୧୪୧ ଜଣ ଓ ଲାଲା ଲଜପତରାୟ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୯୦ ଜଣ ମାଟ୍ରିକ ପରୀକ୍ଷା ଦେବେ । ଏହିପରି ୧୧ଟି ପରୀକ୍ଷା କେନ୍ଦ୍ର ଅଧୀନରେ ମୋଟ ୧୯୧୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଆସନ୍ତା ୨୧ ତାରିଖ ମଧ୍ୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଡ଼ମିଟ କାର୍ଡ଼ ଯୋଗାଇ ଦିଆଯିବ ଏବଂ ଦିନ ଧାର୍ଯ୍ୟ ସମୟ ପୂର୍ବରୁ ସୁରକ୍ଷା ବଳୟ ମଧ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଇ ଦିଆଯିବ ବୋଲି ବେଲପାହାଡ଼ ନୋଡ଼ାଲ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି ।



ଇଭିଏମ୍, ଭିଭିପାଟ ପ୍ରଦର୍ଶନ କରାଯାଉଛି।

# ଇଭିଏମ୍, ଭିଭିପାଟ୍‌ର ବ୍ୟବହାର ପାଇଁ ସଚେତନତା ଶିବିର

ଝାରସୁଗୁଡ଼ା ଅଫିସ,୧୮।୨

ସାଧାରଣ ନିର୍ବାଚନ ପାଇଁ ସୋମବାର ଜିଲା କାର୍ଯ୍ୟାଳୟରେ ମକ୍ ପୁଲିଂ କରାଯାଇଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍(ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ୍) ଏବଂ ଭିଭିପାଟର ବ୍ୟବହାରିତା ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ନିର୍ବାଚନ ଆୟୋଗର ନିର୍ଦ୍ଦେଶ ମୁତାବକ ଗଣମାଧମ ସମ୍ମୁଖରେ ଏହି ମକ୍ ପୁଲିଂ କରାଯାଇଛି। ସେହିପରି ଏଥର ନିର୍ବାଚନରେ ପ୍ରଥମକରି ବ୍ୟବହାର ହେବାକୁ ଥିବା ଭିଭିପାଟ୍‌ର କାର୍ଯ୍ୟକାରିତା ନେଇ ଡେପୁଟି କଲେକ୍ଟର ସୁନାସିର କିଶାନ ପ୍ରକାଶ କରିଥିଲେ। ମତଦାନ ବେଳେ ବ୍ୟବହାର ହେବାକୁ ଥିବା ଇଭିଏମ୍‌ର କଣ୍ଟ୍ରୋଲ ୟୁନିଟ୍‌ରୁ ଅନୁମତି ମିଳିବା ପରେ ମତଦାତା ବ୍ୟାଲେଟ୍ ୟୁନିଟ୍‌କୁ ବ୍ୟବହାର କରି ନିଜର ମତ ସାବ୍ୟସ୍ତ କରିବେ। ମତଦାତା ନିଜର ମତ କେଉଁ ପ୍ରାର୍ଥୀ ସପକ୍ଷରେ ଦେଇଛନ୍ତି, ତାହାର ସାଙ୍କେତିକ ଛବି ଏକ ପେପର ଜରିଆରେ ଭିଭିପାଟରେ ପ୍ରଦର୍ଶିତ ହେବ। ଭିଭିପାଟରେ ସାଙ୍କେତିକ ଚିତ୍ର ପ୍ରଦର୍ଶିତ ହେବାର ୭ ସେକେଣ୍ଡ ପରେ ପେପର ଖଣ୍ଡିକ ସ୍ୱତଃପ୍ରବୃତ୍ତ ଭାବେ ଭିଭିପାଟ୍ ବକ୍ସରେ ସଂରକ୍ଷିତ ହୋଇରହିବ। ଭୋଟ ଗଣତି ସମୟରେ ଇଭିଏମ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ ହେବା, ଇଭିଏମ୍‌ର ଟାମ୍ପରିଂ ଅଭିଯୋଗ ହେଲେ ସେହି ସମୟରେ ଭିଭିପାଟରେ ଗଚ୍ଛିତ ପେପର ମତାମତକୁ ବାହାର କରାଯାଇ ଗଣତି କରି ପ୍ରାର୍ଥୀଙ୍କ ସନ୍ଦେହ ଦୂର କରାଯିବ ବୋଲି ଡେପୁଟି କଲେକ୍ଟର କିଶାନ କହିଛନ୍ତି। ଭିଭିପାଟ୍ ଏବଂ ଇଭିଏମ୍‌ର ବ୍ୟବହାରିତା ସମ୍ପର୍କରେ ଗ୍ରାମାଞ୍ଚଳ, ସହରାଞ୍ଚଳ, କଲେଜରେ ମକ୍ ପୁଲିଂ କରାଯାଇଥିବା ସେ କହିଛନ୍ତି।




କର୍ମୀ ସମ୍ମିଳନୀରେ ଜିଲା ସଭାପତି କିଶୋର ମହାନ୍ତି ଓ ପୂର୍ବତନ ବିଧାୟକ ନବ ଦାସଙ୍କ ସହ ଅନ୍ୟମାନେ।

# କର୍ମୀଙ୍କୁ ସଙ୍ଗଠିତ ହେବାକୁ ଆହ୍ୱାନ

ଝାରସୁଗୁଡ଼ା ଅଫିସ,୧୮।୨

ଜିଲା ବିଜେଡିରେ ଘନ ଘନ ବୈଠକ ଜାରି ରହିଛି। ପୂର୍ବତନ ବିଧାୟକ ନବ କିଶୋର ଦାସ ବିଜେଡିରେ ଯୋଗ ଦେବାପରେ ବିଜେଡିର କର୍ମୀ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ଜରିଆରେ ବିଜେଡି କର୍ମୀ ଏବଂ କଂଗ୍ରେସରୁ ଆସି ବିଜେଡିରେ ଯୋଗ ଦେଇଥିବା କର୍ମୀଙ୍କୁ ଏକାଠି କରିବା ଏବଂ ସେମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ କରିବାକୁ ଜୋର ଦିଆଯାଉଛି। କାରଣ ତୃଣମୂଳସ୍ତରରେ କର୍ମୀ ଏକାଠି ନ ହେଲେ ନିର୍ବାଚନରେ ଏହାର ନକରାତ୍ମକ ପ୍ରଭାବ ପଡିବ ବୋଲି ଦଳୀୟ ନେତା ଆଶଙ୍କା କରୁଛନ୍ତି। କେବଳ ଆଶଙ୍କା ନୁହେଁ ସଭା ମଞ୍ଚରେ ଠିଆହୋଇ ମତ ବି ଦେଉଛନ୍ତି। ତେଣୁ ନିର୍ବାଚନ ପାଖେଇ ଆସୁଥିବାରୁ ଯେତେଶୀଘ୍ର କର୍ମୀଙ୍କୁ ଏକାଠି କରାଇବାକୁ ନେତା ଲାଗି ପଡିଛନ୍ତି। ସୋମବାର ଝାରସୁଗୁଡ଼ା ପୌରାଞ୍ଚଳସ୍ତରୀୟ ସକ୍ରିୟ କର୍ମୀ ସମ୍ମିଳନୀ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଜିଲା ସଭାପତି କିଶୋର ମହାନ୍ତି ଏବଂ ନବ କିଶୋର ଦାସ କହିଲେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶ ଧାରା ଜାରି ରହିଛି। ଦେଶରେ ଏକ ସାମ୍ପ୍ରଦାୟିକ ଦଳ ଭୋଟରଙ୍କୁ ବିଭ୍ରାନ୍ତ କରୁଛି ଏବଂ ସମାଜିକ ଶୃଙ୍ଖଳା ନଷ୍ଟ କରୁଛି। ଓଡ଼ିଶାରେ ସେହି ଦଳକୁ ପ୍ରତିହତ କରିବା ଏବଂ ନବୀନ ପଟ୍ଟନାୟକଙ୍କୁ ବହୁମତରେ ବିଜୟ କରିବା ଦରକାର। ଝାରସୁଗୁଡ଼ା ସମେତ ପଶ୍ଚିମ ଓଡ଼ିଶାରେ ବିଜେଡି ସପକ୍ଷରେ ବହୁଥିବା ହାୱାକୁ ଭୋଟରେ ପରିଣତ କରିବାକୁ ଏହି ଦୁଇ ନେତା ଆହ୍ୱାନ କରିଥିଲେ। ଏହି ଅବସରରେ ପର୍ଯ୍ୟବେକ୍ଷକ ରବି ନାରାୟଣ ପାଣି, ବିଜେଡି ନେତା ରବି ସିଂ, ତ୍ରିନାଥ ଗୁଆଲ, ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ଜୟକୁମାରୀ ପଟେଲ, ମନ ମହାପାତ୍ର, ରାଜୁ ପାଣିଗ୍ରାହୀ, ପ୍ରତାପ ନନ୍ଦ, ଈଶ୍ୱର ରାଓ, ଗଙ୍ଗାଧର ଗଡ଼ନାୟକ, ତୁଳସୀ ଦାଶ, ରଘୁମଣି ପଟେଲ, କୁଶାସନ ଜୟପୁରିଆ, ସିଦ୍ଧାର୍ଥ ସରକାର, ପିଣ୍ଟୁ ପାଢୀ, ପ୍ରଶାନ୍ତ ଜେନା, ଅରବିନ୍ଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## କୋଲାବିରା ଦମକଳ କେନ୍ଦ୍ରକୁ ମିଳିଲା ସ୍ଥାୟୀ ଫୋନ ନମ୍ବର

କୋଲାବିରା,୧୮।୨ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରାରେ ବହୁ ପ୍ରତୀକ୍ଷିତ ଅଗ୍ନିଶମ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଗୋଟିଏ ଦମକଳ ଓ ଗୋଟିଏ ପମ୍ପ ଗାଡିର ବ୍ୟବସ୍ଥା ଥିବା ସହ ୧୪ ଜଣ କର୍ମଚାରୀ ନିଯୁକ୍ତ ପାଇଛନ୍ତି। ଆବଶ୍ୟକତା ଭିତ୍ତିଭୂମି ଅଭାବ ରହିଥିବା ବେଳେ ଦମକଳବାହିନୀ କିପରି କାର୍ଯ୍ୟ ସମ୍ପାଦନ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦମକଳ କେନ୍ଦ୍ରର ନିଜସ୍ୱ ଲ୍ୟାଣ୍ଡଲାଇନ୍ ଫୋନର ବ୍ୟବସ୍ଥା ନ ଥିଲା । ବର୍ତ୍ତମାନ ଦମକଳ କେନ୍ଦ୍ରରେ ଲ୍ୟାଣ୍ଡ ଲାଇନ (ନଂ.୦୬୬୪୦୨୮୫୨୦୧) ଓ ମୋବାଇଲ ଫୋନ୍ ନଂ.୯୫୫୬୬୧୩୮୦୦ରେ ଜନସାଧାରଣ ଯୋଗାଯୋଗ କରି ପାରିବେ ବୋଲି ଦମକଳ କେନ୍ଦ୍ର ଅଧିକାରୀ ରଞ୍ଜିତ ଲାକ୍ରା କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋକସରା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମୋଟେର ଫାଣ୍ଡି ଅଧୀନ ମୋଟେର ଟେମରି ରାସ୍ତାଠାରେ ସୋମବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ କୋକସରା ବ୍ଲକ୍ ଗମ୍ଭାରୀଗୁଡ଼ା ପଞ୍ଚାୟତ ଚିକିଳି ଗ୍ରାମର ପ୍ରକାଶ ନାଏକ (୪୦)। ସୋମବାର ସକାଳେ ସେ ବାଇକ୍ (ନଂ. ଓଡ଼ି୦୮-ଜି୧୧୫୦) ବିବାହ କାର୍ଡ଼ ବାଣ୍ଟିବା ପାଇଁ ଘରୁ ବାହାରି ଟେମରି ପଟୁ ଆସୁ ଥିବାବେଳେ ଏହି ଦୁର୍ଘଟଣା ଘଟିଛି।



ଭୋଟର ସଚେତନତା ରଥକୁ ସ୍ୱାଗତ କରାଯାଉଛି।

# ଭୋଟର ସଚେତନତା ରଥ

କୋଲାବିରା,୧୮।୨(ଡି.ଏନ୍.ଏ.)

ଭୋଟର ସଚେତନତା ଅଭିଯାନ ଅନ୍ତର୍ଗତ କୋଲାବିରା ବ୍ଲକ ଅଞ୍ଚଳରେ ଆଜି ବ୍ଲୁ ବଟନ ଏକ୍ସପ୍ରେସ୍ ପରିଭ୍ରମଣ କରି ଜନସାଧରଣଙ୍କୁ ଭୋଟ ସଂକ୍ରାନ୍ତରେ ସଚେତନ କରିଛି। କୌଣସି ପ୍ରଲୋଭନର ଶିକାର ନ ହୋଇ, ଆମ ଦେଶ ତଥା ରାଜ୍ୟର ବିକାଶ ପାଇଁ ଉପଯୁକ୍ତ ପ୍ରାର୍ଥୀ ବାଛିବାର ବାର୍ତ୍ତା ନେଇ ଏଇ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ୨୦୧୯ ସାଧାରଣ ନିର୍ବାଚନ ପାଇଁ ସମସ୍ତ ଭୋଟର ନିଜକୁ ପ୍ରସ୍ତୁତ କରିବା ସହିତ କେହି ଯେପରି ନିଜ ମତ ଦାନରୁ ବଞ୍ଚିତ ନ ହୁଅନ୍ତି ଏଦିଗରେ ସଚେତନ କରାଯାଇଛି । ଓଡିଶା ଇଲେକ୍ସନ ୱାଚ ଅନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସଚେତନତା ରଥ କୋଲାବିରା ଆଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଥିଲା । ସେଠାରେ ଗ୍ରାମର ମହିଳାମାନେ କଳସ ସ୍ଥାପନା କରି ସ୍ୱାଗତ କରିଥିଲେ। ଇଲେକ୍ସନ ୱାଚ ସଂସ୍ଥାର କେନ୍ଦ୍ରୀୟ ଦଳଙ୍କ ମଧ୍ୟରେ ଗୋବିନ୍ଦ ଓଝା, ବିଜୟ ସେନାପତି,ବେ ବଲାଲସେନ ନାଏକ, ଶଙ୍କର ମୁର୍ମୁ, ରଜତ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ନରୋତ୍ତମ ପୁରୋହିତ, ପ୍ରଦ୍ୟୁମ୍ନ ପୁରୋହିତ,ବୀରେନ୍ଦ୍ର ମହାପାତ୍ର,ହରିବଂଶ ପଧାନ ପ୍ରମୁଖଙ୍କ ସମେତ ଗ୍ରାମର ମହିଳା ମାନେ ଉକ୍ତ କର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଭୋଟର ସଚେତନତାକୁ ନେଇ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା।

# ଓଏସ୍‌ଏପି ଆନ୍ତଃବିଭାଗ ଭଲିବଲ ଟୁର୍ଣ୍ଣାମେଣ୍ଟ

ଝାରସୁଗୁଡ଼ା ଅଫିସ,୧୮।୨

ଝାରସୁଗୁଡ଼ା ଦ୍ୱିତୀୟ ଓଏସ୍‌ଏପି ବାଟାଲିୟାନ ପକ୍ଷରୁ ସ୍ଥାନୀୟ ପଡ଼ିଆରେ ଗତ ଦୁଇଦିନ ଧରି ଆନ୍ତଃବିଭାଗ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ଫାଇନାଲ ମ୍ୟାଚ ଇ-କମ୍ପାନୀ ଓ ଡି-କମ୍ପାନୀ ମଧ୍ୟରେ ଖେଳା ଯାଇଥିଲା। ଇ-କମ୍ପାନୀ ଚାମ୍ପିୟାନ୍ ହୋଇଥିବା ବେଳେ ଡି-କମ୍ପାନୀ ଉପବିଜେତା ହୋଇଥିଲା। ବାଟାଲିୟନର ଦୁର୍ଗପତି ଏମ.ଡି ଯାହିଦ୍ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା। ଉପ-ଦୁର୍ଗପତି ଲକ୍ଷ୍ମଣ ସିଂ, ପୂର୍ବତନ ଉପ-ଦୁର୍ଗପତି ଏମ.ଡି ଗଫର, କ୍ରୀଡାସଂଘର ଉପ-ସଭାପତି ଜୀବନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶ୍ରେଷ୍ଠ ହିଟର ଭାବେ ପ୍ରାୟସ ଥମାଙ୍ଗ, ଶ୍ରେଷ୍ଠ ବୁଷ୍ଟର ଏସ.ବି. ଥାକୁରି, ମ୍ୟାନ ଅଫ୍ ଦି ମ୍ୟାଚ ମୁକୁନ୍ଦ ଗୁଆ, ସର୍ବଶ୍ରେଷ୍ଠ ଖେଳାଳୀ ପି.ବି.ମକରଙ୍କୁ ପଦକ ପ୍ରଦାନ କରାଯାଇଥିଲା। ସହ-ଦୁର୍ଗପତି ମାନଧାତା ସାଏ, ଦିଲିପ ସାହୁ, ଉପ-ଦୁର୍ଗପତି ଆଶିଷ ଦୁବେ ଓ ୮୦୦ରୁ ଊର୍ଦ୍ଧ୍ୱ ଯବାନ ଉପସ୍ଥିତ ଥିଲେ।

## ଫଟୋରେ ଖବର




ଝାରସୁଗୁଡ଼ା ଏସ୍‌ପି ଏବଂ ଅନ୍ୟ ପୋଲିସ ଅଧିକାରୀ ପୁଲୱାମା ଶହୀଦଙ୍କୁ ସୋମବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।




ଭୋଟର ସଚେତନା ଅଭିଯାନ ଅବସରରେ ସୋମବାର ଝାରସୁଗୁଡ଼ା ଜିଲାପାଳ ବ୍ଲୁ ବଟନ୍ ଏକ୍ସପ୍ରେସକୁ ଶୁଭାରମ୍ଭ କରୁଛନ୍ତି।

## ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ

# ଆତଙ୍କବାଦ ବିରୋଧରେ ବିଶାଳ ଶୋଭାଯାତ୍ରା

ଝାରସୁଗୁଡ଼ା ଅଫିସ,୧୮।୨

ପୁଲୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଘଟଣାକୁ ବ୍ୟବସାୟୀ ସଂଘ ନିନ୍ଦା କରିଛି । ସୋମବାର ସର୍ବଭାରତୀୟ ବ୍ୟବସାୟୀଙ୍କ ମହାସଂଘ ବନ୍ଦ ଡାକରା ଦେଇଥିଲା। ମହାସଂଘର ଆହ୍ୱାନକ୍ରମେ ସୋମବାର ଝାରସୁଗୁଡ଼ା ବ୍ୟବସାୟୀ ସଂଘ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ ରଖିଥିଲେ। ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଅନ୍ୟାନ୍ୟ ଜରୁରୀ ସେବା ସମେତ ରାସ୍ତାଘାଟ, ସ୍କୁଲ, କଲେଜ, ସରକାରୀ ଅଫିସ ଖୋଲା ରହିଥିଲା। ସନ୍ଧ୍ୟାରେ ବ୍ୟବସାୟୀ ସଂଘ, ଝାଡେଶ୍ୱର ସେନା, ୟଙ୍ଗଷ୍ଟର ଚାରିଟେବୁଲ ଟ୍ରଷ୍ଟ, ବିଗ୍ ବଜାର କର୍ମଚାରୀ, ବରିଷ୍ଠ ନାଗରିକ, ପାହାଡେଶ୍ୱର ବିକାଶ ପରିଷଦ, ମାରୱାଡି ଯୁବା ମଞ୍ଚ, ସଙ୍ଗିନି ଫୋରମ, ବାର ସଂଘ ଝଣ୍ଡାଛକରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। ଆତଙ୍କବାଦ ଏବଂ ପାକିସ୍ତାନ ବିରୋଧରେ କେନ୍ଦ୍ର ସରକାର କଠୋର ମନୋଭବ ପୋଷଣ କରନ୍ତୁ ବୋଲି ଏକ ସ୍ମାରକପତ୍ର ଜିଲାପାଳ ବିଭୂତି ଭୂଷଣ ଦାସ ଏବଂ ପିଡି ସତ୍ୟ ନାରାୟଣ ଦାଶଙ୍କୁ ପ୍ରଦାନ କରାଯାଇଥିଲା । ବିଭିନ୍ନ ସଂଗଠନର କିଶୋର ମହାନ୍ତି, ଦିନେଶ ଜୈନ, ବୀରେନ୍ଦ୍ର ପାଣ୍ଡେ, ବାଦଲ ଦାସ, ହୀରାଲାଲ ଲୋକଚନ୍ଦାନୀ, ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ରମେଶ ଗାନ୍ଧୀ, ସନ୍ଦୀପ ଅୱସ୍ଥୀ, ଅରବିନ୍ଦ ବାରିକ, ସରିତା ଅଗ୍ରୱାଲ, ସଚିନ ଶର୍ମା, ଅବିନାଶ ପଟେଲ, ରୁଦ୍ର ସା, ଅରୁଜ ମାଲି, ମନବାହାଦୁର ସୁଲତାନ, ପ୍ରଶାନ୍ତ ନନ୍ଦ, ସଂଗ୍ରାମ ମହାନ୍ତିଙ୍କ ସମେତ ବହୁ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ଆତଙ୍କବାଦ ବିରୋଧରେ ବାହାରିଥିବା ବିଶାଳ ଶୋଭାଯାତ୍ରା ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

## ସଂକ୍ଷେପରେ

### ଶହୀଦଙ୍କ ସମ୍ମାନରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ

**ରାଉରକେଲା ଅଫିସ,୧୮।୨-** ଜମ୍ମୁକଶ୍ମୀର ଅନ୍ତର୍ଗତ ପୁଲୱାମାରେ ଶହୀଦ ହୋଇଥିବା ଯବାନଙ୍କ ସମ୍ମାନ ଓ ସନ୍ତ୍ରାସବାଦକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ସଂଘ ସୋମବାର ବନ୍ଦ ଡାକରା ଦେଇଥିଲା। ଏପରି ପରିପ୍ରେକ୍ଷୀରେ ରାଉରକେଲା ବ୍ୟବସାୟୀ ସଂଘ ବନ୍ଦ ପାଳନ କରିଥିଲେ। ଏଥିରେ ଅଭୂତପୂର୍ବ ସଫଳତା ମିଳିଛି। ଏନେଇ ସୋମବାର ସକାଳୁ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ରାସ୍ତାଘାଟ ଶୂନଶାନ ହୋଇ ପଡିଥିଲା। ସହରର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଡେଲି ମାର୍କେଟ, ଟ୍ରାଫିକ ମାର୍କେଟ, ଇସ୍ପାତ୍ ମାର୍କେଟ ଅଞ୍ଚଳ ଜନଶୂନ୍ୟ ହୋଇପଡିଥିଲା। ବନ୍ଦ ପାଳନର ପ୍ରଭାବ ଗାଡି ମୋଟର ଚଳାଚଳ ଉପରେ ପଡିଥିବା ଦେଖା ଯାଇଥିଲା। ଲୋକାଲ ବସ ଓ ଅଟୋରିକ୍ସା ଚଳାଚଳ ବି ବନ୍ଦ ରହିଥିଲା। ଅନେକ ବସ୍‌ଷ୍ଟପ୍‌ରେ ଯାତ୍ରୀମାନେ ଅଟକି ରହିଥିଲେ। ଗାଡ଼ି ଅଭାବରୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବାଧା ପରିଲକ୍ଷିତ ହୋଇଥିଲା। ସହରର ପ୍ରାୟ ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ସହର ତଳି ଅଞ୍ଚଳରେ ମଧ ସମାନ ଅବସ୍ଥା ସୃଷ୍ଟି ହୋଇଥିଲା। ଦୋକାନ ବଜାର ବନ୍ଦ ରହିଥିବା ବେଳେ ବହୁ ସ୍ଥାନରେ ଶହୀନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ପରିବା ଓ ମାଛ ମଣ୍ଡିକୁ ସୋମବାର ଗାଡି ଆସି ନ ଥିଲା । ଯେଉଁ କେତେକ ଗାଡି ବାହାରୁ ଆସିଥିଲା ତାହା ରାସ୍ତା କଡରେ ଅଟକି ରହିଥିଲା। ଏଭଳି ବନ୍ଦକୁ ପ୍ରତ୍ୟେକ ବର୍ଗ ସମର୍ଥନ ମିଳିଥିବା ଦେଖିବାକୁ ମିଳିଥିଲା।

# ‘ଶାସନ ପରିବର୍ତ୍ତନର ବାର୍ତ୍ତାବହ ସାଜିବେ କୃଷକ’

**ରାଉରକେଲା ଅଫିସ,୧୮।୨**





ଖବରଦାତା ସମ୍ମିଳନୀରେ ଓଡ଼ିଶା କୃଷକ ମୋର୍ଚ୍ଚା ପ୍ରଭାରୀ ଡ. ରାକେଶ ଶର୍ମା ଓ ଅନ୍ୟମାନେ।

ବିଜେଡି ସରକାର କୃଷକଙ୍କ ସମସ୍ୟାର ସମାଧାନ ପାଇଁ କେବେ ଆଗ୍ରହ ପ୍ରକାଶ କରି ନାହାଁନ୍ତି। ଏଥିପାଇଁ ଶାସନ ପରିବର୍ତ୍ତନର ବାର୍ତ୍ତାବହ ସାଜିବେ ଓଡିଶା କୃଷକ। କୃଷକମାନେ ହେଲେ ସମାଜର ମେରୁଦଣ୍ଡ। ସେମାନଙ୍କ ଅଭାବ ଅସୁବିଧା ପ୍ରତି ଅଗ୍ରାଧିକାର ଦିଆଯିବା ଦରକାର। ହେଲେ ରାଜ୍ୟ ସରକାର ଆଖି ବୁଜି ବସିଛନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ଏବେ ଭୁଆଁବୁଲା ନୀତି ଆପଣା ଯାଉଛି ବୋଲି ରବିବାର ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା କୃଷକ ମୋର୍ଚ୍ଚା ପ୍ରଭାରୀ ଡ. ରାକେଶ ଶର୍ମା ଅଭିଯୋଗ କରିଛନ୍ତି।

କେତେକ ରାଜ୍ୟ ସରକାର କୃଷକଙ୍କ ଋଣ ଛାଡ କରିଛନ୍ତି। ସରକାର ଯୋଜନା ପ୍ରଣୟନ କରି ସମସ୍ତଙ୍କୁ ସମାନ ଅଧିକାର ଦେବାକୁ ପ୍ରୟାସ କରୁଛନ୍ତି। ଏପରି ଅବସ୍ଥାରେ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ଏଠାରେ ଲାଗୁ କରୁ ନାହାନ୍ତି ।ଓଡ଼ିଶା ସରକାରଙ୍କ କାଳିଆ ଯୋଜନାକୁ ବିରୋଧ ନ କରି ଶର୍ମା କହିଥିଲେ ଏହି ଯୋଜନାରୁ ଚାଷୀ ସୁଫଳ ପାଇବା ନେଇ ସଂଶୟ ରହିଛି। ଗତ କିଛିଦିନ ମଧ୍ୟରେ ମୁଁ ୪ଟି ଜିଲା ଗସ୍ତ କରିବା ପରେ ଏଭଳି ଅନୁଭବ କରିଛି ବୋଲି ଶର୍ମା କହିଥିଲେ। ଉକ୍ତ ଯୋଜନାରୁ ଚାଷୀ ବା କୃଷି ଶ୍ରମିକ ଉପକୃତ ହେବା ପରିବର୍ତ୍ତେ ଦଳୀୟ କର୍ମୀଙ୍କୁ ତୁଷ୍ଟୀକରଣ କରାଯାଉଛି। ଏହା ଆଦୌ ଶୁଭଙ୍କର ନୁହେଁ। କୃଷକ ଋଣ ଜାଲରେ ଛନ୍ଦି ହୋଇଥିବା ବେଳେ ତୁଚ୍ଛା ଡିଣ୍ଡିମ ପିଟାଯିବା ଠିକ୍ ନୁହେଁ ବୋଲି ଶର୍ମା କହିଛନ୍ତି। ଭାଜପା କେନ୍ଦ୍ର ଓ ରାଜ୍ୟରେ କ୍ଷମତାକୁ ଆସିଲେ କୃଷକଙ୍କ ଋଣ ଛାଡ କରାଯିବା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଥିଲେ।

ଏଥିରେ ଭାଜପା ସାଂଗଠନିକ ଜିଲା କୃଷକ ମୋର୍ଚ୍ଚା ସଭାପତି ମଳୟ ମହାପାତ୍ର, ଭାଜପା ସମ୍ପାଦକ କିଶୋର ହୋତା ପ୍ରମୁଖ କୃଷକ ମୋର୍ଚ୍ଚାର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ପୂର୍ବତନ ବିଧାୟକ ଶଙ୍କର ଓରାମ, ନିହାର ରାୟ, ତପନ ସ୍ୱାଇଁ, ମୁଖପାତ୍ର ଭଗବାନ ରାଉତ, ନୃସିଂହ ଜେନା, ମନୋରଞ୍ଜନ ମୁନି, ଭରତ କବି, ବାବୁ ପରିଡା, ବିମଳ ଓରାମ, ଶମ୍ଭୁନାଥ ସିଂ, ଅମୂଲ୍ୟ ସିଂ, ବଳରାମ ପ୍ରଧାନ, ମିହିର ଦାସ, ସୁନୀଲ ସିଂ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ରାଜେଶ ପ୍ରସାଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘର ଧାରଣା

**ରାଉରକେଲା ଅଫିସ,୧୮।୨**

ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଧାରଣା ଆରମ୍ଭ ହୋଇଛି। ଏଥିଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ବୋଲି ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ କହିଛନ୍ତି। ରାଜ୍ୟ ସରକାର ମହାସଂଘର ଦାବି ପ୍ରତି ଅନୁକମ୍ପା ପ୍ରଦର୍ଶନ କଲେ ରାଜସ୍ୱ ହାନିକୁ ରୋକାଯାଇପାରିବ। ଲୋକେ ସମସ୍ୟାରୁ ମୁକ୍ତି ପାଇବେ। ଇ ଷ୍ଟାମ୍ପ ବ୍ୟବସ୍ଥା ବିରୋଧରେ ମହାସଂଘ ବିରୋଧ ପ୍ରଦର୍ଶନ କରୁଛି। ସରକାର ଏ ଦିଗରେ ଧ୍ୟାନ ଦେବା ଆବଶ୍ୟକ। କୋର୍ଟ ଫି ଓ ଷ୍ଟାମ୍ପ ପେପର କମିଶନ ବୃଦ୍ଧି କରାଗଲେ ସମସ୍ୟାର ସମାଧାନ ହୋଇଯିବ। ଏନେଇ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇବା ସହ ସାଧାରଣ ଲୋକେ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ଏ ଦିଗରେ ଅଗ୍ରାଧିକାର ଭିତ୍ତିରେ ସମାଧାନ ପନ୍ଥା ନିର୍ଦ୍ଧାରଣ କରିବାକୁ ବଳ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।





ନ୍ୟାଶନାଲ କ୍ଲବ ପକ୍ଷରୁ ପାୱାରହାଉସ୍ ରୋଡରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଉରକେଲା ଅଫିସ,୧୮।୨**

ସହର ସାରା ତେଜୁଛି ପାକିସ୍ତାନ ବିରୋଧୀ ନାରା। ବିଭିନ୍ନ ସଂଘ, ସଂଗଠନ ପକ୍ଷରୁ ଗତ ୩ ଦିନ ହେବ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଷ୍ଟିଲ ସିଟିର ପ୍ରାୟ ସମସ୍ତ ବସ୍ତି ବାସିନ୍ଦା ଏଥିରେ ସାମିଲ ହୋଇଥିଲେ। ମହମବତି ଶୋଭାଯାତ୍ରା ଆୟୋଜନ କରାଯିବା ସହ ଭାରତ ମାତା କି ଜୟ ଓ ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନି ଦିଆଯାଇଥିଲା । ସେକ୍ଟର- ୩ ବଲାଙ୍ଗୀର ବସ୍ତି ବାସିନ୍ଦା ସୋମବାର ସନ୍ଧ୍ୟାରେ ଏକତ୍ରିତ ହୋଇ ଶହୀଦଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସମସ୍ତେ ମିଶି ପାକିସ୍ତାର ବର୍ବରୋଚିତ କାଣ୍ଡକୁ ତୀବ୍ର ନିନ୍ଦା କରିଥିଲେ।





ଆନ୍ଦୋଳନରେ ସାମିଲ ହୋଇଥିବା ବିଏସ୍‌ଏନ୍‌ଏଲ୍ କର୍ମଚାରୀମାନେ।

## ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଆନ୍ଦୋଳନ

**ରାଉରକେଲା ଅଫିସ,୧୮।୨**

ବିଭିନ୍ନ ଦାବି ନେଇ ସୋମବାର ଭାରତୀୟ ସଞ୍ଚାର ନିଗମ ଲିଃ କର୍ମଚାରୀ ସଂଘ ସମୂହ ପକ୍ଷରୁ ଏହାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରାଯାଇଛି। କେନ୍ଦ୍ରୀୟ ସଂଗଠନ ଆହ୍ୱାନ କ୍ରମେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ପ୍ରାରମ୍ଭରେ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶୋକ ବ୍ୟକ୍ତ କରିଥିଲେ। ପରେ ସଂଗଠନ ପକ୍ଷରୁ ୩ ଦିନିଆ ଆନ୍ଦୋଳନ ତଥା ଧାରଣା ପ୍ରଦର୍ଶନ ନେଇ ଏଥିରେ ଉପସ୍ଥିତ କର୍ମକର୍ତ୍ତା ଆଲୋକପାତ କରିଥିଲେ। ଆନ୍ଦୋଳନରେ ରାଉରକେଲା ସମେତ ସୁନ୍ଦରଗଡ଼, ବଣାଇଁ, ରାଜଗାଙ୍ଗପୁର ଆଦି ୟୁନିଟର କର୍ମଚାରୀ ସାମିଲ ହୋଇଥିବା କୁହାଯାଇଥିଲା। ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ବିଏସ୍‌ଏନ୍‌ଏଲ୍ ସମୁହର ସମସ୍ତ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ରାଉରକେଲା ସେକ୍ଟର-୩ ବଲାଙ୍ଗୀର ବସ୍ତିବାସିନ୍ଦାଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା





ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ମଧୁସୂଦନ ମାର୍ଗଠାରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି।

### ଗୋପବନ୍ଧୁ ପ୍ରଗତି ପରିଷଦ ବିଦ୍ୟାଳୟ ବାର୍ଷିକୋତ୍ସବ

## ଆଗ୍ରହ ଥିଲେ ସଫଳତା ମିଳିବ

**ରାଉରକେଲା ଅଫିସ,୧୮।୨**

ଫର୍ଟିଲାଇଜର ଟାଉନଶିପ୍ ଅନ୍ତର୍ଗତ ଗୋପବନ୍ଧୁ ପ୍ରଗତି ପରିଷଦ ଇଂଲିଶ ମାଧ୍ୟମ ବିଦ୍ୟାଳୟର ୨୩ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ସନ୍ଧ୍ୟାରାଣୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଆରଏସ୍‌ପି ଅଧିକାରୀ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକୋତ୍ସବରେ ବିଜୟ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କାଳିନ୍ଦୀ ଶତପଥୀ ବାର୍ଷିକ ବିବରଣୀ ପାଠ କରି ଛାତ୍ରୀଛାତ୍ରଙ୍କ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ ଜୀବନରେ ସଫଳ ହେବାକୁ ହେଲେ ଶିକ୍ଷା ଅନୁରାଗୀ ହେବାକୁ ପଡିବ। ଛାତ୍ର ଜୀବନରୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ହେବ। ଶୃଙ୍ଖଳା ଓ ସମୟର ମୂଲ୍ୟକୁ ଗୁରୁତ୍ୱ ଦେବାକୁ ପଡିବ। ଅବହେଳାକୁ ତ୍ୟାଗ କରି ଆଗ୍ରହକୁ ସାଥି କରି ନେଲେ ଜଣେ ନିଶ୍ଚିତ ସଫଳ ହେବ ବୋଲି ପାଣିଗ୍ରାହୀ କହିଥିଲେ। ପରିଚାଳନା ସମିତି ସମ୍ପାଦକ ସଞ୍ଜୟ ପରିଡା ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ହେଲିକପ୍ଟର ଦେଖିବାକୁ ଲୋକଙ୍କ ଭିଡ଼

**ହେମଗିର, ୧୮।୨ (ଡି.ଏନ.ଏ.)**

ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଦୁଇ ଜଣ ମନ୍ତ୍ରୀ ହେମଗିର ଗସ୍ତରେ ହେଲିକେପ୍ଟର ଯୋଗେ ଆସିଥିଲେ। ଜଣେ ହେଲେ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟ ଜଣେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟା କରଣ ମନ୍ତ୍ରୀ ସାଧ୍ୱୀ ନିରଞ୍ଜନା । ସେମାନେ ପ୍ରଥମେ ଲଇକେରା ଓ ପରେ କନିକା ହାଇସ୍କୁଲ ପଡିଆରେ ଓହ୍ଲାଇ ଥିଲେ । ତାଙ୍କ ଗସ୍ତକୁ ନେଇ ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ଭିଡ ସୃଷ୍ଟି କରିବା ପାଇଁ ଯଥେଷ୍ଟ ଚେଷ୍ଟା କରିଥିଲେ। ସେଥି ମଧ୍ୟରୁ ଯେତିକି ଲୋକ ସଭାସ୍ଥଳରେ ପହଞ୍ଚିଥିଲେ ତାହାରୁ ଅଧିକାଂଶ ଲୋକ ମନ୍ତ୍ରୀଙ୍କ ଭାଷଣ ନ ଶୁଣି ହେଲିକେପ୍ଟର ଦେଖିବାକୁ ଭିଡ ଜମାଇ ଥିଲେ । ଉଭୟ ମନ୍ତ୍ରୀ ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ନେଇ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ ।

ଏହି ଅବସରରେ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଫଳକ ମଧ୍ୟ ଉନ୍ମୋଚିତ ହୋଇଥିଲା। ହେଲେ ଉଭୟ ମନ୍ତ୍ରୀଙ୍କ ଗସ୍ତ ଏଅଞ୍ଚଳର ଲୋକଙ୍କୁ ପ୍ରଭାବ ପକାଇ ନ ଥିବା ଜନତାଙ୍କ ଆଲୋଚନାରୁ ସ୍ପଷ୍ଟ ଜଣାପଡୁଥିଲା । କାରଣ ଯଦିଓ ଜୁଏଲ ଓରାମ ଦୁଇ ଦୁଇଥର ମନ୍ତ୍ରୀ ହୋଇଛନ୍ତି ହେଲେ ସେପରି କିଛି ଆଖି ଦୃଶିଆ କାର୍ଯ୍ୟ କରି ନ ଥିବାରୁ ଲୋକେ କ୍ଷୁବ୍ଧ। ଅନ୍ୟପକ୍ଷେ ଏହି ସଭାରେ ହେମଗିରର ବହୁ ବରିଷ୍ଠ ଭାଜପା କର୍ମୀ ଯୋଗ ନ ଦେବା ଭାଜପାର ଅନ୍ତର୍ଦ୍ୱନ୍ଦ୍ୱ ତଥା ସଂଗଠନ ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରିଥିଲା । ତେବେ ମନ୍ତ୍ରୀ ଦ୍ୱୟଙ୍କ ଗସ୍ତରେ ହେମଗିର ଅଞ୍ଚଳରେ ଭାଜପାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଉଭୟ କଂଗ୍ରେସ ଓ ବିଜେଡି କହିଛି। ସେହିଭଳି ଜୁଏଲ ଓରାମ ହେଲିକେପ୍ଟର ଯୋଗେ କନିକା ହାଇସ୍କୁଲ ପଡିଆରେ ଓହ୍ଲାଇଥିଲେ । ସାଧାରଣତଃ ଏ ଅଞ୍ଚଳର ଲୋକେ ପାଖରୁ ହେଲିକେପ୍ଟର ଦେଖି ନ ଥିବାରୁ ଏହାକୁ ଦେଖିବା ପାଇଁ ଯଥେଷ୍ଟ ଲୋକଙ୍କ ଭିଡ ଜମିଥିଲା । କନିକା ହାଇସ୍କୁଲ ଛାତ୍ରୀଛାତ୍ରମାନେ ମଧ୍ୟ ଉତ୍ସାହିତ ହୋଇପଡିଥିଲେ । ଛାତ୍ରୀଛାତ୍ର ସ୍କୁଲ ଘର ଛାତ ଉପରକୁ ଚଢ଼ି ହେଲିକେପ୍ଟର ଦେଖିଥିଲେ । କିନ୍ତୁ ଏଥିପ୍ରତି କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ ବା ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ନ ଥିଲା।



ହେଲିକପ୍ଟର ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଜଗାଙ୍ଗପୁର, ୧୮।୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ଥିବା ସ୍କାନ ଷ୍ଟିଲ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଜମ୍ମୁ କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଆତ୍ମାର ସଦଗତି କାମନା କରାଯାଇଛି। ସ୍କାନ ଷ୍ଟିଲ ବୁଡାକଟା ପକ୍ଷରୁ ଏକ ମହମବତି ରାଲି କରାଯାଇଥିଲା। ରାଜଗାଙ୍ଗପୁର ବରପାଲିଠାରେ ଥିବା ସ୍କାନ ଷ୍ଟିଲ ଗ୍ରୁପର ଡାଇରେକ୍ଟର ବିନୟ ଗୋୟଲ, ମ୍ୟାନେଜର ସୁବ୍ରତ କୁମାର ନାୟକ, ବିନିତ ଗଡେଡିୟା, ଓମ ପ୍ରକାଶ ଅଗ୍ରୱାଲ, ନିରୋଜ ଅଗ୍ରୱାଲ ଓ ଅଜୟ ନୟକଙ୍କ ସମେତ କାରଖାନାର କର୍ମଚାରୀ ଶହୀଦ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

### ବାଲିଯୋଡିରେ ଯୁବ ଶକ୍ତି ସଂଗଠନର ସମାବେଶ

## ସରକାରୀ ଯୋଜନା ଅପହଞ୍ଚ ନ ହେଉ

**ରାଉରକେଲା ଅଫିସ,୧୮।୨**

ଦକ୍ଷିଣ ରାଉରକେଲା ଯୁବ ଶକ୍ତି ସଂଗଠନ ପକ୍ଷରୁ ରବିବାର ଉପର ବାଲିଯୋଡି କାଳୀ ମନ୍ଦିର ପଡ଼ିଆରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ତଥା ଯୁବନେତା ପ୍ରଶାନ୍ତ ସେଠୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପୁଲୱାମା ଶହୀଦଙ୍କୁ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ସେଠୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ରାଜ୍ୟ ସରକାର ସବୁବର୍ଗର ଉନ୍ନତି ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଚଳନ କରିଛନ୍ତି। ଏହା ଯେମିତି ଅପହଞ୍ଚ ହୋଇ ନ ରହେ ସେ ଦିଗରେ ସାମଗ୍ରିକ ପ୍ରଚେଷ୍ଟା ଜାରି ରହିବା ଉଚିତ। ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ହିତାଧିକାରୀ ଏହାର ସୁଫଳ ପାଇପାରୁ ନାହାଁନ୍ତି। ଜଣେ ହେଲେ ଅଭାବୀ ଲୋକ ଯେମିତି ଏଥିରୁ ବାଦ ନ ପଡନ୍ତି ସେ ଦିଗରେ ସଂଗଠନ ଯୁବ କର୍ମୀ ଧ୍ୟାନ ଦେବାକୁ ସେଠୀ ପରାମର୍ଶ ଦେଇଥିଲେ।





ଯୁବ ଶକ୍ତି ସଂଗଠନର ସମାବେଶରେ ମଞ୍ଚାସୀନ ଅତିଥିମାନେ।

ଯୁବ ନେତା ସଞ୍ଜୟ ଦାସ, ଶରତ ନାୟକ, ବସନ୍ତ ଦାସ ଓ ସନାତନ ବାରିକ ପ୍ରମୁଖ ବିଜେଡି ସରକାରଙ୍କ ଅନେକ ଯୋଜନା ସତ୍ତ୍ୱେ ଆମ ଅଞ୍ଚଳର ସାମଗ୍ରିକ ବିକାଶ ସମ୍ଭବ ହୋଇ ପାରିନି। ନାନା ଆଳରେ ସରକାରୀ ଅଧିକାରୀ ଲୋକଙ୍କୁ ସେହି ଯୋଜନାରୁ ବଞ୍ଚିତ କରି ରଖିଛନ୍ତି। ସରକାର ଗରିବଙ୍କ ପାଇଁ ଯେଉଁ ସବୁ ଯୋଜନା କରିଛନ୍ତି ଯଦି ବାସ୍ତବରେ ଏହା କାର୍ଯ୍ୟକାରୀ ହୁଅନ୍ତା ତେବେ ଆମ ଅଞ୍ଚଳର ଚିତ୍ର ବଦଳି ଯାଆନ୍ତା। ଅବହେଳା ଓ ଅସୂୟା ମନୋଭାବ ପାଇଁ ବିକାଶ ସମତାଳରେ ଆଗେଇ ପାରୁନି ବୋଲି ଯୁବନେତାମାନେ ଅଭିଯୋଗ କରିଥିଲେ। ଯୁବ ନେତା ସେଠୀ ଏହି ଅବସରରେ କିଛି ଭିନ୍ନକ୍ଷମ ଓ ରୋଗ ଶଯ୍ୟାରେ ଥିବା ଲୋକଙ୍କୁ ଭେଟି ସହଯୋଗର ଭରସା ଦେଇଥିଲେ। ଆୟୋଜିତ ସଭାରେ ଶତାଧିକ ସ୍ଥାନୀୟ ବାସିନ୍ଦା ଯୋଗଦେଇ ସେଠୀଙ୍କୁ ସ୍ୱାଗତ କରିଥିଲେ।